# ଧରିତ୍ରୀ
# DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୯/୨୦୨୪ (୧୬+୪ପୃଷ୍ଠା) Bhubaneswar, Thursday, February 29/2024 Page (16+4) ₹ 7.00 | RAYAGADA
୫୦ଶ ଭାଗ ୯୭ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 50 ISSUE 97 ମୂଲ୍ୟ₹୭/-



# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୯/୨୦୨୪ Bhubaneswar, Thursday, February 29/2024





ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୯/୨୦୨୪
Bhubaneswar, Thursday, February 29/2024



# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୯/୨୦୨୪ | Bhubaneswar, Thursday, February 29/2024


## ବଦଳିଲେ ୩ ଜିଲାପାଳ

ଭୁବନେଶ୍ୱର,୨୮।୨(ଅନିଲ ଦାସ)

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ୩ ଜିଲାର ଜିଲାପାଳଙ୍କୁ ବଦଳି କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମୟୂରଭଞ୍ଜ ଜିଲାପାଳ ଆଶିଷ ଠାକରେଙ୍କୁ ବାଲେଶ୍ୱର ଜିଲାପାଳ ଭାବେ ବଦଳି କରାଯାଇଥିବାବେଳେ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କୁ ମୟୂରଭଞ୍ଜ ଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପୁରୀ ଜିଲାପାଳ ଓ ଜିଲା ମାଜିଷ୍ଟ୍ରେଟ ବିଜୟ କୁମାର ଦାସଙ୍କୁ କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହିତ ସେ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। କଟକ ମହାନଗର ନିଗମ କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ପୁରୀ ଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଛି।

**ଆଜିର ସମ୍ପାଦକୀୟ**

**ମୁକ୍ତ ଇଣ୍ଟରନେଟ୍ ପ୍ରତି ବିପଦ**

**ଆଜିର ମନ୍ତବ୍ୟ**

“ରଣଜାଲରେ ଛନ୍ଦି ହୋଇ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ପାକିସ୍ତାନର ଅର୍ଥନୈତିକ ସୁଧାର ଆଣିବା ପିଏମ୍‌ଏଲ୍‌ଏନ୍ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକା ହେବ।

–ନୱାଜ ଶରିଫ୍, ପୂର୍ବତନ ପ୍ରଧାନମନ୍ତ୍ରୀ




ବିଲ୍ ଓ ମେଲିଣ୍ଡା ଗେଟ୍ସ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ବିଲ୍ ଗେଟ୍ସ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ୍ କରିବା ଅବସରରେ ତାଙ୍କ ପୁସ୍ତକ ‘ହାଓ ଟୁ ଆଭଏଡ୍ ଏ କ୍ଲାଇମେଟ୍ ଡିଜାଷ୍ଟର’ ପ୍ରଦାନ କରୁଛନ୍ତି।

## ଜାଗା ମିଶନ, ମୁକ୍ତା ଯୋଜନାର କାର୍ଯ୍ୟକାରିତା ବୁଲି ଦେଖିଲେ ବିଲ୍ ଗେଟ୍ସ

ଭୁବନେଶ୍ୱର,୨୮।୨(ସୁନିତ୍ ମିଶ୍ର)

ବିଲ୍ ଓ ମେଲିଣ୍ଡା ଗେଟ୍ସ ଫାଉଣ୍ଡେଶନ୍ (ବିଏମ୍‌ଜିଏଫ୍)ର ପ୍ରତିଷ୍ଠାତା ଓ କୋଚେୟାର ବିଲ୍ ଗେଟ୍ସ ଓଡ଼ିଶା ଗସ୍ତରେ ଆସି ବୁଧବାର କୃଷି ଭବନ ପରିଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହାପରେ ସେ ସ୍ଥାନୀୟ ମା’ ମଙ୍ଗଳା ବସ୍ତି ବୁଲି ରାଜ୍ୟ ସରକାରଙ୍କ ଜାଗା ମିଶନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବୁଲି ଦେଖିଛନ୍ତି। ବିଲ୍ ଗେଟ୍ସଙ୍କ ସହ ଦାରିଦ୍ର୍ୟ ଦୂରୀକରଣ, ଭାରତ ବିଏମ୍‌ଜିଏଫ୍‌ର ନିର୍ଦ୍ଦେଶକ ଅଲକେଶ ୱାଧ୍‌ୱାନୀ, ଗ୍ଲୋବାଲ୍ ଗ୍ରୋଥ୍ ଓ ଅପର୍ଚ୍ୟୁନିଟିର, ବିଏମ୍‌ଜିଏଫ୍‌ର ଅଧ୍ୟକ୍ଷ ରୋଜର, ସାଉଥ୍ ଆଣ୍ଡ ସାଉଥ୍‌ଇଷ୍ଟ ଏସିଆ, ବିଏମ୍‌ଜିଏଫ୍‌ର ନିର୍ଦ୍ଦେଶକ ହରି ମେନନ୍ ମଧ୍ୟ କୃଷି ଭବନ ପରିଦର୍ଶନ କରିଛନ୍ତି। ରାଜ୍ୟରେ କୃଷକଙ୍କ ଆୟବୃଦ୍ଧି, ପୁଷ୍ଟି ନିରାପତ୍ତା ଓ ଜଳବାୟୁ ସହନଶୀଳତାକୁ ଉନ୍ନତ କରିବା ନିମନ୍ତେ ୨୦୧୭ରୁ ଓଡ଼ିଶା ☞ପୃଷ୍ଠା–୮

## ଭାଜପାର ଆୟ ୨୩୬୧ କୋଟି

ନୂଆଦିଲ୍ଲୀ,୨୮।୨(ପି.ଟି.)

୨୦୨୨-୨୩ ଆର୍ଥିକ ବର୍ଷରେ ଦେଶର ୬ ଜାତୀୟ ଦଳ ୩,୦୭୭ କୋଟି ଟଙ୍କା ଆୟ କରିଛନ୍ତି। ଏହି ଦଳଗୁଡ଼ିକ ମଧ୍ୟରୁ ଭାଜପା ସର୍ବାଧିକ ୨,୩୬୧ କୋଟି ଟଙ୍କା ପାଇଥିବା ଘୋଷଣା କରିଛି। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ଏନେଇ ବୁଧବାର ସୂଚନା ଦିଆଯାଇଛି।

ଏଡିଆର୍ ରିପୋର୍ଟ ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷରେ ଶାସକ ଭାଜପାର ଆୟ ୬ ଜାତୀୟ ଦଳ ଆୟର ୭୬.୭୩%। ୪୫୨.୩୭୫ କୋଟି ଟଙ୍କା ପାଇଥିବା କଂଗ୍ରେସ ହେଉଛି ଦ୍ୱିତୀୟ ସର୍ବାଧିକ ଆୟକାରୀ ଦଳ। ଏହାର ଆୟ ୬ ଜାତୀୟ ଦଳ ପାଇଥିବା ମୋଟ ଆୟର ୧୪.୭୦%। ସେହିପରି ବହୁଜନ ସମାଜ ପାର୍ଟି (ବିଏସ୍‌ପି), ଆମ୍ ଆଦ୍‌ମୀ ପାର୍ଟି (ଏଏପି), ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ଏବଂ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ମଧ୍ୟ ନିଜ ନିଜ ଆୟ ଘୋଷଣା କରିଛନ୍ତି। ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ଭାଜପାର ଆୟ ୨୩.୧୫% ବୃଦ୍ଧି ପାଇ ୪୪୩.୭୨୪ କୋଟି ଟଙ୍କାରେ ପହଞ୍ଚିଥିଲା। ଏନ୍‌ପିପିର ଆୟ ୨୦୨୧-୨୨ରେ ୪୭.୨୦ ଲକ୍ଷ ଏବଂ ୨୦୨୨-୨୩ରେ ୭.୫୬୨ କୋଟି ଥିବାବେଳେ ଏହା ୧୫୦୨.୧୨% ବା ୭.୦୯ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ସେହିପରି ଏଏପିର ଆୟରେ ୯୧.୨୩ ପ୍ରତିଶତ ବୃଦ୍ଧି ପାଇ ୪୦.୬୩୧ କୋଟି ଟଙ୍କାରେ ପହଞ୍ଚିଥିଲା। ୨୦୨୧-୨୨ ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ କଂଗ୍ରେସ, ସିପିଆଇଏମ୍ ଏବଂ ବିଏସ୍‌ପିର ଆୟ ଯଥାକ୍ରମେ ୧୬.୪୨% (୮୮.୯୦ କୋଟି), ୧୨.୬୮% (୨୦.୫୭୯ କୋଟି) ଓ ୩୩.୧୪% (୧୪.୫୦୮ କୋଟି) ଟଙ୍କା ହ୍ରାସ ପାଇଥିଲା। ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଦଳଗୁଡ଼ିକ ପକ୍ଷରୁ ଦଖଲ ରେକର୍ଡ ଆଧାରରେ ଏହା ଜଣାପଡ଼ିଥିବା ଏଡିଆର୍ କହିଛି।

ADR Association for Democratic Reforms

**୨୦୨୨-୨୩ରେ ୬ ଜାତୀୟ ଦଳ ପାଇଛନ୍ତି ୩,୦୭୭ କୋଟି ଟଙ୍କା**

## ୩ ଜିଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ସମନ

**ସାପ କାମୁଡ଼ାରେ ମୃତ୍ୟୁ, ସହାୟତା ପ୍ରଦାନ ମାମଲା**

କେନ୍ଦୁଝର,୨୮।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) କେନ୍ଦୁଝର, ମୟୂରଭଞ୍ଜ ଓ ଭଦ୍ରକ ଜିଲାପାଳଙ୍କୁ ସର୍ତ୍ତମୂଳକ ସମନ କରିଛନ୍ତି। ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ପରିବାରଙ୍କୁ ସହାୟତା ପ୍ରଦାନ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ଧରି ଏପ୍ରିଲ ୧୦ ତାରିଖ ପୂର୍ବାହ୍ନ ୧୧ଟାରେ ହାଜର ହେବାକୁ କମିଶନ ଆଦେଶ କରିଛନ୍ତି। ମାନବାଧିକାର କର୍ମୀ ଓ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀଙ୍କ ଅଭିଯୋଗକୁ ଭିତ୍ତିକରି କମିଶନ ମାମଲା (ନଂ.୧୮୮୪/ ୧୮।୭।୨୦୨୩) ରୁଜୁକରି ଏଭଳି ଆଦେଶ କରିଥିବା ଜଣାପଡ଼ିଛି।

ଅଭିଯୋଗ

ଅନୁଯାୟୀ, ପ୍ରତ୍ୟେକ ବର୍ଷ ଦେଶରେ ୫୮ ହଜାର ଲୋକ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥାନ୍ତି। ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗର ଅବହେଳା ଯୋଗୁ କେନ୍ଦୁଝରରେ ଗତ ବର୍ଷ ୩ ଜଣ ଛାତ୍ର ଶୋଇଥିବା ବେଳେ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିଲେ। ☞ପୃଷ୍ଠା–୮




ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୯/୨୦୨୪ Bhubaneswar, Thursday, February 29/2024





# ନିଆଁ ଗୁଜବ: ଟ୍ରେନ୍ ମାଡ଼ି ୨ ମୃତ

**ଜାମତାରା,୨୮।୨**

ଟ୍ରେନ୍‌ରେ ନିଆଁ ଲାଗିଯିବା ଗୁଜବ ହେବାରୁ ଯାତ୍ରୀମାନେ ତଳକୁ ଓହ୍ଲାଇପଡ଼ିଥିଲେ। ଏହି ସମୟରେ ଅନ୍ୟ ଏକ ଲାଇନ୍‌ରେ ଆସୁଥିବା ଟ୍ରେନ୍ ସେମାନଙ୍କ ଉପରେ ମାଡ଼ିଯିବାରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ସୂତ୍ରରୁ କୁହାଯାଇଛି। ତେବେ ବେସରକାରୀ ସୂତ୍ରରୁ ମୃତ୍ୟୁ ସଂଖ୍ୟା ୧୨ ଏବଂ ଅନେକ ଆହତ ହୋଇଥିବା କୁହାଯାଉଛି। ଝାଡ଼ଖଣ୍ଡର ଜାମତାରା ଜିଲାରେ ବୁଧବାର ରାତିରେ ଏହି ଦୁର୍ଘଟଣା ଘଟିଛି। ମୃତାହତମାନେ ଅଙ୍ଗ ଏକ୍ସପ୍ରେସ୍‌ରେ ବିହାରର ଭାଗଲପୁରରୁ ବେଙ୍ଗାଲୁରୁକୁ ଯାଉଥିଲେ। ନିଆଁ ଗୁଜବରେ ଭୟଭୀତ କେତେଜଣ ଯାତ୍ରୀ କାଲାଝରିଆ ରେଳ ଷ୍ଟେଶନ ନିକଟରେ ଓହ୍ଲାଇଥିଲେ। ସେମାନେ ପ୍ରାଣ ବିକଳରେ ଏକ ରେଳ ଲାଇନ୍ ଅତିକ୍ରମ କରିବାବେଳେ ଅନ୍ୟ ଏକ ପାର୍ଶ୍ୱରୁ ଆସୁଥିବା ଏକ ଟ୍ରେନ୍ ଧକ୍କା ଦେଇଥିଲା। ଏଥିରେ ୧୨ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ଦୁର୍ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମେଡିକାଲ ଟିମ୍, ୪ ଆମ୍ବୁଲାନ୍ସ ଓ ୩ଟି ବସ୍‌କୁ ସେଠାକୁ ପଠାଯାଇଥିବା ଜାମତାରା ଡେପୁଟି କମିଶନର ସୂଚନା ଦେଇଛନ୍ତି। ଜାମତାରା ଜିଲା ସଦର ମହକୁମାରୁ ୧୫ କି.ମି. ଦୂରରେ ଏହି ଦୁର୍ଘଟଣା ଘଟିଛି। ସ୍ଥାନୀୟ କର୍ତ୍ତୃପକ୍ଷ ସହାୟତା ପାଇଁ ହେଲ୍ପଲାଇନ୍ ନମ୍ବର ୭୬୭୯୫୨୩୮୭୪ ଜାରି କରିଛନ୍ତି। ଜାମତାରା ଏସ୍‌ଡିପିଓ ଏମ୍.ରହମାନ କହିଛନ୍ତି, କାଲାଝରିଆ ନିକଟରେ ଟ୍ରେନ୍‌ରୁ ଯାତ୍ରୀମାନେ ଭୁଲ୍ ସାଇଡ୍‌ରେ ଓହ୍ଲାଇବାରୁ ଏହି ଦୁର୍ଘଟଣା ଘଟିଛି। ମୃତ୍ୟୁସଂଖ୍ୟା ବଢ଼ିପାରେ।

# ଗୁଜରାଟ ଉପକୂଳରୁ ୩୩୦୦ କେଜି ନିଶାଦ୍ରବ୍ୟ ଜବତ

**୫ ବିଦେଶୀ ଗିରଫ**

**ପୋରବନ୍ଦର, ୨୮।୨**

ଭାରତୀୟ ନୌସେନା, ନିଶା ନିବାରଣ ବ୍ୟୁରୋ(ଏନ୍‌ସିବି) ଏବଂ ଗୁଜରାଟର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ପକ୍ଷରୁ ମିଳିତ ଭାବେ ଗୁଜରାଟ ଉପକୂଳରେ ଏକ ନୌକାକୁ ଚଢ଼ାଉ କରାଯାଇ ୩,୩୦୦ କିଲୋଗ୍ରାମର ଚରସ, ହେରୋଇନ୍ ସମେତ ଅନ୍ୟାନ୍ୟ ନିଶା ଦ୍ରବ୍ୟ ଜବତ କରାଯାଇଛି। ବୁଧବାର ଜବତ ହୋଇଥିବା ଏହି ସମସ୍ତ ନିଶାଦ୍ରବ୍ୟର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ୧,୩୦୦ରୁ ୨,୦୦୦ କୋଟି ମଧ୍ୟରେ ହେବା ନେଇ ସୂଚନା ମିଳିଛି। ସମ୍ପୃକ୍ତ ନୌକାକୁ ଜବତ କରିବା ସହ ଏଥିରେ ଥିବା ୫ ଜଣ ବିଦେଶୀ କ୍ରିୟୁ ମେମ୍ବରଙ୍କୁ ତଦନ୍ତକାରୀ ଟିମ୍ ଗିରଫ କରିଛି। ଏହି ବିଦେଶୀ କ୍ରିୟୁ ମେମ୍ବର ଇରାନ କିମ୍ବା ପାକିସ୍ତାନର ନାଗରିକ ହୋଇଥିବା ସନ୍ଦେହ କରାଯାଉଛି। ସେହିପରି ଏହି ବୋଟ୍‌ଟି ପାକିସ୍ତାନରୁ ଆସିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। କୌଣସି ଭାରତୀୟ ଉପକୂଳରେ ଏକକାଳୀନ ଏତେ ସଂଖ୍ୟାରେ ନିଶାଦ୍ରବ୍ୟ ଜବତ ☞ପୃଷ୍ଠା-୮

# 'ସମସ୍ତଙ୍କୁ ସାଥିରେ ନେଇ ଗଢ଼ିବୁ ନୂଆ ଓଡ଼ିଶା'

## ବାଲେଶ୍ୱର ଜିଲାରେ ୨୨୦୦ କୋଟିର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୮।୨(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ବାଲେଶ୍ୱର ଜିଲାରେ ୨୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବା ସହିତ ମହାନ ବରପୁତ୍ର ମନ୍ମଥ ଦାସ ଓ ମନୋଜ ଦାସଙ୍କ ସ୍ମୃତିପୀଠ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉଭୟ ମନ୍ମଥ ଦାସ ଓ ମନୋଜ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସେମାନଙ୍କ ପ୍ରତିଭା ଓ ଜ୍ଞାନ ବଳରେ ସେମାନେ ସାରା ଦେଶକୁ ଗର୍ବିତ କରିଛନ୍ତି। ଇତିହାସ ଓ ସାହିତ୍ୟ କ୍ଷେତ୍ରରେ ଅବଦାନ ସେମାନଙ୍କୁ ଅମର କରି ରଖିଛି। ଏହି ସ୍ମୃତିପୀଠ ପ୍ରତିଷ୍ଠାରେ ମନ୍ମଥ ଦାସ ଓ ମନୋଜ ଦାସଙ୍କ ପରିବାର ସମ୍ପୂର୍ଣ୍ଣ ସହଯୋଗ କରିଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୀଳଗିରିର ଜନଜାତିଙ୍କ ପାଇଁ 'ଲାଭ' ଯୋଜନାର ଶୁଭାରମ୍ଭ କରିଛନ୍ତି।



ଏହାଦ୍ୱାରା ସେମାନେ ଲଘୁ ବନଜାତ ଦ୍ରବ୍ୟ ଉପରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପାଇଛନ୍ତି। ଏଥିସହିତ ରେମୁଣା ବିଜ୍ଞାପିତ ଅଞ୍ଚଳ ପରିଷଦର ବସ୍ତି ଲୋକଙ୍କୁ ଜାଗା ମିଶନରେ ଜମି ଅଧିକାର ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଏହି ଅବସରରେ

- **ଶଙ୍ଖାରିରେ ମନ୍ମଥ-ମନୋଜ ସ୍ମୃତିପୀଠ ଉଦ୍‌ଘାଟିତ**
- **ନୀଳଗିରିର ଜନଜାତି ପାଇଲେ 'ଲାଭ' ଯୋଜନାର ସୁଫଳ**
- **ବାଲେଶ୍ୱର ସହରରେ ଆରମ୍ଭ ହେଲା ସିଟି ବସ୍ ସେବା**

ବାଲେଶ୍ୱର ସହର ପାଇଁ ସିଟି ବସ୍ ସେବାର ମଧ୍ୟ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୫-ଟି ଅଧ୍ୟକ୍ଷଙ୍କ ଜିଲା ଗସ୍ତ ସମୟରେ ବାଲେଶ୍ୱର ଲୋକମାନେ ଯେଉଁ ପ୍ରସ୍ତାବ ଦେଇଥିଲେ, ତାକୁ ଭିତ୍ତିକରି ସେ ଆଜି ଜିଲାରେ ୨୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ସବୁବେଳେ ସାଧାରଣ ଲୋକଙ୍କ ଅଧିକାର ଓ କଲ୍ୟାଣ ପାଇଁ କାମ କରୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ☞ପୃଷ୍ଠା-୮






ଆମ ନାକ ଆଗରେ ଯାହା ଯେତିକି ଘଟୁଛି–ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ– ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। –ଶ୍ରୀଅରବିନ୍ଦ



# ମୁକ୍ତ ଇଣ୍ଟରନେଟ୍ ପ୍ରତି ବିପଦ




ନାଟାଲି ଡୁନ୍‌ଲିଭୀ କ୍ୟାମ୍ପବେଲ
ସିନିୟର ଡାଇରେକ୍ଟର, ନର୍ଥ ଆମେରିକାନ ଗଭର୍ନମେଣ୍ଟ ଆଣ୍ଡ୍ ରେଗୁଲେଟୋରି ଆଫେୟାର୍ସ (ଇଣ୍ଟରନେଟ ସୋସାଇଟି)

ଷ୍ଟାନ ଆଡାମ୍ସ
ଲିଡ୍ ପବ୍ଲିକ ପଲିସି ସ୍ପେସିଆଲିଷ୍ଟ ଫର୍ ନର୍ଥ ଆମେରିକା (ୱିକିମିଡିଆ ଫାଉଣ୍ଡେସନ)

ବିଶ୍ୱ ବାଣିଜ୍ୟ ସଙ୍ଗଠନ(ଡବ୍ଲ୍ୟୁଟିଓ) ବ୍ୟବସ୍ଥା ପାଇଁ ୟୁନାଇଟେଡ ଷ୍ଟେଟ୍ସ ଟ୍ରେଡ୍ ରିପ୍ରେଜେଣ୍ଟେଟିଭ ବା ଆମେରିକା ବାଣିଜ୍ୟ ପ୍ରତିନିଧି (ୟୁଏସ୍‌ଟିଆର୍) ସୀମାପାର ଡେଟା(ତଥ୍ୟ) ପ୍ରବାହକୁ ସୁରକ୍ଷା ଦେବା, ବାଧ୍ୟତାମୂଳକ ଡେଟା ଲୋକାଲାଇଜେଶନକୁ ରୋକିବା, ଡେଟା ଉତ୍ସ କୋଡ୍‌କୁ ସୁରକ୍ଷିତ ରଖିବା ଏବଂ ଜାତୀୟତା ଉପରେ ଆଧାର କରି ଡିଜିଟାଲ ଉତ୍ପାଦ ଉପରେ ଭେଦଭାବକୁ ନିଷେଧ କରିବାକୁ ଦୀର୍ଘ ଦିନରୁ ଦାବିକରି ଆସୁଥିଲା। କିନ୍ତୁ ଗତ ଅକ୍ଟୋବରରେ ୟୁଏସ୍‌ଟିଆର ଏଭଳି ଦାବିରୁ ଦୂରେଇ ଯାଇଥିଲା। ଏହା ଥିଲା ଏକ ଦୁଃଖଦ ପରିବର୍ତ୍ତନ , ଯାହା ଜ୍ଞାନ ପ୍ରସାର, ବିଶ୍ୱସ୍ତରୀୟ ସହଯୋଗ,ସୀମାପାର ବାଣିଜ୍ୟ ଏବଂ ମୁକ୍ତ ଇଣ୍ଟରନେଟ ସ୍ଥିତି ପ୍ରତି ବିପଦ ସୃଷ୍ଟି କରେ। ୟୁଏସ୍‌ଟିଆଇ ପକ୍ଷରୁ ପ୍ରକାଶ କରାଯାଇଛି ଯେ, ବୃହତ ପ୍ରଯୁକ୍ତି ସଂସ୍ଥା ଏବଂ କୃତ୍ରିମ ବୁଦ୍ଧିମତ୍ତାର ନିୟନ୍ତ୍ରଣ ପାଇଁ ହେଉଥିବା ଦାବିକୁ ମୁକାବିଲା କରିବାରେ ଆମେରିକାର କଂଗ୍ରେସର କ୍ଷମତାକୁ ବାଣିଜ୍ୟ ବ୍ୟବସ୍ଥାଗୁଡ଼ିକ ବାଧା ଦେଇପାରେ ବୋଲି ଏକ ଭୁଲ୍ ବିଶ୍ୱାସ ସୃଷ୍ଟି ହେବା ଯୋଗୁ ଏଭଳି ପରିବର୍ତ୍ତନ ଆବଶ୍ୟକ ପଡ଼ିଲା । କିନ୍ତୁ ବାଣିଜ୍ୟ ଚୁକ୍ତିଗୁଡ଼ିକ ବିଶେଷକରି ବୈଧ ସାର୍ବଜନୀନ ନୀତିସବୁ ସାମିଲ କରିସାରିଛନ୍ତି। ସରଳ ଭାବରେ କହିବାକୁ ଗଲେ, ଡବ୍ଲ୍ୟୁଟିଓ ଚୁକ୍ତିରେ ଅନ୍ୟ ଦେଶଗୁଡ଼ିକ ସହିତ ଆମେରିକା ଜଡ଼ିତ ଥିବାରୁ ଏହା ମୁକ୍ତ ଇଣ୍ଟରନେଟର ଚାମ୍ପିୟନ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ତ୍ୟାଗ ନ କରି ଏହାର ଡିଜିଟାଲ କ୍ଷେତ୍ରକୁ ନିୟନ୍ତ୍ରଣ କରିପାରିବ।

ଆମେରିକାର ନୀତି ପରିବର୍ତ୍ତନର ସମ୍ଭାବ୍ୟ ପରିଣାମ ଯେତିକି ବିପଜ୍ଜନକ ସେତିକି ସୁଦୂରପ୍ରସାରୀ। ଆମେରିକା ସହିତ ବାଣିଜ୍ୟିକ ସମ୍ପର୍କରେ କ୍ଷତି ହେବା ଭୟ ହିଁ ଅନ୍ୟ ଦେଶଗୁଡ଼ିକୁ ଇଣ୍ଟରନେଟ୍‌ରେ ଜାତୀୟ କଟକଣା ଲଗାଇବାରୁ ବିରତ କରିଛି। ଡିଜିଟାଲ କ୍ଷେତ୍ରରେ ଯେଉଁମାନେ ସମ୍ଭାବ୍ୟ ଡିଜିଟାଲ ସାର୍ବଭୌମତ୍ୱ କଥା ଶୁଣୁଛନ୍ତି, ସେମାନେ ଏହାକୁ ବିରୋଧ କରିବାର କମ୍ କାରଣ ରହିଛି। ଡେଟା ସଞ୍ଚାଳନ ଉପରେ ଚାଇନାର ସମ୍ବେଦନହୀନ ଆଭିମୁଖ୍ୟକୁ ନକଲ କରିବାକୁ ଅନେକ ଦେଶ ଚେଷ୍ଟା କରୁଛନ୍ତି। ଉଦାହରଣ ସ୍ୱରୂପ, ରୁଆଣ୍ଡାର ଡେଟା–ସୁରକ୍ଷା ଆଇନ କମ୍ପାନୀଗୁଡ଼ିକୁ ଏହାର ସୀମା ମଧ୍ୟରେ ତଥ୍ୟ ସଂରକ୍ଷଣ କରିବାକୁ ବାଧ୍ୟ କରିଥାଏ। ଏହି ସମୟରେ ବହୁ ସଂଖ୍ୟାରେ ଗଣତାନ୍ତ୍ରିକ ଦେଶ ନିଜସ୍ୱ ନିୟମାବଳୀ ଉପରେ ବିଚାର କରୁଛନ୍ତି। ସୀମାପାର ଡେଟା ପ୍ରବାହ ପାଇଁ ଦୃଢ଼ ସୁରକ୍ଷା ନ ରହିଲେ ପ୍ରକୃତ ମୁକ୍ତ ଇଣ୍ଟରନେଟ୍ ପାଇବାରେ ବାଧା ସୃଷ୍ଟି କରିପାରେ ବୋଲି ସେମାନେ ମନେ କରୁଛନ୍ତି।



ଆମେରିକା ଓ ମିଳିତ ଇ–ବାଣିଜ୍ୟ ପଦକ୍ଷେପରେ ଜଡ଼ିତ ୯୦ ଡବ୍ଲ୍ୟୁଟିଓ ସଦସ୍ୟ ଦେଶର ଗୁରୁତ୍ୱପୂର୍ଣ୍ଣ ଇଣ୍ଟରନେଟ ସୁରକ୍ଷା ଉପରେ ପ୍ରତିବଦ୍ଧତା ରହୁ ନ ଥିବାରୁ ସେ କ୍ଷେତ୍ରରେ ପ୍ରକୃତ ବିପଦ ଦେଖାଦେଇଛି । ଡେଟା ନିୟନ୍ତ୍ରଣ ଆଭିମୁଖ୍ୟ ବିନା ୧୦୦ରୁ ଅଧିକ ବିକାଶଶୀଳ ଦେଶ ସମେତ ଅନେକ ଦେଶ ମୁକ୍ତ ଇଣ୍ଟରନେଟଠାରୁ ଦୂରେଇ ଯିବାଭଳି ଏକ ନିୟାମକ ପଥ ବାଛି ପାରନ୍ତି। ସୂଚନା ପ୍ରବାହରେ ଅଧିକ ପ୍ରତିବନ୍ଧକ ସୃଷ୍ଟି ହେବା ଯୋଗୁ ଲୋକ, ବ୍ୟବସାୟ ଏବଂ ଦେଶ ପାଇଁ କ୍ଷତି ହେବାର ଆଶଙ୍କା ବଢୁଛି। ଯେଉଁଠି ଡେଟା ସୃଷ୍ଟି ହୋଇଥାଏ ସେହି ଅଞ୍ଚଳରେ ଏହାକୁ ସୀମିତ କରି ରଖିବାର (ଡେଟା–ଲୋକାଲାଇଜେଶନ)ଅଧିକାର କଥା ବିଚାର କରନ୍ତୁ। ଏଥିରେ ନାଗରିକ କିମ୍ବା ଅଧିବାସୀଙ୍କ ସମ୍ପର୍କିତ ସମସ୍ତ ତଥ୍ୟକୁ ନିଜ ଦେଶର ସୀମା ମଧ୍ୟରେ ସଂରକ୍ଷଣ, ସଂଗ୍ରହ କିମ୍ବା ପ୍ରସେସ କରିବା ଆବଶ୍ୟକ ହୋଇପାରେ। ଏହି ଅଧିକାର ଦ୍ୱାରା ବ୍ୟକ୍ତିଗତ ଗୋପନୀୟତା ଏବଂ ନିରାପତ୍ତା ରକ୍ଷା ହୋଇ ନ ପାରେ । ଏଭଳି ଅଧିକାର ନେଇ ପ୍ରଥମେ ଆଗକୁ ବଢୁଥିବା ଦେଶରେ ମାନବ ଅଧିକାରକୁ ସମ୍ମାନ ଜଣାଉ ନ ଥିବା ନିୟାମକଗୁଡ଼ିକର ସିଧାସଳଖ ହସ୍ତକ୍ଷେପ ଦ୍ୱାରା ତଥ୍ୟ ଅଧିକ ବିପଦ ମଧ୍ୟକୁ ଠେଲି ହୋଇଯିବ। ଏହା ତଥ୍ୟକୁ ଅଧିକ ଅସୁରକ୍ଷିତ କରିପାରେ। ବିଗତ ଏକ ଦଶନ୍ଧି ମଧ୍ୟରେ ୱିକିମିଡ଼ିଆ ଫାଉଣ୍ଡେଶନ ପ୍ରାୟୋଜିତ ୱିକିପିଡ଼ିଆ ଭଳି ଫ୍ରି ଅନ୍‌ଲାଇନ ଏନ୍‌ସାଇକ୍ଲୋପିଡ଼ିଆକୁ ସାରା ବିଶ୍ୱରେ ସ୍ୱେଚ୍ଛାସେବୀ ସମ୍ପାଦକମାନେ ସୃଷ୍ଟି କରିବା ସହ ଏହାର ରକ୍ଷଣାବେକ୍ଷଣ କରୁଛନ୍ତି। ଏହା ପ୍ରତିବର୍ଷ ୟୁଜର ଡେଟା ପାଇଁ ଗୁଡ଼ିଏ ଅନୁରୋଧ ପାଉଛି, ଯାହା ମଧ୍ୟରୁ ଅନେକଙ୍କର କୌଣସି ଆଇନଗତ ଆଧାର ନାହିଁ। ।

ଏପରି ଅନେକ ମାମଲା ଅଛି, ଯେଉଁଠାରେ ଏକ ସରକାର କିମ୍ବା ଜଣେ ଧନୀ ବ୍ୟକ୍ତି ସାର୍ବଜନୀନ ତଥ୍ୟକୁ ଲୁଚାଇବାକୁ ଚେଷ୍ଟା କରିଛନ୍ତି କିମ୍ବା ଏହାକୁ ପ୍ରକାଶ କରିଥିବା ସ୍ୱେଚ୍ଛାସେବୀଙ୍କ ବିରୋଧରେ ପ୍ରତିଶୋଧାତ୍ମକ ପଦକ୍ଷେପ ନେବାକୁ ଚେଷ୍ଟା କରିଛନ୍ତି। ୱିକିମିଡ଼ିଆ ଫାଉଣ୍ଡେଶନ ସେମାନଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରୁଥିବାବେଳେ ଡେଟା–ଲୋକାଲାଇଜେଶନରେ ତଥ୍ୟ ସୁରକ୍ଷା ଅଧିକ କଷ୍ଟସାଧ୍ୟ ହୋଇପାରେ। କାରଣ ସେମାନଙ୍କ ସୀମା ମଧ୍ୟରେ ସଂରକ୍ଷିତ ସୂଚନା ଉପରେ ସରକାରଙ୍କର ଅଧିକ ନିୟନ୍ତ୍ରଣ ରହିଥାଏ। ତା'ପରେ ସେଥିରେ ଆର୍ଥିକ ପ୍ରଭାବ ରହିଛି। ବିଶ୍ୱର ବିଭିନ୍ନ ଦେଶରେ ତଥ୍ୟ ସଂଗ୍ରହ ଏବଂ ସଂରକ୍ଷଣ ସୁବିଧା କରିବା ବ୍ୟୟବହୁଳ ହେବ । ବାସ୍ତବରେ ଏହା ଏତେ ଅଧିକ ଯେ, ଅଣ–ଲାଭକାରୀ ଏବଂ ବ୍ୟବସାୟିକ ସଂସ୍ଥାଗୁଡ଼ିକର ଆର୍ଥିକ କାର୍ଯ୍ୟକ୍ଷମତା ପ୍ରତି ବିପଦ ସୃଷ୍ଟି କରିପାରେ। ଛୋଟ ସଂସ୍ଥାଗୁଡ଼ିକୁ ବୃହତ୍ ବିଶ୍ୱସ୍ତରୀୟ ବୈଷୟିକ ପ୍ଲାଟଫର୍ମ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ଅଧିକ କଷ୍ଟକର ହୋଇପଡ଼ିବ। ଶେଷରେ ବିଭିନ୍ନ ଦେଶରେ ଏକାଧିକ, ଅନାବଶ୍ୟକ ଡେଟା କେନ୍ଦ୍ର ପ୍ରତିଷ୍ଠା କରିବାକୁ ଇଣ୍ଟରନେଟ୍ ଆଧାରିତ ସେବାକୁ ବାଧ୍ୟ କରିବା ଦ୍ୱାରା ସମ୍ବେଦନଶୀଳ ବ୍ୟକ୍ତିଗତ ଓ କର୍ପୋରେଟ ତଥ୍ୟ ଭଙ୍ଗ ଏବଂ ଚୋରିର ଅଧିକ ବିପଦ ରହିବ। ଲୋକଙ୍କୁ ତଥ୍ୟ ପାଇବାରେ ବାଧା ଆସିପାରେ।

ଗତ ଅକ୍ଟୋବରରେ ଆମେରିକାର ଘୋଷଣା ପରେ ଜି୭ ମନ୍ତ୍ରୀମାନେ ଡିଜିଟାଲ ବାଣିଜ୍ୟ ଏବଂ ଡିଜିଟାଲ ବଜାର ଖୋଲିବା ପାଇଁ ସେମାନଙ୍କର ପ୍ରତିବଦ୍ଧତା କରିଥିଲେ। ଏହା ସହ ଡେଟା ଫ୍ରି ଫ୍ଲୋ ୱିଥ ଟ୍ରଷ୍ଟ( ଡିଏଫ୍‌ଏଫ୍‌ଟି)କୁ ସମର୍ଥନ କରିବାକୁ ଦୃଢ଼ ତତ୍ପରତା ପ୍ରକାଶ କରିଥିଲେ। ଡିଏଫ୍‌ଏଫ୍‌ଟି ଗୋପନୀୟତା ଏବଂ ତଥ୍ୟ ସଞ୍ଚାଳନ ପାଇଁ ସମନ୍ୱିତ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିଥାଏ। କିନ୍ତୁ ଜି୭ର ଭୁଲ୍ ନୀତି ଏବଂ ଭୌଗୋଳିକ ପ୍ରୟାସକୁ ପ୍ରତିହତ କରିବା ଦକ୍ଷତା ନାହିଁ । ଏହା ଇଣ୍ଟରନେଟକୁ ଭଙ୍ଗ କରିପାରେ । ଏଣୁ ଏକ ମୁକ୍ତ, ବିଶ୍ୱସ୍ତରୀୟ ସଂଯୋଗ ଏବଂ ସୁରକ୍ଷିତ ଇଣ୍ଟରନେଟ ସଂରକ୍ଷଣ କରିବା ପାଇଁ ଆମେରିକା ସମେତ ସମସ୍ତ ଦେଶ ଏହାକୁ ସମର୍ଥନ କରୁଥିବା ନୀତିଗୁଡ଼ିକ ପାଇଁ ଦୃଢ଼ ସମର୍ଥନ ନିଶ୍ଚିତ କରିବାକୁ ପଡ଼ିବ। କିନ୍ତୁ ବିଶ୍ୱରେ ଇଣ୍ଟରନେଟର କ୍ଷତିକୁ ରୋକିବା ପାଇଁ ବାଣିଜ୍ୟିକ ବୁଝାମଣା ବାଦ୍ ଏକ ନିରନ୍ତର ପ୍ରୟାସ ଆବଶ୍ୟକ । ଅନ୍ୟାନ୍ୟ ଅନ୍ତର୍ଜାତୀୟ ଚୁକ୍ତି ଏବଂ ନିଜ ଦେଶରେ ଡବ୍ଲ୍ୟୁଟିଓ ଇ–ବାଣିଜ୍ୟ ବୁଝାମଣାରେ ନିଆଯାଇଥିବା ଆକ୍ରମଣାତ୍ମକ ଡିଜିଟାଲ–ସାର୍ବଭୌମତ୍ୱ ପଦକ୍ଷେପରୁ ଇଣ୍ଟରନେଟକୁ ରକ୍ଷା କରିବାକୁ ସବୁଠି ଲୋକମାନେ ନିଜ ନେତାଙ୍କୁ ଅନୁରୋଧ କରିବା ଦରକାର। ନିଷ୍ପତ୍ତି ନେଉଥିବା କିମ୍ବା ଆଇନ ପ୍ରଣୟନ କରୁଥିବା ନୀତି ନିର୍ଦ୍ଧାରକମାନେ ଅନ୍‌ଲାଇନ ଡେଟା ପ୍ରବାହର ସମ୍ଭାବ୍ୟ ପ୍ରଭାବକୁ ଆକଳନ କରିବା ଏବଂ ମୁକ୍ତ ଇଣ୍ଟରନେଟ ପ୍ରତି ଥିବା କ୍ଷତି ରୋକିବା ପାଇଁ ଯତ୍ନବାନ ହେବା ଆବଶ୍ୟକ।

ଇଣ୍ଟରନେଟ ଆମ ଜୀବନରେ ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଇଛି ଓ ଏହାକୁ ଆମେ ଗ୍ରହଣ କରିନେଇଛୁ। କିନ୍ତୁ ଆମ ଜାଣିବାରେ ଆଜି ଇଣ୍ଟରନେଟର ତିଷ୍ଠି ରହିବାର କୌଣସି ନିଶ୍ଚିତତା ନାହିଁ। ଏହା ଅଧିକ ଖଣ୍ଡବିଖଣ୍ଡିତ, ଅସୁରକ୍ଷିତ ଏବଂ ସରକାର ଓ କର୍ପୋରେଶନ ନିୟନ୍ତ୍ରଣରେ ରହିବ ନାହିଁ ବୋଲି ଆମେ କ'ଣ ଏକ ମିଳିତ ବିଶ୍ୱସ୍ତରୀୟ ପ୍ରୟାସ ଦ୍ୱାରା ନିଶ୍ଚିତ କରିପାରିବାନି।

## ସ୍ୱଚ୍ଛତାର ଅଗ୍ରଦୂତ



ଅଭିମନ୍ୟୁ ଧଳ

ପରିବେଶ ବନ୍ଧୁ ଭାବରେ ଜଣା ଶାଗୁଣା ଓ ବିଲୁଆ ଏବେ ଅବଲୁପ୍ତ ତାଲିକାରେ। ଏମାନେ ମଶାଣି ସ୍ୱଚ୍ଛ କରିବା କାମରେ ସତେ ଯେପରି ବିନାମୂଲ୍ୟରେ ଲାଗିପଡ଼ନ୍ତି। ଶାଗୁଣା ଶନିଦେବଙ୍କ ବାହନ ବୋଲି ପୁରାଣରେ ଉଲ୍ଲେଖ ଥିବାବେଳେ ମଣିଷମାନେ ଏମାନଙ୍କୁ ଅସୁର ବୋଲି ଭାବିବା ଏକ ଅନ୍ଧବିଶ୍ୱାସ। ବର୍ତ୍ତମାନ ଆମ ପିଲା ଏମାନଙ୍କୁ ଦେଖିବାର ସୁଯୋଗ ହରାଇଛନ୍ତି। ନନ୍ଦନକାନନ ବୁଲିଆସିଲେ ତାରଜାଲି ଭିତରେ ଶାଗୁଣା ଓ ବିଲୁଆଙ୍କୁ ଦେଖିହେବ। ଏମାନେ ବିଲୁପ୍ତ ପ୍ରାୟ ପ୍ରାଣୀ ତାଲିକାରେ। ବର୍ତ୍ତମାନ ଆମ ଦେଶରୁ ଶାଗୁଣା ବଂଶ ପ୍ରାୟ ଲୋପ ପାଇବାକୁ ବସିଲେଣି। ୧୯୮୦ ଦଶକ ପରଠାରୁ କ୍ରମାଗତ ଶାଗୁଣାଙ୍କ ସଂଖ୍ୟା କମିବାରେ ଲାଗିଛି । ବିଶେଷଜ୍ଞଙ୍କ ମତରେ ଶାଗୁଣାଙ୍କ ସଂଖ୍ୟା ୯୯% କମିଛି। ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ବ୍ୟବହୃତ ଡାଇକ୍ଲୋଫେନା ଏଥିପାଇଁ ଦାୟୀ। କୌଣସି ପ୍ରାଣୀଦେହରେ ଏହାକୁ ପ୍ରୟୋଗ କରାଗଲେ ଓ ସେହି ପ୍ରାଣୀର ମୃତ୍ୟୁ ଘଟିଲା ପରେ ଆମେ ତାକୁ ଖୋଲା ପଡ଼ିଆ ବା ମଶାଣିରେ ପକାଇଦେଉ। ପରନ୍ତୁ ଏହାର ଯକୃତ ଏବଂ ବୃକକ୍‌ରେ ଏହି ରାସାୟନିକ ପଦାର୍ଥ ଜମା ହୋଇ ରହିଥାଏ। ଯେତେବେଳେ ଶାଗୁଣା ଏହି ପଶୁର ମଢ଼ ଖାଏ, ସେତେବେଳେ ଏହି ରାସାୟନିକ ପଦାର୍ଥ ସିଧାସଳଖ ତା' ଦେହକୁ ଯାଏ। ବିଜ୍ଞାନର ଅଗ୍ରଗତି ଫଳରେ ରାସାୟନିକ ପଦାର୍ଥର ବ୍ୟବହାର ଦିନକୁଦିନ ବଢ଼ିବାରେ ଲାଗିଛି। ଏହାର ନକାରାତ୍ମକ ପ୍ରଭାବ ପରିବେଶ ଉପରେ ପଡ଼େ। ଭାରତ, ନେପାଳ ଏବଂ ପାକିସ୍ତାନରେ ଏକ ସ୍ୱତନ୍ତ୍ର ପ୍ରଜାତିର ଶାଗୁଣା ଦେଖିବାକୁ ମିଳନ୍ତି। ୨୦୦୨ ମସିହାରେ ଅନ୍ତର୍ଜାତୀୟ ସଂରକ୍ଷଣ କେନ୍ଦ୍ର ପକ୍ଷରୁ ଶାଗୁଣାକୁ ବିଲୁପ୍ତ ପ୍ରାଣୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ବିଷକ୍ରିୟା ଯୋଗୁଁ ୮୮% ଶାଗୁଣା ପ୍ରଜାତିଙ୍କ ମୃତ୍ୟୁ ଘଟୁଥିବା ଜଣାପଡ଼ିଛି। କୁକୁର ଓ ବିଲୁଆଙ୍କୁ ବିଷ ଦେଇ ମାରି ବାହାରେ ଫୋପାଡ଼ି ଦେଲେ ତାକୁ ବିଲୁଆ ଖାଇ ମରୁଛନ୍ତି। ନଦୀକୂଳିଆ ଲୋକେ ମୃତ ଗାଈ ଗୋରୁ ମଇଁଷିଙ୍କୁ ନଦୀରେ ଭସାଇ ଦିଅନ୍ତି। ପରନ୍ତୁ ଶାଗୁଣା ସେହି ମଢ଼ ଖାଇ ସଫା କରିଦିଅନ୍ତି। ଶାଗୁଣାଙ୍କ ଅନୁପସ୍ଥିତି ଯୋଗୁଁ ନଦୀଜଳ ପ୍ରଦୂଷିତ ହେବା ଏହାର ମୁଖ୍ୟ କାରଣ। ପ୍ରାଣୀ ସୁରକ୍ଷା ଧାରା ୧୯୭୨ ଅନ୍ତର୍ଗତ ଗ୍ରିଫନ ଶାଗୁଣା ଯାହାକୁ ଆମେ ଫୁଲ ଶାଗୁଣା କହୁ, ସେମାନଙ୍କୁ ବିଲୁପ୍ତ ପ୍ରଜାତି ତାଲିକାଭୁକ୍ତ କରାଯାଇଥିଲା। ବିଷକ୍ରିୟା ଯୋଗୁ ୨୦୨୨ରେ ଆସାମରେ ୧୦୦ ଶାଗୁଣା ମରିଥିଲେ। ମୃତପଶୁଙ୍କ ଶଢ଼ାମାଂସ ଖାଇବା ବେଳେ ଶବ ପାଖରେ ପ୍ରାଧାନ୍ୟ ବିସ୍ତାର କରିଥାନ୍ତି ଶାଗୁଣା। ସୁଦୂର ଆକାଶରେ ମେଳି ବାନ୍ଧି ଉଡୁଥିବାବେଳେ ଶାଗୁଣା ଭୂପୃଷ୍ଠରେ ଶବ ଦେଖିଲେ ସେଠାରେ ଓହ୍ଲାଇ ଥା'ନ୍ତି । କୁକୁର ଓ ବିଲୁଆ ଶବ ପାଖରେ ଥିବା ବେଳେ ଶାଗୁଣା ଆସିଲେ ଭୟରେ ସେମାନେ ଘୁଞ୍ଚି ଯାଇଥାନ୍ତି। ଏମାନେ ମଶାଣିର ଝଙ୍କାଳିଆ ବରଗଛ ଜଙ୍ଗଲର ଉଚ୍ଚ ଗଛରେ ବସା ବାନ୍ଧି ଅଣ୍ଡା ଦେଇ ଛୁଆ ଫୁଟାନ୍ତି। ଏମାନେ ବୃହତ୍ ପକ୍ଷୀ ହେଲେ ମଧ୍ୟ ଏମାନଙ୍କ ଆଚରଣ ଶାନ୍ତ। ବିଷ୍ଣୁଶର୍ମାଙ୍କ ପଞ୍ଚତନ୍ତ୍ରରେ "ଅଜ୍ଞାତ କୁଳଶିଳସ୍ୟ ବାସ ନ ଦେୟୋ" ଗଳ୍ପରେ ଅନ୍ଧ ଓ ବୃଦ୍ଧ ଜରଦ୍‌ଗବ ଶାଗୁଣା ଦୀର୍ଘକର୍ଣ୍ଣ ନାମକ ଚତୁର ବିଲୁଆ କଥାରେ ତାକୁ ବିଶ୍ୱାସ କରି ଆଶ୍ରୟ ଦେବା । ବିଚରା ପକ୍ଷୀ ଶାବକ ଭକ୍ଷଣ ପରେ ପକ୍ଷୀମାନେ ଏକାଠି ହୋଇ ବୃଦ୍ଧ ଶାଗୁଣାକୁ ମାରିଦେବା, ଶାଗୁଣାର ସରଳ ପଣିଆକୁ ନିର୍ଦ୍ଦେଶ କରେ।

ବିଲୁଆ ଜଙ୍ଗଲ ଚାଷଜମିର ଉଚ୍ଚ ହିଡ଼ରେ ଗାତ କରି ରୁହେ। ଦିନରେ ଏହା ଜଙ୍ଗଲ ଓ ବିଲରେ ଖାଦ୍ୟ ସଂଗ୍ରହ କଲାବେଳେ ରାତିରେ ଜନପଦ, ମଶାଣିରେ ଖାଦ୍ୟ ସଂଗ୍ରହ କରେ, ମାଛ, ମାଂସ ଓ କେତେକ ଫଳ ଖାଏ। ୧୯୮୦ ଦଶକରୁ ବିଲୁଆ ମାରି ସେମାନଙ୍କ ଚମ ବିକି କରାଯାଉଛି। ଶାଗୁଣା ପରି ବିଷ ମାଂସ ଖାଇ ଏମାନଙ୍କ ସଂଖ୍ୟା ଦ୍ରୁତ ଗତିରେ କମି ଚାଲିଛି। ବିଲୁପ୍ତ ପ୍ରାୟ ଏହି ବିଲୁଆକୁ ବର୍ତ୍ତମାନର ପିଲାଏ ଦେଖିବାରୁ ବଞ୍ଚିତ। ଗାଁମାନଙ୍କରେ ହୁ–କେ–ହୋ ରଡ଼ି ଆଉ ଶୁଭୁନି। ପ୍ରକୃତିଦତ୍ତ ସ୍ୱଚ୍ଛତାର ଅଗ୍ରଦୂତ ଶାଗୁଣା ଓ ବିଲୁଆ ବଂଶ ବିନାଶ ମୁହଁରେ । ବାଘଙ୍କ ସୁରକ୍ଷା ପାଇଁ ସରକାର ଏବଂ ବେସରକାରୀ ସଂଗଠନଗୁଡ଼ିକ ଯେଉଁଭଳି ଭାବେ "ସେଭ ଟାଇଗର" କ୍ୟାମ୍ପେନ ଆରମ୍ଭ କରିଛନ୍ତି, ସେହିପରି ଶାଗୁଣା ଓ ବିଲୁଆ ବିଲୁପ୍ତ ନ ହେବା ଲାଗି ଅଭିଯାନ ଆରମ୍ଭ କରିବାର ଆବଶ୍ୟକତା ରହିଛି। ସ୍ୱାସ୍ଥ୍ୟ ବିଜ୍ଞାନର ପ୍ରଭୂତ ଉନ୍ନତି ସତ୍ତ୍ୱେ ପଶୁମାନଙ୍କୁ ଯେଉଁ ଡାଇକ୍ଲୋଫେନା ଇଞ୍ଜେକ୍ସନ ଦିଆଯାଉଛି, ଏହା ବଦଳରେ ଅନ୍ୟ ପ୍ରତିଷେଧକ ଟିକା ଦେବା ଆବଶ୍ୟକ; ଯାହା ଫଳରେ ଏମାନଙ୍କ ମୃତ୍ୟୁ ପରେ ଏମାନଙ୍କ ମଢ଼ ଖାଇ ଶାଗୁଣା ଓ ବିଲୁଆଙ୍କ ବଂଶ ଲୋପରୁ ରକ୍ଷା ମିଳିବ।

ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୯୮୬୧୦୪୮୦୫୨

## ଏଇ ଭାରତରେ

ଦେଶ ବିକାଶର ଆଧାର ହେଉଛି ଗାଁ, ଯାହାକୁ ଅନୁଭବ କରିଛନ୍ତି ତେଲଙ୍ଗାନାର ସରପଞ୍ଚ ଗଡ୍‌ଜେ ମିନାକ୍ଷୀ। ତାଙ୍କ ଉଦ୍ୟମରେ ଆଡିଲାବାଦ ଜିଲାର ମୁଖରା କେ. ଗାଁ ଭାରତର ସମସ୍ତ ଗ୍ରାମ ପଞ୍ଚାୟତ ପାଇଁ ଆଦର୍ଶ ପାଲଟିଛି। ପାହାଡ଼ ଓ ଜଙ୍ଗଲ ଘେରା ଏହି ଗାଁର ଲୋକେ ସେମାନଙ୍କ ବର୍ଜ୍ୟ ପରିଚାଳନା କରୁଛନ୍ତି, ଯାହା ପାହାଡ଼ିଆ ଅଞ୍ଚଳକୁ ସ୍ୱଚ୍ଛ ରଖୁଛି। ପଞ୍ଚାୟତ ତରଫରୁ ପ୍ରତ୍ୟେକ ପରିବାରକୁ ଦୁଇଟି ଡଷ୍ଟବିନ୍ ଦିଆଯାଇଛି ଏବଂ ସଂଗୃହୀତ ବର୍ଜ୍ୟରୁ ଜିଆଖତ ପ୍ରସ୍ତୁତ କରାଯାଇ ତାହାକୁ ବିକ୍ରି କରାଯାଉଛି। ବିଗତ ୩ –୪ ବର୍ଷରେ ଜିଆଖତରୁ ୧୦ ଲକ୍ଷ ଟଙ୍କା ରୋଜଗାର ହୋଇଛି। କେବଳ ଏତିକି ନୁହେଁ ପଞ୍ଚାୟତ ମଧ୍ୟ ପ୍ଲାଷ୍ଟିକ ବର୍ଜ୍ୟରୁ ଏହି ସମୟ ମଧ୍ୟରେ ୭୦ ହଜାର ଟଙ୍କା ଆୟ କରିଛି। ଗାଁର ପ୍ରତିଟି ପରିବାର ସୌରଶକ୍ତି ଉତ୍ପାଦନ କରି ବ୍ୟବହାର କରୁଛନ୍ତି। ପ୍ରତ୍ୟେକ ପରିବାରକୁ ପିଇବା ପାଣି ଯୋଗାଇ ଦିଆଯାଇଛି। ଏତେସବୁ କାର୍ଯ୍ୟ କରିଥିବା ମିନାକ୍ଷୀ ଗାଁରେ ୫ମ ଶ୍ରେଣୀ ଯାଏ ପଢ଼ିବା ପରେ ଗାଁଠାରୁ ଦୂର ସ୍କୁଲରେ ଦ୍ୱାଦଶ ପର୍ଯ୍ୟନ୍ତ ପଢ଼ିଛନ୍ତି। ଏଥିପାଇଁ ପ୍ରତିଦିନ ତାଙ୍କୁ ୧୧ କି.ମି. ଯିବାକୁ ପଡୁଥିଲା। ତେବେ ୨୦୧୯ରେ ସେ ସରପଞ୍ଚ ଭାବେ ନିର୍ବାଚିତ ହେବା ପରେ ପଞ୍ଚାୟତର ବିକାଶରେ ମନ ଦେଇଥିଲେ। ସେତେବେଳେ ଗାଁରେ ୨୦ଟି ପାଇଖାନା ଥିବାବେଳେ ଏବେ ସମସ୍ତ ପରିବାରରେ ପାଇଖାନା ହୋଇସାରିଛି। ମଶା ନିୟନ୍ତ୍ରଣ ପାଇଁ ପ୍ରତି ପରିବାର ପାଇଁ ସେ ସକ୍‌ପିଟ ନିର୍ମାଣ କରିଛନ୍ତି।

## ବଡ଼ି ଫିଟ୍‌ନେସ୍, ଅତିରୁ ଇତି



ଡା.ପ୍ରଫୁଲ୍ଲ କୁମାର ଦାସ

ନିକଟରେ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ବୀର ସୂର୍ଯ୍ୟବାସୀଙ୍କ ଜିମ୍‌ରେ ବ୍ୟାୟାମ କରୁଥିବା ଅବସ୍ଥାରେ ହିଁ ହୃଦ୍‌ଘାତ ହେଲା, ଆଉ ପରବର୍ତ୍ତୀ ସମୟରେ ତାଙ୍କ ଜୀବନ ଚାଲିଗଲା। ଏହା ପୂର୍ବରୁ ଚାଳିଶ ବର୍ଷ ବୟସ୍କ ରୂପେଲୀ ପରଦାର ଲୋକପ୍ରିୟ ଚେହେରା ସିଦ୍ଧାର୍ଥ ଶୁକ୍ଲାଙ୍କର ମଧ୍ୟ ଜୀବନ ଘାତକର କାରଣ ହୋଇଥିଲା ଜିମ୍‌ଜନିତ ଅତ୍ୟଧିକ ବ୍ୟାୟାମ। ସେହିପରି ପ୍ରସିଦ୍ଧ କମେଡିଆନ ରାଜୁ ଶ୍ରୀବାସ୍ତବ ଜିମ୍‌ରେ ବ୍ୟାୟାମ କରୁଥିବା ସମୟରେ ଅସୁସ୍ଥ ହୋଇ ପରେ ଚିକିତ୍ସାଧୀନ ସମୟରେ ତାଙ୍କର ପରଲୋକ ହୋଇଥିଲା। ସେହିପରି ସଲମନ ଖାଁଙ୍କ ବଡ଼ି ଟ୍ରେନର ସାଗର ପାଣ୍ଡେଙ୍କ ମୃତ୍ୟୁ ସମାନ କାରଣରୁ ହୋଇଥିଲା। ଏହାର ଏକମାତ୍ର କାରଣ ହେଉଛି ଅଧିକ ବ୍ୟାୟାମ କରିବା ଦ୍ୱାରା ସିଧାସଳଖ ପ୍ରଭାବ ହୃତପିଣ୍ଡ ଉପରେ ପଡ଼ି ପରବର୍ତ୍ତୀ ସମୟରେ ଏହା ଜୀବନ ନେଇଯାଉଛି।

ଶରୀରକୁ ସୁଗଠିତ, ବଳିଷ୍ଠ ଓ କାର୍ଯ୍ୟକ୍ଷମ ରଖିବା ପାଇଁ ସ୍ୱାସ୍ଥ୍ୟରକ୍ଷାର ଅନେକ ନିୟମ ରହିଛି। ଶରୀରକୁ ଆକର୍ଷଣୀୟ କରିବା ପାଇଁ ନିୟମ ଅନୁଯାୟୀ ବ୍ୟାୟାମ କରିବା ଉଚିତ। ବିଭିନ୍ନ କାରଣରୁ ଆମେ ମୋଟା ହୋଇଯାଉ। ପୁଣି ମୋଟାରୁ ପତଳା ହେବାକୁ ବ୍ୟଗ୍ର ହୋଇପଡୁ। ଏଥିପାଇଁ ଡାକ୍ତର, ଡାଏଟିସିଆନଙ୍କ କଥା ଶୁଣିବା ପାଇଁ ବି ଆମର ଧୈର୍ଯ୍ୟ ନ ଥାଏ। ଆମେ ମନଇଚ୍ଛା ନିଜ ଖାଦ୍ୟ ଖାଉ ବା ଖାଇବା ଛାଡ଼ିଦେଉ। ଅନ୍ୟମାନଙ୍କ ଆଖିକୁ ସୁନ୍ଦର ଦିଶିବା ପାଇଁ ଆମେ ନିଜ ଇଚ୍ଛାରେ କସ୍‌ମେଟିକ ସର୍ଜରି, ପ୍ଲାଷ୍ଟିକ ସର୍ଜରିର ସହାୟତା ନେଉ। ଶରୀରକୁ କାଟି, ଯୋଡ଼ି ନୂଆ ରୂପରେ ସଜାଉ। ବ୍ୟାୟାମ ହେଉ କିମ୍ବା ଡାଏଟିଂ, ରୂପଚର୍ଯ୍ୟା– ଏ ସବୁଥିରେ କିନ୍ତୁ ସଂଯମତା ଜରୁରୀ। ଅର୍ଥାତ୍ ଆମ ଶରୀରର ଗଢ଼ଣ, ସାମର୍ଥ୍ୟ ଦକ୍ଷତାକୁ ଦେଖି ବ୍ୟାୟାମ କରାଯିବା ଦରକାର। ତାହା ନ କରି ଏସବୁର ଅତ୍ୟଧିକ ପ୍ରୟୋଗ ଆମର ଉପକାର କରିବା ବଦଳରେ ଅପକାର କରିଥାଏ। ଅତିରୁ ଇତି ହେବାକୁ ବେଶି ସମୟ ଲାଗେ ନାହିଁ।

ବର୍ତ୍ତମାନ ବ୍ୟସ୍ତ ଜୀବନଶୈଳୀ କାରଣରୁ ଲୋକଙ୍କ ମଧ୍ୟରେ ଶାରୀରିକ ନିଷ୍କ୍ରିୟତା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ଖାଦ୍ୟ ଓ ଜୀବନଶୈଳୀ ତୁଳନାରେ ଶାରୀରିକ ପରିଶ୍ରମ କମି ଯାଉଥିବାରୁ ଅଳ୍ପ ବୟସରୁ ଶରୀର ରୋଗାକ୍ରାନ୍ତ ହୋଇପଡୁଛି। ଏସବୁକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଶେଷଜ୍ଞ, ଚିକିତ୍ସକମାନେ ଯୋଗ, ବ୍ୟାୟାମ କରିବାକୁ ପରାମର୍ଶ ଦେଉଛନ୍ତି। ନିଜକୁ ସୁସ୍ଥ ଓ ସତେଜ ରଖିବା ପାଇଁ ଲୋକେ ଜିମ୍‌ରୁ ନେଇ ଯୋଗାଭ୍ୟାସ, ସାଇକେଲିଂ, ରନିଂ, ୱାକିଂ, ସୁଇମିଂ କରୁଛନ୍ତି। ବିଶେଷକରି ନିତିଦିନିଆ ଜୀବନ ଶୈଳୀରେ ଅତି କମ୍‌ରେ ୩୦ ମିନିଟ ଯେକୌଣସି ପ୍ରକାର ବ୍ୟାୟାମ କରିବାକୁ କୁହାଯାଉଛି। ମନେରଖିବା ଉଚିତ ଯେ ସୁସ୍ଥ ରହିବା ପାଇଁ ସୁଷମ ତଥା ସନ୍ତୁଳିତ ଖାଦ୍ୟର ଆବଶ୍ୟକତା ରହିଛି, ଠିକ୍ ସେମିତି ନିର୍ଦ୍ଦିଷ୍ଟ ସମୟ ଏବଂ ଶରୀରର ଆବଶ୍ୟକତା ଅନୁସାରେ ନିର୍ଦ୍ଦିଷ୍ଟ ପ୍ରକାର ବ୍ୟାୟାମ କରିବା ଉଚିତ।

ମାତ୍ରାଧିକ ବ୍ୟାୟାମ କରିବା ଦ୍ୱାରା ଶରୀର ଉପରେ ଅନେକ ପ୍ରଭାବ ପଡୁଛି। ମାତ୍ରାଧିକ ବ୍ୟାୟାମ ହୃତପିଣ୍ଡ ଏବଂ ଅସ୍ଥିମଜ୍ଜା ପାଇଁ ମଧ୍ୟ ବିଭିନ୍ନ ସମସ୍ୟାର କାରଣ ସାଜିପାରେ। ଆମେରିକାନ ହାର୍ଟ ଆସୋସିଏଶନ ଅନୁସାରେ ଶରୀରକୁ ସୁସ୍ଥ ରଖିବା ପାଇଁ ସବୁ ବୟସର ଲୋକମାନଙ୍କୁ ସପ୍ତାହରେ ୧୫୦ ମିନିଟ ପର୍ଯ୍ୟନ୍ତ ମଧ୍ୟମ ତୀବ୍ରତାର ଏରୋବିକ୍ସ ବ୍ୟାୟାମ ଅଭ୍ୟାସ କରିବା ଉଚିତ। କିନ୍ତୁ କିଛି ଲୋକ କମ୍ ସମୟ ମଧ୍ୟରେ ଅଧିକ ଲାଭ ପାଇବା ଆଶାରେ ଦିନକୁ ୩ରୁ ୪ ଘଣ୍ଟା ଜିମ୍ କରୁଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଅନୁସାରେ ଏକ ସପ୍ତାହରେ ୩୦୦ ମିନିଟରୁ ଅଧିକ ବ୍ୟାୟାମ ଫିଜିକାଲ ବର୍ନଆଉଟର କାରଣ ସାଜିପାରେ, ଯାହାଫଳରେ ଶରୀର ପ୍ରତି ବିଭିନ୍ନ ପ୍ରକାର କ୍ଷତି ପହଞ୍ଚିପାରେ। ବ୍ୟାୟାମ ସମୟରେ ଶରୀରରେ ଗଚ୍ଛିତ କ୍ୟାଲୋରି ବର୍ନ ହୋଇଥାଏ ଯାହାକୁ ଓଜନ ନିୟନ୍ତ୍ରିତ କରିବା ପାଇଁ ଆବଶ୍ୟକ ବୋଲି ଧରାଯାଏ। ତେବେ ଅତ୍ୟଧିକ ବ୍ୟାୟାମ କାରଣରୁ କ୍ୟାଲୋରୀ ଝରିବାର ଭୟ ଅଧିକ ହୋଇପାରେ ଯେଉଁଥିପାଇଁ ମଣିଷ ଅତ୍ୟଧିକ ଥକ୍କାପଣ ଏବଂ ଦୁର୍ବଳ ଅନୁଭବ କରିଥାନ୍ତି। ଅତ୍ୟଧିକ ବ୍ୟାୟାମ କରିବା ପରେ ଶରୀରକୁ ବିଶ୍ରାମର ଆବଶ୍ୟକତା ଥାଏ। କିନ୍ତୁ ସମସ୍ତେ ଆରାମ କରିବାର ସୁଯୋଗ ପାଆନ୍ତି ନାହିଁ। ବ୍ୟାୟାମ କରିସାରିବା ପରେ ସ୍କୁଲ, କଲେଜ ଓ ଅଫିସ ଆଦି ଯିବାକୁ ପଡ଼ିଥାଏ। ଫଳରେ ଶରୀର ଆହୁରି ଦୁର୍ବଳ ହୋଇପଡ଼େ।



ଜର୍ମାନୀର ଏକ ବିଶେଷଜ୍ଞ ଦଳ କରିଥିବା ଅଧ୍ୟୟନ ଅନୁସାରେ ଯେଉଁ ଲୋକମାନେ ମାତ୍ରାଧିକ ବ୍ୟାୟାମ କରିଥାନ୍ତି ସେମାନଙ୍କଠାରେ ହୃଦ୍‌ଜନିତ ସମସ୍ୟା ବିକଶିତ ହେବାର ଆଶଙ୍କା ସାଧାରଣ ଲୋକଙ୍କ ତୁଳନାରେ ଅଧିକ ଥାଏ। ଅଧିକ ବ୍ୟାୟାମ ହୃତ୍‌ପିଣ୍ଡ ଉପରେ ଅତିରିକ୍ତ ବୋଝ ପକାଉଥିବାରୁ ଏହାର କାର୍ଯ୍ୟକ୍ଷମତା ମଧ୍ୟ ପ୍ରଭାବିତ ହୋଇଥାଏ। ଏହା ବ୍ୟତୀତ ଅଧିକ ବ୍ୟାୟାମ କାରଣରୁ ହୃଦ୍‌ସ୍ପନ୍ଦନ ଅଚାନକ ବଢ଼ିଯାଏ। ହୃଦ୍‌ସ୍ପନ୍ଦନର ଗତି ଅଧିକ ହେବାରୁ ତାହା ହୃଦ୍‌ଘାତ ଏବଂ ଷ୍ଟ୍ରୋକ୍ ଭଳି ଗୁରୁତର ସମସ୍ୟାର ସଙ୍କେତ ଦେଇଥାଏ। ଜିମ୍‌ରେ ଶରୀରର ଓଜନ ତୁଳନାରେ ଅଧିକ ଓଜନର ବସ୍ତୁ ଉଠାଇବା ପାଇଁ କୁହାଯାଇଥାଏ। ଏହା ଫଳରେ ମାଂସପେଶୀ ଉପରେ ପ୍ରଭାବ ପଡ଼ିଥାଏ। ଓଜନ କମାଇବା ପାଇଁ କିଛି ଲୋକ ଯୋଗ, ବ୍ୟାୟାମ ଉପରେ ନିର୍ଭର କରୁଥିବା ବେଳେ ଆଉ କିଛି ଲୋକ ଡାଏଟ କରିବାକୁ ପସନ୍ଦ କରନ୍ତି। ସେଲିବ୍ରିଟିମାନେ ଡାଏଟ ମାନି ଚଳନ୍ତି । ସେମାନଙ୍କ ଦେଖାଦେଖି ସାଧାରଣ ଲୋକ ବି ଏମିତି ସବୁ ଡାଏଟ ଅନୁସରଣ କରୁଛନ୍ତି, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ସାବ୍ୟସ୍ତ ହେଉଛି। ଅନେକ ସମୟରେ ଭୁଲ ଡାଏଟ ପ୍ରାଣଘାତକ ସାବ୍ୟସ୍ତ ହେଉଛି। ମାତ୍ରାଧିକ ଡାଏଟ ଓ ମାତ୍ରାଧିକ ତଥା ଉଚ୍ଚ ପ୍ରୋଟିନଯୁକ୍ତ ଖାଦ୍ୟ ମଧ୍ୟ ବ୍ରେନ ଫଗ ବା ମୁଣ୍ଡ ବୁଲେଇଦେବା ଭଳି ସମସ୍ୟା ସୃଷ୍ଟି କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯୋଗ ପ୍ରାଣାୟମ ବା କିଛି ନିୟନ୍ତ୍ରିତ ବ୍ୟାୟାମ ଅଭ୍ୟାସ ଖୁବ୍ ଭଲ। ତେବେ ଅଭିଜ୍ଞ ଜିମ୍ ଟ୍ରେନରଙ୍କ ପରାମର୍ଶ ନେଇପାରନ୍ତି। ସେହିପରି ଡାଏଟ କିପରି ନେବେ ତାହା ମଧ୍ୟ ଏକ ବଡ଼ ଆଲୋଚନାର ପ୍ରସଙ୍ଗ। ଆପଣଙ୍କ ଶରୀରକୁ ଦେଖି ଏବଂ କ୍ଲିନିକାଲ ନ୍ୟୁଟ୍ରିସନିଷ୍ଟଙ୍କ ପରାମର୍ଶ ନେଇ ଡାଏଟ ଗ୍ରହଣ କରନ୍ତୁ। ତେବେ ବ୍ୟାୟାମ ବା ଡାଏଟ ଗ୍ରହଣ କରି ରାତାରାତି ସୁନ୍ଦର ଓ ଆକର୍ଷଣୀୟ ଶରୀରର ଅଧିକାରୀ ହୋଇପାରିବେ ବୋଲି ଚିନ୍ତା କରିବା ଆପଣଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ।

କନ୍‌ସଲଟାଣ୍ଟ ରେଡିଓଲୋଜିଷ୍ଟ,
ଏମ୍‌ଆର୍‌ଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ
ମୋ: ୯୪୩୭୦୨୩୪୪୩

## su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 1 | 4 | 9 | | | 6 | | |
| | | | | | | 8 | | 5 |
| 2 | | | | | | | 4 | |
| 9 | | 3 | 7 | | 8 | | 1 | 4 |
| | | | | | | | | |
| | | 7 | | 4 | | | | 3 |
| 1 | 8 | | | | 3 | | 9 | 7 |
| | 9 | | 1 | | | | 2 | |
| | | | | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 3 | 1 | 8 | 6 | 2 | 5 | 7 |
| 2 | 1 | 5 | 4 | 7 | 3 | 9 | 8 | 6 |
| 7 | 8 | 6 | 9 | 5 | 2 | 4 | 1 | 3 |
| 3 | 2 | 9 | 8 | 1 | 4 | 6 | 7 | 5 |
| 5 | 6 | 8 | 7 | 3 | 9 | 1 | 4 | 2 |
| 1 | 4 | 7 | 2 | 6 | 5 | 8 | 3 | 9 |
| 6 | 5 | 4 | 3 | 9 | 1 | 7 | 2 | 8 |
| 9 | 7 | 2 | 5 | 4 | 8 | 3 | 6 | 1 |
| 8 | 3 | 1 | 6 | 2 | 7 | 5 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଉତ୍ସବରେ ନୃତ୍ୟର ମାହୋଲ

ମହାଶୟ,

ମଣିଷମାନେ ଖୁସିର ମୁହୂର୍ତ୍ତରେ ତାଳଛନ୍ଦବିହୀନ ନୃତ୍ୟ କରୁଥିବା ଦୃଶ୍ୟ ନଜରକୁ ଆସିଥାଏ। ଆଜିକାଲି ସ୍ତ୍ରୀପୁରୁଷ ଓ ପିଲାମାନେ ସମିଷ୍ଟିଗତ ମହାଉଲ୍ଲାସରେ ନୃତ୍ୟରେ ମାତିଯାଉଥିବା ଦୃଶ୍ୟ ବେଶ୍ ଉପଭୋଗ୍ୟ ହେଉଛି। ବିବାହ, ବ୍ରତ ଓ ଭସାଣି ପଟୁଆରରେ ଏହି ମାହୋଲ ଦୃଷ୍ଟିଗୋଚର ହେଉଛି। ହେଲେ ନାନାଦି ନିଶାଦ୍ରବ୍ୟ ପାନ ପୂର୍ବକ ମସ୍‌ଗୁଲ ହୋଇ ଅନେକ ବ୍ୟକ୍ତି ନୃତ୍ୟ କରୁଥିବାର ଦେଖିବାକୁ ମିଳେ। ହେଲେ ଏମାନଙ୍କ ସହ ନୃତ୍ୟ କରୁଥିବା ପିଲାଏ ସାଧାରଣତଃ ଅବୋଧ ଥାନ୍ତି। ମା' ବାପାମାନେ ପିଲାମାନଙ୍କର ଏ ନୃତ୍ୟ ଦେଖି ବିଶେଷ ଉତ୍ସାହିତ ହୋଇଥାନ୍ତି। ମାତ୍ର ନିଶାସକ୍ତ ବ୍ୟକ୍ତିଙ୍କ ଗହଣରେ ଏହି ପିଲାମାନେ ନୃତ୍ୟ କରିବା ଦ୍ୱାରା ସେମାନଙ୍କ ମନରେ କୁପ୍ରଭାବ ପଡ଼ିବାର ସମ୍ଭାବନାକୁ ଏଡ଼ା ଯାଇ ନ ପାରେ। ତେଣୁ ଅଭିଭାବକମାନଙ୍କୁ ସେମାନଙ୍କର ପିଲାମାନଙ୍କୁ ଏପରି ନୃତ୍ୟଠାରୁ ଦୂରେଇ ରଖିବା ଉଚିତ ମନେହୁଏ।

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

କରିବାକୁ ହେବ ରଡ଼ି
ନାହିଁ ନାହିଁ ଯାହା
କରାମତି ଦେଖାଇବ
ଖାଲି ଘାସକଟା ଦାଆ !
–(ଚାଷୀର ଭାଗ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ




# ପ୍ରଫୁଲ୍ଲ ସାମଲଙ୍କୁ ଇଡିର ୮ ଘଣ୍ଟା ଜେରା

## ବରପଦା ଇଞ୍ଜିନିୟରିଂ କଲେଜ ଦୁର୍ନୀତି ଘଟଣା

ଭୁବନେଶ୍ୱର,୨୮।୨ (ସତ୍ୟଜିତ୍ ରାଉତ)


ପ୍ରଫୁଲ୍ଲ ସାମଲ

ବରପଦା ଇଞ୍ଜିନିୟରିଂ କଲେଜ ଦୁର୍ନୀତି ମାମଲାରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ରେ ହାଜର ହୋଇଛନ୍ତି। ନୟାପଲ୍ଲୀସ୍ଥିତ ଇଡି ଆଞ୍ଚଳିକ କାର୍ଯ୍ୟାଳୟରେ ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରୁ ପ୍ରଫୁଲ୍ଲ ହାଜର ହେବା ପରେ ତାଙ୍କୁ ୮ ଘଣ୍ଟା ଧରି ଜେରା କରାଯାଇଛି। ଏପରିକି ପ୍ରଫୁଲ୍ଲ ଆଣିଥିବା ବିଭିନ୍ନ ଦସ୍ତାବିଜ୍‌ର ମଧ୍ୟ ଯାଞ୍ଚ କରାଯାଇଥିଲା। ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ପ୍ରଫୁଲ୍ଲ ଇଡି କାର୍ଯ୍ୟାଳୟରୁ ବାହାରିବା ବେଳେ ଗଣମାଧ୍ୟମକୁ କହିଛନ୍ତି, ଇଡି ଯାହା ଚାହିଁଥିଲେ ସମସ୍ତ ତଥ୍ୟ ସେ ଦେଇଛନ୍ତି। ଏହି ତଦନ୍ତରେ ସେ ଇଡିକୁ ସମ୍ପୂର୍ଣ୍ଣ ସହଯୋଗ କରୁଥିବା ପ୍ରଫୁଲ୍ଲ କହିଛନ୍ତି। ଏହି ମାମଲାରେ ପ୍ରଫୁଲ୍ଲଙ୍କ ସହ ତାଙ୍କ ବଡ଼ପୁଅ ପ୍ରୟାସକାନ୍ତି, ରିୟଲ ଇଷ୍ଟେଟ୍ ସଂସ୍ଥା କ୍ରିଷ୍ଣା ସ୍କାଏସ୍କ୍ରାପର୍ ଲିଃର ନିର୍ଦ୍ଦେଶକ, କଲେଜ ପରିଚାଳନା କମିଟି ସମ୍ପାଦକ ମନୋଜ ଗୋସ୍ୱାମୀ ପ୍ରମୁଖଙ୍କୁ ଇଡି ପକ୍ଷରୁ ସମନ ହୋଇଛି।

କଲେଜ ସୋସାଇଟି ନାଁରେ ଦାମୀ ଗାଡି ଏବଂ ଫ୍ଲାଟ୍ କିଣାଯାଇ ବହୁ କୋଟି ଟଙ୍କା ହଡ଼ପ ହୋଇଥିବା ନେଇ କଲେଜର କର୍ମଚାରୀମାନେ ବିଧାୟକ ପ୍ରଫୁଲ୍ଲଙ୍କ ସମେତ ତାଙ୍କ ପୁଅ ଏବଂ ଅନ୍ୟମାନଙ୍କ ବିରୋଧରେ ଅଭିଯୋଗ ଆଣି ଆନ୍ଦୋଳନ ଚଳାଇଛନ୍ତି। ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଇଡି ଏହାର ଖୋଳତାଡ଼ ଜାରି ରଖିଛି। ଗତ ଫେବୃଆରୀ ୧୫ରେ ଇଡି ପକ୍ଷରୁ ପ୍ରଫୁଲ୍ଲଙ୍କ ଭଦ୍ରକ ନୂଆବଜାରସ୍ଥିତ ବାସଭବନ, ସାନ ବଜାରସ୍ଥିତ ଘର, ଭୁବନେଶ୍ୱର ପଳାଶପଲ୍ଲୀସ୍ଥିତ ପୁଅଙ୍କ ଘର, ବରପଦା ଇଞ୍ଜିନିୟରିଂ କଲେଜ ଆଦି ୧୦ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଥିଲା। ଏହି ଚଢ଼ାଉ ବେଳେ ବିଭିନ୍ନ ଦସ୍ତାବିଜ୍, ୯ ଲକ୍ଷ ଟଙ୍କା, ୪୦ ଲକ୍ଷ ଟଙ୍କାର ଏକ ଟୋୟୋଟା ଫର୍ଚ୍ୟୁନର କାର୍, ତାରିଖ ନ ଥିବା କିଛି ଚେକ୍, ଜମି ଚୁକ୍ତିପତ୍ର, ଡିଜିଟାଲ ଡିଭାଇସ୍ ଜବତ କରିଥିଲା। ଏନେଇ ଇଡି ପକ୍ଷରୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

# ମାର୍ଚ୍ଚ ୬ରୁ ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା

କଟକ,୨୮।୨ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ହାଇସ୍କୁଲ ଓ ମଧ୍ୟମାର ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ଆସନ୍ତା ମାର୍ଚ୍ଚ ୬ରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ। ଛାତ୍ରୀଛାତ୍ରମାନେ ବାର୍ଷିକ ପରୀକ୍ଷା ନିଜ ହାଇସ୍କୁଲ ଓ ଟୋଲ୍‌ରେ ଦେବେ। ବୋର୍ଡ ପକ୍ଷରୁ ବାର୍ଷିକ ପରୀକ୍ଷାର ପ୍ରଶ୍ନପତ୍ର ଅନ୍‌ଲାଇନ୍ ମାଧ୍ୟମରେ ଯୋଗାଇ ଦିଆଯିବ। ହାଇସ୍କୁଲ୍‌ର ମୁଖ୍ୟମାନେ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ୟୁଜର ଆଇଡି ଓ ପାସ୍‌ୱାର୍ଡ ଦ୍ୱାରା ଲଗ୍ ଇନ୍ କରି ପ୍ରଶ୍ନପତ୍ର ଡାଉନ୍‌ଲୋଡ୍ କରିବେ। ପ୍ରତ୍ୟେକ ବିଷୟର ପ୍ରଶ୍ନପତ୍ର ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ମଧ୍ୟରେ ଉପଲବ୍ଧ ହେବ। ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ଶେଷ ହେବ। କେବଳ ଗଣିତ ପରୀକ୍ଷା ପାଇଁ ୧୫ ମିନିଟ୍ ଅଧିକ ସମୟ ଦିଆଯିବ।





KISS
KALINGA INSTITUTE OF SOCIAL SCIENCES (KISS)
Bhubaneswar, Odisha, India
A home for 80,000 indigenous children



KISS HUMANITARIAN AWARD 2023

Date: 28th February 2024

PAST RECIPIENTS

Her Excellency Mama Rachel Ruto, EGH
First Lady of the Republic of Kenya (2022)

Dr. Dansa KOUROUMA
President, National Transition Council of Guinea, Guinea (2019)

Professor Muhammad Yunus
(Nobel Laureate)
Founder, Grameen Bank, Bangladesh (2018)

His Holiness The 14th Dalai Lama (2017)
Nobel Laureate, 2005 and Spiritual Leader

Ms. Ashley Judd,
Hollywood Actor, Activist & Global Goodwill Ambassador, UNFPA (2016)

His Excellency Dr Alejandro Toledo,
Former President of Peru (2015)

Ms. Anne F. Stenhammer
Former Regional Programme Director, UN Women, South Asia Regional Office (2014)



Mr. Bill Gates, Co-chair of the Bill & Melinda Gates Foundation, and Co-Founder & former CEO of Microsoft receiving the prestigious KISS Humanitarian Award 2023 from Prof. Achyuta Samanta, Founder, KIIT, KISS & KIMS, Bhubaneswar, Odisha, India.

AWARDEES ARE FROM
5 Continents | 13 Countries
2 Nobel Laureates among the awardees

Madam Albina Du Boisrouvray
Founder, Association François-Xavier Bagnoud (FXB International), Switzerland (2013)

His Excellency Lyonchhen Jigmi Y. Thinley
Hon'ble Prime Minister, The Royal Government of Bhutan (2012)

Rt Hon. Lord Nicholas Addison Phillips
President (Chief Justice) of the Supreme Court of the United Kingdom (2011)

Rt. Hon. Sir Anerood Jugnauth
Eminent Social Worker & His Excellency the President of Mauritius (2010)

Dr. Ham Kee-Sun
Eminent Educationist & Physician and Hon'ble President & Founder, Hanseo University, South Korea (2009)

Ms. Edna Bomo Molewa
Noted Social Worker & Hon'ble Cabinet Minister, Social Development, South Africa National Assembly, South Africa (2008)

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT and KISS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

The award ceremony for the years 2020 and 2021 has not taken place due to COVID-19. The awards will be received by legendary Indian personalities soon.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ଲର୍ନିଂ ଲିଙ୍କ୍ସ ଫାଉଣ୍ଡେଶନ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ସେଣ୍ଟର ଫର୍ ୟୁଥ୍ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ(ସିୱାଇଏସ୍‌ଡି), ଜାଭିୟର ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଫୁଡ ପ୍ରୋସେସିଙ୍ଗ କନକ୍ଲେଭ୍, ସ୍ଥାନ: ହୋଟେଲ ନ୍ୟୁ ମାରିୟନ୍, ସମୟ: ପୂର୍ବାହ୍ନ ୧୦ଟା।
- ନନ୍ଦିଘୋଷ ଟିଭିର ୪ର୍ଥ ସ୍ୱନକ୍ଷତ୍ର ଅବସରରେ ଜାତି ନନ୍ଦିଘୋଷ କନକ୍ଲେଭ, ସ୍ଥାନ: ତାଜ୍ ଭିଭାନ୍ତା ହୋଟେଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲସ୍ ଆସୋସିଏଶନ (ଅପୋସା) ପକ୍ଷରୁ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍–୯, ସମୟ: ପୂର୍ବାହ୍ନ ୧୧ଟା।
- ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଓଡ଼ିଆ ବରପୁତ୍ରଙ୍କ ନାମରେ ନାମିତ କରିବା ଦାବିରେ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ୟୁନିଭର୍ସିଟିର ୫୩ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ୟୁନିଭର୍ସିଟି ଦୀକ୍ଷାନ୍ତ ଭବନ, ସମୟ: ଅପରାହ୍ନ ୫ଟା ୨୫।
- ବିଶିଷ୍ଟ ସାହିତ୍ୟିକ ସାତକଡ଼ି ହୋତାଙ୍କ ସ୍ମୃତିରେ ସାତକଡ଼ି ସଞ୍ଜ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଆଜିର ମ୍ୟାଚ୍– ଇଣ୍ଡିଆନ୍ ସୁପର ଲିଗ୍: ଓଡ଼ିଶା ଏଫ୍‌ସି ବନାମ ଇଷ୍ଟ ବେଙ୍ଗଲ ଏଫ୍‌ସି, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ

- ଶ୍ରୀ ଶନିଶ୍ଚରଦେବଙ୍କ ଅଷ୍ଟମତମ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ତୁଳସୀପୁର ପଞ୍ଚାୟତ, କୁସୁମାଠେଙ୍ଗ ଗ୍ରାମ, ଚାରିଛକ, ସମୟ: ପୂର୍ବାହ୍ନ୧୦ଟା।
- ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସାଂସ୍କୃତିକ ନୃତ୍ୟ ସନ୍ଧ୍ୟା, ସ୍ଥାନ: ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୧ଟା।
- ସାକ୍ଷୀଗୋପାଳ ରେଳ ଓଭରବ୍ରିଜ୍ କ୍ଷତିଗ୍ରସ୍ତଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପେଣ୍ଡପଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା, ସ୍ଥାନ: ଜୟପୁର ବାଟ ମହାବୀର ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ଟା।
- ନାଚ ବଲିୟେ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶ୍ରୀକ୍ଷେତ୍ର ସମ୍ମାନ, ସ୍ଥାନ: ପୁରୀ ଟାଉନ ହଲ୍, ସମୟ: ସନ୍ଧ୍ୟା ୬ଟା।

## କଟକ

- ଇମ୍ପା ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ:ଚୌଦ୍ୱାର ଦୌଲତାବାଦସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୮ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନ୍‌ଲାଇନ୍‌ରେ ବକ୍ସଡ୍ରେନ୍ ପ୍ରକଳ୍ପ ଉଦ୍‌ଘାଟନ, ସ୍ଥାନ: କଟକ ପ୍ରଫେସରପଡ଼ା ଦୁର୍ଗାମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନ୍‌ଲାଇନ୍‌ରେ ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ବଣ୍ଟନ, ସ୍ଥାନ: କଟକ ତଳ ବାଲିଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ମିନି ଷ୍ଟାଡିୟମ, ବେଗୁନିଆ, ସମୟ: ଅପରାହ୍ନ ୩ଟା।
- ଦିଲୀପ–ସଞ୍ଜୀବ ସ୍ମାରକୀ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଶାଗୁଆନ ପଡ଼ିଆ ବଡ଼ପାରୀ, ଟାଙ୍ଗୀ, ସମୟ: ଅପରାହ୍ନ ୩ଟା।
- ମା’ଜାଗୁଳାଇ ଦେବୀଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ନାଟକ ‘ଲୁହରୁ ଆରମ୍ଭ ଲୁହରେ ଶେଷ’ ପରିବେଷଣ, ସ୍ଥାନ: କୁଲାକୁଣ୍ଡେଇ ନୂଆଗାଁ, ବାଲୁଗାଁ, ସମୟ: ରାତି ୧୧ଟା।

## ବାଲେଶ୍ୱର

- ବାବା ଭକ୍ତେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ କଳସ ଶୋଭାଯାତ୍ରା, ସ୍ଥାନ: ଜଗତିପୁର ପଞ୍ଚାୟତର ଭିକାଗଡ଼ିଆ ଗ୍ରାମ, ବାଲିଆପାଳ, ସମୟ: ସକାଳ ୫ଟା।
- ପାଠକୀୟ ଆଲୋଚନା, ସ୍ଥାନ: ପେସ କମ୍ପ୍ୟୁଟର ଇନ୍‌ଷ୍ଟିଚ୍ୟୁଟ୍, ପଦୁଆଁପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା
- କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ଖଇରା କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଘୋଷିତ ନୂଆ ଏନ୍‌ଏସି ତାଲିକାରେ ବାଲିଆପାଳକୁ ଯୋଡ଼ିବା ଦାବିରେ ଯୁବ କଂଗ୍ରେସ ପକ୍ଷରୁ ଶୋଭାଯାତ୍ରା ଓ ବିକ୍ଷୋଭ, ସ୍ଥାନ: ଖଗଡ଼ାପାଳ ଶିବମନ୍ଦିରଠାରୁ ବାଲିଆପାଳ ବ୍ଲକ ପର୍ଯ୍ୟନ୍ତ ଶୋଭାଯାତ୍ରା ଓ ବ୍ଲକ ସମ୍ମୁଖରେ ବିକ୍ଷୋଭ, ସମୟ: ପୂର୍ବାହ୍ନ ୧୧ଟା।
- ବରିଷ୍ଠ ଟ୍ରେଡ୍ ୟୁନିଅନ ନେତା ପ୍ରୟାତ ସାଥି ଲମ୍ବୋଦର ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସିପିଆଇଏମ ଜିଲା ପାର୍ଟି ଅଫିସ, ଫାଣ୍ଡି ଛକ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଫକୀରମୋହନ ସାହିତ୍ୟ ପରିଷଦର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ‘ସାଇ ଫେଷ୍ଟ ୨୦୨୪’ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସତ୍ୟସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ, ଶ୍ରୀକୋଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ୨ ଦିନିଆ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଅବସରରେ ବିଶ୍ୱଶାନ୍ତି ଭଜନ ସନ୍ଧ୍ୟା, ସ୍ଥାନ: ବଡ଼ସାହି ବ୍ଲକ ସୁହାଗପୁର,କଉଡିଖଣ୍ଡିସ୍ଥିତ ମା’ ହିଙ୍ଗୁଳା ପୀଠ, ସମୟ: ସନ୍ଧ୍ୟା ୬ଟା୩୦।

## ଭଦ୍ରକ

- ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ଓସ୍ୱାନ ହଲ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ୯୨ତମ ବାର୍ଷିକ ଅଖଣ୍ଡ ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଢେଙ୍କିକୋଟ , ସମୟ: ପ୍ରାତଃ ୫ ଟା।
- ପୁରାତନ ଜନଜାତିଙ୍କ ସହିତ ରାଷ୍ଟ୍ରପତିଙ୍କ ଆଲୋଚନା, ସ୍ଥାନ: ବାଂଶପାଳ ବ୍ଲକ୍ ଗୋନାଶିକା, ସମୟ: ପୂର୍ବାହ୍ନ ୧୧ ଟା।
- କେନ୍ଦୁଝରର ଜନଜାତି, ଜନ, ସଂସ୍କୃତି ଓ ଐତିହ୍ୟ ଶୀର୍ଷକ ପାଠଚକ୍ର ଓ ଜନଜାତି ପ୍ରଦର୍ଶନୀର ଉଦ୍‌ଘାଟନ, ସ୍ଥାନ: ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର, ସମୟ: ଅପରାହ୍ନ ୩ ଟା।
- ଆମ ବ୍ୟାଙ୍କ ଶୁଭ ଉଦ୍‌ଘାଟନ, ସ୍ଥାନ: ଖଣ୍ଡଘର ପଞ୍ଚାୟତ, ଘଟଗାଁ ବ୍ଲକ୍, ସମୟ: ଅପରାହ୍ନ ୩ ଟା।

## ବ୍ରହ୍ମପୁର

- ଗୋକର୍ଣ୍ଣେଶ୍ୱର ମା’ ଶ୍ୟାମା ଦକ୍ଷକାଳୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ୧୩ତମ ବାର୍ଷିକୋତ୍ସବ, ସ୍ଥାନ:ନୂଆ ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ନୀଳକଣ୍ଠେଶ୍ୱର ସେବା ପ୍ରତିଷ୍ଠାନ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ବ୍ରହ୍ମପୁର ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଗଞ୍ଜାମ

- ନାମ ଯଜ୍ଞ, ଅନ୍ନ ଯଜ୍ଞ ଶୁଭାରମ୍ଭ। ସ୍ଥାନ:ଶ୍ରୀକୃଷ୍ଣ ଶରଣପୁର (ଲୋଘର), ଖଲ୍ଲିକୋଟ, ସମୟ:ସକାଳ ୭ଟା।
- କ୍ରିକେଟ ଖେଳ, ସ୍ଥାନ: ଭଞ୍ଜନଗର ବ୍ଲକ ମଲାସପଦର ଶିଳ୍ପାଞ୍ଚଳ ପଡ଼ିଆ, ସମୟ: ସକାଳ ୯ ଟା।
- ଚେରମାରିଆ–କେନ୍ଦୁପଦର ବିଜୁ ସେତୁ ଉଦ୍‌ଘାଟନ, ସ୍ଥାନ: ଆସିକା ବ୍ଲକ ଚେରମାରିଆ, ସମୟ: ସକାଳ ୯ଟା।
- ବିଧାୟକଙ୍କ ବୁଗୁଡା ଏନ୍‌ଏସି ୧୨ ନଂ ୱାର୍ଡ ଗସ୍ତ, ସ୍ଥାନ:ବୁଗୁଡା ତଳଓଡିଆ ସାହି,ସମୟ:ପୂର୍ବାହ୍ନ ୧୧ଟା।
- ବିଧାୟକଙ୍କ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ:ବୁଗୁଡା ବ୍ଲକ ଖୋଲଖାଲି, ସମୟ:ମଧ୍ୟାହ୍ନ ୧୨ଟା।
- ଜଙ୍ଗଲ ବିଭାଗର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ବ୍ଲକ ଲାଲସିଂ ନର୍ସରୀ, ସମୟ: ପୂର୍ବାହ୍ନ ୧୧ ଟା।
- ବୁଗୁଡା ନିଉ ଏରା ପବ୍ଲିକ ସ୍କୁଲ ଅଭିଭାବକ ବୈଠକ, ସ୍ଥାନ: ସ୍କୁଲ ପରିସର,ସମୟ:ପୂର୍ବାହ୍ନ ୧୧ଟା।
- ନାଗରିକ ମଞ୍ଚର ବିକ୍ଷୋଭ, ସ୍ଥାନ: ଭଞ୍ଜନଗର ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ ଟା୩୦।
- ବିଭିନ୍ନ ଦାବି ନେଇ ଆଦିବାସୀ ଭାରତ ମହାସଭା ପକ୍ଷରୁ ଦିବାରାତ୍ର ଗଣଧାରଣା, ସ୍ଥାନ:ଭଞ୍ଜନଗର ଉପ ଜିଲାପାଳ କାର୍ଯ୍ୟାଳୟ ।
- ଶ୍ରୀ ଅରବିନ୍ଦ ପାଠଚକ୍ର, ସ୍ଥାନ: ଭଞ୍ଜନଗର ଆଶ୍ରମ, ସମୟ : ସନ୍ଧ୍ୟା ୬ଟା।
- ଶ୍ରୀଶ୍ରୀଶ୍ରୀ ତ୍ରିନାଥ ମନ୍ଦିର ପ୍ରଥମ ବାର୍ଷିକ ଉତ୍ସବ,ସ୍ଥାନ : ବେଲଗୁଣ୍ଠା ବ୍ଲକ ତନରଡ଼ା ଆଇ ଆର ବି କ୍ୟାମ୍ପ, ସମୟ: ସନ୍ଧ୍ୟା ୭ ଟା।

## ରାୟଗଡ଼ା

- ନିର୍ମାଣ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, କାଶୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଯୁବ ପଡ଼ୋଶୀ ସଂସଦୀୟ କାର୍ଯ୍ୟକ୍ରମ, ସ୍ଥାନ: ମିଟ୍ସ ଇଞ୍ଜିନିୟରିଂ କଲେଜ, ଭୁଜବଳ, କୋଲନରା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## କୋରାପୁଟ

- ଏସ୍‌ଡିସି ୨୦୨୪ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ପଟ୍ଟାଙ୍ଗି ମିନି ଷ୍ଟାଡିୟମ. ସମୟ: ପୂର୍ବାହ୍ନ ୧୦ଟା।
- ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଉପରେ ସଚେତନତା ଶିବିର, ସ୍ଥାନ: କୋଟପାଡ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜବାହର ନବୋଦୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ, ସ୍ଥାନ: ଜବାହର ନବୋଦୟ ବିଦ୍ୟାଳୟ ପରିସର, କୋରାପୁଟ, ସମୟ: ଅପରାହ୍ନ ୩ଟା ୩୦।
- ଜିଲା ପରାମର୍ଶଦାତା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ନବରଙ୍ଗପୁର

- କଂଗ୍ରେସ ପକ୍ଷରୁ ଭାଜପା –ବିଜେଡିର ବାହାଘର କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ମଣ୍ଡେଇ ପଡିଆ, ସମୟ : ପୂର୍ବାହ୍ନ ୧୧ଟା।
- ଏମ୍‌ଏନ୍‌ଆରଇଜିଏସ ଏବଂ ଏନଏଫଏସଏ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କାର୍ଯକ୍ରମ, ସ୍ଥାନ: ଝରିଗାଁ ବ୍ଲକ୍ , ସମୟ : ପୂର୍ବାହ୍ନ ୧୧ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବ୍ୟାଙ୍କିଂ ଆଉଟଲେଟ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ବ୍ଲକ ତୋରେଙ୍ଗା ପଞ୍ଚାୟତ, ସମୟ : ଅପରାହ୍ନ ୪ଟା ୩୦।

## ମାଲକାନଗିରି

- ସାମାଜିକ ସୁରକ୍ଷା ଜନଶୁଣାଣି, ସ୍ଥାନ: କାଲିମେଲା ବ୍ଲକ,ସମୟ: ପୂର୍ବାହ୍ନ ୧୧ଟା ।

## ସମ୍ବଲପୁର

- ସମ୍ବଲପୁରୀ ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ଜାଗା ମିଶନ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ଏସ୍‌ପି ଅଫିସ ଘେରାଓ, ସ୍ଥାନ: କଚେରି ଛକସ୍ଥିତ ଏସ୍‌ପି ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଜନଜାତି ମହୋତ୍ସବ, ସ୍ଥାନ: ବିର୍ସା ମଇଦାନ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଏନ୍‌ଏସି ମାନ୍ୟତା ନ ମିଳିବା ପ୍ରତିବାଦରେ ଲାଠୋର ବନ୍ଦ, ସ୍ଥାନ: ଖପ୍ରାଖୋଲ ବ୍ଲକ ଲାଠୋର, ସମୟ: ସକାଳ ୬ରୁ ସନ୍ଧ୍ୟା ୬ଟା।
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ ଯୁରିଆ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ଜନ ସମ୍ପର୍କ ପଦଯାତ୍ରା, ସ୍ଥାନ: ପାଟଣାଗଡ ପର୍ଶୁରାମ ଛକ ଠାରୁ ରାମଜୀ ଛକ ପର୍ଯ୍ୟନ୍ତ, ସମୟ: ପୂର୍ବାହ୍ନ ୧୧ଟାରୁ ଆରମ୍ଭ।
- ବିଜେଡିର ଜନ ସମ୍ପର୍କ ପଦଯାତ୍ରା, ସ୍ଥାନ: ପାଟଣାଗଡ ସହର ପର୍ଶୁରାମ ଛକରୁ ରାମଜୀ ଛକ ପର୍ଯ୍ୟନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡିର ଘରେଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଟିଟିଲାଗଡ଼ ପୌରାଞ୍ଚଳ ୧୧ନଂ ୱାର୍ଡ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ଆଶା ଓ ଗ୍ରାମ କଲ୍ୟାଣ ସମିତି ସମ୍ମିଳନୀ, ସ୍ଥାନ: ସୋନପୁର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା ।
- ତରଭା ବ୍ଲକ ସରଗଜରେ ଆୟୋଜିତ ହେବାକୁ ଥିବା ବିଷ୍ଣୁ ମହାଯଜ୍ଞ ପାଇଁ ଶାନ୍ତି କମିଟି ବୈଠକ, ସ୍ଥାନ: ତରଭା ବ୍ଲକ ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା।

## ବରଗଡ଼

- ଜିଲାସ୍ତରୀୟ ବିଜୁ କନ୍ୟାରତ୍ନ ଯୋଜନାର ସେମିନାର, ସ୍ଥାନ: ପାଇକମାଳ କସ୍ତୁରବା ଗାନ୍ଧୀ ମାତୃ ନିକେତନ ପରିସର, ସମୟ: ସକାଳ ୯ଟା।
- ମା’ ପୀତାବଳି ଆଥ୍‌ଲେଟିକ୍ ଆସୋସିଏଶନ ଓ ବିଜେଡି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସୋହେଲା ବ୍ଲକର ଖଲିଆପାଲି, ସମୟ: ସକାଳ ୯ଟା।
- ମିନିଷ୍ଟେରିଆଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ବୁଢ଼ାରଜା ମନ୍ଦିର ନବୀକରଣ ପ୍ରତିଷ୍ଠା ଉତ୍ସବ, କଳସ ଯାତ୍ରା, ସ୍ଥାନ: ଭେଡ଼େନ ବ୍ଲକର ପପଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।
- ପାଇକମାଳ ବିଜେଡି ତରଫରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଝାରବନ୍ଧ ପଞ୍ଚାୟତ, ସମୟ: ଅପରାହ୍ନ ୩ଟା ।
- ସିଏସପି ପ୍ଲସ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍‌ର ଶୁଭାରମ୍ଭ, ସ୍ଥାନ: ଗାଇସିଲେଟ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।

## ସୁନ୍ଦରଗଡ଼

- ବଡ଼ଗାଁରେ ରାଜସ୍ୱ ମେଳା,ସ୍ଥାନ: ତହସିଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସାମାଜିକ ସେବା ସଦନ ପକ୍ଷରୁ କର୍ମଶାଳା,ସ୍ଥାନ: ବଡ଼ଗାଁ କୃଷି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା୩୦।
- ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ,ସ୍ଥାନ: ବଡ଼ଗାଁ ଶିକ୍ଷ ତାଲିମ କେନ୍ଦ୍ର ପରିସର,ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ବାଲାଜୀ ମନ୍ଦିରର ବ୍ରହ୍ମୋତ୍ସବ ପାଳନ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ସଶକ୍ତିକରଣ ଭିତ୍ତିକ ଗ୍ରାମଲକ୍ଷ୍ମୀ ହାଟ ଉଦ୍‌ଘାଟନ ସମାରୋହ, ସ୍ଥାନ: ସେକ୍ଟର– –୪, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଦେବଗଡ଼

- ରାଜ୍ୟ ସ୍ତରୀୟ ବଜରଙ୍ଗ କ୍ରିକେଟ କପ୍ ଷଷ୍ଠ ଦିବସ, ସ୍ଥାନ:ମହୁଲିଡିପା ସାହି,ନାଳ ପଡିଆ,ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସ ପକ୍ଷରୁ ବୈଠକ ଓ କର୍ମୀ ସମ୍ମିଳନୀ,ସ୍ଥାନ:ବାଗବର୍ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗୀ କମିଟିର ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଟାଉନହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମୀଣ ବ୍ୟାଙ୍କ ଉଦ୍‌ଘାଟନୀ ସମାରୋହ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରିଞ୍ଚା ଗ୍ରାମପଞ୍ଚାୟତ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ବେଟି ବଚାଓ ବେଟି ପଢାଓ ଜିଲାସ୍ତରୀୟ ଟାସ୍କଫୋର୍ସ ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।

## ବୌଦ୍ଧ

- ହରଭଙ୍ଗା ବ୍ଲକର ଲୁଣିବାହାଲ ଗ୍ରାମ ପଞ୍ଚାୟତରେ ନୂତନ ଛାତ୍ରାବାସର ଉଦ୍‌ଘାଟନ , ସ୍ଥାନ: ଲୁଣିବାହାଲ ହାଇସ୍କୁଲ ପରିସର, ସମୟ: ଅପରାହ୍ନ ୧ଟା।

## ଢେଙ୍କାନାଳ

- ମା’ ଦଶଦେବୀ ପୀଠରେ ହୋମଯଜ୍ଞ, ସ୍ଥାନ: ବଳରାମ ପ୍ରସାଦ ପଞ୍ଚାୟତ ଓଡ଼ାପଡ଼ା ବ୍ଲକ, ସମୟ: ସକାଳ ୭ଟା।
- ବ୍ରଦର୍ସ ଗିଫଟେରି ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ କୁଞ୍ଜକାନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ୩୭ ତମ ଭାଗବତ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଢେଙ୍କାନାଳ କୁଞ୍ଜକାନ୍ତ ଭାଗବତ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା୩୦।

## ଅନୁଗୋଳ

- ମା’ କନକ ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ, ସ୍ଥାନ: ବାହାଲସାହି ଛେଣ୍ଡିପଦା, ସମୟ: ସକାଳ ୮ଟା।
- କଣିହାଁ ବ୍ଲକ ଗଦାଶିଳା ପଞ୍ଚାୟତ କରଡେଇଠାରେ ଟିକିରା ନଦୀରେ ନିର୍ମିତ ବିଜୁ ସେତୁ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ପୋଲ ନିର୍ମାଣ ସ୍ଥଳ ନଦୀଘାଟ, ସମୟ: ସକାଳ ୯ଟା୩୦।
- ନିର୍ବାଚନ ପାଇଁ ପୋଲିସ ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳଙ୍କ ଜିଲା ଗସ୍ତ, ସ୍ଥାନ: ଅନୁଗୋଳ ସମୟ: ପୂର୍ବାହ୍ନ ୧୧ଟା।
- ପୌରପାଳିକା ଓ ବିଜ୍ଞାପିତ ପରିଷଦର ସମୀକ୍ଷା ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଜିଲା ଖଣିଜ ପ୍ରତିଷ୍ଠାନ ସମୀକ୍ଷା ବୈଠକ,ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ବ୍ଲକସ୍ତରୀୟ ସହାୟତା ବଣ୍ଟନ ଶିବିର, ସ୍ଥାନ: ନାଉଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ୧୧ଟା।

## ନୟାଗଡ଼

- ମେଗା ପାନୀୟ ଜଳ ଯୋଗାଣର ଉଦ୍‌ଘାଟନ, ସ୍ଥାନ: ଓଡ଼ଗାଁ ଏନଏସି, ସମୟ:ପୂର୍ବାହ୍ନ ୧୦ଟା।
- ମାଘ ଏକାଦଶୀ ମେଳାର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ।
- ତାରିଣୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ନୟାଗଡ଼ ପୌରାଞ୍ଚଳର ରଗଡିସାହି, ସମୟ:ପୂର୍ବାହ୍ନ ୧୧ଟା ।
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ଓ ସିଦ୍ଧାମୂଳା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା ।
- ରାମଚରିତ ମାନସ ପାରାୟଣର ପୂର୍ଣ୍ଣାହୁତି, ସ୍ଥାନ: ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ, ସମୟ: ଅପରାହ୍ନ ୪ଟା୩୦ ।

## କେନ୍ଦ୍ରାପଡ଼ା

- ମୋ ବ୍ୟାଙ୍କ ସେବା ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ:ମାର୍ଶାଘାଇ, କେନ୍ଦ୍ରାପଡା, ଡେରାବିଶ, ମହାକାଳପଡ଼ା, ଗରଦପୁର, ଆଳି, ପଟ୍ଟାମୁଣ୍ଡାଇ, ରାଜନଗର ଏବଂ ରାଜକନିକା ବ୍ଲକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ଯାଜପୁର

- ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବଡ଼ଚଣା ବ୍ଲକର ଛଡିଆ ଅମରାବତୀ ମଠ, ସମୟ: ସକାଳ ୬ଟା।
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଓ ଯାଦବ ଭବନ ଉଦଘାଟନ ଉତ୍ସବ, ସ୍ଥାନ : ଧର୍ମଶାଳା ବ୍ଲକ ରାମପୁର–କଇଥା, ସମୟ : ସକାଳ ୭ଟା।
- ବାବା ବେଲେଶ୍ୱର ମହାଦେବଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକ୍ ଗନ୍ଧଣ ପଞ୍ଚାୟତର ବଂଟରା ଗ୍ରାମ, ସମୟ: ସକାଳ ୯ଟା।
- ଯାଜପୁର ବ୍ଲକ ଯାହାନପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ,ସ୍ଥାନ:ରାଉତିଆପଦା ଗ୍ରାମର ଦୁର୍ଗା ମଣ୍ଡପ ପଡ଼ିଆ, ସମୟ:ପୂର୍ବାହ୍ନ ୧୦ଟା।
- ବିଏମ୍‌ଏସ୍‌ଇ କମିଟି ତରଫରୁ ଉର୍ଦ୍ଦୁ କବି ସମ୍ମିଳନୀ, ସ୍ଥାନ: ରସୁଲପୁର ବ୍ଲକ୍‌ର ବ୍ରହ୍ମବରଦା ମୁସେଏରା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

# ୧୩୩ ନୂତନ ପ୍ରାଣୀ ସେବା ଯାନ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୮।୨(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୩୩ ନୂତନ ପ୍ରାଣୀ ଚିକିତ୍ସା ସେବା ଯାନ ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା କାର୍ଯ୍ୟକ୍ରମ ଅଧୀନରେ ଏହା କାର୍ଯ୍ୟକାରୀ ହୋଇଛି। ଏଥିପାଇଁ ୨୧ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ବୁଧବାର କଳିଙ୍ଗ ଷ୍ଟାଡିୟମଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ଏହାକୁ ଲୋକାର୍ପିତ କରିଛନ୍ତି।

ରାଜ୍ୟ ତଥା ଦେଶର ଅର୍ଥନୀତିରେ ପ୍ରାଣୀ ସମ୍ପଦର ପ୍ରମୁଖ ଯୋଗଦାନ ସର୍ବଦା ରହିଆସିଛି। କୃଷକମାନଙ୍କ ଆୟ ବୃଦ୍ଧି ଦିଗରେ ପ୍ରାଣୀପାଳନ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ରାଜ୍ୟ ସରକାର କୃଷକମାନଙ୍କ ଆୟ ବୃଦ୍ଧି କରି ସେମାନଙ୍କର ଜୀବନ ଧାରଣ ମାନରେ ଉନ୍ନତି ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଏ ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ପ୍ରାଣୀ ସମ୍ପଦ କ୍ଷେତ୍ରକୁ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉଦ୍ୟୋଗୀମାନଙ୍କର ପ୍ରଗତିର କ୍ଷେତ୍ର ଭାବରେ ଚିହ୍ନଟ କରିଛନ୍ତି।

ପ୍ରାଣୀ ସମ୍ପଦର ସୁରକ୍ଷା ଓ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିସହିତ ପ୍ରାଣୀ ସମ୍ପଦର କଲ୍ୟାଣ ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ସ୍ୱରୂପ ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବାର ପ୍ରଚଳନ କରାଯାଇଛି। ଏହା ମାଧ୍ୟମରେ ପ୍ରାଣୀ ଚିକିତ୍ସା ସୁବିଧା ନ ଥିବା ଅଞ୍ଚଳରେ ମୋବାଇଲ ଭେଟେରିନାରୀ ୟୁନିଟ୍ ମାଧ୍ୟମରେ ପୀଡ଼ିତ ପ୍ରାଣୀମାନଙ୍କ ନିକଟରେ ତୁରନ୍ତ ପହଞ୍ଚାଯାଇ ପ୍ରାଣୀ ଚିକିତ୍ସା କରାଯାଇପାରୁଛି। ପୀଡ଼ିତ ପ୍ରାଣୀମାନଙ୍କୁ ଜରୁରୀ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଅତ୍ୟନ୍ତ ଉପଯୋଗୀ

**ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଯୋଜନାରେ କାର୍ଯ୍ୟ କରିବ**

ସାବ୍ୟସ୍ତ ହୋଇପାରୁଛି। ପୂର୍ବରୁ ଏହି ମୋବାଇଲ ୟୁନିଟଗୁଡ଼ିକ ଭଡ଼ାଗାଡ଼ି ମାଧ୍ୟମରେ କରାଯାଉଥିଲା। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୩୦ କୋଟି ଟଙ୍କା ବ୍ୟୟରେ ୧୮୧ ଗୋଟି ମୋବାଇଲ ଭେଟେରିନାରୀ ୟୁନିଟ୍ ମୁଖ୍ୟମନ୍ତ୍ରୀ ଗତ ସେପ୍ଟେମ୍ବର ୮ ତାରିଖରେ ଲୋକାର୍ପିତ କରିଥିଲେ। ଏହାଦ୍ୱାରା ପ୍ରାଣୀ ଚିକିତ୍ସା ସେବା ଲୋକଙ୍କ ଦୁଆରମୁହଁରେ ପହଞ୍ଚି ପାରିଛି। ଏହି ମୋବାଇଲ ୟୁନିଟ୍‌ରେ ଆସ୍ତ୍ରୋପଚାରର ସୁବିଧା ମଧ୍ୟ ରହିଛି। ଏହା ମାଧ୍ୟମରେ ପ୍ରାଣୀମାନଙ୍କର ଟିକାକରଣ ଓ ରୋଗ ନିର୍ଣ୍ଣୟ ସେବା ମଧ୍ୟ ଉପଲବ୍ଧ କରାଯାଇଛି ଏବଂ ଚାଷୀମାନଙ୍କ ମଧ୍ୟରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଇ ପାରିଛି। ପୂର୍ବରୁ ସ୍ଥିର କରାଯାଇଥିବା କାର୍ଯ୍ୟକ୍ରମ ଅନୁଯାୟୀ ଏହି ମୋବାଇଲ ୟୁନିଟ୍ ବିଭିନ୍ନ ଗ୍ରାମକୁ ଯାଇ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି।

୫–ଟି ଉପକ୍ରମରେ ଏଥିରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯିବା ସହିତ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ଜି.ପି.ଏସ୍. ମାଧ୍ୟମରେ ଭ୍ରାମ୍ୟମାଣ ଯାନଗୁଡ଼ିକର ଅବସ୍ଥାନ ଟ୍ରାକିଂ କରାଯାଇ ପାରୁଛି। ଏଥିସହିତ ସହରାଞ୍ଚଳରେ ୬ ଗୋଟି ମୁଖ୍ୟମନ୍ତ୍ରୀ ପ୍ରାଣୀ ଆମ୍ବୁଲାନ୍ସ ସେବା ଯାନର ମଧ୍ୟ ଲୋକାର୍ପିତ ହୋଇଛି, ଯାହାଦ୍ୱାରା ପୀଡ଼ିତ ଓ ଆହତ ବୁଲା ଗୋରୁ ଓ ପ୍ରାଣୀମାନଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେଇହେବ। ଏହି ଅବସରରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଉନ୍ନୟନ କମିଶନର ଅନୁ ଗର୍ଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସକାଳୁ ସକାଳୁ ଖୁସି ଖବର ପାଇବା ସାଙ୍ଗକୁ ଅର୍ଥଲାଭର ସୌଭାଗ୍ୟ ଅର୍ଜନ କରିବେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କଲେ ମଧ୍ୟ କିଛି ପାରିବେ ନାହିଁ। ଦୂରଯାତ୍ରା ପାଇଁ ପ୍ରସ୍ତୁତିରେ ସମସ୍ୟା ଦେଖାଦେଇପାରେ।

**ବୃଷ**
ଯୁକ୍ତିତର୍କ କାରଣରୁ ପାରିବାରିକ ଅଶାନ୍ତି ଓ ଅର୍ଥାଭାବର ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିବ। ବନ୍ଧୁ ସାମୟିକ ସହଯୋଗକୁ ସ୍ୱାର୍ଥ ସାଧନ ଦିଗରେ ଲଗାଇବେ। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ**
ଆଜି ପଡ଼ୋଶୀଙ୍କ ପରାମର୍ଶ କ୍ରମେ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ଦ୍ୱାରସ୍ଥ ହୋଇପାରନ୍ତି। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ଦକ୍ଷତା ଓ ଦୃଢ଼ତା କେତେକ କ୍ଷେତ୍ରରେ ସାହାଯ୍ୟ କରିବ। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇବେ ଏବଂ ଅଟକି ରହିଥିବା କାମକୁ ସଜାଡ଼ି ନେବେ।

**କର୍କଟ**
ବନ୍ଧୁଙ୍କ ସାହାଯ୍ୟ ଓ ବଦାନ୍ୟତା ଆପଣଙ୍କୁ ଅର୍ଥଲାଭ କରାଇଲେ ମଧ୍ୟ କାର୍ଯ୍ୟ ହାସଲ ପାଇଁ ଯଥେଷ୍ଟ ହେବ ନାହିଁ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଜଣେ ବାନ୍ଧବୀଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ**
ଯେତେ ସତର୍କରେ ଚଳିଲେ ମଧ୍ୟ କିଛିନା କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ ସାହାଯ୍ୟ କରିବ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ଅପରାହ୍ନରେ ତାହା ଟିକିଏ ବିଳମ୍ବରେ ପାଇବେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା**
ସବୁ ସୁବିଧା ଥିଲେ ମଧ୍ୟ କୌଣସି କାମ ସହଜରେ ସମ୍ପନ୍ନ ହେବ ନାହିଁ। ଉଚ୍ଚ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭକରି ସାମୂହିକ କାମରେ ଲୋକ ସମ୍ପର୍କ ସୃଷ୍ଟି କରିପାରିବେ। କଠିନଶ୍ରମ ଓ ଭ୍ରମଣଜନିତ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା**
ପୂର୍ବ ସ୍ଥିରୀକୃତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହୋଇପାରନ୍ତି। ଆଜିର ସକାଳୁଆ ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ।

**ବିଛା**
ତରବରିଆ ପଦକ୍ଷେପ କାରଣରୁ ଯାହା ଭାବୁଥିବେ କାମ କରିବା ବେଳକୁ ତାହା ଓଲଟା ହୋଇଯିବ। ପ୍ରିୟଜନଙ୍କ ସହ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ।

**ଧନୁ**
ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ବୈବାହିକ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ସମସ୍ୟା ଉପୁଜିବା କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ପରିବାରର କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବାର ସୂଚନା ରହିଛି।

**ମକର**
ସମସ୍ୟା ଲାଗି ରହିଥିବାରୁ ପ୍ରତିଟି ପଦକ୍ଷେପରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡିବ। ସାଧାରଣ କଥାରେ ସ୍ତ୍ରୀଙ୍କ ସହ ଭୁଲ ବୁଝାମଣା ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇ ଯିବ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ**
ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ଟେନ୍ସନ ଜମା ପିଛା ଛାଡିବ ନାହିଁ। କିନ୍ତୁ ପୂର୍ବଭାଦ୍ରବ ନକ୍ଷତ୍ରର ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରଶଂସିତ ହେବେ। ବନ୍ଧୁଙ୍କ ନିକଟରେ ବାକି ପଡିଥିବା ଟଙ୍କା ଆଜି ଚେଷ୍ଟା କଲେ ପାଇପାରିବେ। ପ୍ରଥମେ କାମଟି କରିସାରିବା ପରେ ଚିନ୍ତା କରି ମନସ୍ତାପ କରିବାକୁ ପଡ଼ିବ।

**ମୀନ**
କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ଯାତ୍ରା ସମୟରେ ନିଜ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିପାରନ୍ତି।

ଆଜି ଫେବୃଆରୀ ୨୯ ତାରିଖ, ଫାଲଗୁନ କୃଷ୍ଣ ୫ମୀ ଗୁରୁବାର, ରାଶି ନକ୍ଷତ୍ର–ଦିବା ଘ.୧୦।୨୧ ଗତେ, ସ୍ୱାତୀ/ତୁଳା, ୫ମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ବିଦ୍ୟାରମ୍ଭ, ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ। ସକାଳ ଘ.୦୬।୧୦ ଗତେ, ଘ.୦୭।୪୩ ମଧ୍ୟେ, ଘ.୧୦।୪୯ ଗତେ, ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ୦୧।୨୬ ଗତେ, ଘ.୦୨।୫୩ ମଧ୍ୟେ ରାହୁକାଳ ।





# ଅସ୍ୱାଭାବିକତା ବିରୋଧରେ କହିବା ଲାଗି ବୃତ୍ତି ସୁଯୋଗ ଦେଇଛି

**ପୁରୀ ଜିଲା ଅସ୍ତରଙ୍ଗର ଅଶୋକ ସ୍ୱାଇଁ ସ୍ୱିଡେନ୍‌ର ଉପସଲା ବିଶ୍ୱବିଦ୍ୟାଳୟର 'ପିସ୍ ଆଣ୍ଡ୍ କନ୍‌ଫ୍ଲିକ୍ଟ ରିସର୍ଚ୍ଚ' ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟରତ। ଅନ୍ତର୍ଜାତୀୟ ସ୍ତରର ବୁଦ୍ଧିଜୀବୀ ଭାବେ ସେ ଜଣାଶୁଣା। ନିକଟରେ ଭାରତ ସରକାର ତାଙ୍କ ଦରିଆପାରି ଭାରତୀୟ ନାଗରିକତ୍ୱ (ଓସିଆଇ) ମାନ୍ୟତାକୁ ପ୍ରତ୍ୟାହାର କରିନେଇଛନ୍ତି। ଭାରତ ସରକାରଙ୍କ ନୀତି ଏବଂ ରାଜନୀତି ବିରୋଧରେ ସାମାଜିକ ଗଣମାଧ୍ୟମରେ ଲେଖୁଥିବାରୁ ତାହା ନୂଆଦିଲ୍ଲୀରେ କ୍ଷମତାଶାଳୀ ଲୋକଙ୍କୁ ବିବ୍ରତ କରିଛି। ଧରିତ୍ରୀ ତରଫରୁ ତାଙ୍କ ସହ ଏକ ସାକ୍ଷାତ୍‌କାର।**


ଅଶୋକ ସ୍ୱାଇଁ

**ପ୍ର- ଆପଣ ବୋଧହୁଏ ପ୍ରଥମ ଓଡ଼ିଆ, ଯାହାଙ୍କର ଓସିଆଇ ମାନ୍ୟତା ଭାରତ ସରକାରଙ୍କ ଦ୍ୱାରା ପ୍ରତ୍ୟାହାର କରିନିଆଯାଇଛି। ଏଥିରେ ଆପଣ ଦୁଃଖିତ କି, ଏହି ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଆପଣ ଆପଣଙ୍କ ମା'ଙ୍କୁ ଦେଖିବାରେ ସକ୍ଷମ ହେବେ ନାହିଁ? ଆପଣ ସ୍ୱିଡେନରେ ରହୁଛନ୍ତି ଓ ଭାରତରେ ଘଟୁଥିବା ଘଟଣା ଦ୍ୱାରା ପ୍ରଭାବିତ ହୋଇ ନ ଥିଲେ ମଧ୍ୟ ସରକାରଙ୍କୁ ବିରୋଧ କରିବା ଜାରି ରଖିଛନ୍ତି କି?**

ଅଶୋକ ସ୍ୱାଇଁ - ହଁ, ମୁଁ କେବଳ ଓଡ଼ିଶାର ପ୍ରଥମ ନୁହେଁ, ବରଂ ଭାରତୀୟ ମୂଳ ଏକାଡେମିକ୍‌ର ପ୍ରଥମ ବ୍ୟକ୍ତି; ଯାହାର ଓସିଆଇ ମାନ୍ୟତା ପ୍ରତ୍ୟାହାର କରାଯାଇଛି। ଫଳରେ ଭାରତ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଏହା ଅତ୍ୟନ୍ତ ଦୁଃଖଦାୟକ ଯେ, ମୁଁ ଚାରି ବର୍ଷରୁ ଅଧିକ ସମୟ ଧରି ମା'ଙ୍କୁ ଦେଖା କରିବାକୁ ସମର୍ଥ ହୋଇପାରୁନାହିଁ। ଏପରିକି କୋଭିଡ୍ ସଙ୍କଟ ସମୟରେ ମଧ୍ୟ ତାଙ୍କୁ ଦେଖା କରିବାର ସୁଯୋଗ ହରାଇଥିଲି। ଖୁସିର କଥା ଯେ ସେ ଭଲ ଅଛନ୍ତି ଏବଂ ପ୍ରତିକୂଳ ପରିସ୍ଥିତିରେ ତାଙ୍କର ଶକ୍ତି ମୋତେ ପ୍ରେରଣା ଦେଉଛି। ବିଭିନ୍ନ ଆହ୍ୱାନ ଥିବା ସତ୍ତ୍ୱେ ମୁଁ ମୋଦିଙ୍କ ଶାସନକୁ ସମାଲୋଚନା କରିବା ଲାଗି ମିଳୁଥିବା ଯେକୌଣସି ମଞ୍ଚକୁ ବ୍ୟବହାର କରିବାରେ ଅଟଳ ଅଛି। ମୁଁ ତାଙ୍କ ହିନ୍ଦୁତ୍ୱ ସଂଖ୍ୟାଗରିଷ୍ଠବାଦୀ ରାଜନୀତିକୁ ଦୃଢ଼ ବିରୋଧ କରୁଛି, ଯାହା ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ନୈତିକତା ପାଇଁ କ୍ଷତିକାରକ ବୋଲି ମୋର ବିଶ୍ୱାସ। ଗାନ୍ଧୀ ଏବଂ ନେହେରୁଙ୍କ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହେବା ଭଳି ଦେଶରେ ବଢ଼ିଛି। କିନ୍ତୁ ଘୃଣା ଏବଂ ଧର୍ମାନ୍ଧତା ବଢ଼ୁଥିବା ଦେଖି କଷ୍ଟ ଲାଗୁଛି। ଯଦିଓ ମୁଁ ସ୍ୱିଡେନରେ ରହେ ଓ କାର୍ଯ୍ୟ କରେ, ତଥାପି ମୋଦି ସରକାରଙ୍କ ଦୃଷ୍ଟିକୋଣକୁ ଖାତିର ନ କରି ଭାରତ ସହ ମୋର ଯୋଗାଯୋଗ ଅବିରତ ରହିଛି। ମୋର ମା' ଓ ଭଉଣୀ ସେଠାରେ ରୁହନ୍ତି ଏବଂ ଅବସର ପରେ ଓଡ଼ିଶାକୁ ଫେରିଯାଇ ଅବସ୍ଥାନ କରିବା ବିଷୟରେ ସବୁବେଳେ ଭାବୁଥିଲି। ତେଣୁ ଭାରତରେ ଯାହା କିଛି ଘଟୁଛି ତାହା ମୋତେ ପ୍ରଭାବିତ କରୁନାହିଁ ବୋଲି କହିବା ଠିକ୍ ନୁହେଁ।

**ପ୍ର- ଆପଣ ଜଣେ ମିଶନାରୀ ନୁହନ୍ତି, ଯିଏ ଲୋକଙ୍କୁ ଧର୍ମାନ୍ତରଣ କରୁଛନ୍ତି କିମ୍ବା ସଂଖ୍ୟାଲଘୁ ସମସ୍ୟା ସୃଷ୍ଟି କରୁଥିବା ଜଣେ ବ୍ୟକ୍ତି। କିନ୍ତୁ ଆପଣ ସବୁବେଳେ କାହିଁକି ଅସୁବିଧାରେ ପଡ଼ୁଛନ୍ତି? କିଏ ଆପଣଙ୍କୁ ହଇରାଣରେ ପକାଉଛି ଓ କାହିଁକି?**

ଅଶୋକ ସ୍ୱାଇଁ - ମୁଁ ଜଣେ ମିଶନାରୀ ବା ମୁସଲମାନ ନୁହେଁ, କିନ୍ତୁ ମୁଁ ଜଣେ ମଣିଷ। ଜଣେ ଶିକ୍ଷାବିତ୍ ଭାବେ ଦଶନ୍ଧିବ୍ୟାପୀ ସଂଖ୍ୟାଗରିଷ୍ଠଙ୍କ ଶାସନ ଦ୍ୱାରା ପ୍ରଭାବିତ ଦେଶର ଅବସ୍ଥା ଉପରେ ଗବେଷଣା କରିଛି। ଭାରତରେ ଜଣଙ୍କୁ ଏହାର ପରିଣାମ ଦେଖିବାକୁ ବେଶି ଦୂରଦୂରାନ୍ତରର ଆବଶ୍ୟକତା ନାହିଁ। ପାକିସ୍ତାନ ଏବଂ ଶ୍ରୀଲଙ୍କା ପରି ପଡ଼ୋଶୀ ଦେଶ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ସଂଖ୍ୟାଗରିଷ୍ଠତାବାଦ ଏହି ଦେଶଗୁଡ଼ିକୁ ଧ୍ୱଂସ କରିଦେଇଛି। ଭାରତ କେବଳ ଧର୍ମନିରପେକ୍ଷ ଗଣତନ୍ତ୍ର ଭାବରେ ସମୃଦ୍ଧ ହୋଇପାରିବ, କିନ୍ତୁ ହିନ୍ଦୁତ୍ୱ ତତ୍ତ୍ୱ ଅଧୀନରେ ନୁହେଁ। ଏ ବିଷୟ ମୋତେ ଭୀଷଣ ଅସୁବିଧାରେ ପକାଉଛି ଏବଂ ଯେପର୍ଯ୍ୟନ୍ତ ମୋଦି ଶାସନ ଭାରତର ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ଓ ବୈଜ୍ଞାନିକ ନୀତିକୁ କ୍ଷୁଣ୍ଣ କରୁଥିବ, ସେପର୍ଯ୍ୟନ୍ତ ଏହା ଜାରି ରହିବ।

**ପ୍ର- ବୃଦ୍ଧା ମା'ଙ୍କୁ ଭେଟିବା ପାଇଁ ଭାରତ ଆସିଲେ ଆପଣ ଗିରଫ ହୋଇଯିବାର ଭୟ ରହିଛି କି?**

ଅଶୋକ ସ୍ୱାଇଁ - ଯଦି ମୁଁ ଯିବା ପାଇଁ ଚେଷ୍ଟା କରିବି, ତେବେ ନିଷେଧାଦେଶ ଯୋଗୁ ମୋତେ ବିମାନବନ୍ଦରରୁ ସିଧାସଳଖ ସ୍ୱିଡେନକୁ ପଠାଯିବାର ସମ୍ଭାବନା ଅଛି। ତେବେ ମୋ ଘଟଣାକୁ ଏକ ଉଦାହରଣ ଭାବରେ ବ୍ୟବହାର କରି ମୋଦି ଶାସନ ଏହାର ସମାଲୋଚକମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ତେଣୁ ଦେଶକୁ ପ୍ରତ୍ୟର୍ପଣ ହେବା ପରିବର୍ତ୍ତେ ମୋତେ ଗିରଫ କରାଯିବା ସମ୍ଭାବନା ଅଧିକ।

**ପ୍ର- ଯେତେବେଳେ ଆମ ଯୁବପିଢ଼ି ଏହି ଦେଶ ମଧ୍ୟରେ ରୋଜଗାରର କୌଣସି ସୁଯୋଗ ପାଉନାହାନ୍ତି, ରୁଷିଆ ସେନାରେ ଯୋଗଦେବା ଓ ୟୁକ୍ରେନ ବିରୋଧରେ ଲଢ଼ିବାକୁ ବାଧ୍ୟ ହେଉଛନ୍ତି, ଆପଣଙ୍କର ଭଲ ଚାକିରି ଅଛି ଏବଂ ସ୍ୱିଡେନରେ ଜୀବନକୁ ଉପଭୋଗ କରୁଛନ୍ତି, ଏହି ସମୟରେ ଭାରତର ରାଜନୈତିକ ଅବସ୍ଥାକୁ ସମାଲୋଚନା କରିବା ଆପଣଙ୍କ ପକ୍ଷରେ ଭଲ ବୋଲି ଭାବୁଛନ୍ତି କି?**

ଅଶୋକ ସ୍ୱାଇଁ - ମୁଁ ସ୍ୱିଡେନରେ ମୋ ଜୀବନକୁ ଉପଭୋଗ କରୁଛି କି ନାହିଁ ମୁଁ ନିଶ୍ଚିତ ନୁହେଁ। ତଥାପି ମୋର ଏକ ଭଲ ଚାକିରି ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଛି। ଏକ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ମୋଦି ଶାସନ ବିରୋଧରେ କହିବା ପାଇଁ ମୋ ବୃତ୍ତି ମୋତେ ସୁଯୋଗ ଦେଇଛି। ଶେଷରେ ଆପଣ ନିଜ ଜୀବନ ପାଇଁ କ'ଣ ହାସଲ କରିଛନ୍ତି ତାହା ଗଣାଯାଏ ନାହିଁ; ବରଂ ଆପଣ କିପରି ଆପଣଙ୍କ ଆଦର୍ଶ ଓ ମୂଲ୍ୟବୋଧକୁ ପାଥେୟ କରି ଆଗେଇଛନ୍ତି, ତାହା ବଡ଼ କଥା।

# ବିଲ୍ ଗେଟ୍‌ସଙ୍କୁ 'କିସ୍ ହ୍ୟୁମାନିଟାରିଆନ ସମ୍ମାନ'

ଭୁବନେଶ୍ୱର,୨୮।୨ (ଅନୁରାଧା ମହାରଣା)



ବିଲ୍ ଗେଟ୍‌ସଙ୍କୁ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ମାନ ପ୍ରଦାନ କରୁଛନ୍ତି।

ମାଇକ୍ରୋସଫ୍ଟର ସହପ୍ରତିଷ୍ଠାତା ତଥା ବିଲ୍ ଆଣ୍ଡ୍ ମିଲିଣ୍ଡା ଗେଟ୍‌ସ ଫାଉଣ୍ଡେଶନର ସହ-ଅଧ୍ୟକ୍ଷ ବିଲ୍ ଗେଟସଙ୍କୁ ସମ୍ମାନଜନକ 'କିସ୍ ହ୍ୟୁମାନିଟାରିଆନ ସମ୍ମାନ ୨୦୨୩' ଦିଆଯାଇଛି। ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରିଥିଲେ। ବିଶ୍ୱରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସର୍ଜନଶୀଳ ବୈଷୟିକ କୌଶଳ ମାଧ୍ୟମରେ ଅସମାନତା ଦୂର କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ମିଳିଛି। ଏହି ଅବସରରେ ଡ. ସାମନ୍ତ କହିଲେ, ବିଲ୍ ଗେଟ୍‌ସଙ୍କ ଏହି ସମ୍ମାନ ଗ୍ରହଣ ବିଶ୍ୱରେ ମାନବିକ କାର୍ଯ୍ୟ କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସ୍ଥିର କରିବ। ସମ୍ମାନ ଗ୍ରହଣ କରି ବିଲ୍ କହିଲେ, ମୋ କାର୍ଯ୍ୟକୁ କିସ୍ ସ୍ୱୀକୃତି ପ୍ରଦାନ କରିଥିବାରୁ ସମାଜସେବା କ୍ଷେତ୍ରରେ ଅଧିକ କାର୍ଯ୍ୟ କରିବା ପାଇଁ ଏହା ପ୍ରେରଣା ଯୋଗାଇବ। କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର ପ୍ରଫେସର ଅମରେଶ୍ୱର ଗାଲା କିସ୍ ତରଫରୁ ବିଲ୍ ଗେଟ୍‌ସଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

ସୂଚନା ଥାଉ କି, ସମଗ୍ର ବିଶ୍ୱରେ ନିରବଚ୍ଛିନ୍ନ ଭାବେ ନିଷ୍ଠାର ସହ ମାନବିକ କାର୍ଯ୍ୟ କରିଆସୁଥିବା ବ୍ୟକ୍ତିବିଶେଷ ଏବଂ ସଂଗଠନକୁ ସ୍ୱୀକୃତି ପ୍ରଦାନ କରିବା ନିମନ୍ତେ ୨୦୦୮ରୁ ଦିଆଯାଉଥିବା 'କିସ୍ ହ୍ୟୁମାନିଟାରିଆନ ପୁରସ୍କାର' ହେଉଛି କିସ୍‌ର ଶ୍ରେଷ୍ଠ ସମ୍ମାନ। ଏହି ସମ୍ମାନ ଗ୍ରହଣ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଦକ୍ଷିଣ ଆଫ୍ରିକା ଉତ୍ତର-ପଶ୍ଚିମ ରାଜ୍ୟର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ଏ ବୋମୋ ମୋଲେୱା, ଦକ୍ଷିଣ କୋରିଆର ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ତଥା ହାନ୍ସେଓ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ହାମ୍ କି ସନ, ମରିସସ୍‌ର ରାଷ୍ଟ୍ରପତି ଅନିରୁଦ୍ଧ ଜଗନ୍ନାଥ, ବ୍ରିଟେନ ସୁପ୍ରିମକୋର୍ଟର ସଭାପତି ରୋଟାରିଆନ ଜଷ୍ଟିସ ନିକୋଲାସ ଆ ଫିଲିପ୍‌ସ, ଭୁଟାନ ପ୍ରଧାନମନ୍ତ୍ରୀ ଲ୍ୟାଞ୍ଚେନ ଜିଗ୍‌ମେ ଥିନ୍‌ଲେ, ସୁଇଜରଲ୍ୟାଣ୍ଡ ଏଫଏକ୍ସବି ଇଣ୍ଟରନ୍ୟାଶନାଲ ପ୍ରତିଷ୍ଠାତା ମ୍ୟା ଆଲବିନା ବୋଇସ୍ରୋଭ୍ରେ, ଆଧ୍ୟାତ୍ମିକ ଗୁରୁ ତଥା ୨୦୦୫ ନୋବେଲ ଶାନ୍ତି ପୁରସ୍କାର ବିଜେତା ଦଲାଇ ଲାମା, ବାଂଲାଦେଶ ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠାତା ତଥା ନୋବେଲ ଶାନ୍ତି ପୁରସ୍କାର ବିଜେତା ମହମ୍ମଦ ୟୁନୁସ, ଗିନିର ନ୍ୟାଶନାଲ ଟ୍ରାଞ୍ଜିଶନ କାଉନ୍‌ସିଲ୍‌ର ଅଧ୍ୟକ୍ଷ ଦାମ୍ବା କୋରୁମା ଏବଂ କେନିଆର ଫାଷ୍ଟ ଲେଡି ମାମା ରାଚେଲ ରୁଟୋ ରହିଛନ୍ତି।

# ବଜ୍ରପାତରେ ଅଙ୍ଗନୱାଡି କର୍ମୀ ମୃତ: ସ୍ୱାମୀ, ନଣନ୍ଦ ଗୁରୁତର

ଦିଗପହଣ୍ଡି,୨୮।୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବାସୁଦେବପୁର ଗ୍ରାମରେ ବୁଧବାର ବଜ୍ରପାତ ହେବାରୁ ଜଣେ ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଓ ନଣନ୍ଦ ଗୁରୁତର ହୋଇଛନ୍ତି। ମୃତା ହେଲେ ଦିଗପହଣ୍ଡି ଥାନା ବାସୁଦେବପୁର ଗ୍ରାମର ଏ. ନାର୍ସୁଆମ୍ମା। ସେ ସିଦ୍ଧେଶ୍ୱର ସେକ୍ଟର ଛୋଟରାୟପୁର ଅଙ୍ଗନୱାଡି କେନ୍ଦ୍ର ୧ର ଦାୟିତ୍ୱ ତୁଲାଇ ଆସୁଥିଲେ। ସେହିପରି ମୃତାଙ୍କ ସ୍ୱାମୀ ଏ. ଭୁବୁନି ଏବଂ ନଣନ୍ଦ ଏମ୍. ଡୋଲିଆମ୍ମା ବଜ୍ରପାତରେ ଗୁରୁତର ଆହତ ହୋଇଛନ୍ତି। ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ୩ ଜଣ ମିଶି ଚାଷଜମିକୁ ମୁଗ ଫସଲ ସଂଗ୍ରହ ପାଇଁ ଯାଇଥିଲେ। ତେବେ ୩ଟା ବେଳେ


ମୃତା ଅଙ୍ଗନୱାଡି କର୍ମୀ ଏ. ନାର୍ସୁଆମ୍ମା

ପ୍ରବଳ ବର୍ଷା ସାଙ୍ଗକୁ ଘଡ଼ଘଡ଼ି ଓ ବଜ୍ରପାତ ହୋଇଥିଲା। ଏହି ବଜ୍ରପାତରେ ସମସ୍ତେ ଚାଷଜମିରେ ଅଚେତ ଅବସ୍ଥାରେ ଟଳି ପଡ଼ିଥିଲେ। ଖବରପାଇ ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅଙ୍ଗନୱାଡି କର୍ମୀ ନାର୍ସୁଆମ୍ମାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଏମ୍ .ସନ୍ତୋଷ ବଡ଼ ଡାକ୍ତରଖାନାରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଗୁରୁତରମାନଙ୍କୁ ଚିକିତ୍ସା କ୍ଷେତ୍ରରେ ସହଯୋଗ କରିଥିଲେ। ଅପରପକ୍ଷରେ ଖବରପାଇ ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, ସରପଞ୍ଚ ଏମ୍. ଶ୍ୟାମଘନଙ୍କ ସମେତ ଅଙ୍ଗନୱାଡି କର୍ମୀମାନେ ଶୋକ ପ୍ରକାଶ କରିଛନ୍ତି। ଏପରିକି ମୃତା ଅଙ୍ଗନୱାଡି କର୍ମୀଙ୍କ ପରିବାରକୁ ଶୀଘ୍ର ସରକାରୀ ସହାୟତା ଯୋଗାଇଦେବା ପାଇଁ ସରପଞ୍ଚ ଦାବି କରିଛନ୍ତି।

# ୬ଜଣଙ୍କୁ ମିଳିବ 'ସଙ୍ଗୀତ ନାଟକ ଅକାଦେମୀ ଫେଲୋଶିପ୍'

ଭୁବନେଶ୍ୱର, ୨୮।୨ (ବନ୍ଦନା ସେଠୀ)

- **୯୨ଜଣ ପାଇବେ ଅକାଦେମୀ ପୁରସ୍କାର**
- **୮୦ଜଣଙ୍କୁ ଉସ୍ତାଦ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର**

କେନ୍ଦ୍ର ସଙ୍ଗୀତ ନାଟକ ଅକାଦେମୀ ପକ୍ଷରୁ 'ସଙ୍ଗୀତ ନାଟକ ଅକାଦେମୀ ଫେଲୋଶିପ୍' (ଅକାଦେମୀ ରତ୍ନ) ସହ ଅକାଦେମୀ ପୁରସ୍କାର ଏବଂ ଉସ୍ତାଦ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର ଘୋଷଣା କରାଯାଇଛି। କଳା କ୍ଷେତ୍ରରେ ଉତ୍କର୍ଷତା ପାଇଁ ୬ଜଣ ବ୍ୟକ୍ତି ବିଶେଷଙ୍କୁ ଅକାଦେମୀ ରତ୍ନ ପ୍ରଦାନ କରାଯିବ। ସେମାନେ ହେଉଛନ୍ତି ବିନାୟକ ଖେଡ଼େକର୍, ଆର୍. ବିଶ୍ୱେଶ୍ୱରାନ୍, ସୁନୟନା ହଜାରିଲାଲ୍, ରାଜା ଆଣ୍ଡ୍ ରାଧା ରେଡ୍ଡୀ, ଦୁଲାଲ୍ ରଏ ଓ ଡି.ପି. ସିହ୍ନା। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ୩ଲକ୍ଷ ଟଙ୍କାର ଅର୍ଥରାଶି, ତାମ୍ରପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ଦିଲ୍ଲୀଠାରେ ଫେବୃଆରୀ ୨୧ ଓ ୨୨ରେ ଅନୁଷ୍ଠିତ ଅକାଦେମୀର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ସୂଚନା ଦିଆଯାଇଛି। ସେହିପରି ୨୦୨୨-୨୩ ବର୍ଷ ପାଇଁ ସଙ୍ଗୀତ, ନୃତ୍ୟ, ଥିଏଟର ତଥା ପାରମ୍ପରିକ/ଫୋକ୍/ଟ୍ରାଇବାଲ ମ୍ୟୁଜିକ୍/ନୃତ୍ୟ/ଥିଏଟର/ପପର୍ଟି ଆଦି କ୍ଷେତ୍ରରେ ୯୨ଜଣଙ୍କୁ 'ସଙ୍ଗୀତ ନାଟକ ଅକାଦେମୀ ଆୱାର୍ଡ' (ଅକାଦେମୀ ପୁରସ୍କାର) ଏବଂ ୮୦ଜଣ ଯୁବ କଳାକାରଙ୍କୁ 'ସଙ୍ଗୀତ ନାଟକ ଅକାଦେମୀ ଉସ୍ତାଦ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର' ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଅକାଦେମୀ ପୁରସ୍କାର ବାବଦରେ ୧ଲକ୍ଷ ଟଙ୍କା ଅର୍ଥରାଶି, ତାମ୍ରପତ୍ର ଓ ଅଙ୍ଗବସ୍ତ୍ର ଏବଂ ଯୁବ ପୁରସ୍କାର ବାବଦରେ ୨୫ହଜାର ଟଙ୍କା ଅର୍ଥରାଶି, ତାମ୍ରପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ତେବେ ଅକାଦେମୀ ଫେଲୋଶିପ୍ ଏବଂ ଅକାଦେମୀ ପୁରସ୍କାରକୁ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷେ ଯୁବ ପୁରସ୍କାରକୁ ଅକାଦେମୀର ଚେୟାରମ୍ୟାନ୍ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରିବେ ବୋଲି ସୂଚନା ଦିଆଯାଇଛି।

# ହାତରେ ବାଣଫୁଟି ଛିଣ୍ଡିଲା ୩ ଆଙ୍ଗୁଠି

## ବିବାହ ଶୋଭାଯାତ୍ରା ବେଳେ ଅଘଟଣ, ୪ ଗୁରୁତର

ଆଠମଲ୍ଲିକ,୨୮।୨ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ସହରସ୍ଥିତ ବରଗାଁ ଗ୍ରାମକୁ ବୁଧବାର ଅପରାହ୍ନରେ ଯାଉଥିବା ଏକ ବିବାହ ଶୋଭାଯାତ୍ରା ବେଳେ ବାଣ ଅଘଟଣ ଘଟିଛି। ଜଣେ ବରଯାତ୍ରୀଙ୍କ ହାତରେ ବାଣ ଫୁଟିଯିବାରୁ ତାଙ୍କ ଦୁଇ ହାତର ପାପୁଲି କ୍ଷତିଗ୍ରସ୍ତ ହୋଇଛି। ଏପରି କି ଗୋଟିଏ ପାପୁଲିର ୩ଟି ଆଙ୍ଗୁଠି ଛିଣ୍ଡି ଯାଇଛି। ତାଙ୍କ ନିକଟରେ ଥିବା ଆଉ ୩ ଜଣ ବରଯାତ୍ରୀ ମଧ୍ୟ ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ବୌଦ୍ଧ ଜିଲା ହରଭଙ୍ଗା ଥାନା ଧଳପୁର ପଞ୍ଚାୟତ ଉଆଁଳ ଗ୍ରାମରୁ ଆସିଥିବା ଏହି ବରଯାତ୍ରୀ ଦଳ ଶୋଭାଯାତ୍ରାରେ କନ୍ୟା ଘର ଅଭିମୁଖେ ଯାଉଥିଲେ। ଅପରାହ୍ନ ପ୍ରାୟ ୪ଟା ବେଳେ ବରଯାତ୍ରୀମାନେ ହାତରେ ପେପର ବାଣ ଧରି ଫୁଟାଉଥିଲେ। ଏହି ସମୟରେ ବରଯାତ୍ରୀ ଧର୍ମେନ୍ଦ୍ର ନାୟକ(୩୦)ଙ୍କ ହାତରେ ଏକ ପେପର ବାଣ ଫୁଟିଯାଇଥିଲା। ଫଳରେ ତାଙ୍କ ଦୁଇ ପାପୁଲି କ୍ଷତାକ୍ତ ହୋଇଥିବା ବେଳେ ଗୋଟିଏ ପାପୁଲିରୁ ୩ ଆଙ୍ଗୁଠି ଛିଣ୍ଡିଯାଇଥିଲା। ଗୋଟିଏ ଆଙ୍ଗୁଠି ଦୂରକୁ ଛିଟିକି ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଧର୍ମେନ୍ଦ୍ରଙ୍କ ନିକଟରେ ଥିବା ସଞ୍ଜୟ ପ୍ରଧାନ(୨୫), ଲକ୍ଷ୍ମଣ ମହାକୁଡ(୨୪) ଓ ସିକୁନ ପ୍ରଧାନ(୨୦)ଙ୍କ ଶରୀରରେ ମଧ୍ୟ ଗୁରୁତର ଆଘାତ ଲାଗିଥିଲା। ତୁରନ୍ତ ସେମାନଙ୍କୁ ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଧର୍ମେନ୍ଦ୍ର ଓ ସଞ୍ଜୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ଲକ୍ଷ୍ମଣ ଓ ସିକୁନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଚିକିତ୍ସା କରିଥିବା ଡାକ୍ତରଙ୍କ କହିବା ଅନୁଯାୟୀ ଗୁରୁତର ଧର୍ମେନ୍ଦ୍ରଙ୍କ ଗୋଟିଏ ପାପୁଲିର ୩ଟି ଆଙ୍ଗୁଠି ନ ଥିଲା। ଅନ୍ୟ ୩ଜଣଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି।

# ରାଜ୍ୟରେ ୮୪୦୭ଟି କ୍ରୀଡ଼ାଙ୍ଗନ ଶିକ୍ଷାର୍ଥୀ କ୍ଲବ ଗଠିତ

ଭୁବନେଶ୍ୱର,୨୮।୨ (ଅନୁରାଧା ମହାରଣା)

**ସମୀକ୍ଷା କଲେ ମୋ ସ୍କୁଲ୍ ଅଧ୍ୟକ୍ଷା**

ଖେଳ ମାଧ୍ୟମରେ ଆତ୍ମ ସଚେତନତା, ସହଯୋଗିତା, ସମୟ ପରିଚାଳନା, ସମସ୍ୟା ସମାଧାନ ଉପରେ ଶିକ୍ଷାପ୍ରଦାନ ପାଇଁ ବିଦ୍ୟାଳୟଗୁଡ଼ିକରେ କ୍ରୀଡ଼ାଙ୍ଗନ ଶିକ୍ଷାର୍ଥୀ କ୍ଲବ୍ ଗଠନ କରାଯାଉଛି। ଏହି କ୍ରମରେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୮୪୦୭ଟି କ୍ଲବ୍ ଗଠନ କରାଯିବା ସହ ଏଥିରେ ସଫଳତା ମିଳୁଥିବା ଦେଖାଯାଇଛି। ତେଣୁ ଆଗାମୀ ଶିକ୍ଷାବର୍ଷରେ କିପରି ଏହି କ୍ଲବ ସୁଚାରୁରୂପେ କାର୍ଯ୍ୟ କରିବ ଏବଂ ଅଧିକରୁ ଅଧିକ ଶିକ୍ଷକ ପ୍ରଶିକ୍ଷକ (ମାଷ୍ଟର ଟ୍ରେନର) ପ୍ରଶିକ୍ଷଣ ନେଇପାରିବେ ସେନେଇ ତୋଷାଳିଭବନସ୍ଥିତ ମୋ ସ୍କୁଲ ଅଭିଯାନ ସମ୍ମିଳନୀ କକ୍ଷରେ ଏକ ଯୋଜନା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୋ ସ୍କୁଲ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନ ଗଠନରେ ଏହି କ୍ଲବ କିପରି ସହାୟକ ହୋଇପାରିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହାସହ ମୋ ସ୍କୁଲ ଅଭିଯାନର ସହଭାଗିତାରେ କାର୍ଯ୍ୟ କରୁଥିବା ମ୍ୟାଜିକ ବସ୍ ଇଣ୍ଡିଆ ଫାଉଣ୍ଡେଶନର ସମସ୍ତ ଜିଲା ସଂଯୋଜକ ଓ ଅଧିକାରୀମାନେ ଉପସ୍ଥିତ ରହି ନିଜ ଅଭିଜ୍ଞତା ଏବଂ ଅନୁଭୂତି ରଖିଥିଲେ। ଜିଲା ସଂଯୋଜକମାନେ ନିଜ ଜିଲା ସମ୍ବନ୍ଧରେ ସବିଶେଷ ବିବରଣୀ ଉଲ୍ଲେଖ କରିଥିଲେ। କ୍ରୀଡ଼ାଙ୍ଗନ କ୍ଲବର ଉପଯୁକ୍ତ ଓ ଠିକ ପର୍ଯ୍ୟବେକ୍ଷଣ ପାଇଁ ମ୍ୟାଜିକ ବସ୍ ଏକ ଚାର୍ଟ ବୋର୍ଡ ବିକଶିତ କରିଥିବାବେଳେ ହ୍ୱାଟ୍‌ସଆପ ମାଧ୍ୟମରେ ସମସ୍ତ ବିଦ୍ୟାଳୟରେ ଏହାର ଉପଯୋଗ କରିବାକୁ ଆଲୋଚନା ହୋଇଥିଲା। ଏହାସହ ଜିଲାୱାରୀ ବିଦ୍ୟାଳୟସ୍ତରରେ କ୍ରୀଡ଼ାଙ୍ଗନ କ୍ଲବ ଗଠନ ଓ କାର୍ଯ୍ୟକ୍ରମର ତଥ୍ୟ ଉପସ୍ଥାପନା କରାଯାଇ ସମୀକ୍ଷା କରାଯାଇଥିଲା। ଜିଲା ସ୍ତରରୁ ଆସିଥିବା ଶିକ୍ଷକଙ୍କ ମତାମତକୁ ଏହି ବୈଠକରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା। ସେହିପରି ରାଜ୍ୟର ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ନବ ନିଯୁକ୍ତ ୪୫୨ କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା ଶିକ୍ଷକଙ୍କ (ପିଇଟି) ତାଲିମ ଓ ସେମାନଙ୍କ ଦ୍ୱାରା କ୍ରୀଡ଼ା ଶିକ୍ଷାର୍ଥୀ କ୍ଲବକୁ ତ୍ୱରାନ୍ୱିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା।


**केनरा बैंक Canara Bank** | ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-କେ/୨, ରେଭିନ୍ୟୁ:୧୫୫୬(ପି) ଏବଂ ୧୫୬୧(ପି),କେଏଚ୍:୧୧୫୨, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦**

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାମାନଙ୍କର ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଲିଙ୍କରୋଡ ଶାଖା, କଟକ**<br>**(୧) ମେସର୍ସ ଡିଏମ୍ ଫାର୍ମାସିଟିକାଲସ ଆଣ୍ଡ ମେଡିକାଲ ହଲ (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ବସନ୍ତ କୁମାର ସାହୁ,** ମନୋରମା ମେଟ୍ରୋ କମ୍ପ୍ଲେକ୍ସ, ଗୃହ ନଂ.ଏଲଜି-୧୨, ପ୍ଲଟ ନଂ.୪୩/୭୮୩, ମଙ୍ଗଳାବାଗ, କଟକ, ଜିଲ୍ଲା: କଟକ, ଓଡିଶା, ପିନ୍- ୭୫୩୦୦୧, **(୨) ଶ୍ରୀ ବସନ୍ତ କୁମାର ସାହୁ (ଋଣଗ୍ରହୀତା/ବନ୍ଧକଦାତା),** ପିତା: ଶ୍ରୀ ଜଗବନ୍ଧୁ ସାହୁ, ଠିକଣା: ମନୋରମା ମେଟ୍ରୋ କମ୍ପ୍ଲେକ୍ସ, ଗୃହ ନଂ.ଏଲଜି-୧୨, ପ୍ଲଟ ନଂ.୪୩/୭୮୩, ମଙ୍ଗଳାବାଗ, କଟକ, ଜିଲ୍ଲା: କଟକ, ଓଡିଶା, ପିନ୍- ୭୫୩୦୦୧, **(୩) ଶ୍ରୀ ସୁଶିଲ ମହାନ୍ତି (ଜାମିନ୍‌ଦାର),** ଠିକଣା: ନୂଆସାହି-ନୂଆବଜାର, ଗୋଶାଳା ରୋଡ, କଟକ, ଜିଲ୍ଲା: କଟକ, ଓଡିଶା, ପିନ୍- ୭୫୩୦୦୪ । | (କ)ଟ.୮,୦୦,୦୦୦/- / (ଖ) ୧୭.୦୬.୨୦୧୯ / (ଗ) ୨୩.୦୧.୨୦୨୪ | ୨୨.୦୧.୨୦୨୪ ସୁଦ୍ଧା ଟ.୧୦,୮୬,୨୯୧.୮୬ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ବସନ୍ତ କୁମାର ସାହୁ**ଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଯାହାର ଖାତା ନଂ.୨୦୮/୧୪୮, ପ୍ଲଟ ନଂ.୧୬୧/୭୮୧, ସା/ମୌଜା: ଭରାଣ୍ଡି, ତହସିଲି: ଟାଙ୍ଗି ଚୌଦ୍ୱାର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ, ପିନ୍- ୭୫୪୨୧୧, କିସମ: ଘରବାରୀ, ଏରିଆ: ଏ୦.୦୨୮ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୧୬୨, ଦକ୍ଷିଣ- ରାସ୍ତା, ପୂର୍ବ- ଭେଣ୍ଡର, ପଶ୍ଚିମ- ପ୍ଲଟ ନଂ.୧୬୦। |
| **କେନ୍ଦ୍ରାପଡା-୨ ଶାଖା**<br>**(୧) ଗୋଲ୍‌ଡେନ୍ ସାଇକେଲ୍ ଏଜେନ୍ସି (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ କାଇଜର ଅଲି, (୨) ଶ୍ରୀ କାଇଜର ଅଲି (ଋଣଗ୍ରହୀତା/ବନ୍ଧକଦାତା),** ପିତା: ମହମ୍ମଦ ଫଜ୍‌ଲି ରବି, **(୩) ସୁଲ୍‌ତାନା ବେଗମ୍ (ଜାମିନ୍‌ଦାର),** ସମସ୍ତଙ୍କ ଠିକଣା: ସା-ପୋଷ୍ଟ ଅଫିସ୍ ଲେନ୍, କେନ୍ଦ୍ରାପଡା, ଜିଲ୍ଲା: କେନ୍ଦ୍ରାପଡା, ଓଡିଶା, ପିନ୍-୭୫୪୨୧୧। | (କ)ଟ.୮,୦୦,୦୦୦/- / (ଖ) ୨୫.୦୧.୨୦୧୩ / (ଗ) ୨୩.୦୧.୨୦୨୪ | ୨୨.୦୧.୨୦୨୪ ସୁଦ୍ଧା ଟ.୩୩,୩୪,୪୯୭.୮୦ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ କାଇଜର ଅଲୀ**ଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଯାହାର ଖାତା ନଂ.୧୨୩/୭୧, ରେଭିନ୍ୟୁ ପ୍ଲଟ ନଂ.୧୧୧/୧୪୫୫, ସା/ମୌଜା: ଖଡିଅଙ୍ଗ, ଏସ୍ଆରଓ / ଥାନା/ ଜିଲ୍ଲା: କେନ୍ଦ୍ରାପଡା, ପିନ୍- ୭୫୪୨୧୧, କିସମ: ଘରବାରୀ, ଏରିଆ: ଏ୦.୦୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ଅନ୍ୟମାନଙ୍କ ଗୃହ, ଦକ୍ଷିଣ- ରାସ୍ତା, ପୂର୍ବ- ଅନ୍ୟମାନଙ୍କ ଗୃହ, ପଶ୍ଚିମ- ଅନ୍ୟମାନଙ୍କ ଗୃହ । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ । ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହିତା / ଜାମିନ୍‌ଦାରମାନେ ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାମାନଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

**ତାରିଖ: ୨୮.୦୨.୨୦୨୪, ସ୍ଥାନ: ଭୁବନେଶ୍ୱର** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**

# ଅଂଶୁଘାତର ସଫଳ ମୁକାବିଲା ନେଇ ଆଲୋଚନା

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ

ନବରଙ୍ଗପୁର,୨୮।୨(ସଦାଶିବ ପ୍ରହରାଜ)


ବୈଠକରେ ଜିଲାପାଳ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଜିଲାପାଳ କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ସଭାଗୃହରେ ଜିଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପ୍ରାକୃତିକ ବିପର୍ଯ୍ୟୟ ଓ ତା'ର ମୁକାବିଲା ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ଗ୍ରୀଷ୍ମଋତୁରେ ପିଇବା ପାଣି ଏବଂ ଅଂଶୁଘାତ ସମସ୍ୟା ଓ ତାହାର ସଫଳ ମୁକାବିଲା କରିବା ନିମନ୍ତେ ଆଲୋଚନା ହୋଇଥିଲା । ବିଶେଷକରି ଅଚଳ ପଡ଼ିଥିବା ନଳକୂପଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ଜିଲାର ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ର ଏବଂ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପରିମାଣର ଓଆର୍ଏସ୍ ପ୍ୟାକେଟ ମହଜୁତ ରଖିବା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ଜିଲାପାଳ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ବିଦ୍ୟାଳୟରେ ପିଲାଙ୍କ ପାଇଁ ଜଳ ଯୋଗାଣ ନିମନ୍ତେ ୫ମିନିଟ୍ ସମୟ ବ୍ୟବଧାନ ବାଧ୍ୟତାମୂଳକ ରଖିବା ପାଇଁ ଜିଲାପାଳ ମିଶ୍ର ପରାମର୍ଶ ଦେଇଥିଲେ।

ସେହିପରି ଜିଲା ଶ୍ରମ ବିଭାଗ ତରଫରୁ ଶ୍ରମିକମାନଙ୍କ କାର୍ଯ୍ୟସ୍ଥଳରେ ପାଣିର ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ କୁହାଯାଇଥିଲା। ଏଥିସହ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଅଂଶୁଘାତର ଆଶଙ୍କା ଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହି ସମୟ ସୀମା ମଧ୍ୟରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନ ଲଗାଇ ଛାୟାର ବ୍ୟବସ୍ଥା କରିବା ପାଇଁ ଜିଲା ଶ୍ରମ ଅଧିକାରୀଙ୍କୁ ଜିଲାପାଳ ମିଶ୍ର ପରାମର୍ଶ ଦେଇଥିଲେ। ସେହିପରି ରାଜ୍ୟ ସରକାରଙ୍କ ମାର୍ଗଦର୍ଶକ ଅନୁଯାୟୀ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସ୍କୁଲ ଏବଂ କଲେଜରେ ଶିକ୍ଷାଦାନ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦାଉରୁ ରକ୍ଷା ପାଇବା ନିମନ୍ତେ ସମସ୍ତ ପ୍ରକାର ପରିବହନ ଯାନ ଏବଂ ଯାତ୍ରୀମାନଙ୍କ ନିମନ୍ତେ ବହୁଳ ପରିମାଣରେ ବିଶୁଦ୍ଧ ପାନୀୟ ଜଳ ଏବଂ ପର୍ଯ୍ୟାପ୍ତ ପରିମାଣର ଓଆର୍ଏସ୍ ପ୍ୟାକେଟ ମହଜୁଦ ରଖିବା ପାଇଁ ଜିଲାପାଳ ମିଶ୍ର ପରିବହନ ବିଭାଗକୁ ପରାମର୍ଶ ଦେଇଥିଲେ । ଜିଲାର ଅଚଳ ଥିବା ନଳକୂପଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ସହ ଆବଶ୍ୟକସ୍ଥଳେ ଭ୍ରାମ୍ୟମାଣ ଟ୍ୟାଙ୍କର ସାହାଯ୍ୟରେ ପିଇବା ପାଣିର ସୁବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଂଶୁଘାତର ସଫଳ ମୁକାବିଲା ପାଇଁ ପ୍ରତି ବ୍ଲକସ୍ତରରେ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିୟନ୍ତ୍ରଣ କକ୍ଷ ଖୋଲି ତୁରନ୍ତ ଆବଶ୍ୟକ ସେବା ଯୋଗାଇ ଦେବା ପାଇଁ ଆଲୋଚନା କରାଯାଇଥିଲା। ଅଂଶୁଘାତର ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସାଳୟ ସହ ଜିଲାର ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆବଶ୍ୟକସ୍ଥଳେ ଜିଲାର ଜନଗହଳି ସମ୍ପୂର୍ଣ୍ଣ ସ୍ଥାନରେ ଜଳଛତ୍ରର ଆୟୋଜନ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲାପାଳ ମିଶ୍ର ନିର୍ଦ୍ଦେଶ ଦେଇଥିଲେ।

ନବରଙ୍ଗପୁର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ବୈଠକରେ ଯୋଗଦେଇ ଜିଲାର ପ୍ରତ୍ୟେକ ବ୍ଲକରେ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ନବକିଶୋର ବେହେରା, ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲା ଜରୁରିକାଳୀନ ଅଧିକାରୀ ବିନାୟକ ଖାଡଙ୍ଗା, ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲା ଶ୍ରମ ଅଧିକାରୀ, ସମ୍ପୃକ୍ତ ଅଧୀକ୍ଷକ ଯନ୍ତ୍ରୀ, ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କ ସହ ଜିଲା ପ୍ରକଳ୍ପ ଅଧିକାରୀ, ହିମାଂଶୁ ଶେଖର ପଟ୍ଟନାୟକ , ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ କୋର୍ଟ କୋଠା ପାଇଁ ସ୍ଥାନ ଚିହ୍ନଟ


ନବରଙ୍ଗପୁର ଜିଲା ଜଜ୍‌ଙ୍କ ସହ ଅନ୍ୟମାନେ।

## ଜିଲା ଜଜ୍‌ଙ୍କ ଚନ୍ଦାହାଣ୍ଡି କୋର୍ଟ ପରିଦର୍ଶନ

ଚନ୍ଦାହାଣ୍ଡି, ୨୮।୨ (ଦିଲୀପ ଦାସ)

ନବରଙ୍ଗପୁର ଜିଲା ତଥା ଦୌରା ଜଜ୍ ସଞ୍ଜୀବ କୁମାର ଦୁବେ ବୁଧବାର ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତ ପରିଦର୍ଶନରେ ଆସିଥିଲେ। ସେ ଚନ୍ଦାହାଣ୍ଡି କୋର୍ଟ ପାଇଁ ନୂତନ ଭାବେ ପ୍ରସ୍ତାବିତ ଜେଏମ୍ଏଫ୍‌ସି କୋର୍ଟ କୋଠା ନିର୍ମାଣ ନିମନ୍ତେ ଜମି ଚିହ୍ନଟ କରିଥିବା ଜଣାପଡ଼ିଛି। ଚନ୍ଦାହାଣ୍ଡି ପଞ୍ଚାୟତ ସେମଲାଗୁଡା ମୌଜାରେ ନୂତନ କୋର୍ଟ ବିଲ୍ଡିଂ ନିର୍ମାଣ ନିମନ୍ତେ ସ୍ଥାନୀୟ ତହସିଲଦାର ସହଦେବ କୁଟ୍ରୁକାଙ୍କୁ ଜମି ପ୍ରଦାନ କରିବାକୁ ଜିଲା ଜଜ୍ କହିଥିଲେ। ସିନାପାଲି ଏବଂ ବୋରିଗୁଡ଼ାଠାରେ ନୂତନ କୋର୍ଟ ନିର୍ମାଣ କରାଯିବାକୁ ଚିହ୍ନଟ ହୋଇଥିବା ସ୍ଥାନ ଚନ୍ଦାହାଣ୍ଡି ବ୍ଲକ ମହକୁମାଠାରୁ ଦୂରହେବା ସହ ଉକ୍ତ ସ୍ଥାନରେ ବିରାଟ ନାଳ ଓ ଚଟାଣ ଥିବାରୁ ଜିଲା ଜଜ୍ ଅସନ୍ତୋଷ ପ୍ରକାଶ କରିବା ସହ ସେମଲାଗୁଡା ମୌଜାରେ ଥିବା ସ୍ଥାନ ପରିଦର୍ଶନ କରି ଉକ୍ତ ସ୍ଥାନର ସମସ୍ତ କାଗଜପତ୍ର ପ୍ରଦାନ କରିବାକୁ ତହସିଲଦାରଙ୍କୁ କହିଥିଲେ। ଏହାପରେ ଚନ୍ଦାହାଣ୍ଡି ଜେଏମ୍ଏଫ୍‌ସି କୋର୍ଟ ପରିଦର୍ଶନ କରିବା ସହ ନଥିପତ୍ର ଯାଞ୍ଚ କରିଥିଲେ। କୋର୍ଟର ବିଭିନ୍ନ ସମସ୍ୟା ନେଇ ଜେଏମ୍ଏଫ୍‌ସି ହିମାଂଶୁ ଶେଖର ଆଚାର୍ଯ୍ୟ ଜିଲା ଜଜ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ଜଜ୍‌ଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ଚନ୍ଦାହାଣ୍ଡି ଜେଏମ୍ଏଫ୍‌ସି ହିମାଂଶୁ ଶେଖର ଆଚାର୍ଯ୍ୟ, ତହସିଲଦାର ସହଦେବ କୁଟ୍ରୁକା, ରାଜସ୍ୱ ଉପପରିଦର୍ଶକ ଦୟାନିଧି ଜାନି, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଅନନ୍ତ ସିହ୍ନା, ଏପିପି ଜୟଦେବ ଖମାରୀ, ଆଇନଜୀବୀ ମହମ୍ମଦ ହୁସେନ, ହୁମେଶ୍ୱର ହଂସ, ଭୀଷ୍ମ ସୁନାନୀ, ହୀରାଧର ମାଳି, କୋର୍ଟ କର୍ମଚାରୀ କେଦାର ଗୌରୀ ପାଣ୍ଡିଆ, କେଶରୀ ମନହିରା, ଆଶିଷ ସାହୁ, ନିରୁତ୍ତମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଚନ୍ଦାହାଣ୍ଡି ଆଶ୍ରମ ସ୍କୁଲରୁ ୨୬ ଉତ୍ତୀର୍ଣ୍ଣ

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କଳିଙ୍ଗ ମଡେଲ ଆବାସିକ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା


ସଫଳତା ପାଇଥିବା ଆଶ୍ରମ ବିଦ୍ୟାଳୟର ଛାତ୍ରୀ।

ଚନ୍ଦାହାଣ୍ଡି,୨୮।୨(ଦିଲୀପ ଦାସ )

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମାରେ ଥିବା ଆଶ୍ରମ ବିଦ୍ୟାଳୟରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ କଳିଙ୍ଗ ମଡେଲ ଆବାସିକ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଷଷ୍ଠ ଓ ନବମରେ ୨୬ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । କଳିଙ୍ଗ ମଡେଲ ଆବାସିକ ବିଦ୍ୟାଳୟ ପାଇଁ ଧନସିଂ ସାନ୍ତା, ମଳୟ ପୋର୍ଟି, ବୈକୁଣ୍ଠ ମାଝି, ଚିନ୍ମୁସ୍ମିତା ଧୁରୁଆ, ସରସ୍ୱତୀ ମାଝି, ଭୁବିତା ମାଝି ଉପକୃତ ହୋଇଛନ୍ତି। ସେହିପରି ଆଦର୍ଶ ବିଦ୍ୟାଳୟ ନବମ ଶ୍ରେଣୀ ପାଇଁ ସସ୍ମିତା ମାଝି, ଜ୍ୟୋତ୍ସ୍ନାରାଣୀ ମାଝି, ମଦାନୀ ସାନ୍ତା, ଅମ୍ବିକା ପୂଜାରୀ, ଗୋମତୀ ସାନ୍ତା, ଦିବାନି ନିଆଲ, ରାମ ସାନ୍ତା, ଡାଳିମ୍ବ ମାଝି, ସସ୍ମିତା ଝାଙ୍କର, କୁନା ସାନ୍ତା, ବିଳାସ ଝାଙ୍କର, ଯଶୋଦା ସମରଥ, ଗିମା ସାନ୍ତା ପ୍ରମୁଖ ସଫଳତା ପାଇଛନ୍ତି। ଷଷ୍ଠଶ୍ରେଣୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ଶ୍ରୀୟାଂଶୁ କୁମାର ସାହୁ ଘନସିଂ ସାନ୍ତା, ଭୂମିତା ମାଝି, ଚିନ୍ମୁସ୍ମିତା ଧୁରୁଆ, ବିନୋଦ ସାନ୍ତା ସଫଳତା ପାଇଛନ୍ତି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷକ ହରଲାଲ ନାୟକ, ବବିତା ମାଝି, ହୃଦାନନ୍ଦ ଗହୀର ପ୍ରମୁଖଙ୍କ ଯୋଗୁ ପିଲାମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲେ । ସଫଳତା ପାଇଁ ସମସ୍ତ ଶିକ୍ଷକଙ୍କୁ ମଙ୍ଗଳ ଅଧିକାରୀ ହୃଦାନନ୍ଦ ମାଝି ଧନ୍ୟବାଦ ଜଣାଇଛନ୍ତି ।

# ତୁରନ୍ତ କାର୍ଯ୍ୟକ୍ଷମ ନ ହେଲେ ଭୋଟ ବର୍ଜନ

## ବନ୍ଦ ପଡ଼ିଛି ଇଚ୍ଛାପୁର ପଞ୍ଚାୟତ ନୂତନ କାର୍ଯ୍ୟାଳୟ

ଝରିଗାଁ,୨୮।୨(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ପ୍ରାୟ ୨ ବର୍ଷ ହେବ ବନ୍ଦ ରହିଛି। ଉକ୍ତ ନୂତନ କାର୍ଯ୍ୟାଳୟକୁ କାର୍ଯ୍ୟକ୍ଷମ କରିବା ପାଇଁ ପଞ୍ଚାୟତର ୭ଟି ୱାର୍ଡର ଲୋକେ ଦାବି କରି ଆସୁଥିଲେ ମଧ୍ୟ ସ୍ଥାନୀୟ ବ୍ଲକ ତଥା ଜିଲା ପ୍ରଶାସନ ତରଫରୁ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି । ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନ ହେଲେ ସମ୍ପୃକ୍ତ ପଞ୍ଚାୟତର ୭ଟି ୱାର୍ଡର ଲୋକେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଚଚା ପଞ୍ଚାୟତରେ ଅନ୍ତର୍ଭୁକ୍ତ ଥିବା ଇଚ୍ଛାପୁରକୁ ନୂତନ ଭାବେ ପଞ୍ଚାୟତ ଘୋଷଣା କରିବା ପରେ ୨୦୨୧ରେ ପ୍ରଶାସନ ପକ୍ଷରୁ ନୂତନ କୋଠା ନିର୍ମାଣ କରାଯାଇ ହସ୍ତାନ୍ତର କରାଯାଇଥିଲା। ତେବେ ଇଚ୍ଛାପୁର ପଞ୍ଚାୟତର ନୂତନ ଗୃହ ନିର୍ମାଣ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଥିଲା। ପଞ୍ଚାୟତର ଗୋଟିଏ ଗୋଷ୍ଠୀ ନୂତନ ପଞ୍ଚାୟତ କୋଠା ଗୃହରେ କାର୍ଯ୍ୟାଳୟ କରିବା ପାଇଁ ଦାବି କରୁଥିବା ବେଳେ ଆଉ ଗୋଟିଏ ଗୋଷ୍ଠୀ ଇଚ୍ଛାପୁରଠାରେ ପଞ୍ଚାୟତ କାର୍ଯ୍ୟାଳୟ କରିବା ପାଇଁ ଦାବି କରିଆସୁଥିଲେ। ୨ ଗୋଷ୍ଠୀର ବିବାଦ ନେଇ ନୂତନ କୋଠା ଗୃହ ଏବେ ବନ୍ଦ ଥିବାବେଳେ ଏହାକୁ ଖୋଲାଯାଇ ପଞ୍ଚାୟତ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରାଯିବାକୁ ଦାବି ହୋଇଛି। ନଚେତ୍ ଇଚ୍ଛାପୁର ପଞ୍ଚାୟତର ୧, ୨, ୩, ୮, ୯, ୧୦ ଏବଂ ୧୧ନଂ ୱାର୍ଡର କରଲାମାଲ ଗ୍ରାମ ସହ ଚଚରାପଡ଼ା,ମୁଣ୍ଡିମାଲ, ସିନ୍ଧିଭାଟା, ମହୁଲକୋଟ, ଧୁମାମ, କେବିଡି, ଗୋଇଚଚରା, କରାଡ଼ଙ୍ଗରି,ବେନ୍ଦ୍ରାପାଣି, ନୂଆଁପଡ଼ା ବୋରପାଣି ଆଦି ଗ୍ରାମରୁ ଶତାଧିକ ଜନସାଧାରଣ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଝରିଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି। ୭ଟି ୱାର୍ଡର ଲୋକଙ୍କ ଅଭିଯୋଗ ପ୍ରକାରେ ୨୦୨୧ରେ ଇଚ୍ଛାପୁର ପଞ୍ଚାୟତବାସୀଙ୍କୁ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ହସ୍ତାନ୍ତର କରାଯିବା ପରେ ସେଠାରେ ପଞ୍ଚାୟତର ସମସ୍ତ କାର୍ଯ୍ୟ ଠିକ୍‌ଠାକ୍ ଚାଲିଥିଲା। ୨୦୨୨ ପଞ୍ଚାୟତ ନିର୍ବାଚନ ପରଠାରୁ ଉକ୍ତ ନବନିର୍ମିତ ପଞ୍ଚାୟତ ଗୃହ ବନ୍ଦ ପଡ଼ିଛି। ଏପରିକି ପଞ୍ଚାୟତ ଗୃହରେ ଚାଉଳ ଏବଂ ଭତ୍ତା ବଣ୍ଟନ ମଧ୍ୟ ହେଉନାହିଁ। ଫଳରେ ୭ଟି ୱାର୍ଡର ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି କୌଣସି ଲୋକ ଆପତ୍ତି ଅଭିଯୋଗ ପାଇଁ ପଞ୍ଚାୟତ ଅଫିସକୁ ଯାଇ ନିରାଶ ହୋଇ ଫେରୁଥିବା ଅଭିଯୋଗ କରିଛନ୍ତି।

# ଫୁଟ୍‌ବଲ, ତୀର ଚାଳନା ପ୍ରତିଯୋଗିତା


ତୀରଚାଳନା ପ୍ରତିଯୋଗଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

ନବରଙ୍ଗପୁର,୨୮।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସରକାରୀ ଏସ୍ଏସ୍‌ଡି ହାଇସ୍କୁଲରେ ବିଜୁ କନ୍ୟା ରତ୍ନ ଅଧୀନରେ ଜିଲା ପ୍ରଶାସନ ଏବଂ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଫୁଟବଲ ଓ ତୀର ଚାଳନା ପ୍ରତିଯୋଗିତା କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୪୦ ପ୍ରତିଯୋଗୀ ଭାଗ ନେଇଥିଲେ। ନିଜ ଦକ୍ଷତା ଅନୁଯାୟୀ ଆଗକୁ ବଢିବା ସହ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେବାକୁ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଓ ଅନ୍ୟ ଅତିଥିମାନେ ପରାମର୍ଶ ଦେଇଥିଲେ। ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଛି। ଏଥିରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଜିଲାସ୍ତରୀୟ ପୋଲିଓ ଟିକାକରଣ ଦିବସ ବୈଠକ


ବୈଠକରେ ଟିକାକରଣ ସମ୍ପର୍କରେ ଆଲୋଚନା କରାଯାଉଛି।

ମାଲକାନଗିରି, ୨୮।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ରକ୍ତ ଭଣ୍ଡାର ସଭାଗୃହରେ ଜିଲାସ୍ତରୀୟ ସମନ୍ୱିତ ପଲ୍‌ସ ପୋଲିଓ ଟିକାକରଣ ଦିବସ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀ ଡା.ପ୍ରଫୁଲ୍ଲ କୁମାର ନନ୍ଦ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ୩ ତାରିଖ ଟିକାକରଣ ଦିବସ ପାଳନ ନିମନ୍ତେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ପୋଲିଓର ଦୁଇଟି ବୁନ୍ଦା ଖୁଆଇବା ନିମନ୍ତେ ଧାର୍ଯ୍ୟ କରାଯାଇଛି। ଉକ୍ତ ଦିନ ଜିଲାର ସମସ୍ତ ପୋଲିଓ ଟିକାକରଣ କେନ୍ଦ୍ର ଯଥା ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ଓ ଏଏନ୍ଏମ୍ କେନ୍ଦ୍ରରେ ପୋଲିଓ ଟିକା ପ୍ରଦାନ କରାଯିବ । ୪ ଓ ୫ ତାରିଖ ଦିନ ଘରକୁ ଘର ବୁଲି ଆଶା, ଅଙ୍ଗନୱାଡି, ସ୍ୱାସ୍ଥ୍ୟ ଓ ଏନ୍‌ଜିଓ କର୍ମୀଙ୍କ ଦ୍ୱାରା ବୁନ୍ଦା ଖୁଆଇବା ବ୍ୟବସ୍ଥା କରାଯିବା ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଦ୍ୱାରା ୭୬,୦୯୫ ଶିଶୁଙ୍କୁ ଟିକାକରଣ କରିବାର ଧାର୍ଯ୍ୟ ରଖାଯାଇଛି। ଏସ୍ଏମ୍ ଓ କୋରାପୁଟର ଡା.ମୌସମ ମାନ୍ନା ବିସ୍ତୃତ ଭାବେ ଜିଲାରେ ପୋଲିଓ ଦିବସ ପାଳନ ନିମନ୍ତେ ସମସ୍ତ ଉପସ୍ଥାପନା କରିଥିଲେ। କର୍ମଶାଳାରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଏମ୍.ଡି ଅଭିଦ ହୁସେନ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ଓ ଜିଲା ଟିକାକରଣ ଅଧିକାରୀ) ଡା.ବ୍ରଜବନ୍ଧୁ ଦାଶ, ପୌର ପରିଷଦ ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ଜିଲା ଲୋକ ସମ୍ପର୍କ ଅଧିକାରୀ, ସମସ୍ତ ବ୍ଲକର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ, ସମସ୍ତ ବ୍ଲକର ଶିଶୁ ବିକାଶ ଯୋଜନା ଅଧିକାରୀ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ, ଜିଲାସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ଜିଲା ଟିକା ଓ ସାମଗ୍ରୀ ପରିଚାଳକ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି


ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଉଛି।

ଚିତ୍ରକୋଣ୍ଡା,୨୮।୨(କ୍ଷୀରୋଦ ବେହେରା)

ଚିତ୍ରକୋଣ୍ଡା ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଡିଓ ତନ୍ମୟ ପାତ୍ରଙ୍କ ଅଧ୍ୟକ୍ଷତାରେ ଏପିଓ ଉତ୍ସବ ଗିରି, ବିଭିନ୍ନ ପଞ୍ଚାୟତର ପିଇଓ ଏବଂ ଜିଆରଏସ୍‌ଙ୍କ ସମେତ ଚିତ୍ରକୋଣ୍ଡା ବ୍ଲକ ସାମାଜିକ ସମୀକ୍ଷକ ବେଲାଳସେନ ଗୁଣ୍ଡାଙ୍କ ଉପସ୍ଥିତିରେ ୧୮ ପଞ୍ଚାୟତରୁ ଅଳ୍ପ କେତେକ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବନପାଳ, ଗ୍ରାମ ସାଥୀ, ଭିଆରପି, ଯୋଗାଣ ସହାୟକଙ୍କୁ ନେଇ କରାଯାଇଥିଲା । ୧୮ ପଞ୍ଚାୟତରେ ବ୍ଲକ ସାମାଜିକ ସମୀକ୍ଷକ ଏବଂ ଭିଆରପିମାନଙ୍କ ଦ୍ୱାରା ସମସ୍ତ ପଞ୍ଚାୟତରେ ଏମ୍‌ଜିଏନ୍ଆରଇଜିଏସ୍‌ରେ ହୋଇଥିବା କାମର ସମୀକ୍ଷା ସହିତ ଗ୍ରାମସଭା କରାଯାଇ ଆଲୋଚନା ହୋଇଥିଲା। ସମସ୍ତ ପଞ୍ଚାୟତରୁ ଆସିଥିବା ଅଭିଯୋଗ ଉପରେ ବିଭିନ୍ନ ପଞ୍ଚାୟତର ପିଇଓ ଓ ଜିଆରଏସ୍‌ମାନେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ। ସମସ୍ୟା ତଥା ଅଭିଯୋଗ ଭିତରେ ଚଳିତ ବର୍ଷ ୧୮ ପଞ୍ଚାୟତରେ ହୋଇଥିବା କାମ ଟଙ୍କା ଆଜି ସୁଦ୍ଧା ପାଇ ନଥିବା ବେଳେ କେତେକ ପଞ୍ଚାୟତରେ ପିଡିଏସ୍ କାର୍ଡ ଥାଇ ଆଧାର କାର୍ଡ ତ୍ରୁଟି ଯୋଗୁ ଚାଉଳ ପାଉ ନ ଥିବା ଅଭିଯୋଗ ହୋଇଥିଲା ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚତୁର୍ଥ ବାର୍ଷିକ ଉତ୍ସବ


ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

କାଲିମେଲା, ୨୮।୨(ଜୀବନକୃଷ୍ଣ ଦାସ)– ମାଲକାନଗିରି ଜିଲା କାଲିମେଲା ବ୍ଲକ କାଙ୍ଗୁରୁକୋଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଚତୁର୍ଥ ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆତମା ରାବା ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଜବାନପଲ୍ଲୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବ କିଶୋର ମଲ୍ଲିକ ଉପସ୍ଥିତ ଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ କାଲିମେଲା ବ୍ଲକ ଅଧ୍ୟକ୍ଷା ସୁବାସିନୀ ସୋଡ଼ୀ ଓ ପୂର୍ବତନ ସରପଞ୍ଚ ଗଙ୍ଗାଧର ସୋଡ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଅଧ୍ୟକ୍ଷ ମହନ୍ତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠକରି ବିଦ୍ୟାଳୟର ବର୍ତ୍ତମାନର ସ୍ଥିତି ଏବଂ ଅଭାବ ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଅତିଥିମାନେ ମାନବିକତା ଶୃଙ୍ଖଳାରକ୍ଷା, ଚରିତ୍ର ଗଠନ ଆଦି ଜଣେ ଆଦର୍ଶ ଛାତ୍ରର ଲକ୍ଷଣ ଉପରେ ଗୁରୁତ୍ୱାରୋପ କରି ଥିଲେ । ଶିକ୍ଷକ ଚିତ୍ତରଞ୍ଜନ ଜେନା ଅତିଥି ପରିଚୟ ପ୍ରଦାନ କରିବା ସହ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ଶିକ୍ଷୟିତ୍ରୀ ସବିତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଅଧିକାରୀଙ୍କ ଅବହେଳାରୁ କାମ ମନ୍ଥର ଅଭିଯୋଗ

## ସାମାଜିକ ସମୀକ୍ଷା ଜନଶୁଣାଣି

ତେନ୍ତୁଲିଖୁଣ୍ଟି, ୨୮।୨(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ସମ୍ମିଳନୀ କକ୍ଷରେ ଏମ୍‌ଜିଏନ୍ଆର୍‌ଇଜିଏସ୍ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି, ବିଡିଓ ମନୋଜ କୁମାର ପାଣିଗ୍ରାହୀ, ଜିଲା ସାମାଜିକ ସମୀକ୍ଷକ ବୈବାସ୍ତୁତ ଚଲାଣ, ଏଇଇ ଭଗବାନ ବେହେରା, ସୁଶାନ୍ତ ଶତପଥୀ, ଭରସା ସେଚ୍ଛାସେବୀ ଅନୁଷ୍ଠାନ ସଭାପତି ଏଲ୍. ସନ୍ତୋଷ ରାଓ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ।

ବ୍ଲକରେ ଏମ୍‌ଜିଏନ୍ଆର୍‌ଇଜିଏସ୍‌ରେ ୧ଏପ୍ରିଲ ୨୦୨୩ରୁ ୩୦ ସେପ୍ଟମ୍ବର ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ସାମାଜିକ ସମୀକ୍ଷା ସମ୍ପର୍କରେ ଜିଲା ସାମାଜିକ ସମୀକ୍ଷକ ବିବରଣୀ ପାଠ କରିଥିଲେ। ଗ୍ରାମ ରୋଜଗାର ସେବକ ଓ ଯୋଗାଣ ସହାୟକଙ୍କ ଅବହେଳା କାରଣରୁ କାମ ମନ୍ଥର, ଅର୍ଥ ସୁଚାରୁ ରୂପେ କାର୍ଯ୍ୟକାରୀ ହୋଇପାରୁନି ବୋଲି ସେ କହିଥିଲେ। ଗ୍ରାମ୍ୟ ସମ୍ବଳ କର୍ମୀମାନଙ୍କୁ ସହଯୋଗ ନ କରିବାରୁ ସାମାଜିକ ସମୀକ୍ଷାରେ ବ୍ୟତିକ୍ରମ ସୃଷ୍ଟି ହେଉଥିବା ଯୋଗୁ ଜିଲା ସମୀକ୍ଷକ କ୍ଷୋଭ ପ୍ରକାଶ କରିଥିଲେ। କେତେକ ସ୍ଥାନରେ ଫଳକ ନ ଥାଇ କାମ ହେଉଛି ତ କେତେକ ସ୍ଥାନରେ ଫଳକ ଭାଙ୍ଗି ଯାଇଛି। ଆଗକୁ ଏ ଭଳି ବ୍ୟତିକ୍ରମ ପ୍ରତି ଦୃଷ୍ଟିଦେବାକୁ ଉପଜିଲାପାଳ ଓ ବିଡିଓ ଜିଆର୍ଏସ୍ ଓ ଯୋଗାଣ ସହାୟକମାନଙ୍କୁ ତାଗିଦ କରିଥିଲେ।

# ବିଭିନ୍ନ ହସ୍ପିଟାଲ ପରିଦର୍ଶନକଲେ କାୟାକଳ୍ପ ଟିମ୍

ମାଲକାନଗିରି,୨୮।୨(ଦୁର୍ଯ୍ୟୋଧନ ପାତ୍ର)


ମାଲକାନାଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା କାୟାକଳ୍ପ ଟିମ୍।

ମାଲକାନଗିରି ଜିଲାରେ ସ୍ୱାସ୍ଥ୍ୟସେବାର ସମୀକ୍ଷା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗର କାୟାକଳ୍ପ ଟିମ୍ ଜିଲା ଗସ୍ତରେ ଆସି ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସମୀକ୍ଷା ସହ ରୋଗୀ ସେବା ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ଦ୍ଦେଶକ ଡା. ପ୍ରମୋଦ କୁମାର ଦେଙ୍କ ନେତୃତ୍ୱରେ ଡା. ବିଜୟ କୁମାର ଓ ଡା.ହୃଷୀକେଶ ସାହୁଙ୍କ ସହିତ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ୍ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟ, ଚିତ୍ରକୋଣ୍ଡା ଓ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟସେବାର ୮ ମୁଖ୍ୟ ବିଭାଗ ସହିତ ଅନ୍ୟାନ୍ୟ ବିଭାଗ ଉପରେ ଟିମ୍ ତର୍ଜମା କରି ନିଜର ରେଟିଂ ପଏଣ୍ଟ ପ୍ରଦାନ କରିବା ସହ ସ୍ୱଚ୍ଛତା, ରୋଗୀସେବା, ସୁସ୍ଥ ପରିବେଶ ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଦର୍ଶନ ସମୟରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ, ଏଡିଏମ୍‌ଓ ଡାକ୍ତର ଅନିଲ ମିଶ୍ର ଓ ଅନ୍ୟାନ୍ୟ ଡାକ୍ତର ସ୍ୱାସ୍ଥ୍ୟ କର୍ମୀଙ୍କ ସହିତ ଏହି ଟିମ୍ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ବୁଡୁବାଲି ଆଶ୍ରମ ସ୍କୁଲର କ୍ରୀଡ଼ା ଉତ୍ସବ



ଚନ୍ଦ୍ରପୁର,୨୮।୨ (ବିଜୟ ପ୍ରସାଦ ଉଲାକା)

ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ବୁଡୁବାଲି ପଞ୍ଚାୟତ ସଦର ମହକୁମାରେ ଥିବା ଜାତି ଜନଜାତି କଲ୍ୟାଣ ବିଭାଗ ଆଶ୍ରମ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବର, ମୁଖ୍ୟବକ୍ତା ଭାବେ ସରପଞ୍ଚ ଭୀମ ଗୋଗେରଙ୍ଗା, ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଅଧିକାରୀ ଉମାକାନ୍ତ ମିଶାଲ, ଶମ୍ଭୁ ଗୋଗେରଙ୍ଗ ମଞ୍ଚାସୀନ ଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ଅଡଙ୍ଗାକା ସୁଦର୍ଶନ ମଞ୍ଚ ପରିଚାଳନା କରିଥିଲେ । ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ପାଢ଼ୀ, ସୀମା କ୍ରେପୁଟିକା ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୁଚି, ମ୍ୟୁଜିକ ଚୌକି, ଦୌଡ, କ୍ରିକେଟ ଆଦି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏହି ଖେଳ ଉତ୍ସବକୁ ଶିକ୍ଷକ ରାମଚନ୍ଦ୍ର ପାଢ଼ୀ ପରିଚାଳନା କରିଥିଲେ।

### ମିନି ଷ୍ଟାଡିୟମରେ ମୌଳିକ ସୁବିଧା ଯୋଗାଇଦେବାକୁ ଦାବିପତ୍ର

ଗୁଣପୁର,୨୮।୨(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ମିନି ଷ୍ଟାଡିୟମରେ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି ହୋଇଛି। ଏ ନେଇ ଯୁବ ଖେଳପ୍ରେମୀଙ୍କ ପକ୍ଷରୁ ଗୁଣପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ବୁଧବାର ପ୍ରଦାନ କରାଯାଇଛି। ମିନି ଷ୍ଟାଡିୟମରେ ପାନୀୟ ଜଳ ଯୋଗାଣର ସୁବିଧା, ଡ୍ରେନେଜ ସିଷ୍ଟମ କରିବା, ଖେଳାଳିଙ୍କ ପାଇଁ ବିଶ୍ରାମ ଗୃହ ନିର୍ମାଣ, ପଡିଆର ସମତୁଲ କରିବା ସହ ରକ୍ଷଣାବେକ୍ଷଣ ଆଦି କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ କିରଣ କୁମାର ପାଣିଗ୍ରାହୀ, ଅଂଶୁମାନ ପଟ୍ଟନାୟକ, କେତନ ଶବର, ହରିବନ୍ଧୁ ଗମାଙ୍ଗ, ରାଜ କିଶୋର ଗୌଡ ପ୍ରମୁଖ ଯୁବ ଖେଳାଳି ଉପସ୍ଥିତ ଥିଲେ।

### ଗଞ୍ଜେଇ ଚାଲାଣ ମାମଲା ୨ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୨୮।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏଡିଜେ-୧ ଡ. ଇନ୍ଦୁ ଶର୍ମା ଏକ ଗଞ୍ଜେଇ ଚାଲାଣ ମାମଲାର ବୃତ୍ତାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସେ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଦିଗପହଣ୍ଡି ଅଞ୍ଚଳର କେ. ସଞ୍ଜୟ ଓ ରାମ ନାଇକ। ୨୦୨୨ ଅଗଷ୍ଟ ୨୦ ତାରିଖରେ ଦିଗପହଣ୍ଡି ରାସ୍ତା ଦେଇ ବ୍ରହ୍ମପୁର ଗଞ୍ଜେଇ ଆସୁଥିବା ଅବକାରୀ ଗୋଇନ୍ଦା ବିଭାଗକୁ ଖବର ମିଳିଥିଲା। ଅବକାରୀ ଟିମ କଇଠଖଣ୍ଡି ଛକରେ ଯାନବାହନ ଯାଞ୍ଚ କରୁଥିବା ବେଳେ ବାଇକ୍‌ରେ ବସ୍ତାରେ ଚାଲାଣ ହେଉଥିବା ୨୧ କେଜି ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ସେମାନଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ ସଞ୍ଜୟ ଓ ରାମଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ପ୍ରଦୀପ କୁମାର ମହାପାତ୍ର ଓ ତାଙ୍କ ସହଯୋଗୀ ଶ୍ରୀମନ୍ତ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

### ବାଇକ୍ ଦୁର୍ଘଟଣା, ୩ ମାଟ୍ରିକ୍ ପରୀକ୍ଷାର୍ଥୀ ଆହତ

ଗୋପାଳପୁର,୨୮।୨(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ପାଲୁର ଠାରେ ବୁଧବାର ଏକ ବାଇକ ଗଛରେ ପିଟି ହେବାରୁ ୩ଜଣ ମାଟ୍ରିକ୍ ପରୀକ୍ଷାର୍ଥୀ ଆହତ ହୋଇଛନ୍ତି। ସେମାନେ ହେଲେ ହରଡ଼ଙ୍ଗ ଗ୍ରାମର ବି. ଅନିଲ ପାତ୍ର, ସିଏଚ. ଦିଲୀପ ପାତ୍ର ଓ ଜି. ଦିଲେଶ୍ୱର ରେଡି ସ। ସିଦ୍ଧ ଭୈରବୀ ଉଚ୍ଚ ବିଦ୍ୟାଳୟର ଏହି ୩ଜଣ ଛାତ୍ର ପରୀକ୍ଷା ଦେବା ପାଇଁ ଗୋଳନ୍ଥରା ଚଟି ବିଶ୍ୱନାଥ ହାଇସ୍କୁଲକୁ ବାଇକରେ ଯାଉଥିଲେ। ପାଲୁର ନିକଟ ବୁଲାଣିରେ ବାଇକ୍ ଗଛରେ ପିଟି ହେବାରୁ ସେମାନେ ଆହତ ହୋଇଥିଲେ। ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ଦିଲେଶ୍ୱରଙ୍କ ଅବସ୍ଥା ଗୁରୁତର ହେବାରୁ ବିଶାଖାପାଟଣାର ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ବିଜ୍ଞାନ କ୍ଷେତ୍ରରେ ଜ୍ଞାନ ଅର୍ଜନ ପାଇଁ ସହାୟକ ହେବ ପ୍ଲାନେଟାରିୟମ୍

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ଲାନେଟାରିୟମ ଉଦ୍‌ଘାଟିତ

ରାୟଗଡ଼ା,୨୮।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ କ୍ଷେତ୍ରରେ ସହଯୋଗ ଓ ସୁବିଧା ପାଇଁ ଦୀର୍ଘ ଦିନରୁ ଅପେକ୍ଷାରେ ରହିଥିବା ପ୍ଲାନେଟାରିଅମ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ରାୟଗଡ଼ା ବ୍ଲକ ଭାକୁରଗୁଡ଼ା ନିକଟସ୍ଥ ଦେଇ ଯାଇଥିବା ୩୨୬ନଂ ଜାତୀୟ ରାଜପଥ କଡ଼ରେ ଥିବା କାଦମ୍ବରିଗୁଡ଼ା ଗ୍ରାମରେ ନିର୍ମିତ ପ୍ଲାନେଟରିଅମକୁ ଭର୍ଚୁଆଲ ମାଧ୍ୟମରେ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଗରିବ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ କ୍ଷେତ୍ରରେ ଜ୍ଞାନ ଅର୍ଜନ ପାଇଁ ଏହି ପ୍ଲାନେଟାରିଅମ ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ଏହି ପ୍ଲାନେଟାରିଅମ ଯୋଗୁଁ ବିଜ୍ଞାନ ଦୃଶ୍ୟପଟ୍ଟର ପରିବର୍ତ୍ତନ ଏବଂ ବୈଜ୍ଞାନିକ ଚିନ୍ତାଧାରାର ସୁଦୃଢ଼ୀକରଣ ବିକାଶରେ ଜିଲା ଆଉ ଏକ ପାଦ ଆଗକୁ ବଢ଼ିଲା ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ଏହି ଉଦଘାଟନୀ ସମାରୋହରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ.ଭାସ୍କର ରାଓ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଜିଲାପାଳ ମନୋଜ ସତ୍ୟୱାନ ମହାଜନ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଏହି ପ୍ଲାନେଟରିୟମ ଯୋଗୁଁ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ କ୍ଷେତ୍ରରେ ବେଶ୍ ସହାୟତା ମିଳିବ ବୋଲି ଅତିଥିମାନେ କହିଥିଲେ ।



ପ୍ଲାନେଟାରିୟମରେ ଥିବା ଆର୍ନ୍ତଜାତୀୟ ମାନଚିତ୍ରକୁ ଅତିଥିମାନେ ବୁଲି ଦେଖୁଛନ୍ତି।

# ରାଜ୍ୟ ସରକାର, ବିଜେଡିକୁ ସ୍ପଷ୍ଟୀକରଣ ମାଗିଲେ ଇସି

## ସରକାରୀ ବିଜ୍ଞାପନରେ ଦଳୀୟ ଚିହ୍ନ

ନୂଆଦିଲ୍ଲୀ,୨୮।୨(ପି.ଟି.)

ସରକାରୀ ବିଜ୍ଞାପନଗୁଡ଼ିକରେ ଦଳୀୟ ଚିହ୍ନ 'ଶଙ୍ଖ' ବ୍ୟବହାର ଉପରେ ନିର୍ବାଚନ କମିଶନ (ଇସି) ବୁଧବାର ଓଡ଼ିଶା ସରକାର ଏବଂ ଶାସକ ବିଜୁ ଜନତା ଦଳ (ବିଜେଡି)ଠାରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ମାର୍ଚ୍ଚ ୨ ସନ୍ଧ୍ୟା ସୁଦ୍ଧା ଏହାର ଜବାବ ଦାଖଲ ପାଇଁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ବିଜେଡି କେତେକ ଖବରକାଗଜ, ଟିଭି ଚ୍ୟାନେଲ, ସରକାରୀ ବସ୍‌ଗୁଡ଼ିକରେ ବିଜ୍ଞାପନ ଏବଂ ବିଭିନ୍ନ ସହରରେ ହୋର୍ଡିଂ ଦେଇ ଶଙ୍ଖ ଚିହ୍ନର ପ୍ରଚାର କରୁଥିବା ନେଇ ଇସି କେତୋଟି ଅଭିଯୋଗ ପାଇଥିଲେ। ଏହାକୁ ଅନୁଧ୍ୟାନ କରିବା ପରେ ୨୦୧୬ ଅକ୍ଟୋବରର ନିର୍ଦ୍ଦେଶନାମା ଉଲ୍ଲଂଘନ ହୋଇଥିବା ଜାଣିବାକୁ ପାଇଥିଲେ। ଏପ୍ରିଲ-ମେ'ରେ ଲୋକ ସଭା ନିର୍ବାଚନ ସହ ଓଡ଼ିଶା ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

# ବ୍ଲକ୍ ଅଧ୍ୟକ୍ଷାଙ୍କୁ ବିଡିଓଙ୍କ ଅଣଦେଖା ଅଭିଯୋଗରେ ଧାରଣା



ଧାରଣାରେ ବସିଥିବା ବ୍ଲକ ଅଧ୍ୟକ୍ଷା ଏବଂ ପିଆର ମେମ୍ବର।

ଗୁଡାରି,୨୮।୨(ପ୍ରମୋଦ କୁମାର ପତି)

ଗୁଡାରି ବ୍ଲକ ଅଧ୍ୟକ୍ଷା ଏବଂ କିଛି ପିଆର ମେମ୍ବରଙ୍କୁ ବିଡ଼ିଓ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବର, ଜିଲା ପରିଷଦ ସଭ୍ୟ, କିଛି ସରପଞ୍ଚ, ସମିତିସଭ୍ୟା ଏବଂ ସାଧାରଣ ଜନତା ଧାରଣାରେ ବସିଛନ୍ତି। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ କହିବାନୁଯାୟୀ, ବିଡ଼ିଓ ତାଙ୍କୁ ଏବଂ କିଛି ସରପଞ୍ଚଙ୍କୁ ଅଣଦେଖା କରିବା ସହ ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରୁନାହାନ୍ତି। ଏପରିକି କରଲାଘାଟି ଗ୍ରାମପଞ୍ଚାୟତକୁ କିଛିଦିନ ପୂର୍ବେ କିଛି କାର୍ଯ୍ୟର ଲେଆଉଟ ଦେବା ନିମନ୍ତେ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଯାଇଥିବା ବେଳେ କାର୍ଯ୍ୟାଳୟର କର୍ମଚାରୀଙ୍କୁ ପଠାଇ ଜିଲାପାଳଙ୍କ ଜରୁରୀ ଭିସି ଅଛି ବୋଲି କହି ସେମାନଙ୍କୁ ଫେରାଇ ଆଣିଥିଲେ। ସରକାରୀ କାର୍ଯ୍ୟରେ ଗଲେ ବ୍ଲକ ଅଧ୍ୟକ୍ଷଙ୍କୁ ବିଡିଓ ସରକାରୀ ଗାଡି ଦେଉ ନ ଥିବ । କହିଛନ୍ତି। ଉପରୋକ୍ତ ସମସ୍ତ ବିଷୟରେ ସେମାନେ ଜିଲାପାଳଙ୍କ ସମେତ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରିଥିବା ଅଧ୍ୟକ୍ଷା କହିଛନ୍ତି। ଏ ସମ୍ପର୍କରେ ବିଡ଼ିଓ ଅନିଶା ଦାସଙ୍କୁ ପଚାରିବାରୁ ମୋ ଜାଣତରେ ମୁଁ କିଛି ଅଣଦେଖା କରିନାହିଁ । ସମସ୍ତ ସରକାରୀ କାର୍ଯ୍ୟକ୍ରମ ଏବଂ ଆର୍ଥିକ କାରବାରରେ ବ୍ଲକ ଅଧ୍ୟକ୍ଷାଙ୍କ ଦସ୍ତଖତ ମଧ୍ୟ କରାଯାଉଛି। ଯଦି ଅଧ୍ୟକ୍ଷା କିମ୍ବା ଆମ ବ୍ଲକର କୌଣସି ପିଆର ମେମ୍ବରଙ୍କୁ ମୁଁ ଅଣଦେଖା କରିଥାଏ, ତେବେ ଏକାଠି ବସି ସମସ୍ୟାର ସମାଧନ କରାଗଲେ ଭଲ ହେବ ବୋଲି କହିଛନ୍ତି। ଏହି ଘଟଣାରେ ରାୟଗଡା ଏପିଡି ନରେନ୍ଦ୍ର ନାୟକ ଧାରଣାରେ ବସିଥିବା ପିଆର ମେମ୍ବର ଏବଂ ଅଧ୍ୟକ୍ଷାଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କିଛି ଫଳପ୍ରଦ ହୋଇ ନ ଥିବା ଜଣାପଡ଼ିଛି।

# ଜାତୀୟ ବିଜ୍ଞାନ ଦିବସରେ ପ୍ରକଳ୍ପ ପ୍ରଦର୍ଶିତ

ପଦ୍ମପୁର,୨୮।୨(ପ୍ରଶାନ୍ତ କୁମାର କର)

ପଦ୍ମପୁରସ୍ଥିତ ଅଭ୍ୟାସ ଟେକ୍ନୋ ସ୍କୁଲରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ପଦ୍ମପୁର ଆରଜି କଲେଜ ବିଜ୍ଞାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ବୁଲି ଦେଖିବା ସହ ଶ୍ରେଷ୍ଠ ପ୍ରକଳ୍ପ ଚୟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବିଜ୍ଞାନ ପ୍ରକଳ୍ପ ଏବଂ ଚିତ୍ରକଳା ପ୍ରଦର୍ଶନ କରାଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ଧବିଶ୍ୱାସ ଦୂରୀକରଣ ନିମନ୍ତେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଡ୍ରାମା କରାଯାଇଥିଲା। ପରେ ଅତିଥିମାନେ ଯୋଗିକ୍ ବ୍ରେନ୍ କ୍ଲାସ, ଯାହାକି ସ୍କୁଲର ମୁଖ୍ୟ ଆକର୍ଷଣ ସେ ବିଷୟରେ ପଚାରି ବୁଝିଥିଲେ। ପିଲାମାନେ ଆଖିରେ ପଟି ବାନ୍ଧି ରଙ୍ଗ, ଶବ୍ଦ ଏବଂ ଅକ୍ଷର ପଢ଼ି ଅତିଥିଙ୍କୁ ଶୁଣାଇଥିଲେ। ତେବେ ଏହା କେବଳ ବିଜ୍ଞାନ, ଯୋଗ ଏବଂ ପ୍ରାଣାୟମ ଦାରା ସମ୍ଭବ ହୋଇ ପାରିଛି ବୋଲି ସ୍କୁଲର ଅଧ୍ୟକ୍ଷ କହିଥିଲେ। ଶେଷରେ ସେକ୍ରେଟାରୀ ଲାଡୀ ତୁକରାମ ଏବଂ ରମେଶ ପଣ୍ଡା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ଝିଅକୁ ଖୋଜିବାକୁ ଜିଲାପାଳଙ୍କ ଦ୍ୱାରସ୍ଥ ପରିବାରବର୍ଗ

## ନିଖୋଜ ନାବାଳିକାଙ୍କୁ ଖୋଜିବାରେ ପୋଲିସ ଅସମର୍ଥ



ଜିଲାପାଳଙ୍କ ଅଫିସକୁ ଆସିଥିବା ନିଖୋଜ ବାଳିକାଙ୍କ ପରିବାର ଲୋକେ।

ରାୟଗଡ଼ା,୨୮।୨(ଆଶିଷ ରଞ୍ଜନ ପଣ୍ଡା)

ନାବାଳିକା ନିଖୋଜ ହେବାର ମାସେ ପୂରିଲା। ତଥାପି ପୋଲିସ ଝିଅର କୌଣସି ସନ୍ଧାନ ପାଇଲା ନାହିଁ କି ଝିଅ ଘରକୁ ଫେରିଲା ନାହିଁ। ଶେଷରେ ନିରାଶ ହୋଇ ଝିଅକୁ ଖୋଜିବା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ପରିବାରବର୍ଗ । ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ କେଉଟଗୁଡ଼ା ଗ୍ରାମର ବିଜୟ କୌଶଲ୍ୟାଙ୍କ ୧୪ ବର୍ଷର ଝିଅ ନିଖୋଜ ହେବାର ମାସେ ପୂରିଥିଲେ ମଧ୍ୟ ପୋଲିସ ଖୋଜି ନ ପାଇବାରୁ ପରିବାରଲୋକେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ପରିବାରବର୍ଗଙ୍କ ଅଭିଯୋଗ ଗ୍ରହଣ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶ ଥାଉକି, କେଉଟଗୁଡ଼ା ଗ୍ରାମର ବିଜୟ କୌଶଲ୍ୟାଙ୍କ ୧୪ ବର୍ଷର ଝିଅ ପ୍ରତିଦିନ ଭଳି ଜାନୁଆରୀ ୩୦ରେ ସ୍କୁଲକୁ ଯାଇଥିଲେ। ସନ୍ଧ୍ୟା ୪ଟାରେ ସ୍କୁଲ ଛୁଟି ହେବା ପରେ ସେ ଆଉ ଘରକୁ ଫେରି ନ ଥିଲେ। ଦୀର୍ଘ ସମୟ ଧରି ଝିଅ ଘରକୁ ନ ଫେରିବାରୁ ବିଜୟ ଓ ତାଙ୍କ ପରିବାରବର୍ଗ ଝିଅକୁ ଚାରିଆଡ଼େ ଖୋଜାଖୋଜି କରିଥିଲେ। ହେଲେ ଝିଅକୁ ଖୋଜିନ ପାଇବାରୁ ଶେଷର ଚାନ୍ଦିଲି ଥାନାରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତିକରି ଚାନ୍ଦିଲି ଥାନା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଅଦ୍ୟାବଧି ଝିଅର କୌଣସି ଖୋଜ ଖବର ମିଳିନାହିଁ। ୪ଦିନ ପୂର୍ବରୁ ଝିଅର ପରିବାର ଏ ନେଇ ଏସ୍‌ପିଙ୍କୁ ମଧ୍ୟ ଭେଟି ଝିଅକୁ ଖୋଜି ଫେରାଇ ଆଣିବା ପାଇଁ ଅନୁରୋଧ କରିଥିଲେ ।

# ଆଇନ ସଚେତନତା ଶିବିର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗୁଣପୁର,୨୮।୨(ପ୍ରଦୀପ କୁମାର ପାଢୀ)

ଗୁଣପୁର ବ୍ଲକ ଡମ୍ବସରାସ୍ଥିତ ଆଞ୍ଚଳିକ ଡିଗ୍ରୀ କଲେଜରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସଂସ୍ଥା ଅଧ୍ୟକ୍ଷ ତଥା ଗୁଣପୁର ଏଡିଜେ ଶେଖ୍ ମହମ୍ମଦ କ୍ୱାଇସି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ମୋଟର ଦୁର୍ଘଟଣା ଜନିତ ମାମଲାର କିପରି କ୍ଷତିପୂରଣ ମିଳିବ ସେ ନେଇ ଆଲୋଚନା କରିଥିଲେ। ସବ ଜଜ୍ ସନ୍ତୋଷ କୁମାର ମହାପାତ୍ର ଉପସ୍ଥିତ ରହି କେଉଁମାନେ ମାଗଣା ଆଇନ ସେବା ପାଇପାରିବେ ସେ ସମ୍ପର୍କରେ କହିଥିଲେ। ଏସଡିଜେଏ ମଶାନ୍ତାଶ୍ରୀ ମହାନ୍ତି ପ୍ରିବାର୍ଗିନିଂ ଏବଂ ଅନ୍ୟ ଆଇନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଓକିଲ ସଂଘ ସଭାପତି ଉମାଚରଣ ପଟ୍ଟନାୟକ ମୋଟର ଆଇନ ସମ୍ପର୍କରେ କହିଥିଲେ। ତାଲୁକ ଆଇନ ସେବା ସଂସ୍ଥା ସମ୍ମୁଖ କାର୍ଯ୍ୟାଳୟର ଓକିଲ ରମେଶ ଚନ୍ଦ୍ର ଲିମା କାର୍ଯ୍ୟ ପରିଚାଳନା କରିଥିଲେ। କଲେଜ ଅଧ୍ୟକ୍ଷ ଡ.କୃଷ୍ଣ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ଅଧାପିକା ଅଧାପକମାନେ କାର୍ଯ୍ୟକକ୍ରମରେ ଯୋଗଦେଇଥିଲେ।

# ଡଙ୍ଗାସିଲକୁ ନୂତନ ବ୍ଲକ୍ ମାନ୍ୟତା ଦାବିରେ ବୈଠକ

ଟିକିରି,୨୮।୨ (ପ୍ରଫୁଲ କୁମାର ବେହେରା)




ପ୍ରସ୍ତୁତି ବୈଠକରେ ଉପସ୍ଥିତ ଗ୍ରାମବାସୀ।

ରାୟଗଡା ଜିଲା କାଶୀପୁର ବ୍ଲକର ଡଙ୍ଗାସିଲକୁ ବ୍ଲକ ମାନ୍ୟତା ଦାବିରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାଶୀପୁର ବ୍ଲକ ଜିଲା ପରିଷଦ ଖ ଜୋନର ଜିଲା ପରିଷଦ ସଦସ୍ୟ ରଞ୍ଜିତା ନାଏକ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଅମ୍ବିକା ମାଝି, କୋଡିପାରି ସରପଞ୍ଚ ଡମ୍ବରୁଧର ମାଝି, ପୂର୍ବତନ ସରପଞ୍ଚ ସତ୍ୟନାରାୟଣ ଝୋଡିଆ, ନାଏବ ସରପଞ୍ଚ ସାରଞ୍ଜୁଳା ନାଏକ, ଭୀମସେନ ସାଉଁନ୍ତା, ପ୍ରସନ୍ନ ମହାନ୍ତି, ନିରଞ୍ଜନ ନାଏକ, ହଳଧର ନାଏକ, ଉମାଶଙ୍କର ନାଏକ, ଗୁଲୁମି ଝୋଲା, ବଇଦ ମାଝି, ବଣ୍ଡାଦରା, ବରୁଣ ସାହୁ, ଉମେଶ ବାରିକ, ସୁବାଷ ଝୋଡିଆ ପ୍ରମୁଖ ବୈଠକରେ ଯୋଗ ଦେଇ ଆଲୋଚନା କରିଥିଲେ। ନିରଞ୍ଜନ ନାଏକ ଓ ଉମାଶଙ୍କର ନାଏକ ଉପସ୍ଥିତ ବୈଠକ ପରିଚାଳନା କରିଥିଲେ।

### ଗ୍ୟାସ୍ ଲିକ୍ ହୋଇ ୧୦ ବଖରା ଜଳିଗଲା

ଭଞ୍ଜନଗର,୨୮।୨(ବାବୁଲା ପ୍ରଧାନ)

ଭଞ୍ଜନଗର ତହସିଲ ଅନ୍ତର୍ଗତ ମୁଜାଗଡ଼ରେ ବୁଧବାର ଦିନ ୧ଟା ସମୟରେ ରନ୍ଧନ ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ୯ଟି ପରିବାରର ୧୦ ବଖରା ସହ ଲକ୍ଷାଧିକ ଟଙ୍କାର ସମ୍ପତି ଜଳିପୋଡ଼ି ପାଉଁଶ ହୋଇଯାଇଛି। ଭଞ୍ଜନଗର ଦମକଳ ବାହିନୀ ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲା । କ୍ଷତିଗ୍ରସ୍ତ ପରିବାର ଗୁଡ଼ିକ ଗରିବ ଶ୍ରେଣୀର ହୋଇଥିବା ଯୋଗୁ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ନିବେଦନ କରିଛନ୍ତି ।

# ସେଞ୍ଚୁରିଅନରେ କ୍ରିକେଟ ଅଭ୍ୟାସ ପିଚ୍ ଉଦ୍‌ଘାଟିତ



କ୍ରିକେଟ ପିଚ୍ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଖେଳାଳିମାନେ।

ରାୟଗଡ଼ା,୨୮।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଉପକଣ୍ଠର ପିତାମହଲସ୍ଥିତ ସେଞ୍ଚୁରିଅନ କଲେଜ ପରିସରରେ ୨ଟି କ୍ରିକେଟ ପିଚ୍‌କୁ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଛନ୍ତି । ରାଜ୍ୟ ସରକାର ବିଶେଷକରି କ୍ରୀଡ଼ା କ୍ଷେତ୍ରରେ କ୍ରିକେଟ୍ ଖେଳାଳିଙ୍କ ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସାରା ରାଜ୍ୟରେ ଷ୍ଟାଡିୟମ ଉଦ୍‌ଘାଟିତ କରିଛନ୍ତି। ଏହି ଉଦଘାଟନୀ ସମାରୋହରେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ରାୟଗଡ଼ା ଜିଲା ସଭାପତି ତଥା ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ସମ୍ପାଦକ ସଚ୍ଚିଦାନନ୍ଦ ଖାଡଙ୍ଗା, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ଼ଃ ରାଜେଶ କୁମାର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ଥିବା ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପଞ୍ଜୀକୃତ କ୍ରିକେଟ ଖେଳାଳି ଯୋଗଦେଇଥିଲେ । ଏହି ପିଚ୍ ଯୋଗୁଁ କ୍ରିକେଟ ଖେଳାଳିଙ୍କୁ ଅଭ୍ୟାସ ପାଇଁ ସୁବିଧା ହୋଇଥିବାରୁ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ବିଭିନ୍ନ ଦାବି ନେଇ ସିପିଆଇ (ଏମ୍‌ଏଲ୍)ର ଧାରଣା

ବିଷମ କଟକ, ୨୮।୨(ବିଭୂତି ଭୂଷଣ ନାୟକ)




ସିପିଆଇ (ଏମ୍‌ଏଲ୍) ଲିବରେଶନ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

୧୩ଦଫା ଦାବି ନେଇ ସିପିଆଇ (ଏମଏଲ) ଲିବରେଶନ ତରଫରୁ ବିଷମକଟକ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଅନୁଷ୍ଠିତ ହୋଇଯାଇଛି। ସିପିଆଇ (ଏମଏଲ) କର୍ମୀମାନେ ବିଷମକଟକ ଦଳୀୟ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ଆସି ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଗ୍ରାମିଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଶ୍ରମିକଙ୍କୁ ବର୍ଷକୁ ୨୦୦ ଦିନ ଓ ଦୈନିକ ୬୦୦ ଟଙ୍କା ମଜୁରୀ, ଜବ କାର୍ଡଧାରୀଙ୍କୁ ତୁରନ୍ତ କାମ ଯୋଗାଇବା ନଚେତ ଭତ୍ତା ପ୍ରଦାନ କରିବା, ଚାଟିକଣାର ଆଦିବାସୀ ଗରିବ ଲୋକଙ୍କୁ ସରକାରୀ ଜମିରୁ ଉଚ୍ଛେଦ ବନ୍ଦ କରିବା, ବସ୍ତି ବାସିନ୍ଦା ଓ ଗ୍ରାମାଞ୍ଚଳରେ ଘର କରି ରହିଥିବା ଗରିବ ଲୋକଙ୍କୁ ବସୁନ୍ଧରା ଯୋଜନାରେ ଘରଡ଼ିହ ପଟ୍ଟା ପ୍ରଦାନ କରିବା, ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକୀୟ ଡ଼ାକ୍ତର ଓ ବିଶେଷଜ୍ଞ ପଦବୀ ପୂରଣ କରିବା, ସିଲିଂ ବହିର୍ଭୁତ ଜମି ଓ ଭୂ-ଦାନ ଜମି ଆଦିବାସୀ ଦଳିତ ଓ ଗରୀବ ଭୂମିହୀନଙ୍କ ମଧ୍ୟରେ ବଣ୍ଟନ କରିବା ପାଇଁ ଦାବି କରାଯାଇଥିଲା। ସେହିଭଳି ବିଷମକଟକଠାରେ ସ୍ଥାୟୀ ସବ୍ ରେଜିଷ୍ଟାର ନିଯୁକ୍ତ କରିବା, ଟାଉନ୍‌କୁ ପିଇବା ପାଣି ଯୋଗାଇବା, ବ୍ଲକ୍‌ର ପ୍ରତ୍ୟେକ ପଞ୍ଚାୟତରେ ଅମିନ ଓ ଆର୍.ଆଇଙ୍କୁ ମାସିକ ୧୫ ଦିନ ଆଦିବାସୀ ଲୋକମାନଙ୍କ ଦଖଲରେ ଥିବା ଜମିକୁ ସର୍ଭେ କରିବା ପାଇଁ ବିଷମକଟକ ତହସିଲଦାରଙ୍କ ଦ୍ୱାରା ଅନୁମତି ପ୍ରଦାନ କରିବା, ବିଷମକଟକ ବ୍ଲକ୍‌ର ପ୍ରତ୍ୟେକ ପଞ୍ଚାୟତ ହେଡ଼କ୍ୱାର୍ଟରରେ ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମଙ୍କୁ ମାସିକ ୩୦୦୦ ଟଙ୍କା ପେନସନ ଯୋଗାଇବା ଏବଂ ପ୍ରତ୍ୟେକ ପରିବାରକୁ ୨୦୦ ୟୁନିଟ ବିଜୁଳୀ ମାଗଣା ଯୋଗାଇବା, ୨୦୦୬ ଜଙ୍ଗଲ ଅଧିକାର ଆଇନକୁ କଡାକଡି ଭାବେ ପାଳନ କରିବା, ଜଙ୍ଗଲ ଉଚ୍ଛେଦ ଆଇନ ରଦ୍ଦ କରାଯିବାକୁ ଦାବି ହୋଇଛି। ୨୦୨୩ ଜଙ୍ଗଲ ସଂରକ୍ଷଣ ସଂଶୋଧନ ବିଲ ବାତିଲ କରିବା, ହାଟ ମୁନିଗୁଡ଼ାସ୍ଥିତ ରାମକୃଷ୍ଣ ମିଶନରେ ସ୍ଥାନୀୟ ଆଦିବାସୀ ଓ ଦଳିତ ପିଲାଙ୍କ ପାଇଁ ୪୦% ସ୍ଥାନ ସଂରକ୍ଷଣ କରିବା, ବିଷମକଟକରେ ଅତିରିକ୍ତ ଜିଲା ଜଜ (ଏ.ଡ଼ି.ଜେ) ସ୍ଥାପନ କରିବା ନେଇ ଦାବି କରାଯାଇଛି। ସିପିଆଇ (ଏମଏଲ) ଲିବରେସନ ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭରେ ରାଜ୍ୟ କମିଟି ସଭ୍ୟ ମହେନ୍ଦ୍ର ପରିଡ଼ା, ପୂର୍ବତନ ବିଧାୟକ ରାଧାକାନ୍ତ ସେଠି, ବୃନ୍ଦାବନ ବିଡିକା, ଶରତ ଚନ୍ଦ୍ର ତ୍ରିପାଠୀ, ବୃନ୍ଦାବନ ଗୁନା, ଛବି ଲାଲ ହିହାଲ, ରାମା ରାଓ କୁତୁକା, କାଣିକ ପାଣ୍ଡୁ , ମେଦିରି ଗରଡିଆ, ରାମଚନ୍ଦ୍ର ପ୍ରାସ୍କୋ, ଆଛାନା ମଣ୍ଡାଙ୍ଗି, ମୂର୍ତ୍ତୀ ମିଣିଆକା, ବନ ହୁଇକା, ସଂଗ୍ରାମ ବିଡିକା ପ୍ରମୁଖ ଉପସ୍ଥିତ ଥିଲେ।





## ସଂକ୍ଷେପରେ

### ୩୪୬ ଛାତ୍ରୀଛାତ୍ରଙ୍କୁ ସ୍କୁଲବ୍ୟାଗ୍

ନନ୍ଦପୁର, ୨୮।୨(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ବାଲଡ଼ା ପଞ୍ଚାୟତ ସଦର ମହକୁମାସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ୩୪୬ ଜଣ ଛାତ୍ରୀଛାତ୍ରଙ୍କୁ କଳିଙ୍ଗ ଆଲୁମିନା ପକ୍ଷରୁ ବୁଧବାର ନୂଆ ସ୍କୁଲବ୍ୟାଗ୍ ପ୍ରଦାନ କରାଯାଇଛି। କମ୍ପାନୀର ବରିଷ୍ଠ ପରିଚାଳକ ଦିଲୀପ ପରିଚ୍ଛା ଓ ସହକାରୀ ପରିଚାଳକ ପ୍ରମୋଦ ହିଆଲ, ପ୍ରଶାନ୍ତ ଖିଲ, ଶିକ୍ଷୟିତ୍ରୀ ଶିକ୍ଷକ ଓ ବାଲଡା ଗ୍ରାମର ଅଭିଭାବକମାନେ ଉପସ୍ଥିତ ଥିଲେ।

### ୨୧୦ କିଲୋ ଗଞ୍ଜେଇ ଜବତ

ନନ୍ଦପୁର, ୨୮।୨ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ପାଡୁଆ ପୋଲିସ ପରଜା ବଡପଡ଼ା ଗ୍ରାମ ଜଙ୍ଗଲରେ ଚାଲାଣ ପାଇଁ ଗଚ୍ଛିତ ଥିବା ୨୧୦ କିଲୋ ଗଞ୍ଜେଇ ଜବତ କରିଥିବା ଏସ୍‌ଡିପିଓ ସମ୍ବିତ ମାଝୀ ସୂଚନା ଦେଇଛନ୍ତି। ଏସ୍‌ଆଇ ଡିକେ ବାରିକଙ୍କ ନେତୃତ୍ୱରେ ପାଡୁଆ ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ ବେଳେ ସୂରାକ ପାଇ ଚଢାଉ କରି ଉକ୍ତ ଗଞ୍ଜେଇ ଜବତ କରିଥିବା ଥାନାଧିକାରୀ ଅଶୋକ ବିଷୋୟୀ କହିଛନ୍ତି। ଜଣାପଡିଛି। କେସ ନଂ. ୩୫/୨୪।

### ପୁଟ୍ରାଘାଟି ଗ୍ରାମବାସୀଙ୍କ ସହ ତ୍ରିପାକ୍ଷିକ ଆଲୋଚନା

ଦାମନଯୋଡି,୨୮।୨ (ମାନସ ରଞ୍ଜନ କର)

ନାଲକୋ ସମ୍ପ୍ରସାରଣ ପ୍ରୋଜେକ୍ଟ କାମକୁ ପୁଟ୍ରାଘାଟି ଗ୍ରାମବାସୀ ବିରୋଧ କରି ଆସୁଛନ୍ତି। ଗ୍ରାମର ବେକାର ଯୁବତୀଯୁବକଙ୍କୁ ମେଣ୍ଟେନାନ୍ସ କାମ, ନାଲକୋ କ୍ଷତିଗ୍ରସ୍ତ ଜମିହରାଙ୍କୁ ସ୍ଥାୟୀ ନିଯୁକ୍ତି, ମେଡିକାଲ କାର୍ଡ ମଞ୍ଜୁର, ନାଲକୋ ପକ୍ଷରୁ ପୁଟ୍ରାଘାଟି ଗ୍ରାମର ୮୪ଜଣଙ୍କ ନାମରେ ଥିବା ମକଦ୍ଦମା ପ୍ରତ୍ୟାହାର ଆଦି ଦାବି ନେଇ ନାଲକୋ ପ୍ରୋଜେକ୍ଟ କାମକୁ ବିରୋଧ କରୁଛନ୍ତି। ଏନେଇ ଦାମନଯୋଡି ଥାନାରେ ନାଲକୋ କର୍ତ୍ତୃପକ୍ଷ, ପୋଲିସ ପ୍ରଶାସନ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ବୁଧବାର ଏକ ତ୍ରିପାକ୍ଷିକ ଆଲୋଚନା ହୋଇଛି। ବୈଠକରେ ସୁନାବେଡ଼ା ଏସଡିପିଓ ମନୋବ୍ରତା ଶତପଥୀ, ଦାମନଯୋଡି ଥାନା ପୋଲିସ, ନାଲକୋର ମହାପ୍ରବନ୍ଧକ ସରୋଜ ନାଥଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ମିଡିଆ ହାଉସ ବାର୍ଷିକଉତ୍ସବ

ଦାମନଯୋଡି, ୨୮।୨ (ମାନସ ରଞ୍ଜନ କର)

ଦାମନଯୋଡି ମିଡିଆ ହାଉସର ବାର୍ଷିକଉତ୍ସବ ନାଲକୋ କମ୍ୟୁନିଟି ସେଣ୍ଟରଠାରେ ନିକଟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ନରସିଂହ ବ୍ରହ୍ମାଙ୍କ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ନାଲ୍‌କୋ ଇଡି ସୁଶୀଲ ପାଢ଼ୀ ମୁଖ୍ୟଅତିଥି, ସୁନାବେଡ଼ା ଏସ୍‌ଡିପିଓ ମନୋବ୍ରତା ଶତପଥୀ ମୁଖ୍ୟବକ୍ତା, ନାଲକୋର ଗ୍ରୁପ ଜେନେରାଲ ମ୍ୟାନେଜର ପୁରୁଷୋତ୍ତମ ମହନ୍ତ ଏବଂ ମହାପ୍ରବନ୍ଧକ ସରୋଜ ନାଥ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।

# ନିଜ ଅଞ୍ଚଳରେ କାମ ନାହିଁ, ଆନ୍ଧ୍ରମୁହାଁ ଶ୍ରମିକ

ପଟ୍ଟାଙ୍ଗୀ,୨୮।୨(ଶରତ ଧଳ)

ରାଜ୍ୟ ସରକାରଙ୍କ ପକ୍ଷରୁ ମିଳୁଥିବା କାମରେ ଶ୍ରମିକମାନେ ଉଚିତ ମଜୁରି ପାଉନାହାନ୍ତି। ନିଜ ଗ୍ରାମରେ ମଧ୍ୟ ସେମାନଙ୍କୁ କାମ ମିଳୁନାହିଁ। ଫଳରେ ସେମାନେ କାମପାଇଁ ବାହାର ରାଜ୍ୟମୁହାଁ ହେଉଛନ୍ତି। ଏପରି ଅଭିଯୋଗ ଆଣିଛନ୍ତି କାମ ପାଇଁ ପଡ଼ୋଶୀ ଆନ୍ଧ୍ର ଉପରେ ନିର୍ଭର କରୁଥିବା କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର କେତେକ ପଞ୍ଚାୟତର ଶ୍ରମିକମାନେ। ସେମାନେ ଆନ୍ଧ୍ରର ସାଲୁର ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥାନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମେଶିନ ଦ୍ୱାରା କରାଯାଉଛି। ମେଟ୍‌ମାନେ ଗ୍ରାମଗୁଡ଼ିକରେ ହେଉଥିବା

**କର୍ମଚାରୀଙ୍କ ଜାଣତରେ ହେଉଛି କାର୍ଯ୍ୟ**


କାମ ପାଇଁ ଅପେକ୍ଷାରତ ଦାଦନ ଶ୍ରମିକମାନେ।

ଉନ୍ନୟନମୂଳକ କାର୍ଯ୍ୟରେ ସେହି ଗ୍ରାମର ଲୋକଙ୍କୁ ଶ୍ରମିକ ଭାବେ ନ ନେଇ ଅନ୍ୟ ଗ୍ରାମରୁ ଲୋକଙ୍କୁ ଆଣି କାମ କରାଉଛନ୍ତି ବୋଲି ବ୍ଲକର ଗାଙ୍ଗରାଜପୁର, ଚନ୍ଦକା ଓ ସୁଙ୍କି ପଞ୍ଚାୟତର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉପରୋକ୍ତ ପଞ୍ଚାୟତର ଗ୍ରାମବାସୀ ନିକଟରେ ଅଟୋ ଯୋଗେ ସାଲୁର ବ୍ଲକକୁ ଯାଇ ସେଠାରୁ ଶ୍ରମିକଙ୍କୁ ନେଉଥିବା ଗାଡି ବିଭିନ୍ନ ସ୍ଥାନକୁ ଚାଲିଯାଇଥିବାରୁ ସେମାନେ ନିରାଶ ହୋଇ ଫେରିଥିଲେ। କାମ ପାଇଁ ଶ୍ରମିକମାନଙ୍କ ଏପରି ସ୍ଥିତି ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଏମ୍‌ଜିଏନ୍‌ଆରଇଜିଏସ୍‌ର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲା ଓ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ବାଲ୍ୟବିବାହ ରୋକିଲା ଆଇସିଡିଏସ୍, ପୋଲିସ


ଦୁଇ ପରିବାରକୁ ଶପଥପାଠ କରାଯାଉଛି।

ଦଶମନ୍ତପୁର, ୨୮।୨ (ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ଲୁଲ୍ଲା ପଞ୍ଚାୟତରେ ଚାଲିଥିବା ଏକ ବାଲ୍ୟବିବାହକୁ ସମନ୍ୱିତ ଶିଶୁ ବିକାଶ ବିଭାଗ ଓ ପୋଲିସ ରୋକିବାରେ ସଫଳ ହୋଇଛନ୍ତି। ୧୦ ବର୍ଷ ତଳେ ଲୁଲ୍ଲା ପଞ୍ଚାୟତ ଶୁକ୍ରାପୁଟ ଗ୍ରାମର ହିକିମି ସାଉଁନ୍ତାଙ୍କ ପୁଅ (୧୫)ଙ୍କ ସହ ଦୁଆରଶୁଣୀ ପଞ୍ଚାୟତ ନାରଙ୍ଗା ଗ୍ରାମର ତାଙ୍କ ସମ୍ପର୍କୀୟ ବିଶି ସାଉଁନ୍ତା (୧୫)ଙ୍କ ଝିଅକୁ ରୀତିନୀତି ଅନୁସାରେ ମାଗୁଣି କରିଥିଲେ। ହିକିମିଙ୍କ ପୁଅ ଏବେ ଲୁଲ୍ଲା ପଞ୍ଚାୟତ ବିଦ୍ୟାଳୟରେ ୧୦ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ବୁଧବାର ସେ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଥିବା ବେଳେ ତାଙ୍କ ଅଜାଣତରେ ଝିଅ ଘର ପରିବାର ପୁଅ ଘରେ ଆଣି ଝିଅକୁ ବୋହୂ ରୂପେ ଘରେ ରଖି ଭୋଜି କରୁଥିଲେ। ଗ୍ରାମରେ ବାଲ୍ୟ ବିବାହ ହେଉଥିବା ସୂଚନା ପାଇ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ବିଭାଗ ଅତିରିକ୍ତ ସିଡିପିଓ ରାଜଲକ୍ଷ୍ମୀ ସିଂ ଏବଂ ତାଙ୍କ ଟିମ୍ ବିବାହ ସ୍ଥଳରେ ପହଞ୍ଚି ଏନେଇ ପୋଲିସକୁ ଜଣାଇଥିଲେ। ଅତିରିକ୍ତ ଥାନା ଅଧିକାରୀ ନିର୍ମଳା ଲିମାଙ୍କ ନେତୃତ୍ୱରେ ଏଏସ୍‌ଆଇ ଲକ୍ଷ୍ମୀକାନ୍ତ ପଣ୍ଡା ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ପୋଲିସକୁ ଦେଖି ବିବାହ କାର୍ଯ୍ୟରେ ଉପସ୍ଥିତ ଗ୍ରାମବାସୀ ବିରୋଧ କରିଥିଲେ। ଏଏସ୍‌ଆଇ ପଣ୍ଡା ଗ୍ରାମବାସୀଙ୍କୁ ବୁଝାଶୁଝା କରି ପରେ ଭାରପ୍ରାପ୍ତ ସିଡିପିଓ ସିଂ, ପିଇଓ କେତନ ହାଲବା ଏବଂ ଅନ୍ୟମାନେ ବାଲ୍ୟ ବିବାହ କରୁଥିବା ଦୁଇ ପରିବାରକୁ ବାଲ୍ୟବିବାହ ନ କରିବା ପାଇଁ ଶପଥ ପାଠ କରାଇଥିଲେ।

# ବିଜ୍ଞାନ କେନ୍ଦ୍ର ଲୋକାର୍ପଣକଲେ ମୁଖ୍ୟମନ୍ତ୍ରୀ

ଜୟପୁର, ୨୮।୨ (ପବନ ପାଣିଗ୍ରାହୀ)

ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ କାରିଗରି ବିଭାଗ ଆନୁକୂଲ୍ୟରେ କୋରାପୁଟ ଜିଲା ଜୟପୁର ଫୁଲବାଡ ପଡିଆଠାରେ ଜିଲା ବିଜ୍ଞାନ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସି ଦ୍ୱାରା ବୁଧବାର ଲୋକାର୍ପଣ କରିଛନ୍ତି । ଜୟପୁର ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ପଡାଲ, କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, ଜିଲାପାଳ ଭି.କୀର୍ତ୍ତିଭାସନ, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ,



ଅତିଥିମାନେ ଲୋକାର୍ପଣ କାର୍ଯ୍ୟକ୍ରମ ଦେଖୁଛନ୍ତି।

ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ଏସ୍‌ଡିସି ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନକେନ୍ଦ୍ର ଲୋକାର୍ପଣ ପରେ ଏହା ଛାତ୍ରୀଛାତ୍ରଙ୍କ ପାଇଁ ମାଇଲଖୁଣ୍ଟ ହେବ ବୋଲି ଅତିଥିମାନେ କହିଥିଲେ। ସୂଚନାଯୋଗ୍ୟ ଗତ ୩।୩।୨୧ରିଖରେ ମୁଖ୍ୟମନ୍ତ୍ରୀ ଏହି ବିଜ୍ଞାନକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଜ୍ଞାନକେନ୍ଦ୍ର ସାଢେ ୬ ଏକର ଜମିରେ ୬ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। ଏହି କେନ୍ଦ୍ର ପାଇଁ ଦୀର୍ଘ ବର୍ଷ ହେବ ବିଧାୟକ ତାରାପ୍ରସାଦ ବାହିନୀପତି ଦାବି କରି ଆସୁଥିଲେ।

# ଟିକେଟ ପାଇଁ ୩ ଦଳରେ ୧୧ ଆଶାୟୀ

କୋରାପୁଟ,୨୮।୨(ଅମିତାଭ ବେହେରା)

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୀତି ସେତେ ସରଗରମ ହେଉଛି । ଦଳୀୟ ଟିକେଟ ହାତେଇବା ପାଇଁ ବିଜେଡି ସମେତ କଂଗ୍ରେସ ଓ ଭାଜପା ଆଦି ୩ ପ୍ରମୁଖ ଦଳରେ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ୨୦୦୯ରେ କୋରାପୁଟ ନିର୍ବାଚନମଣ୍ଡଳୀ ବିଜେଡି ହାତରେ ଥିବା ବେଳେ ୨୦୧୪ରେ ଏହା କଂଗ୍ରେସ ହାତକୁ ଯାଇଥିଲା । ପୁଣି ୨୦୧୯ରେ ବିଜେଡି ଏହି ଆସନକୁ ଅକ୍ତିଆର କଲା। ୨୦୧୯ରେ ଏହି ନିର୍ବାଚନମଣ୍ଡଳୀରୁ ଭାଜପାରୁ ତ୍ରିପୁରାରୀ ଗରଡ଼ା ପ୍ରାର୍ଥୀ ହୋଇଥିଲେ। ସେ ଏବେ ବିଜେଡିରେ। ବର୍ତ୍ତମାନ ବିଜେଡି ବିଧାୟକ ଥିବା ରଘୁରାମ

**ରଘୁରାମ ପ୍ରାର୍ଥୀ ହେଲେ ଜୟରାମ ହେବେ କଣ୍ଟା**

ପଡ଼ାଲଙ୍କୁ ଦଳ ଯଦି ଟିକେଟ ଦେବ ତେବେ ପଡ଼ାଲଙ୍କ ବାଟରେ ଜୟରାମ ପୂଜାରୀ କଣ୍ଟା ସାଜିପାରନ୍ତି। ରଘୁରାମ ମିଥ୍ୟା ପ୍ରମାଣପତ୍ର ଦେଇ ୨ ଥର ବିଧାୟକ ହୋଇଥିବା ପୂର୍ବରୁ ଓଏସ୍‌ଏପି ତୃତୀୟ ବାଟାଲିୟନ ସିପାହି ସଂଘ ପୂର୍ବତନ ସଭାପତି ଜୟରାମ ଆରୋପ କରିବା ସହ ତା'ର ପ୍ରମାଣ ମଧ୍ୟ ଦେଇଥିଲେ । ଦଳ ଯଦି ରଘୁରାମଙ୍କୁ ଟିକେଟ ଦିଏ ତେବେ ତାଙ୍କ ରାସ୍ତାରେ ଜୟରାମ ପ୍ରତିବନ୍ଧକ ସାଜିପାରନ୍ତି। ଅନ୍ୟପକ୍ଷରେ କୋରାପୁଟରେ ନୂଆ ମୁହଁ ନେଇ ମଧ୍ୟ ଆକଳନ ଚାଲିଛି । ନୂଆ ମୁହଁଙ୍କ ମଧ୍ୟରେ ଏବେ ସାମାଜିକ କର୍ମୀ ଡମ୍ବରୁ ନାୟକ ଆଗରେ ରହିଛନ୍ତି। ବିଭିନ୍ନ ସମୟରେ ଜନକଲ୍ୟାଣମୂଳକ କାର୍ଯ୍ୟ କରିବା ସହ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ସେ ଗାଁ ଗାଁ ବୁଲି ଲୋକଙ୍କୁ ବୁଝାଉଛନ୍ତି। ଅଧିକାରୀମାନଙ୍କ ପାଖକୁ ଯାଇ ଆଲୋଚନାକରି ଲୋକଙ୍କ ସମସ୍ୟା ସମାଧାନ କରୁଛନ୍ତି । ସେହିପରି ଭାଜପା ଟିକେଟ ପାଇଁ ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ, ନିକଟରେ ଭାଜପାରେ ସାମିଲ ହୋଇଥିବା ରଘୁରାମ ମାଛ ମଧ୍ୟ ଆଶାୟୀ ଅଛନ୍ତି। କଂଗ୍ରେସରେ କୃଷ୍ଣ କୁଲଦୀପ, କୃଷ୍ଣ ଶଗରିଆ, ରମେଶ ବ୍ୟାଖିଆ, ନିମାଇଁ ସରକାର, ଭରତ ଖୋସ୍‌ଲା ପ୍ରମୁଖ ମଧ୍ୟ ଆଶାୟୀ ରହିଥିବା ଚର୍ଚ୍ଚା ହେଉଛି। ତେବେ ଆଗାମୀ ଦିନରେ ବିଭିନ୍ନ ଦଳ ପକ୍ଷରୁ କାହାକୁ ପ୍ରାର୍ଥୀ କରାଯାଉଛି ତାହା ଦେଖିବାକୁ ବାକି ରହିଲା।

# ନଦୀରେ ବୁଡ଼ି ବୃଦ୍ଧା ମୃତ

ପଟ୍ଟାଙ୍ଗି,୨୮।୨(ଶରତ ଧଳ)

ସାପ୍ତାହିକ ହାଟକୁ ଯାଇ ନଦୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ସୁଙ୍କି ଥାନା ଅଧୀନ ମାଡକାର ଗ୍ରାମର ସମ୍ବାଇ ରାମଙ୍କ ନିକଟରେ ରହୁଥିବା ତାଙ୍କ ମାଉସୀ ଶାଶୁ ମାଦିଲି ଏରାମା (୬୦)। ଏରାମା ମଙ୍ଗଳବାର କାନ୍ଦିଲି ସାପ୍ତାହିକ ହାଟକୁ ଯାଇ ଫେରି ନ ଥିଲେ। ପରିବାର ସଦସ୍ୟ ଓ ଗ୍ରାମବାସୀ ତାଙ୍କୁ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ବୁଧବାର ମାଡକାର ନଦୀରେ କେହି ଜଣେ ଭାସୁଥିବା ଖବର ପାଇ ତାଙ୍କ ଝିଆରୀ ଜ୍ୱାଇଁ ରାମ ଓ ପରିବାର ଲୋକେ ପହଞ୍ଚି ତାଙ୍କୁ ଚିହ୍ନଟ କରିଥିଲେ। ଘଟଣା ସମ୍ପର୍କରେ ସୁଙ୍କି ଥାନାରେ ଝିଆରୀ ଜ୍ୱାଇଁ ଏରାମ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା।

# ଭୈରବ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ

ବୋରିଗୁମ୍ମା,୨୮।୨(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକର ଭୈରବ ଡିଗ୍ରୀ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ଶ୍ରୀଜଗନ୍ନାଥ ମନ୍ଦିର ନିକଟସ୍ଥ ସାଂସ୍କୃତିକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଛାତ୍ରୀଛାତ୍ର,ପରିଚାଳନା କମିଟି କର୍ମକର୍ତ୍ତା, ଅଭିଭାବକମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ରୂପେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ମୁଖ୍ୟବକ୍ତା ରୂପେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଭରତ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ପ୍ରଫେସର ଅଞ୍ଜେନାଇଲୁ ଯୋଗଦେଇଥିଲେ। ଅଧ୍ୟାପକ ଡ. ସଦାଶିବ ତ୍ରିପାଠୀ ଅତିଥି ପରିଚୟ ଦେଇଥିଲେ। ଉଚ୍ଚ ଶିକ୍ଷାକ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳର ୨ ଶିକ୍ଷାବିତ୍ ସ୍ୱର୍ଗତ ଗୋଦାବରୀ ସାହୁ ଏବଂ ଡ. ପି.ତ୍ରିନାଥ ରାଓଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । ସେହିପରି ବୋରିଗୁମ୍ମା ଏଜୁକେଶନ ଡେଭଲପମେଣ୍ଟ ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଚିରଞ୍ଜୀବୀ ପଟ୍ଟନାୟକ, ପରିଚାଳନା କମିଟିର କେ.ନାଗରାଜ ଦୋରା, ଉପସଭାପତି ପି.ଗଣପତି ରାଓ, ସମ୍ପାଦକ ସୁଭାଷ ନାୟକ, କୋଷାଧ୍ୟକ୍ଷ ଅଶୋକ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଲୋକଙ୍କୁ ସମ୍ମାନିତ କଲେ ରାଜ୍ୟପାଳ


ଆଲୋକଙ୍କୁ ସମ୍ମାନିତ କରୁଛନ୍ତି ରାଜ୍ୟପାଳ।

ସୁନାବେଡ଼ା,୨୮।୨(କୃତ୍ତିବାସ ପ୍ରଧାନ)

**ଓୟୁଟିଆର୍‌ର ପ୍ରଥମ ସମାବର୍ତ୍ତନ ଉତ୍ସବ**

ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍)ର ପ୍ରଥମ ସମାବର୍ତ୍ତନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ରଘୁବର ଦାସ ଅଧ୍ୟକ୍ଷତା କରିଥିଲେ। ବେଙ୍ଗାଲୁରର ଇସିଏସ୍‌ଓଡିଆର୍‌ଡିଓ ଡାଇରେକ୍ଟର ଜେନେରାଲ କୁମାର ଦାସ ମୁଖ୍ୟ ଅତିଥି, ଗ୍ରାମ୍ୟ ଉନ୍ନୟନ, ବୈଷୟିକ ଶିକ୍ଷା ତଥା ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଏବଂ ଏସ୍‌ଡି ଆଣ୍ଡ ଟିଇର ପ୍ରିନ୍ସିପାଲ ସେକ୍ରେଟାରି ଉଷା ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ୨୦୨୨ ଶିକ୍ଷା ବର୍ଷର ଅଲରାଉଣ୍ଡର ରୂପେ ଆଲୋକ କୁମାର ପରିଡ଼ାଙ୍କୁ ସ୍ୱର୍ଣ୍ଣ ପଦକ ଏବଂ ବୈଷୟିକ ଶିକ୍ଷା (ମେକାନିକାଲ) ବିଭାଗର ଟପ୍ପର ରୂପେ ରୌପ୍ୟ ପଦକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସେ କଲେଜ ପଢା ବିଶାଖାପାଟଣାର ଆସେଣ୍ଟ ଜୁନିୟର କଲେଜରେ ସାରିବା ପରେ ଭୁବନେଶ୍ୱରସ୍ଥିତ ଓୟୁଟିଆର୍‌ରେ ମେକାନିକାଲ ଇଞ୍ଜିନିୟରିଂରେ ଅଧ୍ୟୟନ କରିଥିଲେ । ଏବେ ସେ ଏଲ୍ ଆଣ୍ଡ ଟି ନୂଆଦିଲ୍ଲୀ କ୍ଲଷ୍ଟରରେ ସିନିୟର ଇଞ୍ଜିନିୟର ରୂପେ କାର୍ଯ୍ୟ କରୁଛନ୍ତି। ଆଲୋକଙ୍କ ବାପା ପ୍ରଶାନ୍ତ ପରିଡ଼ା କୋରାପୁଟ ଆର୍‌ସିଏମ୍‌ଏର ସେମିଲେକ ଡିଆର୍‌ଡିଓରେ କାର୍ଯ୍ୟ କରୁଛନ୍ତ।

# କୋରାପୁଟ ବ୍ଲକର ୧୬ କ୍ଲଷ୍ଟରରେ ଜାତୀୟ ବିଜ୍ଞାନ ଦିବସ


କୋରାପୁଟର ଏକ ବିଦ୍ୟାଳୟର ପିଲାମାନେ ପ୍ରସ୍ତୁତ କରିଥିବା ପ୍ରକଳ୍ପ ନିଜେ ପ୍ରଦର୍ଶନ କରୁଛନ୍ତି।

କୋରାପୁଟ/ଜୟପୁର,୨୮।୨(ଅମିତାଭ ବେହେରା/ପବନପାଣିଗ୍ରାହୀ)

କୋରାପୁଟ ବ୍ଲକ ଅନ୍ତର୍ଗତ ୧୬ଟି କ୍ଲଷ୍ଟରର ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ବୁଧବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ସମଗ୍ର ଶିକ୍ଷା କୋରାପୁଟ ଆନୁକୂଲ୍ୟରେ ବିଦ୍ୟାଳୟଗୁଡିକରେ ବିଜ୍ଞାନ ଓ ଗଣିତ କ୍ଲବ ଗଠନ ହୋଇଥିବା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ ପାତ୍ର ସୂଚନା ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟଗୁଡିକରେ ବିଜ୍ଞାନ ଓ ଗଣିତ କୁଇଜ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟଗୁଡିକରେ ଗଣିତ ଓ ବିଜ୍ଞାନର ବିଭିନ୍ନ ପ୍ରକଳ୍ପ ପିଲାମାନେ ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ରଥ,ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି ବିଦ୍ୟାଳୟଗୁଡ଼ିକ ପରିଦର୍ଶନକରି ପିଲାଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଜୟପୁର ଶାରଦାବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି । ମୁଖ୍ୟ ଅତିଥି ଭାବେ ବୋରିଗୁମ୍ମା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ ଦାଶ, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ସଭାପତି ଡ.ମନୋରଞ୍ଜନ ପ୍ରଧାନ, ଯୁଗ୍ମ-ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ପୂର୍ବତନ ଛାତ୍ର ସୌମ୍ୟରଞ୍ଜନ ଦାସ ଯୋଗଦେଇଥିଲେ।

# ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ

ଦଶମନ୍ତପୁର, ୨୮।୨ (ଅରବିନ୍ଦ ନାୟକ )

କମୁନି ଜନନୀ ଯନ୍ତ୍ରଣା । ରାସ୍ତା ଖରାପ ଯୋଗୁ ଗାଁକୁ ଆମ୍ବୁଲାନ୍ସ ନ ଆସିପାରିବାରୁ ଜଣେ ଗର୍ଭବତୀଙ୍କୁ ଗ୍ରାମବାସୀ ଷ୍ଟ୍ରେଚରରେ ବୋହି ଡାକ୍ତରଖାନା ଆଣିବା ପରି ଦୃଶ୍ୟ ବୁଧବାର ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ। ତାଙ୍କୁ ୩ କି.ମି. ଷ୍ଟ୍ରେଚରରେ ବୋହି ଡାକ୍ତରଖାନା ଅଣାଯାଇଥିବା ଜଣାପଡିଛି।

ଖବରରୁ ଜଣାପଡିଛି, ଦଶମନ୍ତପୁର ବ୍ଲକ ଗାଦିଆଗୁଡ଼ା ପଞ୍ଚାୟତ ଡୁମୁରିଗୁଡ଼ା ଗ୍ରାମ ଆଦିବାସୀ ସାହିର ନୀଳ ସାଉଁନ୍ତାଙ୍କ ସ୍ତ୍ରୀ ସୁକାରୀ (୩୫) ଗର୍ଭବତୀ ଥିଲେ। ତାଙ୍କ ଗର୍ଭ ଯନ୍ତ୍ରଣା ଆରମ୍ଭ ହେବା ପରେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ମଧ୍ୟ ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ୧୦୮ ଆମ୍ବୁଲାନ୍ସ ଆସିପାରି ନ ଥିଲା। ଫଳରେ ଗ୍ରାମର ଭାଗବାନ ସାଉନ୍ତା, ବୃନ୍ଦାବନ ସାଉଁନ୍ତା, ସୋମନାଥ ସାଉନ୍ତା, ଈଶ୍ୱର ସାଉନ୍ତା ଏବଂ ଆମ୍ବୁଲାନ୍ସ କର୍ମଚାରୀ ମିଶି


ସୁକାରୀଙ୍କୁ ଷ୍ଟ୍ରେଚରରେ ବୋହି ଡାକ୍ତରଖାନା ଅଣାଯାଉଛି।

ଷ୍ଟ୍ରେଚରରେ ସୁକାରୀଙ୍କୁ ୩ କି.ମି. ଦୂର ଡାମିଲି ଛକ ଯାଏ ବୋହି ନେଇ ସେଠାରୁ ଦଶମନ୍ତପୁର ଡାକ୍ତରଖାନା ନେଇଥିଲେ। ସେଠାରେ ମହିଳା ଜଣକ ଏକ ପୁତ୍ର ସନ୍ତାନ ଜନ୍ମଦେଇଥିବା ଜଣାପଡିଛି। ଗ୍ରାମକୁ ରାସ୍ତା ନ ଥିବାରୁ ସବୁବେଳେ ଏହି ସମସ୍ୟା ଲାଗିରହିଛି। ବ୍ଲକ ଓ ଜିଲା ପ୍ରଶାସନ ଗ୍ରାମକୁ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମାଟିର ମୋହ ମୋତେ ଆଚ୍ଛନ୍ନ କରି ରଖିଛି: ରାଷ୍ଟ୍ରପତି



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କୀଚକେଶ୍ୱରୀ ମନ୍ଦିରରୁ ଦର୍ଶନ ସାରି ଫେରୁଛନ୍ତି।




ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ରାଜ୍ୟପାଳ ରଘୁବର ଦାସ।

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ରାଇରଙ୍ଗପୁର (ମାନସ ମହାନ୍ତି), ୨୮।୨

- କୀଚକେଶ୍ୱରୀ ମନ୍ଦିର ପରିଦର୍ଶନ
- ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

ମୁଁ ଏ ମାଟିର ଝିଅ। ଜନ୍ମମାଟିରୁ ଦୂରରେ ରହିଲେ ମଧ୍ୟ ମା' ମାଟିର ମୋହ ମୋତେ ସବୁବେଳେ ଆଚ୍ଛନ୍ନ କରି ରଖିଛି। ମୁଁ ଯେଉଁଠାରେ ବି ରହୁଥାଏ ନା କାହିଁକି, ଜନ୍ମମାଟି ପାଇଁ କାମ କରିବି। ଆପଣମାନଙ୍କ ସ୍ନେହ ଓ ଶ୍ରଦ୍ଧା ସବୁବେଳେ ମନେପକାଉଛି। ଏ ମାଟିର ଜନସାଧାରଣଙ୍କ ପାଇଁ ଆଜି ମୁଁ ମହାମହିମ ହୋଇପାରିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଜନ୍ମମାଟି ମୟୂରଭଞ୍ଜ ଗସ୍ତ ଅବସରରେ କହିଛନ୍ତି।

ନିର୍ଦ୍ଧାରିତ ସମୟ ଅପରାହ୍ନ ୨ଟା ୩୦ରେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ମୟୂରଭଞ୍ଜ ଜିଲା ଶୁକ୍ଳି ବ୍ଲକ ପାଣ୍ଡୁରଶୀଳ ପଡ଼ିଆରେ ରାଷ୍ଟ୍ରପତି ଅବତରଣ କରିଥିଲେ। କଡ଼ା ସୁରକ୍ଷା ବଳୟ ମଧ୍ୟରେ ସଡ଼କ ପଥରେ ଯାଇ ଖିଚିଂସ୍ଥିତ କଳାମୁଗୁନି ପଥରରେ ନିର୍ମିତ ମନ୍ଦିର ପରିଦର୍ଶନ କରିବା ପରେ ମନ୍ଦିର ଗର୍ଭଗୃହରେ ପ୍ରବେଶ କରି ମା' କୀଚକେଶ୍ୱରୀଙ୍କୁ ଦର୍ଶନ କରିଥିଲେ। ବିଶ୍ୱବାସୀଙ୍କ କଲ୍ୟାଣ ପାଇଁ ମା'ଙ୍କଠାରେ ପ୍ରାର୍ଥନା କରିଥିଲେ। ଆଳତି ଶେଷ ହେବା ପରେ ସେବାୟତଙ୍କ ସହ ଆଲୋଚନା କରି ମନ୍ଦିରରେ ପ୍ରସାଦ ସେବନ କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ, ରାଜ୍ୟ ମହିଳା ଓ ଶିଶୁବିକାଶ ତଥା ମିଶନଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଝିଅ ଇତିଶ୍ରୀ ମୁର୍ମୁଙ୍କ ସମେତ ବିଭିନ୍ନ ପଦାଧିକାରୀମାନେ ମଧ୍ୟ ପ୍ରସାଦ ସେବନ କରିଥିଲେ। ସେଠାରୁ ଫେରି ରାଇରଙ୍ଗପୁରଠାରେ ପହଞ୍ଚି କେନ୍ଦ୍ର ସରକାରଙ୍କ ଅବକାଶ ନିବାସର ଶିଳାନ୍ୟାସ କରିଥିଲେ। ଏହା ସହିତ ୨୨୦ନଂ. ଜାତୀୟ ରାଜପଥର ୨ ଲେନ୍ ବାଇପାସ ରାସ୍ତା ପ୍ରଶସ୍ତୀକରଣର ଶିଳାନ୍ୟାସ, ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ ସହ ବଡ଼ସାହି ବ୍ଲକ ବଦଳିଗାଁସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରି ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ ଯେ, ଆଦିବାସୀ କଲ୍ୟାଣ ପାଇଁ କେନ୍ଦ୍ର ସରକାର ବହୁ କାମ କରୁଛନ୍ତି। ସମାଜର ବଞ୍ଚିତ ଓ ଅବହେଳିତ ବର୍ଗଙ୍କ ବିକାଶ ଜରୁରୀ। କ୍ରୀଡ଼ାର ବିକାଶ କ୍ଷେତ୍ରରେ ଆଦିବାସୀଙ୍କ ପ୍ରତି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ନାରୀମାନେ ସଶକ୍ତ ହେଲେ ଦେଶର ବିକାଶ ସମ୍ଭବ। ନାରୀମାନଙ୍କୁ ସଶକ୍ତ କରିବାକୁ ସରକାର ଅନେକ ଯୋଜନା କରୁଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସୂଚନା ଓ ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଏବଂ ଯୁବଶକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି, କେନ୍ଦ୍ରୀୟ ପୂର୍ତ୍ତ ବିଭାଗ ମହାନିର୍ଦ୍ଦେଶକ ରାଜେଶ କୁମାର କୌଶଳ ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଜିଲାପାଳ ଆଶିଷ ଠାକ୍‌ରେ, ଆରକ୍ଷୀ ଅଧୀକ୍ଷକ ଏସ.ସୁଶ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଉପଜିଲାପାଳ ସରୋଜ କୁମାର ଦାଶ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ପରିଚାଳନାରେ ସହଯୋଗ କରିଥିଲେ।

## ରେଙ୍ଗାଲିରେ 'ସମଲେଶ୍ୱରୀ', ଲୋଇସିଂହା, ମୁରିବାହାଲରେ 'ପୁରୀ-ଦୁର୍ଗ ଏକ୍ସପ୍ରେସ୍' ଅଟକିବ

ଭୁବନେଶ୍ୱର,୨୮।୨ (ଅନୁରାଧା ମହାରଣା)

ସମଲେଶ୍ୱରୀ ଏକ୍ସପ୍ରେସ୍ ଏବଂ ପୁରୀ ଦୁର୍ଗ ଏକ୍ସପ୍ରେସ୍ ପରୀକ୍ଷାମୂଳକ ଭାବେ ନିର୍ଦ୍ଧାରିତ ଷ୍ଟେଶନରେ ରହଣି କରିବ। ୧୮୦୦୫ ହାଓଡ଼ା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍ ଗୁରୁବାରଠାରୁ ଏବଂ ୧୮୦୦୬ ଜଗଦଲପୁର-ହାଓଡ଼ା ସମଲେଶ୍ୱରୀ ଏକ୍ସପ୍ରେସ ୨୯ ତାରିଖରୁ ରେଙ୍ଗାଲି ଷ୍ଟେଶନରେ ଅଟକିବ। ହାଓଡ଼ାରୁ ଛାଡୁଥିବା ସମଲେଶ୍ୱରୀ ଏକ୍ସପ୍ରେସ ରେଙ୍ଗାଲିରେ ସକାଳ ୮ଟା ୩୬ରେ ପହଞ୍ଚି ୮ଟା ୩୮ରେ ଜଗଦଲପୁର ଅଭିମୁଖେ ଯାତ୍ରା କରିବ। ସେହିଭଳି ଜଗଦଲପୁରରୁ ଛାଡୁଥିବା ଏହି ଟ୍ରେନ ରେଙ୍ଗାଲିରେ ସନ୍ଧ୍ୟା ୬ଟା ୫୫ରେ ପହଞ୍ଚି ୬ ଟା ୫୭ରେ ହାଓଡ଼ା ଅଭିମୁଖେ ଯାତ୍ରା କରିବ। ସେହିପରି ପୁରୀରୁ ମାର୍ଚ୍ଚ ୧ରୁ ଏବଂ ଦୁର୍ଗରୁ ୨ ମାର୍ଚ୍ଚରୁ ଛାଡୁଥିବା ୧୮୪୨୫/୧୮୪୨୬ ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ୍ ଲୋଇସିଂହା ଏବଂ ମୁରିବାହାଲ ଷ୍ଟେଶନରେ ରହଣି କରିବ। ପୁରୀରୁ ଛାଡୁଥିବା ୧୮୪୨୫ ପୁରୀ- ଦୁର୍ଗ ଏକ୍ସପ୍ରେସ୍ ଲୋଇସିଂହାରେ ଭୋର୍ ୩ଟା ୫୮ରେ ପହଞ୍ଚି ଭୋର ୪ଟାରେ ଛାଡ଼ିବ। ଏହି ଟ୍ରେନ ମୁରିବାହାଲରେ ଭୋର୍ ୬ଟା ୧୦ରେ ପହଞ୍ଚି ଭୋର ୬ଟା ୧୨ରେ ଦୁର୍ଗ ଅଭିମୁଖେ ଯାତ୍ରା କରିବ। ଫେରିବା ମାର୍ଗରେ ଦୁର୍ଗରୁ ଛାଡୁଥିବା ୧୮୪୨୬ ଦୁର୍ଗ-ପୁରୀ ଏକ୍ସପ୍ରେସ୍ ରାତି ୮ଟା ୨୫ରେ ମୁରିବାହାଲରେ ପହଞ୍ଚି ୮ଟା ୨୭ରେ ଛାଡିବ ଓ ରାତି ୧୦ଟା ୨୫ରେ ଲୋଇସିଂହାଠାରେ ପହଞ୍ଚି ରାତି ୧୦ଟା ୨୭ରେ ପୁରୀ ଅଭିମୁଖେ ଯାତ୍ରା କରିବ।

## ପ୍ରଧାନ ଆଚାର୍ଯ୍ୟଙ୍କ ନାଁରେ ମାମଲା

କେନ୍ଦୁଝର,୨୮।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

**ପ୍ରଶ୍ନପତ୍ର ଭାଇରାଲ୍ ଘଟଣା**
**ଗଣମାଧ୍ୟମରେ ମତ ଦେବା ମହଙ୍ଗା ପଡ଼ିଲା**

ମାଟ୍ରିକ ପ୍ରଶ୍ନପତ୍ର ବିଭ୍ରାଟ ଘଟଣାରେ ଗଣମାଧ୍ୟମକୁ ମତାମତ ଦେବା ଜଣେ ଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ଜିଲା ଶିକ୍ଷା ଅଧିକାରୀଙ୍କ ଅଭିଯୋଗକ୍ରମେ କେନ୍ଦୁଝର ଟାଉନ ଥାନା ପୋଲିସ ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟଙ୍କ ବିରୋଧରେ ମାମଲା ରୁଜୁ କରିଛି। ପ୍ରଧାନ ଆଚାର୍ଯ୍ୟ ଏକ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ମତାମତ ଦେଇଥିବାରୁ ଶିକ୍ଷା ବିଭାଗ ତାଙ୍କ ନାମରେ ଅଭିଯୋଗ କରିଥିଲା।

ପ୍ରକାଶ ଯେ, କେନ୍ଦୁଝର ଜିଲାରେ ଗଣିତ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ଅଗସ୍ତି ଗତ ସୋମବାର ଗଣମାଧ୍ୟମକୁ ମତ ଦେଇ କହିଥିଲେ, ଯଦି ପ୍ରଶ୍ନପତ୍ର ଭାଇରାଲ ହୋଇଥାଏ, ତେବେ ଏହା ସାଂଘାତିକ। ଯେଉଁମାନେ ପାଠ ପଢ଼ିଛନ୍ତି ସେମାନଙ୍କ ମନରେ ନିରାଶ ଭାବ ଆସିବ। ତୁରନ୍ତ ତଦନ୍ତ ହେଲେ ପ୍ରକୃତ ସତ୍ୟ ପଦାକୁ ଆସିପାରିବ। ଏ ନେଇ ବୋର୍ଡ ପକ୍ଷରୁ ପଦକ୍ଷେପ ନେବା ଉଚିତ ବୋଲି ସେ କହିଥିଲେ। ପରବର୍ତ୍ତୀ ସମୟରେ ଶିକ୍ଷା ବିଭାଗ ପ୍ରଶ୍ନପତ୍ର ଭାଇରାଲକୁ ଖଣ୍ଡନ କରିବା ସହ ମିଥ୍ୟା ପ୍ରଚାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରେସ୍ ବିଜ୍ଞପ୍ତି ଜାରି କରିଥିଲା। ଥାନା ଅଧିକାରୀ ରମାକାନ୍ତ ସଏ କହିଛନ୍ତି, ପ୍ରଶ୍ନପତ୍ର ଲିକ୍ ହୋଇ ନ ଥିବା ବେଳେ ମିଥ୍ୟା କହି ଭ୍ରମିତ କରୁଥିବା ଅଭିଯୋଗରେ ଏକ ମାମଲା (ନଂ.୧୪୪/୨୦୨୪) ରୁଜୁ ହୋଇ ତଦନ୍ତ ଚାଲିଛି। ତେବେ ମାମଲା ନେଇ ଶିକ୍ଷା ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଅନ୍ୟପକ୍ଷେ ଜଣେ ଶିକ୍ଷକଙ୍କ ବିରୋଧରେ ଏଭଳି ମାମଲାକୁ ଅନେକେ ନାପସନ୍ଦ କରିଛନ୍ତି।

## ମୋ ରାଜ୍ୟର ପିଲା ବୈଷୟିକ କ୍ଷେତ୍ରରେ ଆଗରେ ରୁହନ୍ତୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୨(ଅନିଲ ଦାସ)

**ଜିଲା ବିଜ୍ଞାନ କେନ୍ଦ୍ର, ପ୍ଲାନେଟାରିୟମ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

- ବିଜ୍ଞାନ କେନ୍ଦ୍ର ପାଇଁ ୬.୫ କୋଟି, ପ୍ଲାନେଟାରିୟମ ପାଇଁ ୧୫ କୋଟି ବ୍ୟୟ ବରାଦ
- ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କଲେ ୫-ଟି ଅଧ୍ୟକ୍ଷ

ଜାତୀୟ ବିଜ୍ଞାନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋରାପୁଟ ଜିଲା ଜୟପୁରରେ ଜିଲା ବିଜ୍ଞାନ କେନ୍ଦ୍ର, ରାୟଗଡ଼ାରେ ପ୍ଲାନେଟାରିୟମ, କେନ୍ଦୁଝର ଜିଲା ଘଟଗାଁରେ ଜିଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ, ମୟୂରଭଞ୍ଜ ଜିଲା ବାରିପଦାଠାରେ ଜିଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ ଉଦ୍‌ଘାଟନ କରିଛନ୍ତି। ଏଥିସହିତ କଳାହାଣ୍ଡି, ବୌଦ୍ଧ, କେନ୍ଦ୍ରାପଡ଼ା, ଝାରସୁଗୁଡ଼ା, ଗଜପତି, ନୂଆପଡ଼ା ଏବଂ ଜଗତ୍‌ସିଂହପୁର ଜିଲା ବିଜ୍ଞାନ କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତି ସ୍ଥାପନ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଜ୍ଞାନ ଓ ବିକାଶ ସମତାଳରେ ଆଗକୁ ବଢ଼ିଥାଏ। ବିଜ୍ଞାନ ବିନା ବିକାଶ ଅସମ୍ପୂର୍ଣ୍ଣ। ପ୍ରତିଦିନ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ସମାଜର ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି। ଶିକ୍ଷା କ୍ଷେତ୍ରରେ ଏହାର ବିଶେଷ ଗୁରୁତ୍ୱ ରହିଛି। ୫-ଟି ସ୍କୁଲ ରୂପାନ୍ତରଣରେ ଆଜି ବୈଷୟିକ ଜ୍ଞାନକୌଶଳକୁ ବ୍ୟବହାର କରି ସ୍ମାର୍ଟ କ୍ଲାସ୍ ରୁମ୍, ଇ- ଲାଇବ୍ରେରି, ମଡର୍ନ ଲାବୋରେଟୋରି ଆଦି ବିକାଶ କରାଯାଇଛି। ବିଜ୍ଞାନକୁ ଲୋକପ୍ରିୟ କରିବା ଓ ବୈଷୟିକ ଜ୍ଞାନକୌଶଳ ବ୍ୟବହାରରେ ବୃଦ୍ଧି ପାଇଁ ରାଜ୍ୟ ସରକାର ପ୍ରତି ଜିଲାରେ ବିଜ୍ଞାନ କେନ୍ଦ୍ର ଖୋଲିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ପ୍ଲାନେଟାରିୟମ ତଥା ସ୍କୁଲଗୁଡ଼ିକରେ ଇନୋଭେଶନ ସେଣ୍ଟର ଖୋଲିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ଭଦ୍ରକରେ ବିଜ୍ଞାନ କେନ୍ଦ୍ର ଏବଂ ବଲାଙ୍ଗୀର, ସୁନ୍ଦରଗଡ଼ ଓ ଗଞ୍ଜାମ ଜିଲାରେ ବିଜ୍ଞାନ କେନ୍ଦ୍ର ସହିତ ପ୍ଲାନେଟାରିୟମ ମଧ୍ୟ ଖୋଲାଯିବ। ଏହିସବୁ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ମୁଁ ଚାହେଁ ମୋ ରାଜ୍ୟର ପିଲାମାନେ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଆଗରେ ରୁହନ୍ତୁ, ଦକ୍ଷ ହୁଅନ୍ତୁ ଓ ଓଡ଼ିଶାର ସୁନାମ ବୃଦ୍ଧି କରନ୍ତୁ। ଏଥିସହିତ ମୁଖ୍ୟମନ୍ତ୍ରୀ ନୂଆ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ସମ୍ମିଳିତ ଭାବେ କାମ କରିବା ଲାଗି ଆହ୍ୱାନ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ୫-ଟି ଉପକ୍ରମରେ ନିର୍ମିତ ପ୍ରତ୍ୟେକ ବିଜ୍ଞାନ କେନ୍ଦ୍ର ପାଇଁ ୬.୫ କୋଟି ଟଙ୍କା, ପ୍ଲାନେଟାରିୟମ ପାଇଁ ୧୫ କୋଟି ଟଙ୍କା ଏବଂ ବିଜ୍ଞାନ କେନ୍ଦ୍ର ତଥା ପ୍ଲାନେଟାରିୟମ ପାଇଁ ୨୧.୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଜୟପୁରରେ ଯୋଗଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ବିଜ୍ଞାନକୁ ଲୋକପ୍ରିୟ କରିବାର ଏହି ଉଦ୍ୟମ ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ପାଇଁ ବହୁ ଉପାଦେୟ ସାବ୍ୟସ୍ତ ହେବ।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପିଲାମାନଙ୍କ ସହିତ ଆଲୋଚନା କରି ବିଜ୍ଞାନ ଶିକ୍ଷା ସେମାନଙ୍କ ଜୀବନକୁ ପରିବର୍ତ୍ତନ କରିବା ସହିତ ସମାଜକୁ ମଧ୍ୟ ପରିବର୍ତ୍ତନ କରିଥାଏ ବୋଲି କହିଛନ୍ତି। ରାଜ୍ୟ ସରକାର ୫-ଟି କାର୍ଯ୍ୟକ୍ରମରେ କରୁଥିବା ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ, ନୂଆ-ଓ କାର୍ଯ୍ୟକ୍ରମ ଆଦି ଶିକ୍ଷା କ୍ଷେତ୍ରରେ ପିଲାଙ୍କ ପାଇଁ ଭଲ ପ୍ଲାଟଫର୍ମ ତିଆରି କରିଛି। ପିଲାମାନଙ୍କୁ କଠିନ ପରିଶ୍ରମ କରି ଜୀବନରେ ସଫଳ ହେବାକୁ ସେ ପରାମର୍ଶ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଭବାନୀପାଟଣାଠାରେ ଏମ୍‌ପି ସୁଜିତ କୁମାର, ରାୟଗଡ଼ାଠାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଘଟଗାଁଠାରେ ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ପ୍ରତି ଆକର୍ଷିତ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଏହି ଯୁଗୋପଯୋଗୀ ପଦକ୍ଷେପ ପାଇଁ ଧନ୍ୟବାଦ ଦେଇଥିଲେ।

କାର୍ଯ୍ୟକ୍ରମରେ ବିଜ୍ଞାନ ଓ ବୈଷୟିକ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ କଳାହାଣ୍ଡି ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## କପି କରି ଧରାପଡ଼ିଲେ ୭ ପରୀକ୍ଷାର୍ଥୀ

କଟକ,୨୮।୨ (କାର୍ତ୍ତିକ ସାହୁ)

**ମାଟ୍ରିକ୍ ପରୀକ୍ଷା**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାର ବୁଧବାର ତୃତୀୟ ଭାଷା ପରୀକ୍ଷାରେ ୭ ଜଣ ପରୀକ୍ଷାର୍ଥୀ କପି କରି ସ୍କ୍ୱାଡ୍ ହାତରେ ଧରାପଡ଼ିଛନ୍ତି। ତେବେ ତୃତୀୟ ଭାଷା ହିନ୍ଦୀ/ସଂସ୍କୃତ ପରୀକ୍ଷା ସୁଚାରୁ ରୂପେ ଶେଷ ହୋଇଛି। କୌଣସି ଜିଲା ଶିକ୍ଷାଧିକାରୀ କିମ୍ବା ପ୍ରାଧିକୃତ ଅଧିକାରୀଙ୍କଠାରୁ ଅନିୟମିତତା ସମ୍ପର୍କରେ ସୂଚନା ଆସିନାହିଁ। ଏପରି କି କୌଣସି ତ୍ରୁଟି ମଧ୍ୟ ପରିଲକ୍ଷିତ ହୋଇନାହିଁ। ସମସ୍ତ ୩୦୪୭ କେନ୍ଦ୍ରରେ ପରୀକ୍ଷା ଶୃଙ୍ଖଳିତ ଭାବେ ଶେଷ ହୋଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଅନୁଷ୍ଠିତ ମାତୃଭାଷା ପରୀକ୍ଷାରେ ୧୦ ପରୀକ୍ଷାର୍ଥୀ, ଦ୍ୱିତୀୟ ଭାଷା ଇଂଲିଶ ବିଷୟରେ ୪୨ ଜଣ ଓ ଗଣିତରେ ୫୧ ଜଣ ପରୀକ୍ଷାର୍ଥୀ କପି କରି ଧରାପଡିଥିଲେ। ପରୀକ୍ଷା ପରିଚାଳନାକୁ ଶୃଙ୍ଖଳିତ କରିବା ପାଇଁ ବୋର୍ଡ ପକ୍ଷରୁ ୪୨ଟି ସ୍ପେଶାଲ ସ୍କ୍ୱାଡ୍, ୭୨ଟି ଫ୍ଲାଇଂ ସ୍କ୍ୱାଡ୍ ଓ ଜିଲା ପ୍ରଶାସନ ସ୍ତରରେ ଗୋଟିଏ ଲେଖାଏ ସ୍ୱତନ୍ତ୍ର ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ସିସିଟିଭି ଜରିଆରେ ଆର୍ଟିଫିସିଆଲ ସର୍ଭିଲେନ୍ସ (ଏଆଇ) ଉପଯୋଗରେ ପରୀକ୍ଷା ପରିଚାଳନାକୁ ବୋର୍ଡ ମୁଖ୍ୟାଳୟରୁ ନିୟନ୍ତ୍ରଣ କରାଯାଉଛି। ମାଟ୍ରିକ ପରୀକ୍ଷାସୂଚୀ ଅନୁଯାୟୀ, ଆସନ୍ତା ମାର୍ଚ୍ଚ ୨ରେ ସାଧାରଣ ବିଜ୍ଞାନ ଓ ୪ରେ ସାମାଜିକ ବିଜ୍ଞାନ ବିଷୟରେ ପରୀକ୍ଷା ହେବ।

## ପ୍ରଥମ ପୃଷ୍ଠାରୁ

### ଗୁଜରାଟ ଉପକୂଳରୁ ...

ହେବାରେ ଏହା ପ୍ରଥମ ଘଟଣା ହୋଇଥିବା ଭାରତୀୟ ନୌସେନାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଗୁଜରାଟ ଉପକୂଳରେ ନିଶାଦ୍ରବ୍ୟ ଚାଲାଣ ନେଇ ଏକ ବିଶେଷ ସୂତ୍ରରୁ ଖବର ପାଇ ଭାରତୀୟ ନୌସେନା ଏହି ସଫଳତା ହାସଲ କରିଛି। ଏହି ବଡ଼ ଧରଣର ନିଶାଦ୍ରବ୍ୟ ଜବତ ନେଇ ତଦନ୍ତକାରୀ ଟିମ୍‌କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଶୁଭେଚ୍ଛା ଜଣାଇଛନ୍ତି।

### ଜାଗା ମିଶନ, ମୁକ୍ତା ଯୋଜନାର ...

ସରକାର ଏହି ଫାଉଣ୍ଡେସନ ସହ ଅଂଶୀଦାର ଭାବେ କାର୍ଯ୍ୟ କରି ଆସୁଛନ୍ତି। ଏହି ଭାଗୀଦାରିତା ଯୋଗୁ ଓଡ଼ିଶା ଡିଜିଟାଲ ପବ୍ଲିକ୍ ଭିତ୍ତିଭୂମିରେ ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି। ରାଜ୍ୟ ସରକାର କୃଷକ ଓଡ଼ିଶା ଡାଟାବେସ୍, ଗୋ-ସୁଗମ ପୋର୍ଟାଲ ଓ ଆମ କୃଷି ସମ୍ପ୍ରସାରଣ ପଦ୍ଧତି ସମେତ ବହୁ କୃଷକ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ଫାଉଣ୍ଡେଶନର ସହାୟତାରେ ରାଜ୍ୟ ସରକାର ମକାମଣ୍ଡି ଓ କୃଷକ ଉତ୍ପାଦକ କମ୍ପାନୀ ପ୍ରକଳ୍ପ ମାଧ୍ୟମରେ ଫସଲ ବିବିଧିକରଣକୁ ସଫଳତାର ସହ କାର୍ଯ୍ୟକାରୀ କରିପାରିଛନ୍ତି। ସମ୍ପ୍ରତି ଏହି ପ୍ରୟାସଗୁଡ଼ିକ ସମଗ୍ର ରାଜ୍ୟରେ ତ୍ୱରାନ୍ୱିତ କରାଯାଇଛି। ବିଲ୍ ଗେଟ୍ସଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ଦଳକୁ କୃଷି ବିଭାଗ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ସ୍ୱାଗତ ଜଣାଇଛନ୍ତି। ଏହାପରେ ବିଲ୍ ଗେଟ୍ସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ରାଜ୍ୟର ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକଚର ତଥା-ଭାରତର କୃଷିରେ ପ୍ରଥମ କେନ୍ଦ୍ରୀକୃତ ସନ୍ନିରୀକ୍ଷଣ ପଦ୍ଧତି କୃଷି ସମୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। କୃଷକଙ୍କ ପାଇଁ ଉଦ୍ଦିଷ୍ଟ ରୋଗପୋକ ପରିଚାଳନା, ଡିଜିଟାଲ ସମ୍ପ୍ରସାରଣ, ଅନ୍‌କଲ କୃତ୍ରିମ ପ୍ରଜନନ ଓ ଯୋଜନା ସମ୍ପାଦନ ସହ ଡିଜିଟାଲ ପ୍ରଣାଳୀ ମାଧ୍ୟମରେ କୃଷକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଭାବଶାଳୀ ଯୋଜନା ଏବଂ ସେବା ପ୍ରଯୁକ୍ତିକୁ ରାଜ୍ୟ ସରକାର କିଭଳି କୃଷକଙ୍କ ହିତରେ ବିନିଯୋଗ କରିବା ଦିଗରେ ସକ୍ଷମ ହୋଇଛନ୍ତି ସେ ବିଷୟରେ ପ୍ରଦର୍ଶନ କରିଛନ୍ତି। ରାଜ୍ୟରେ ଡିଜିଟାଲ କୃଷିର ଭବିଷ୍ୟତ ପାଇଁ ଦୂରଦର୍ଶୀ ରୋଡ୍‌ମ୍ୟାପ୍ ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରାଯାଇଛି। ଓଡ଼ିଶା କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ଏଣ୍ଡ-ଟୁ-ଏଣ୍ଡ ଟେକ୍‌ନୋଲୋଜି କାର୍ଯ୍ୟକାରୀ କରିବାରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଉଭାହେବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ପ୍ରଦର୍ଶନରେ ଉତ୍ସାହିତ ହୋଇ ବିଲ୍ ଗେଟ୍ସ ବିଭିନ୍ନ ପ୍ରଶ୍ନ ପଚାରିଛନ୍ତି। ଏହାପରେ ବିଭାଗ ଦ୍ୱାରା ସ୍ଥାପିତ ଡିଜିଟାଲ ପବ୍ଲିକ ଭିତ୍ତିଭୂମି ମାଧ୍ୟମରେ ସେମାନଙ୍କ ଆୟ ଓ କୃଷି ପଦ୍ଧତିରେ ଅଭିବୃଦ୍ଧି ଘଟାଇଥିବା ୨ ଜଣ ସଫଳ ମହିଳା କୃଷକଙ୍କ ସହ ସେ କଥା ହୋଇଛନ୍ତି। ବିଏମ୍‌ଜିଏଫ୍ ପ୍ରତିନିଧି ଦଳ କୃଷି ଭବନରେ ଥିବା ମିଲେଟ୍ କାଫେ ପରିଦର୍ଶନ କରିଛନ୍ତି।

ସେ ଭୁବନେଶ୍ୱରର ମା' ମଙ୍ଗଳା ବସ୍ତି ଗସ୍ତ କରିବା ଅବସରରେ ରାଜ୍ୟ ସରକାରଙ୍କ ଜାଗା ମିଶନ ଏବଂ ମୁକ୍ତା ଯୋଜନାର କାର୍ଯ୍ୟକାରିତା ବିଷୟରେ ଅବଗତ ହୋଇଛନ୍ତି। ଲୁମ୍ବିନି ବିହାର ସ୍ଥିତ ବିଜୁ ଆଦର୍ଶ କଲୋନି ବୁଲି ଦେଖିଛନ୍ତି। ବିଲ୍ ଗେଟ୍ସ ବସ୍ତିରେ ପାଇପ୍ ପାଣି ସୁବିଧା ବୁଲି ଦେଖିବା ସହିତ ସ୍ଥାନୀୟ ମହିଳାମାନଙ୍କ ସହ ଆଲୋଚନା କରିଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥାନନ ସବୁ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇବା ସହିତ ବୁଲି ଦେଖାଇଛନ୍ତି।

### 'ସମସ୍ତଙ୍କୁ ସାଥିରେ ...

ଯୋଜନା, ଲକ୍ଷ୍ମୀ ବସ୍ ସୁବିଧା, ମହିଳା ଚାଷୀ ଓ ଯୁବକଙ୍କ ପାଇଁ ବିନା ସୁଧରେ ଋଣ ଆଦି କାର୍ଯ୍ୟକ୍ରମ ଦ୍ୱାରା ସବୁ ବର୍ଗର ଲୋକ ବିକାଶର ଭାଗୀଦାର ହୋଇପାରିଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ଆରମ୍ଭ ହୋଇଥିବା ନୂଆ-ଓ କାର୍ଯ୍ୟକ୍ରମ ପିଲାଙ୍କ ଭିତରେ ବିପୁଳ ଉତ୍ସାହ ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ସମସ୍ତଙ୍କ ସହଯୋଗରେ, ସମସ୍ତଙ୍କୁ ସାଥିରେ ନେଇ ଆମେ ନୂଆ ଓଡ଼ିଶା ଗଢ଼ିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ କହିଛନ୍ତି, ବାଲେଶ୍ୱରବାସୀଙ୍କ ପାଇଁ ଆଜି ଐତିହାସିକ ଦିନ। ଏ ମାଟିର ଦୁଇ ବରପୁତ୍ରଙ୍କର ସ୍ମୃତି ରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ବାଲେଶ୍ୱରବାସୀଙ୍କୁ ଉତ୍ସାହିତ କରିଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ବିଧାୟକ ସ୍ୱରୂପ କୁମାର ଦାସ ଏବଂ ବିଧାୟକ ଅନନ୍ତ ଦାସ କହିଛନ୍ତି, ଆମ ମାଟିର ଏହି ଦୁଇ କୃତୀ ସନ୍ତାନଙ୍କ ସମ୍ମାନାର୍ଥେ ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରୟାସ ପାଇଁ ବାଲେଶ୍ୱରବାସୀ ବହୁତ ଖୁସି। ବାଲେଶ୍ୱର ଜିଲାର ବିକାଶ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ହାତକୁ ନେଇ ଏକ ବିକାଶଶୀଳ ଜିଲା ଭାବେ ଏହାକୁ ପରିଣତ କରିଛନ୍ତି। କାର୍ଯ୍ୟକ୍ରମରେ ମନ୍ମଥ ଦାସ ଓ ମନୋଜ ଦାସଙ୍କ ପରିବାର ସଦସ୍ୟା ରଞ୍ଜିତା ଦାସ କହିଛନ୍ତି, ବାଲେଶ୍ୱର ମାଟିର ଏହି ଦୁଇ ସୁଯୋଗ୍ୟ ସନ୍ତାନଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ପାଇଁ ଆମେ ପରିବାର ସଦସ୍ୟ ତାଙ୍କ ପାଖରେ କୃତଜ୍ଞ। ରାଜ୍ୟ ସରକାରଙ୍କ ୧୬ କୋଟି ଟଙ୍କା ଏଥିରେ ବିନିଯୋଗ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ୩ ଜିଲାପାଳଙ୍କୁ ...

ଆଣ୍ଟି ଭେନମ ଇଞ୍ଜେକସନ ଅଭାବରୁ ମଧ୍ୟ ଅନେକ ମୃତ୍ୟୁ ଘଟୁଛି। ଏ ନେଇ ଅଭିଯୋଗକୁ ଗ୍ରହଣ କରି କମିଶନ ନୋଟିସ କରିଥିଲେ। ତେବେ ସିଡିଏମ୍‌ଓ କେନ୍ଦୁଝର ସାପ କାମୁଡ଼ାରେ ୩ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ସୁସ୍ଥ ହୋଇଥିଲେ ବୋଲି ରିପୋର୍ଟ ଦେଇଥିଲେ। ତେବେ ସେମାନଙ୍କ ପରିବାରକୁ ସହାୟତା ପ୍ରଦାନ ହୋଇଛି କି ନାହିଁ ତାହାର ରିପୋର୍ଟ ପ୍ରଦାନ କରିନାହାନ୍ତି। ସେହିପରି ମୟୂରଭଞ୍ଜ ଓ ଭଦ୍ରକ ଜିଲାପାଳ ରିପୋର୍ଟ ପ୍ରଦାନ କରି ନ ଥିବାରୁ ଏଭଳି ସର୍ତ୍ତମୂଳକ ସମନ କରାଯାଇଥିବା ଆଇନଜୀବୀ ତ୍ରିପାଠୀ ସୂଚନା ଦେଇଛନ୍ତି।

## ଗୁରୁଚାପ: ୭ରୁ ବଢ଼ିବ ତାତି

ଭୁବନେଶ୍ୱର,୨୮।୨(ଅନିଲ ଦାସ)

ଆନ୍ଧ୍ର ଉପକୂଳରେ ଏକ ଗୁରୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟକୁ ଜଳୀୟ ବାଷ୍ପ ଆସୁଥିବାରୁ ପାଗ ମେଘୁଆ ରହିବା ସହ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ ତଳେ ରହୁଛି। ତେବେ ଆସନ୍ତା ମାର୍ଚ୍ଚ ୨ ତାରିଖରୁ ବାୟୁ ପ୍ରବାହର ଦିଗ ପରିବର୍ତ୍ତନ ହେବା ସହ ତାତି ବଢ଼ିବ। ଦିନର ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ ଉପରକୁ ଉଠିଯିବ। ତେବେ ରାତ୍ରି ଆରାମଦାୟକ ରହିବ। ମାତ୍ର ମାର୍ଚ୍ଚ ୭ ତାରିଖରୁ ପାରଦ ଆହୁରି ଉପରମୁହାଁ ହେବ। ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀକୁ ଛୁଇଁବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଆସନ୍ତା ୩/୪ ଦିନ ପର୍ଯ୍ୟନ୍ତ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ବୁଧବାର ରାଜ୍ୟରେ ମାଲକାନଗିରିଠାରେ ସର୍ବୋଚ୍ଚ ତାପମାତ୍ରା ୩୬.୬ ଡିଗ୍ରୀ ସେଲସିୟସ ଥିବାବେଳେ ଭୁବନେଶ୍ୱରରେ ୩୫.୬ ଡିଗ୍ରୀ ରହିଛି। ତେବେ ରାତ୍ରିର ସର୍ବନିମ୍ନ ତାପମାତ୍ରା ୨୧ ଡିଗ୍ରୀ ସେଲସିୟସ ତଳେ ରହୁଛି।

## ଭଡ଼ାଘରେ ସେକ୍ସ ର୍‍ୟାକେଟ, ୫ ଗିରଫ

ସୋର, ୨୮।୨(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ପୌରପାଳିକା ଅଧୀନ ବଡ଼ଖୁରି ଅଞ୍ଚଳରେ ଏକ ଭଡା ଘରେ ସେକ୍ସ ର୍‍ୟାକେଟ ଚାଲିଥିବା ବେଳେ ମଙ୍ଗଳବାର ରାତିରେ ପୋଲିସ ଚଢାଉ କରି ୩ ଜଣ ପୁରୁଷ ଓ ୨ଜଣ ମହିଳାଙ୍କୁ ଉଦ୍ଧାର କରିଛି। ସମସ୍ତଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯିବା ପରେ ବୁଧବାର ଗିରଫ କରାଯାଇଛି। ଡାକ୍ତରୀମାଇନା ପରେ ୫ଜଣଙ୍କୁ କୋର୍ଟଚାଲାଣ କରାଯାଇଛି।

ସୋର ଅଞ୍ଚଳରେ ବିଭିନ୍ନ ହୋଟେଲ ଓ ଭଡ଼ା ଘରେ ସେକ୍ସ ର୍‍ୟାକେଟ ଚାଲିଥିବା ନେଇ ଅଭିଯୋଗ ହୋଇଆସୁଥିଲା। କେତେଜଣ ଦଲାଲ ପଶ୍ଚିମବଙ୍ଗରୁ ଯୁବତୀମାନଙ୍କୁ ଆଣି ଏଠାରେ ଦେହ ବ୍ୟବସାୟରେ ଲଗାଉଥିବା ବାରମ୍ବାର ଅଭିଯୋଗ ହେବା ପରେ ପୋଲିସ ତତ୍ପରତା ପ୍ରକାଶ କରିଛି। କୌଣସି ସୂତ୍ରରୁ ଖବରପାଇ ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ସଦଳବଳେ ପୌରପାଳିକାର ୧ନମ୍ବର ୱାର୍ଡ ବଡ଼ଖୁରିର ଏକ ଭଡା ଘରେ ଚଢାଉ କରିଥିଲେ। ଚଢାଉ ପରେ ୩ଜଣ ପୁରୁଷ ଓ ୨ଜଣ ମହିଳାଙ୍କୁ ଅସଂଯତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏନେଇ ପୋଲିସ ମାମଲା (ନଂ.୧୫୬/୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

## ବିସ୍ଫୋରକ ସାମଗ୍ରୀ ସହ ୪ ମିଲିସିଆ ଗିରଫ

ମାଲକାନଗିରି,୨୮।୨ (ଦୁର୍ଯ୍ୟୋଧନ ପାତ୍ର)



ଗିରଫ ୪ ମିଲିସିଆ।

ଛତିଶଗଡ଼ ବିଜାପୁର ଜିଲା ପୋଲିସ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ସହ ୪ ମିଲିସିଆଙ୍କୁ ଗିରଫ କରିଛି। ତଥ୍ୟ ଅନୁଯାୟୀ ବିଜାପୁର ଜିଲା କୁଟରୁ ଥାନା ଡିଆର୍‌ଜି ଓ ପୋଲିସ ମିଳିତ ଭାବେ ରାଣୀବଦଲି, କୋତ୍ତୁର୍, ମୁକରମ, ତାଡମେର ଅଞ୍ଚଳରେ କୋମ୍ବିଂ ପାଇଁ ବାହାରି ଥିଲେ। ଏହି ଅପରେଶନ ସମୟରେ କୋତ୍ତୁର ମୁର୍ଗା ବଜାରରେ ୪ ମିଲିସିଆଙ୍କୁ ପୋଲିସ ଦେଖି ଗିରଫ କରିଥିଲା। ଏହି ୪ ମିଲିସିଆ ସୁଦ୍ରୁ ମାଡବି, ରାମୁ ବେଡଜା, ବୁଧରାମ ତାତି ଓ ସୁଖରାମ କଲ୍ଲୁମ। ଚାରିଜଣ ନିଜ ଘର କୋତ୍ତୁର ଓ ମୁକରମ ଅଞ୍ଚଳରେ ହୋଇଥିବା ବେଳେ ଏମାନଙ୍କ ନିକଟରୁ ଗୋଟିଏ ଟିଫିନ୍ ବୋମା, ଗୋଟିଏ ପ୍ୟାକେଟ ପେନସିଲ ବ୍ୟାଟେରି, କୋଡେକ୍ସ ତାର, ସେଫଟି ଫ୍ୟୁଜ୍, ବିଦ୍ୟୁତ୍ ତାର ଓ ଦୀପାବଳି ବୋମା ଜବତ କରିଥିଲେ। ଏମାନଙ୍କୁ ଗିରଫ କରି ପଚରାଉଚୁରା କଲା ପରେ ପୋଲିସ ଉପରେ ଆକ୍ରମଣ କରିବା ପାଇଁ ପଗଡଣ୍ଡି ଗ୍ରାମ ନିକଟ ରାସ୍ତାରେ ଟିଫିନ୍ ବୋମା ଖଞ୍ଜିବା ନିମନ୍ତେ ଉଦ୍ୟମ କରୁଥିବା ମିଲିସିଆମାନେ କହିଥିଲେ। ଏହି ୪ ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ବିଜାପୁର ପୋଲିସ ସୂତ୍ରରୁ ପ୍ରକାଶ।

# ଟିକେଟ ଲବିରେ ପ୍ରମୁଖ ଦଳର ଏକାଧିକ ଆଶାୟୀ

## ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ

ବଇଣ୍ଡା, ୨୮।୨ (ପରିକ୍ଷିତ ସାହୁ)

ସମ୍ବଲପୁର ଲୋକ ସଭା କ୍ଷେତ୍ର ଅଧୀନରେ ରହିଛି ଅନୁଗୋଳ ଜିଲାର ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ। ଆଠମଲ୍ଲିକ ବ୍ଲକର ୨୪ ପଞ୍ଚାୟତ ଓ ଏନ୍ଏସିର ୧୧ ୱାର୍ଡ ଏବଂ କିଶୋରନଗର ବ୍ଲକର ୨୩ ପଞ୍ଚାୟତ ସହ ଅନୁଗୋଳ ବ୍ଲକର ୯ ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ଏହା ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ଥିବାବେଳେ ଗତ ୨୪ ବର୍ଷ ହେବ ବିଜେଡି ଏଠାରୁ ବିଜୟୀ ହୋଇଆସୁଛି। ତେବେ ଆସନ୍ତା ନିର୍ବାଚନକୁ ନଜରରେ ରଖି ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ଏକାଧିକ ନେତା ଏବେ ଆଠମଲ୍ଲିକବାସୀଙ୍କ ବିଶ୍ୱାସ ଜିତିବାକୁ ଉଦ୍ୟମ ଚଳାଇଥିବାରୁ ଟିକେଟ୍ ଆଶାୟୀଙ୍କ ଭିଡ଼ ବଢୁଥିବା ଦେଖାଯାଉଛି।

୨୦୦୦ ଓ ୨୦୦୪ ନିର୍ବାଚନରେ ଆଠମଲ୍ଲିକ ନିର୍ବାଚନମଣ୍ଡଳୀରୁ ବିଜେଡିର ବରିଷ୍ଠ ନେତା ନଗେନ୍ଦ୍ର ପ୍ରଧାନ ବିଜୟୀ ହୋଇଥିଲେ। ୨୦୦୯ ଓ ୨୦୧୪ରେ ବିଜେଡି ସଞ୍ଜୀବ ସାହୁଙ୍କୁ ପ୍ରାର୍ଥୀ କରିବା ସହ ଏହି ନିର୍ବାଚନମଣ୍ଡଳୀକୁ ନିଜ କବ୍ଜାରେ ରଖିଥିଲା। ହେଲେ ୨୦୧୯ ମସିହାରେ ବିଜେଡି ରଣନୀତି ବଦଳାଇ ଛାମୁଆ ନେତାଙ୍କ ପରିବର୍ତ୍ତେ ପ୍ରଶାସନିକ ଅଧିକାରୀ ରମେଶ ଚନ୍ଦ୍ର ସାଏଙ୍କୁ ଟିକେଟ୍ ଦେଇ ସର୍ବାଧିକ ଭୋଟ ପାଇବାରେ ସକ୍ଷମ ହୋଇଥିଲା। ତେଣୁ ଆଗକୁ ବିଜେଡିର ଆଭିମୁଖ୍ୟ ଏଠାରେ କିପରି ରହିବ ତାହା ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ବର୍ତ୍ତମାନର ବିଧାୟକ ରମେଶ ଆସନ୍ତା ନିର୍ବାଚନରେ ପୁଣି ଦଳୀୟ ପ୍ରାର୍ଥୀ ହେବେ ବୋଲି ଦୃଢ଼ ଆଶାବାଦୀ। ତାଙ୍କ ବ୍ୟତୀତ ଦଳରୁ ଆହୁରି ୪ ଜଣ ଟିକେଟ୍ ପାଇଁ ଆଶାୟୀ ତାଲିକାରେ ରହିଛନ୍ତି। ସେମାନେ ହେଲେ ପୂର୍ତ୍ତ ବିଭାଗର ପୂର୍ବତନ ସଚିବ ତଥା ବରିଷ୍ଠ ନେତା ନଳିନୀକାନ୍ତ ପ୍ରଧାନ, ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନ, ଜିଲା ମହିଳା ବିଜେଡି ସଭାପତି ବିଦ୍ୟୁତ୍‌ଲତା ପ୍ରଧାନ ଓ ସାମାଜିକ କର୍ମୀ ଅର୍ଜୁନ ସାହୁ। ୨୦୧୯ରେ ବିଜେଡି ନଳିନୀଙ୍କୁ ସମ୍ବଲପୁରରୁ ଏମ୍‌ପି ପ୍ରାର୍ଥୀ କରିଥିଲା। ହେଲେ ସେ ବିଜୟୀ ହୋଇପାରି ନ ଥିଲେ। ତେଣୁ ଏଥର ଲୋକ ସଭା ଆସନ ପରିବର୍ତ୍ତେ ସେ ଆଠମଲ୍ଲିକ ବିଧାନସଭା ଆସନ ଉପରେ ଆଖି ପକାଇଛନ୍ତି। କିଛିଦିନ ହେଲା ବିଧାୟକ ସାଏ ଓ ନଳିନୀଙ୍କ ମଧ୍ୟରେ ସମ୍ପର୍କ ଫିକା ପଡ଼ିଥିବା ବେଳେ ଦୁହେଁ ନିଜ ନିଜ ସ୍ତରରେ ନିର୍ବାଚନମଣ୍ଡଳୀରେ ବ୍ୟାପକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ସେହିପରି ଭାଜପା ଆସନ୍ତା ବିଧାନସଭା ନିର୍ବାଚନରେ କିପରି ଏଠାରୁ ବିଜୟୀ ହେବ ସେ ନେଇ ରଣକୌଶଳ ସ୍ଥିର କରିବାରେ ଲାଗିପଡ଼ିଛି। ଏହି ଦଳରେ ମଧ୍ୟ ଏକାଧିକ ଆଶାୟୀ। ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଥିବା ବରିଷ୍ଠ ନେତା ସଞ୍ଜୀବ ସାହୁ ଦଳୀୟ ପ୍ରାର୍ଥୀ ହେବାକୁ ଯୋଜନା କରିଥିବା ବେଳେ ଗତ ୩ଥରର ପ୍ରାର୍ଥୀ ବରିଷ୍ଠ ନେତା ଭାଗୀରଥି ପ୍ରଧାନ ମଧ୍ୟ ଟିକେଟ ପାଇଁ ଆଶାୟୀ ଅଛନ୍ତି। ତାଙ୍କ ବ୍ୟତୀତ ଯୁବ ଭାଜପା କର୍ମୀ ସଂଗ୍ରାମ ମିଶ୍ର ଟିକେଟ୍ ପାଇଁ ଉଦ୍ୟମ ଚଳାଇଛନ୍ତି। ଅନ୍ୟପକ୍ଷରେ ୨୦୦୦ ମସିହା ପୂର୍ବରୁ ଆଠମଲ୍ଲିକକୁ ନିଜ ଗଡ଼ କରିଥିବା କଂଗ୍ରେସରୁ ୨ ଥର ବିଧାୟକ ପ୍ରାର୍ଥୀ ହୋଇଥିବା ବିଜୟାନନ୍ଦ ଚାଉଳିଆ ଏଥର ମଧ୍ୟ ଟିକେଟ୍ ପାଇଁ ଆଶା ବାନ୍ଧି ଥିବାବେଳେ ବରିଷ୍ଠ କଂଗ୍ରେସ ନେତା ତଥା ଓକିଲ ସଂଘ ସଭାପତି ସୁଶାନ୍ତ ମହାପାତ୍ର ଟିକେଟ ପାଇଁ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିସାରିଛନ୍ତି।


ନଳିନୀକାନ୍ତ ପ୍ରଧାନ


ରମେଶଚନ୍ଦ୍ର ସାଏ


ସଞ୍ଜୀବ ସାହୁ


ଭାଗୀରଥି ପ୍ରଧାନ


ବିଜୟାନନ୍ଦ ଚାଉଳିଆ


ସୁଶାନ୍ତ ମହାପାତ୍ର

# ସତ୍ୟବାଦୀକୁ ନେଇ ଉମା-ସଞ୍ଜୟ ଛକାପଞ୍ଝା

## ପ୍ରାର୍ଥିତ୍ୱକୁ ନେଇ ଚର୍ଚ୍ଚା ଜୋର୍ ଧରିଲା

ଭୁବନେଶ୍ୱର, ୨୮।୨ (ଅନିଲ ଦାସ)


ଉମା ସାମନ୍ତରାୟ


ସଞ୍ଜୟ ଦାସ ବର୍ମା

ସାଧାରଣ ନିର୍ବାଚନ ଆଉ କିଛିଦିନ ଥିବାବେଳେ ନିର୍ବାଚନ ମଣ୍ଡଳୀଗୁଡ଼ିକରେ ଉଷ୍ମତା ବଢ଼ିଲାଣି। ପୁରୀ ଜିଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ରାଜନୀତି ସରଗରମ ହୋଇଛି। ସତ୍ୟବାଦୀ ବିଧାନସଭା ଆସନକୁ ନେଇ ବର୍ତ୍ତମାନର ବିଧାୟକ ଉମା ସାମନ୍ତରାୟ ଏବଂ ବ୍ରହ୍ମଗିରି ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମାଙ୍କ ମଧ୍ୟରେ ଛକାପଞ୍ଝା ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ବ୍ରହ୍ମଗିରି ସିଟ୍ ଛାଡ଼ି ସତ୍ୟବାଦୀ ବିଧାନସଭା ଆସନରେ ସଞ୍ଜୟ ବିଜେଡିରୁ ଲଢ଼ିବା ନେଇ ସୂଚନା ଦେବା ପରେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ତେବେ ଉଭୟେ ବୁଧବାର ଶଙ୍ଖ ଭବନରେ ପହଞ୍ଚି ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ସଞ୍ଜୟ ଧଉଳିଠାରେ ଉଭୟ ସତ୍ୟବାଦୀ ଓ କଣାସ ଅଞ୍ଚଳର କେତେକ ଆଗଧାଡ଼ିର ବିଜେଡି କର୍ମୀଙ୍କୁ ନେଇ ବୈଠକ କରିବା ଓ ସତ୍ୟବାଦୀରୁ ପ୍ରାର୍ଥୀ ହେବାକୁ ତାଙ୍କୁ ସବୁଜ ସଙ୍କେତ ମିଳିଥିବା କହୁଥିବା ଏକ ଭିଡିଓ ଭାଇରାଲ୍ ହେବା ପରେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ଗୁଞ୍ଜରଣ ସୃଷ୍ଟି କରିଛି। କେଉଁ ପଞ୍ଚାୟତରେ ସ୍ଥିତି କେମିତି ଅଛି, ପଞ୍ଚାୟତରେ କେତେ ଭୋଟର ଅଛନ୍ତି, ଯଦି ଉମା କିମ୍ବା ତାଙ୍କ ପତ୍ନୀ ସ୍ୱାଧୀନ ଭାବେ ପ୍ରାର୍ଥୀ ହୁଅନ୍ତି କେତେ ଭୋଟ୍ ପାଇବେ, ଭାଜପାର ସ୍ଥିତି କ'ଣ ଅଛି, ସେ ନେଇ ସଞ୍ଜୟ ତଥ୍ୟ ସଂଗ୍ରହ କରୁଥିବା କୁହାଯାଉଛି। କେବଳ ସେତିକି ନୁହେଁ, ଉମା ସାମନ୍ତରାୟ ବ୍ରହ୍ମଗିରିରୁ ଲଢ଼ିବାକୁ ମଧ୍ୟ ଆଲୋଚନା ଚାଲିଥିବା ଦାସବର୍ମା ବୈଠକରେ କହିବା ପରେ ସତ୍ୟବାଦୀ ବିଧାୟକଙ୍କ ମନରେ ଛନକା ପଶିଯାଇଛି । ଅନ୍ୟପଟେ ଏହି ଘଟଣାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ଉମା କହିଛନ୍ତି, ସତ୍ୟବାଦୀ ତାଙ୍କ ଜନ୍ମସ୍ଥାନ। ସେଠି ସେ ୱାର୍ଡସ୍ତରରୁ ବିଜେଡି ସଙ୍ଗଠନ ସୁଦୃଢ଼ କରିଛନ୍ତି। କିଏ କାହା ମନରୁ କିଛି କହିଦେଲେ ସେଥିରେ ସତ୍ୟବାଦୀ ଲୋକେ ଭ୍ରମିତ ହେବେ ନାହିଁ। ଟିକେଟ କାହାକୁ ମିଳିବ ତାହା ଦଳ ସଭାପତିଙ୍କ ନିଷ୍ପତ୍ତି ସର୍ବମାନ୍ୟ। ଉମା ଏକ ସଭାମଞ୍ଚରେ କହିଛନ୍ତି, ମୁଁ ସତ୍ୟବାଦୀ ଲୋକଙ୍କ ପାଇଁ ଆଜି ଏ ସ୍ଥାନରେ ପହଞ୍ଚିଛି । ତେଣୁ ସତ୍ୟବାଦୀ ଛାଡ଼ିକି କୁଆଡ଼େ ଯିବିନି। ଏଇଠି ଜନ୍ମ ନେଇଛି ଏଇଠି ମରିବି । ମୋର ମରିବାକୁ ବି ଭୟ ନାହିଁ । ମୁଁ ହିଁ ସତ୍ୟବାଦୀରେ ବିଜେଡିକୁ ବିଜୟ ସ୍ୱାଦ ଚଖାଇଛି ।

ସୂଚନାଯୋଗ୍ୟ, ସତ୍ୟବାଦୀରେ ଭାଜପା ୩ଟି ଜିଲା ପରିଷଦ ଆସନରେ ବିଜୟୀ ହେବା ପରେ ଉମାଙ୍କ ଉପରେ ଦଳୀୟ ଚାପ ବଢ଼ିଯାଇଛି। ଆସନ୍ତା ନିର୍ବାଚନ ପୂର୍ବରୁ ସଙ୍ଗଠନକୁ ସଜାଡ଼ିବା ସହ ସେଠାରେ ଉମାଙ୍କ ବଳଦରେ ସଞ୍ଜୟଙ୍କୁ ଛିଡ଼ା କରିବା ନେଇ ଗତ କିଛିଦିନ ହେବ ଚର୍ଚ୍ଚା ଲାଗି ରହିଛି।

# ଖାର୍ଗେଙ୍କୁ ଭେଟିଲେ ସପ୍ତଗିରି

## ପୁଣି ପ୍ରାର୍ଥୀ ହେବା ସମ୍ଭାବନା ବଢ଼ିଲା

ରାୟଗଡ଼ା, ୨୮।୨ (ଆଶିଷ ରଞ୍ଜନ ପଣ୍ଡା)

କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ବୁଧବାର ଦିଲ୍ଲୀରେ ଏଆଇସିସି ସଭାପତି ମଲିକାର୍ଜୁନ ଖାର୍ଗେଙ୍କୁ ସାକ୍ଷାତ କରିଛନ୍ତି। ଆସନ୍ତା ନିର୍ବାଚନ ପ୍ରଚାର ପାଇଁ ଖାର୍ଗେ ରାୟଗଡ଼ା ଓ କୋରାପୁଟ ଜିଲା ଗସ୍ତରେ ଆସିବା ପାଇଁ ସପ୍ତଗିରି ତାଙ୍କୁ ନିମନ୍ତ୍ରଣ କରିଛନ୍ତି।

କୋରାପୁଟ ଲୋକ ସଭା ଆସନ ପାଇଁ କଂଗ୍ରେସରୁ ୧୨ଜଣ ଆଶାୟୀ ପ୍ରାର୍ଥୀ ଅନ୍‌ଲାଇନରେ ଆବେଦନ କରିଥିଲେ । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସପ୍ତଗିରିଙ୍କୁ ପୁଣି ରିପିଟ୍ କରିବ ଦଳ । ଯେଉଁମାନେ ଅନ୍‌ଲାଇନ ଆବେଦନ କରିଥିଲେ, ସମସ୍ତଙ୍କୁ ପଛରେ ପକାଇ ସପ୍ତଗିରିଙ୍କ ଉପରେ ଦଳୀୟ ହାଇକମାଣ୍ଡ ମୋହର ଲଗାଇଥିବା ଚର୍ଚ୍ଚା ହେଉଛି। ସେହିଭଳି ରାୟଗଡ଼ା ବିଧାନସଭା ଆସନରୁ ୧୧ଜଣ ଆଶାୟୀ ଆବେଦନ କରିଥିଲେ ହେଁ ଆପଲସ୍ୱାମୀ କାଡ୍ରାକାଙ୍କୁ ପୁଣି ଦଳ ରିପିଟ୍ କରିପାରେ ବୋଲି ଶୁଣିବାକୁ ମିଳୁଛି। ବିଷମକଟକ ବିଧାନସଭା ଆସନରୁ ୨ ଆଶାୟୀ ପ୍ରାର୍ଥୀ ଅଛନ୍ତି। ସେ ୨ ଜଣ ହେଲେ, ଗତ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ନୀଳମାଧବ ହିକ୍କା ଓ ପୂର୍ବତନ ମନ୍ତ୍ରୀ ଡମ୍ବରୁଧର ଉଲାକାଙ୍କ ପୁଅ ନୀଳମାଧବ ଉଲାକା। ତେବେ ଦଳ ପୁଣି ଥରେ ନୀଳମାଧବ ହିକ୍କାଙ୍କୁ ରିପିଟ୍ କରିବା ନେଇ ଦଳୀୟ ସ୍ତରରେ ଚର୍ଚ୍ଚା ହେଉଛି। ଏଭଳିକି ଏହି ୩ ଜଣଙ୍କୁ ପ୍ରଚାର ପାଇଁ ମୈଦାନରେ ଓହ୍ଲାଇବାକୁ ଦଳ ପକ୍ଷରୁ ସବୁଜ ସଙ୍କେତ ମିଳିଥିବା ମଧ୍ୟ ଶୁଣିବାକୁ ମିଳୁଛି । ତେବେ ଗୁଣପୁର ବିଧାନସଭା ଆସନ ପାଇଁ ୭ ଜଣ ଆଶାୟୀ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ପ୍ରାର୍ଥୀ ଚୟନ ହୋଇପାରିନାହିଁ । ଅନେକ ଆଶାୟୀ ରହିଥିବା ଯୋଗୁଁ ଦ୍ୱନ୍ଦ୍ୱରେ ଦଳୀୟ ନେତା ପଡ଼ିଛନ୍ତି । ଏଭଳିକି ଗମାଙ୍ଗ ପରିବାରର ଜଣକୁ ଟିକେଟ ପାଇଁ ଛକାପଞ୍ଝା ଲାଗି ରହିଛି । ତେବେ ଗୁଣପୁର ପାଇଁ ମଧ୍ୟ ଶୀଘ୍ର ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ତେବେ ଏ ନେଇ ଦଳ ପକ୍ଷରୁ କୌଣସି ବିଧିବଦ୍ଧ ଘୋଷଣା ହୋଇ ନ ଥିବା ବେଳେ ଏମ୍‌ପି ସପ୍ତଗିରିଙ୍କ ସହିତ ଯୋଗାଯୋଗ ସମ୍ଭବପର ହୋଇପାରିନାହିଁ ।


ମଲିକାର୍ଜୁନ ଖାର୍ଗେଙ୍କ ସହ ସପ୍ତଗିରି ଉଲାକା।

# ୧ରେ ନବୀନ ନିବାସ ଘେରିବ କଂଗ୍ରେସ

ଭୁବନେଶ୍ୱର, ୨୮।୨ (ସୁନିତ୍ ମିଶ୍ର)

ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଆସନ୍ତା ୧ ତାରିଖରେ ନବୀନ ନିବାସ ଘେରାଉ କରାଯିବ। 'ନବୀନ ହଟାଅ, ଓଡ଼ିଶା ବଞ୍ଚାଅ' କାର୍ଯ୍ୟକ୍ରମ ଜରିଆରେ ଏହି ଘେରାଉ କରାଯିବ ବୋଲି ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି। କଂଗ୍ରେସ ଭବନରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରଞ୍ଜିତ କହିଛନ୍ତି , ଦୀର୍ଘ ୨୪ ବର୍ଷର ବିଜେଡି ଶାସନରେ ଓଡ଼ିଶାର ଯୁବ ସମାଜ ଉପେକ୍ଷିତ, ଲୁଣ୍ଠିତ ଏବଂ ଅତ୍ୟାଚାରିତ। ଯୁବ ସମାଜର କର୍ମସଂସ୍ଥାନ ପାଇଁ ସରକାରର କୌଣସି ସ୍ୱତନ୍ତ୍ର କିମ୍ବା ଉପଯୁକ୍ତ ଯୋଜନା ନାହିଁ। ବର୍ଷକୁ ୨ ଲକ୍ଷ ନିଯୁକ୍ତି ଦେବା ପାଇଁ ଶାସକ ଦଳ ପ୍ରତିଶ୍ରୁତି ଦେଇଥିଲା। ଏବେ ୧୦ ଲକ୍ଷ ବେକାର ଯୁବତୀଯୁବକ ନାମ ପଞ୍ଜୀକରଣ କରି ନିଯୁକ୍ତି ପାଇଁ ଚିତ୍କାର କରୁଛନ୍ତି। ନିର୍ବାଚନ ଆସିଲେ ରାଜ୍ୟ ସରକାର ଯୁବ ସମାଜକୁ ଭୁଆଁ ବୁଲାଇବାକୁ ନୂଆ ଯୋଜନା ଘୋଷଣା କରନ୍ତି। ୨୦୧୯ ନିର୍ବାଚନ ପୂର୍ବରୁ 'ବିଜୁ ଯୁବବାହିନୀ' ଘୋଷଣା ହେଲା। ରାଜ୍ୟ ରାଜକୋଷରୁ ୪୫୦ କୋଟି ଟଙ୍କା ବ୍ୟୟ କରି ଦଳୀୟ କର୍ମୀ ପୋଷିଲେ। ଏବେ ସେହି 'ବିଜୁ ଯୁବବାହିନୀ' ଯୋଜନା ଆଉ ନାହିଁ। ୨୦୨୪ ନିର୍ବାଚନରେ ଯୁବଭୋଟରଙ୍କୁ ଆକର୍ଷିତ କରିବା ପାଇଁ ଯେଉଁ 'ସ୍ୱୟମ୍' ଯୋଜନା ପ୍ରଣୟନ କରାଯାଇଛି ତାହା କେବଳ ଭୁଆଁ ବୁଲାଇବାକୁ ଉଦ୍ଦିଷ୍ଟ ବୋଲି ରଞ୍ଜିତ କହିଛନ୍ତି।


**PARADIP PORT AUTHORITY**
**HARBOUR WORKS DIVISION No.I**
**e-TENDER CALL NOTICE**

e-TCN No. CE/HWDI/ACCTS-22/21/62, dtd: 20.02.2024
**Name of the work:** Cleaning of debrises from Roads, berms, backup space & disposal of dredged materials from Port area i.e. from Gate No.4 area to MPB junction to NQ-I via CQ, SQ and EQ area, connecting Road from T-Junction to New IOB in IOHP area and 3-B road (4 lane) leading from IOHP to Wagon Tippler (one year). Put to tender value: Rs.1,27,11,447.66 plus GST as applicable. Last date & time of submission of tender through online bidding is 18.03.2024 up to 17:15 Hrs. For details, please log on to the Website: https://eprocure.gov.in/eprocure/app.

Sd/- Executive Engineer, Harbour Woks Division No.I, Paradip Port Authority
PPA/PR/91/2023-2024 dtd.27.02.2024

**MCL** ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5196

**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମହିନ୍ଦ୍ରା ବ୍ଲାଜୋ37 ଏଫ୍‌ବିଟି ଗୁଡ୍‌ସ
ଗାଡ଼ି ନଂ.- OD14P2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 600000.00
2) ମଡେଲ ନଂ. ମହିନ୍ଦ୍ରା ବ୍ଲାଜୋ31 ଏଫ୍‌ବିଟି ଟିପ୍ପର୍
ଗାଡ଼ି ନଂ.- OD14R2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 580000.00

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତିରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482

**झारखण्ड राज्य ग्रामीण पथ विकास प्राधिकरण (JSRRDA)**
एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड

अति अल्पकालीन ई–पुनर्निविदा आमंत्रण सूचना (9th Call)
**PR No.- 308237 Dated : 03.10.2023**
अति अल्पकालीन ई–पुनर्निविदा संख्या:-344 /2023-24 दिनांक :- 28.02.2024

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आइडेन्टीफिकेशन संख्या/पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-JSR-05/2023-24 | डुमरिया | 1 | चकरी से भागावेड़ा तक पथ का विशेष मरम्मति कार्य। (लं० – 5.400 कि०मी०) | 1069.398 | दस करोड़ उनहत्तर लाख उनचालीस हजार आठ सौ रू० मात्र | 15 महीना |
| | | डुमरिया | 2 | आर०ई०ओ० पथ बिरसा चौक से दासाडीह तक पथ का विशेष मरम्मति कार्य। (लं० – 4.800 कि०मी०) | | | |
| | | डुमरिया | 3 | आर०ई०ओ० मुख्य पथ से चयडीहा तक पथ का विशेष मरम्मति कार्य। (लं० – 5.400 कि०मी०) | | | |
| | | डुमरिया | 4 | डुमरिया षिव मंदिर से कुदरसाई तक पथ का विशेष मरम्मति कार्य। (लं० – 2.500 कि०मी०) | | | |

2. वेबसाईट मे निविदा प्रकाशन की तिथि :–29.02.2024
3. ई–निविदा प्राप्ति की अंतिम तिथि एवं समय :– 05.03.2024 अपराह्न 5.00 बजे तक।
4. निविदा खोलने की तिथि एवं समय :– 06.03.2024 .अपराह्न 5.00 बजे।
5. निविदा आमंत्रित करने वाले पदाधिकारी का नाम एवं पताः– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
6. ई–निविदा प्रकोष्ठ का दूरभाष सं०– ..............................
विस्तृत जानकारी के लिए वेबसाईट jharkhandtenders.gov.in मे देखा जा सकता है।

मुख्य अभियंता
जे०एस०आर०आर०डी०ए०, राँची।
PR.NO.320762 Rural Work Department(23-24):D

**Bhubaneswar Municipal Corporation** XIV-257/23
Ph. No. 0674-2431253, e-mail: info@bmc.gov.in
ସଂଖ୍ୟା. ୯୬୫୭/ତା ୨୨।୦୨।୨୦୨୪ରିଖ

**ରାସ୍ତା ଏବଂ ନାଳ ନିର୍ମାଣ ନିମନ୍ତେ ସାର୍ବଜନୀନ ବିଜ୍ଞପ୍ତି**

No. C-3211:- ଭୁବନେଶ୍ୱର ସହରର ନିମ୍ନଲିଖିତ ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କର ଦାବି ତଥା ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂପୃକ୍ତ ଅଞ୍ଚଳରେ ରାସ୍ତା ଏବଂ ନାଳ ନିର୍ମାଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଅଛି।

ମୌଜା-ଗାଡ଼କଣ (ଜିଲ୍ଲା-ଖୋର୍ଦ୍ଧା) — ତହସିଲ-ଭୁବନେଶ୍ୱର

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ରସ୍ତାବିତ ଏରିଆ | ମାଲିକାନା ସ୍ୱତ୍ୱ |
|---|---|---|---|---|---|
| ୧ | ୩୧୬୬ | ୫୪୬୧/୯୮୬୧ | ଶାରଦ ଅଣଜଳସେଚିତ ଦୁଇ | ୦.୦୬୦ | ମାଳ ସ୍ୱାଇଁ ସ୍ୱାଃ ସନ ସ୍ୱାଇଁ, ମୁଷି ସ୍ୱାଇଁ ପିଃ ନିଧି ସ୍ୱାଇଁ, ଅଗଣି ସ୍ୱାଇଁ, ଲବଣି ସ୍ୱାଇଁ, ବିଦୁ ସ୍ୱାଇଁ ପିଃ ଫକିର ସ୍ୱାଇଁ, ମୋତି ସ୍ୱାଇଁ ସ୍ୱାଃ ଫକିର ସ୍ୱାଇଁ ଜାଃ ମହାଲା ଏକ ବାଃ ପାଣ୍ଡରା |
| ୨ | ୬୨୧ | ୫୪୫୭/୧୦୮୦୩ | ପତିତ (ଘରୋଇ ରାସ୍ତା) | ୦.୦୧୨ | କୁଳମଣି ପରିଡା, ପିଃ ଦାମ ପରିଡା ଜାଃ ମହାଲାଏକ ବାଃ ପାଣ୍ଡରା ସାମିଲ ଚକେଇସିହାଣୀ |
| ୩ | ୪୧୪୨ | ୫୪୪୭ | ଶାରଦ ଅଣଜଳସେଚିତ ଦୁଇ | ୦.୦୫୭ | ସବିତା ଜେନା ସ୍ୱାଃ ବିଶ୍ୱରଞ୍ଜନ ନାଏକ ଜାଃ ମହାଲାଏକ ବାଃ ରାଏପୁର ଥା– କଟକ ସଦର ଜି– କଟକ, ପ୍ରଭାକର ଦାସ, ସର୍ବେଶ୍ୱର ଦାସ, ନିତେଇ ଦାସ, କରୁଣାକର ଦାସ ପିଃ ରାଘବ ଦାସ ଜାଃ ମହାଲାଏକ ବାଃ ପାଣ୍ଡରା |
| ୪ | ୨୦୯୧ | ୫୪୫୮/୧୦୭୧୧ | ଶାରଦ ଅଣଜଳସେଚିତ ଦୁଇ | ୦.୦୧୫ | ପ୍ରଭାକର ଦାସ, ସର୍ବେଶ୍ୱର ଦାସ, ନିତେଇ ଦାସ, କରୁଣାକର ଦାସ ପିଃ ରାଘବ ଦାସ ଜାଃ ମହାଲାଏକ ବାଃ ପାଣ୍ଡରା |
| ୫ | ୧୦୮୫ | ୫୪୪୫ | ଶାରଦ ଅଣଜଳସେଚିତ ଦୁଇ | ୦.୧୦୦ | ଚକ୍ରଧର ମିଶ୍ର ପିଃ ଦଣ୍ଡପାଣି ମିଶ୍ର ଜାଃ ବ୍ରାହ୍ମଣ ବାଃ ଲଡୁକେଶରପୁର ଜିଃ ନୟାଗଡ଼ |
| ୬ | ୪୭୧୧/୧୫୩ | ୫୪୧୭/୧୦୭୫୪ | ଘରବାରି | ୦.୦୭୩ | ରଶ୍ମିରେଖା ସ୍ୱାଇଁ ସ୍ୱାଃ ସୁଜିତ କୁମାର ସାମଲ ଜାଃ ଖଣ୍ଡାୟତ ବାଃ ସରପଡା, ଥା– ନିଶ୍ଚିତକୋଇଲି, ଜି – କଟକ |
| ୭ | ୫୦୯ | ୫୪୩୯ | ଘରବାରି | ୦.୦୫୫ | କଳ୍ପନା ଦାଶ ସ୍ୱାଃ ଅଭିମନ୍ୟୁ ଦାସ ଜାଃ ବ୍ରାହ୍ମଣ ବାଃ ଜଞ୍ଜିପୁର ଥାଃ ବିଂଝାରପୁର |
| ୮ | ୧୦୩୦ | ୫୪୪୦ | ଶାରଦ ଅଣଜଳସେଚିତ ଏକ | ୦.୦୩୦ | ଚତୁର୍ଭୁଜ ଦାସ, କ୍ଷେତ୍ରବାସୀ ଦାସ, ନେତ୍ରାନନ୍ଦ ଦାସ, ପିଃ ବାଙ୍କନିଧି ଦାସ ଜାଃ ମହା ଲାଏକ ବାଃ ପାଣ୍ଡରା |
| ୯ | ୪୨୩୯ | ୫୪୬୭ | ପତିତ (ଘରୋଇ ରାସ୍ତା) | ୦.୦୩୦ | ସାଧୁ ନାୟକ ପିଃ ହାରାଧନ ନାୟକ, ତାରାମଣି ଜେନା ପିଃ ଗୋପିନାଥ ନାଏକ ଜାଃ ମହାଲାଏକ ବାଃ ନହରକଣ୍ଟା, ପ୍ରଶନ୍ନ କୁମାର ରାଉତ, ପ୍ରଶାନ୍ତ କୁମାର ରାଉତ ପିଃ ବଂଶିଧର ରାଉତ, ଲକ୍ଷ୍ମୀଧର ରାଉତ, ରସାନନ୍ଦ ରାଉତ ପିଃ ବାଇଧର ରାଉତ ଜାଃ ମହାଲାଏକ ବାଃ ମଞ୍ଚେଶ୍ୱର, ସଞ୍ଜୟ କୁମାର ଚିନାରା ପିଃ ବୃନ୍ଦାବନ ଚିନାରା ଜାଃ ବଣିଆ ବାଃ କରସୁଳ ଥାନା ଗଁଦିଆ ଜିଃ ଢେଙ୍କାନାଳ, ସଞ୍ଜିବ କୁମାର ପ୍ରଧାନ ପିଃ ନରେନ୍ଦ୍ର ପ୍ରଧାନ ଜାଃ ଚଷା ବାଃ ତୁରୁଡ଼ା ଥାନା କିଶୋର ନଗର ଜି ଅନୁଗୁଳ |
| ୧୦ | ୬୨୩ | ୫୪୪୪ | ଶାରଦ ଅଣଜଳସେଚିତ ଦୁଇ | ୦.୦୮୧ | କୁଳମଣି ପରିଡ଼ା ପିଃ ଦାମ ପରିଡ଼ା ଜାଃ ମହାଲାଏକ ବାଃ ପାଣ୍ଡରା, ଅକ୍ଷୟ କୁମାର ବିଶ୍ୱାଳ ପିଃ ଘନଶ୍ୟାମ ବିଶ୍ୱାଳ ଜାଃ ଖଣ୍ଡାୟତ ବାଃ ପେଣ୍ଡପାଳ ଥାନାଃ ପଟ୍ଟାମୁଣ୍ଡାଇ ଜିଲ୍ଲାଃ କେନ୍ଦ୍ରାପଡ଼ା |
| ୧୧ | ୪୩୩୯ | ୫୪୭୦ | ପତିତ (ଘରୋଇ ରାସ୍ତା) | ୦.୦୧୦ | ସୁନା ନାୟକ ସ୍ୱାଃ ସାଧୁ ନାୟକ ଜାଃ ମହାଲାଏକ ବାଃ ନହରକଣ୍ଟା |
| ୧୨ | ୮୩୩ | ୫୪୬୮ | ପତିତ (ଘରୋଇ ରାସ୍ତା) | ୦.୧୦୫ | ଗନ୍ଧର୍ବ ସାହୁ ପିଃ ପଞ୍ଚୁ ସାହୁ ଜାଃ ତେଲି ବାଃ ପାଣ୍ଡରା |
| ୧୩ | ୪୭୧୧/୩୦୮୨ | ୫୪୬୯ | ଶାରଦ ଅଣଜଳସେଚିତ ଦୁଇ | ୦.୧୪୫ | ଭାରତୀ ଜେନା ସ୍ୱାଃ ଅନନ୍ତ କିଶୋର ଜେନା ବାଃ ପାଣ୍ଡରା ସାମିଲ ଚକେଇସିଆଣି, ଥା– ମଞ୍ଚେଶ୍ୱର, ଜି– ଖୋର୍ଦ୍ଧା |

ଉପରୋକ୍ତ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମର ସାଧାରଣ ବୈଠକ ନିର୍ଦ୍ଧାରଣ ସଂଖ୍ୟା-୭(୧୯) ତା.୨୮.୧୦.୨୦୨୨ରିଖ ଅନୁଯାୟୀ ସଂପୃକ୍ତ ବ୍ୟକ୍ତି/ବ୍ୟକ୍ତିବିଶେଷ ଆପତ୍ତି/ଅଭିଯୋଗ/ମତାମତ ଓ ତତ୍ ସଂକ୍ରାନ୍ତୀୟ ଦସ୍ତାବିଜ୍ କେବଳ ରେଜିଷ୍ଟ୍ରି ଡାକ କିମ୍ବା Speed Post ଯୋଗେ ଭୁବନେଶ୍ୱର ମହାନଗର ନିଗମକୁ ପଠାଇପାରିବେ। ଆପତ୍ତି ଅଭିଯୋଗ ପଠାଇବାର ଠିକଣା ହେଲା ଉପ-ଆୟୁକ୍ତ (ଭୂ-ବିଭାଗ), ଭୁବନେଶ୍ୱର ମହାନଗର ନିଗମ, BMC-ICOMC Tower, ସତ୍ୟନଗର, ଜନପଥ, ୟୁନିଟ୍-୯, ଭୁବନେଶ୍ୱର-୭୫୧୦୦୭।
ଖବରକାଗଜରେ ଏହି ବିଜ୍ଞପ୍ତି ପ୍ରକାଶ ହେବାଦିନଠାରୁ ୧୫ (ପନ୍ଦର) ଦିନ ମଧ୍ୟରେ ଆବଶ୍ୟକୀୟ କାଗଜାତ ସହିତ ଆପତ୍ତି/ ଅଭିଯୋଗ/ ମତାମତଗୁଡ଼ିକ ରେଜିଷ୍ଟ୍ରି ଡାକ କିମ୍ବା Speed Post ମାଧ୍ୟମରେ ଭୁବନେଶ୍ୱର ମହାନଗର ନିଗମରେ ହସ୍ତଗତ ହେବା ଆବଶ୍ୟକ। ନିର୍ଦ୍ଧାରିତ ସମୟ ଶେଷ ହେବା ପରେ ପଠାଯାଇଥିବା ତଥା ହସ୍ତଗତ ହୋଇଥିବା ଆପତ୍ତି ପ୍ରସ୍ତାବକୁ ବିଚାରକୁ ନିଆଯିବ ନାହିଁ। ଯଦି କୌଣସି ଆପତ୍ତି/ଅଭିଯୋଗ/ ମତାମତ ଉପରୋକ୍ତ ସମୟସୀମା ମଧ୍ୟରେ Regd. Post/ Speed Post ମାଧ୍ୟମରେ ଭୁବନେଶ୍ୱର ମହାନଗର ନିଗମର ହସ୍ତଗତ ହେଲା, ସେଗୁଡ଼ିକୁ ଭୁବନେଶ୍ୱର ମହାନଗର ନିଗମରେ ତର୍ଜମା କରାଯାଇ ଉପଯୁକ୍ତ ନିଷ୍ପତ୍ତି ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ (ପନ୍ଦର) ଦିନ ଭିତରେ କୌଣସି ଆପତ୍ତି/ ମତାମତ ଦାଖଲ ନ ହେଲେ, ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ସଂପୃକ୍ତ କାର୍ଯ୍ୟକୁ ସମ୍ପାଦନ କରିବା ନିମନ୍ତେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

ଆୟୁକ୍ତଙ୍କ ଆଦେଶକ୍ରମେ,
OIPR-13002/11/0303/2324 ସ୍ୱା./- ଉପ ଆୟୁକ୍ତ (ଭୂ-ବିଭାଗ), ଭୁବନେଶ୍ୱର ମହାନଗର ନିଗମ

**OFFICE OF THE ROURKELA MUNICIPAL CORPORATION: ROURKELA**
**INVITATION FOR BID**
**No.2835 Dated 27.2.2024**
**Bid Identification No.: MC/RMC/11/2024**

**No.C-3250:** The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No.MC/RMC/11/2024 for 07 Nos. Civil Work with value of Rs.51.75 Lakh to Rs.64.67 Lakh.
1. Bid documents will be available in website www.tendersorissa.gov.in. from 27.02.2024.
2. Bids must be submitted on "Online" on or before 13.03.2024 by 17.00 Hours.
3. Bids shall be opened at 11.00 hours on 14.03.2024 in the office of the undersigned in the presence of the bidders or their authorised agents.
4. Other details will be available in the website tendersorissa.gov.in.

**Sd./- Municipal Commissioner**
**Rourkela Municipal Corporation**
OIPR-13131/11/0112/2324

**OFFICE OF THE DIVISIONAL FOREST OFFICER, SAMBALPUR FOREST DIVISION**
**NEAR JAIL CHOWK, SAMBALPUR, ODISHA - 768001**
Email.ID: dfo.sambalpur@odisha.gov.in
Notice No. 15 Dated. 26.02.2024

**CORRIGENDUM**

**No.MM-481:**Due to unavoidable circumstances, as per Notice No. 14/dated. 15.02.2024 the last date of receiving the tender documents for Providing Man Power Service of Personnel through Service Provider under Sambalpur Forest Division (T), Sambalpur as published in www.sambalpur.nic.in on dated. 16.02.2024 is hereby extended up to 04.03.2024 till 5.00 P.M. through Registered Post/Speed Post/Courier/ by Person & will be opened in the same office on dated. 06.03.2024 at 11.30 A.M. which will be available in the website www.sambalpur.nic.in .All other terms and condition will remain unchanged.

Sd./- Divisional Forest Officer
Sambalpur Forest Division
OIPR-08104/11/0013/2324

No.CAD-4355
**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR - 751022**
**Tender Call Notice No. IDCO:H.O./P&C/ EST/E-3609/03/2024/Vol-VI/6285, Dt.23.02.2024**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1 Name of the Work: Construction of Cement Concrete Drain infront of B&A Packaging India Ltd., I/E Balgopalpur, Balasore.
2 Estimated Cost: Rs.21.09 lakhs (Approx.)
3 Period of Completion: 02 (Two) Calendar Months
4 Other Details

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-207/ 2023-24 | 06.03.2024 at 17.00 Hrs. | 21.03.2024 upto 17.00 Hrs. |

Further details can be seen from the e-Procurement Portal: www.tendersodisha.gov.in and Corrigendum if any will not be published in Newspapers and can only be seen in the e-Procurement portal www.tendersodisha.gov.in and www.idco.in

Sd./- Chief General Manager (P&C)
IDCO, Bhubaneswar
OIPR-14003/11/0426/2324

**MAHILA VIKAS SAMABAYA NIGAM**
(Govt. of Odisha Undertaking)
W&CD Complex, Plot No.483(Pt), Unit-VI
Ganganagar, Bhubaneswar- 751001
Ph.No.2533223, 2533214, E-mail-mvsn_bbsr@yahoo.com
Ref.279/MVSN Date:27.2.24

**TENDER CALL NOTICE**

**No.CAD-4365:**Sealed Tenders are invited from interested GST registered firms/agencies/ for supply of "Home visit Bag with Printing" for use of Anganwadi Workers as Home Visit Kit. The Tender completed in all respect shall be submitted in the office of Managing Director, Mahila Vikas Samabaya Nigam, W&CD Complex, Plot No.483(Pt), Unit-VI, Ganganagar, Bhubaneswar- 751001 on or before Dt.13.03.2024 by 5 P.M. through Registered Post/ Speed Post/couriers only. The Tender document containing Tender schedule and other relevant information and terms & conditions of Tender can be downloaded from the website-www.wcd.odisha.gov.in from 28.02.2024 to 13.03.2024. A Tender Fee of Rs.1,500/- and EMD of Rs.10,000/- are to be deposited in shape of Demand Draft in favour of Managing Director, Mahila Vikas Samabaya Nigam along with the Tender document.
The authority reserves the right to modify/cancel the Tender at any point of time.

Sd./- Managing Director
Mahila Vikas Samabaya Nigam
OIPR-33003/11/0004/2324

GOVERNMENT OF ODISHA No.A-1610
DEPARTMENT OF WATER RESOURCES
**OFFICE OF THE ADDITIONAL CHIEF ENGINEER**
**ANGUL IRRIGATION CIRCLE, ANGUL, ODISHA, PIN-759143**
email :seangulirrigation@gmail.com
**Government of Odisha "e" PROCUREMENT NOTICE**
**Bid Identification No. ACEAIC- 05 /2023-24**

| Sl. No. | Name of Work | Estimated Cost | Period of Completion | Date and Time of availability of bid document in the portal | Last date/ time for receipt of bid in the portal | Name & Address of the Officer Inviting Bid |
|---|---|---|---|---|---|---|
| 01 | Improvement to Left Main Canal from RD 200m to RD 6770m. under Nuabaga Barrage of Sapua Badjore Irrigation Project | Rs.6,18,14,684,00 | 12 (Twelve) Calendar Months including rainy season | 01.03.2024 at 10.00 AM | 18.03.2024 upto 5.30 PM | Additional Chief Engineer, Angul Irrigation Circle, Angul |

Further details can be seen from the e-Procurement Portal http://tendersodisha.gov.in.
Any Corrigendum/addendum/cancellation will be displayed in the Govt. Website only.

Sd./- Additional Chief Engineer
Angul Irrigation Circle, Angul
OIPR-32081/11/0010/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ଶ୍ରୀୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଭିରେ ୧୧,୫୦୦ କୋଟି ବିନିଯୋଗ କରିବ ରିଲାଏନ୍ସ

## ରିଲାଏନ୍ସ ଏବଂ ଡିଜ୍‌ନି ମଧ୍ୟରେ ମିଳିତ ଉଦ୍ୟୋଗ ଗଠନ

ନୂଆଦିଲ୍ଲୀ,୨୮।୨

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍, ଭାୟାକମ୍୧୮ ମିଡିଆ ପ୍ରାଇଭେଟ ଲିମିଟେଡ୍ ଏବଂ ୱାଲ୍ଟ ଡିଜ୍‌ନି ପକ୍ଷରୁ ଭାୟାକମ୍୧୮ ଓ ଷ୍ଟାର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବ୍ୟବସାୟକୁ ଏକାଠି କରି ଏକ ମିଳିତ ଉଦ୍ୟୋଗ(ଜେଭି) ଗଠନ କରିବା ନେଇ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ଉଭୟ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏହି କାରବାରର ଏକ ଅଂଶ ଭାବେ ଭାୟାକମ୍୧୮ର ମିଡିଆ




ସଂସ୍ଥା ଷ୍ଟାର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କୋର୍ଟ ଅନୁମୋଦିତ ଯୋଜନା ଜରିଆରେ ମିଶ୍ରିତ ହେବ। ଏଥିସହ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ପକ୍ଷରୁ ଏହି ମିଳିତ ଉଦ୍ୟୋଗର ଅଭିବୃଦ୍ଧି ପାଇଁ ୧୧,୫୦୦ କୋଟି ଟଙ୍କା ନିବେଶ କରାଯିବାକୁ ନିଷ୍ପତ୍ତି କରାଯାଇଛି। ଏପରିକି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଏହି ମିଳିତ ଉଦ୍ୟୋଗ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ନିୟନ୍ତ୍ରଣରେ ରହିବ, ଯେଉଁଥିରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ୧୬.୩୪% ମାଲିକାନା, ଭାୟାକମ୍୧୮ର ୪୬.୮୨% ଏବଂ ଡିଜ୍‌ନିର ୩୬.୮୪% ମାଲିକାନା ରହିବ। ସେହିଭଳି ଆବଶ୍ୟକୀୟ ନିୟାମକ ଓ ତୃତୀୟ ପକ୍ଷ ଅନୁମୋଦନ ଅନୁଯାୟୀ ଡିଜ୍‌ନି ମଧ୍ୟ ଏହି ମିଳିତ ଉଦ୍ୟୋଗରେ ନିର୍ଦ୍ଦିଷ୍ଟ ଅତିରିକ୍ତ ମିଡିଆ ଆସେଟ ଯୋଗଦାନ କରିପାରେ ବୋଲି ଆଶା କରାଯାଉଛି। ଅପରପକ୍ଷରେ ନୀତା ଏମ୍. ଅମ୍ବାନୀ ଏହି ମିଳିତ ଉଦ୍ୟୋଗର ଅଧ୍ୟକ୍ଷା ଏବଂ ଉଦୟ ଶଙ୍କର ଉପାଧ୍ୟକ୍ଷ ଭାବେ ମିଳିତ ଉଦ୍ୟୋଗକୁ ରଣନୀତିକ ମାର୍ଗଦର୍ଶନ କରିବେ। ଏ ସମ୍ପର୍କରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଡି ଅମ୍ବାନୀ କହିଛନ୍ତି, ଏହା ଏକ ଯୁଗାନ୍ତକାରୀ ଚୁକ୍ତି ହୋଇଥିଲାବେଳେ ଭାରତୀୟ ମନୋରଞ୍ଜନ ଶିଳ୍ପରେ ଏକ ନୂତନ ଯୁଗର ପ୍ରାରମ୍ଭ କରିଛି। ଏପରିକି ଆମେ ସର୍ବଦା ଡିଜନିକୁ ବିଶ୍ୱସ୍ତରରେ ସର୍ବୋତ୍ତମ ମିଡିଆ ଗୋଷ୍ଠୀ ଭାବେ ସମ୍ମାନ ଦେଇଆସିଛୁ। ସେହିଭଳି ୱାଲ୍ଟ ଡିଜନିର ସିଇଓ ବବ ଆଇଗର କହିଛନ୍ତି, ଭାରତ ହେଉଛି ବିଶ୍ୱର ସବୁଠାରୁ ଜନ ବହୁଳ ବଜାର ଏବଂ ଏହି ମିଳିତ ଉଦ୍ୟୋଗ କମ୍ପାନୀ ପାଇଁ ଦୀର୍ଘମିଆଦୀ ମୂଲ୍ୟ ସୃଷ୍ଟି କରିବାର ସୁଯୋଗ ପାଇଁ ଆମେ ବେଶ ଉତ୍ସାହିତ ଅଛୁ। ଭାରତୀୟ ବଜାର ଏବଂ ଉପଭୋକ୍ତା ବିଷୟରେ ରିଲାଏନ୍ସର ଗଭୀର ଅଭିଜ୍ଞତା ରହିଛି ଏବଂ ମିଳିତ ଭାବେ ଆମେ ଦେଶର ଏକ ଅଗ୍ରଣୀ ମିଡିଆ କମ୍ପାନୀ ସୃଷ୍ଟି କରିବୁ, ଯାହା ଡିଜିଟାଲ ସେବା ଏବଂ ମନୋରଞ୍ଜନ ଓ କ୍ରୀଡା ବିଷୟବସ୍ତୁର ଏକ ବ୍ୟାପକ ସମ୍ଭାର ସହିତ ଗ୍ରାହକଙ୍କୁ ଉନ୍ନତ ସେବା ପ୍ରଦାନ କରିବାକୁ ସକ୍ଷମ କରିବ।

# ଶେୟାର ବଜାର କାରବାରରେ ହ୍ରାସ

ନୂଆଦିଲ୍ଲୀ,୨୮।୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୭୯୦ (୭୯୦.୩୪) ପଏଣ୍ଟ କମି ୭୨,୩୦୫ (୭୨,୩୦୪.୮୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୨୪୭(୨୪୭.୨୦) ପଏଣ୍ଟ ହ୍ରାସ ଘଟି ୨୧,୯୫୧ (୨୧,୯୫୧.୧୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।


CLASSIFIED DISPLAY
MORE SPACE • SAME PRICE

ADMISSION OPEN
B.Ed, M.Ed,
B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ.ସଂଯୁକ୍ତା କୁମାରୀ ପ୍ରଧାନ (ଶିକ୍ଷୟିତ୍ରୀ)
ଭୁବନପୁର, ସ୍ୱାଧୀନ କଲୋନୀ, ନିମାପଡ଼ା, ପୁରୀ
ଆବିର୍ଭାବ: ବୈଶାଖ କୃଷ୍ଣ ଦଶମୀ (୨୦।୦୪।୧୯୬୦)
ତିରୋଧାନ: ଫାଲ୍‌ଗୁନ କୃଷ୍ଣ ପଞ୍ଚମୀ (୦୩।୦୨।୨୦୧୦)
ସ୍ମୃତିର ସଳିତା ଜଳେ
ଅଲିଭାଏ ଲୁହର ଦୀପାବଳି
ତୁମ ପାଇଁ ଚିରଦିନ ଥିବ
ତୁମେ ଆମ ପ୍ରାଣର ସଞ୍ଜାଳି।
ତୁମେ ଥିଲ ଆମ ପାଇଁ
ମମତାର ମହାତୀର୍ଥ ଭୂଇଁ
ରହିବ ବି ସବୁ ଦିନ
ହୋଇ ଆମ ଆକାଶର ଛାଇ।
ଶୋକସନ୍ତପ୍ତ: ସ୍ୱାମୀ- ଗୁଣନିଧି, ଝିଅ: ଜି.ଏସ.ବର୍ଷା, ଜ୍ୱାଇଁ: ପାର୍ଥସାରଥି (ବାପୁ), ପୁତୁରା: ନଣ୍ଟା, ଅନ୍ୟ ପୁତୁରା, ଝିଆରୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୨୪୬୬


# ବିଜିୟୁରେ ଜାତୀୟ ବିଜ୍ଞାନ ଦିବସ ପାଳିତ



ଭୁବନେଶ୍ୱର,୨୮।୨

ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି (ବିଜିୟୁ)ର ବିର୍ଲା ସ୍କୁଲ ଅଫ୍ ଆପ୍ଲାଏଡ୍ ସାଇନ୍ସ ପକ୍ଷରୁ ବୁଧବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପୂର୍ବତନ ପ୍ରଫେସର ଏଲ୍. ପି. ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପିଜି କାଉନସିଲ୍ ଅଧ୍ୟକ୍ଷ ତଥା ପ୍ରାଣୀ ବିଜ୍ଞାନ ପ୍ରଫେସର ଲୁନା ସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ବିଜିୟୁର କୁଳପତି ପ୍ରଫେସର ପି.ପି.ମାଥୁର ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ପ୍ରତି ଅଧିକ ଧ୍ୟାନଦେବା ପାଇଁ ଉତ୍ସାହିତ କରିଥିଲେ। ବିଜିୟୁର ରେଜିଷ୍ଟ୍ରାର୍ ପ୍ରଫେସର ବି.କେ. ଦାସ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ଏବଂ ଏହାର ସାମ୍ପ୍ରତିକ ଅଗ୍ରଗତି ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡ. ବନ୍ଦିତା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ସହ-ସଂଯୋଜକ ଡ. ମନସ୍ୱିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲ ଅଫ୍ ଆପ୍ଲାଏଡ୍ ସାଇନ୍ସ ଦ୍ୱାରା ପରିଚାଳିତ ହାକାଥନ୍ ବିଜେତାଙ୍କୁ ପୁରସ୍କାର ପ୍ରଦାନ ସହ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# କୃତି କଫିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର, ୨୮।୨ (ଅଭୟ ଦାଶ)

ରାଜ୍ୟର ଅଗ୍ରଣୀ ରିଟେଲ ଷ୍ଟାର୍ଟଅପ୍ ୟୁନିଟ୍ ତଥା ଲୋକପ୍ରିୟ କଫି ବ୍ରାଣ୍ଡ୍ 'କୃତି କଫି'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ ବୁଧବାର ଭୁବନେଶ୍ୱରର ପଟିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଭାରତରେ ଦ୍ରୁତ ବୃଦ୍ଧି ପାଉଥିବା କୃତି କଫିର ସ୍ୱତନ୍ତ୍ର କଫି ଅଭିଜ୍ଞତା କେନ୍ଦ୍ର ତଥା ନୂତନ କାଫେର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ କୋରାପୁଟ କିନ୍ଦିରିଗୁଡ଼ା ଗ୍ରାମର ଆଦିବାସୀ କଫି ଚାଷୀ ତଥା କୋଟପାଡ଼ର ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକର ବିଦ୍ୟାଧର ମହନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ଡୋକ୍ରା କାରିଗର ଏସ୍.ଏମ୍.ଗୋଲାପ ଗର୍ଡିଆ



ଏବଂ ତ୍ରିନାଥ ବେହେରା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗଦେଇଥିଲାବେଳେ କୃତି କଫିର ସହ ପ୍ରତିଷ୍ଠାତା ଡ. କାମାକ୍ଷା ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ୪୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢ଼ି ଉଠିଥିବା ଏହି କେନ୍ଦ୍ର ଗ୍ରାହକଙ୍କୁ ଗୁଣାତ୍ମକ ସେବା ଓ ଉତ୍ପାଦ ଯୋଗାଇବାକୁ ପ୍ରୟାସ କରିବ ବୋଲି ଆଉଟ୍‌ଲେଟ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ କୃତି କଫିର ସହ ପ୍ରତିଷ୍ଠାତା ଡ. କାମାକ୍ଷା ଦାସ ୱାଲ୍ଡର ନମ୍ବର୧ ଓ କଫି ସ୍କଲ୍ ବଡ଼ି ସ୍ପେଶିଆଲିଟି କଫି ଆସୋସିଏସନରୁ ବୃତ୍ତିଗତ ସ୍ତରର ରୋଷ୍ଟିଂ ସମାପ୍ତ କରିଛନ୍ତି। ଏହି ଅବସରରେ କୃତି କଫିର ବିଜ୍‌ନେସ୍ ହେଡ୍ ତପନ ବାରିସାଲ କହିଥିଲେ, କୃତି କଫି ସମଗ୍ର ଭାରତରେ ୫ଟି ସ୍ପେଶିଆଲିଟି କଫି ଆଉଟ୍‌ଲେଟ୍ ସ୍ଥାପନ କରିଛି।

# ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ଋଣ ପ୍ରବାହ ଅବ୍ୟାହତ

ଭୁବନେଶ୍ୱର,୨୮।୨

ବିଗତ କିଛି ବର୍ଷ ହେବ ଦେଶର ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀ (ଏମଏସଏମଇ) କ୍ଷେତ୍ରକୁ ଉଭୟ ଘରୋଇ ଓ ସରକାରୀ ସଂସ୍ଥାରୁ ଋଣ ପ୍ରବାହ ଜାରି ରହିଛି। ବିଶେଷ କରି ଏମଏସଏମଇ କ୍ଷେତ୍ରରେ ଜଡ଼ିତ ଲୋକ ଓ ଉଦ୍ୟୋଗୀମାନେ ଋଣ ଅର୍ଥ ଜରିଆରେ କାରବାର ବୃଦ୍ଧି ସହ ବ୍ୟବସାୟ ସମ୍ପ୍ରସାରଣ କରିପାରୁଛନ୍ତି। ଅପରପକ୍ଷରେ ଟ୍ରାନ୍ସ ୟୁନିୟନ୍ ସିବିଲ୍-ସିଡ୍‌ବି ପଲ୍‌ସ ରିପୋର୍ଟ ଅନୁସାରେ ୨୦୨୩ ସେପ୍ଟେମ୍ବର ଶେଷ ସୁଦ୍ଧା ଭାରତର ବାଣିଜ୍ୟିକ ଋଣ ପରିମାଣ ବାର୍ଷିକ ୧୧% ବୃଦ୍ଧି ପାଇ ୨୮.୨ ଲକ୍ଷ କୋଟି ଟଙ୍କା ହୋଇଛି। ସେହିଭଳି ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ବଢ଼ିଥିବାରୁ ବାଣିଜ୍ୟିକ ଋଣର ଚାହିଦା ମଧ୍ୟ ବାର୍ଷିକ ୨୯% ବଢ଼ିଥିବା ବେଳେ ଯୋଗାଣ କ୍ଷେତ୍ରରେ ମଧ୍ୟ ବାର୍ଷିକ ୨୦% ବୃଦ୍ଧି ଘଟିଛି। ଏ ସମ୍ପର୍କରେ ସିଡ୍‌ବିର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶିବସୁବ୍ରମଣ୍ୟମ ରମଣ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ମଧ୍ୟ ଏମ୍ଏସଏମ୍ଇ କ୍ଷେତ୍ରକୁ ଋଣ ପ୍ରବାହ ଜାରି ରହିଛି।

# ଇଟିଏଲ୍‌ଆଇର ନୂତନ ଉତ୍ପାଦ

ଭୁବନେଶ୍ୱର,୨୮।୨

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଏଡଲୱିସ ଟୋକିଓ ଲାଇଫ୍ ଇନ୍‌ସ୍ୟୁରାନ୍ସ (ଇଟିଏଲ୍‌ଆଇ)ର ନୂତନ ଉତ୍ପାଦ 'ଲିଗାସି ପ୍ଲସ୍'କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ପରିବାରର ଏକ ବ୍ୟାପକ ପ୍ରସ୍ତାବ ପାଇଁ ଏବଂ ଗ୍ରାହକଙ୍କ ଆବଶ୍ୟକତା ଅନୁସାରେ କମ୍ପାନୀ ଏହି ନୂତନ ଉତ୍ପାଦର ଶୁଭାରମ୍ଭ କରିଛି। ଏହା ଏକ ଅଭିନବ ଉତ୍ପାଦ ହୋଇଥିବାବେଳେ ଜୀବନ ପାଇଁ କଭର ସହ ୩ ପିଢ଼ି ପର୍ଯ୍ୟନ୍ତ ଆୟ ସୁନିଶ୍ଚିତ କରିଥାଏ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ବିଶେଷକରି ଏହି ଉତ୍ପାଦ ଶିଶୁ ଆର୍ଥିକ ଯୋଜନା, ଉତ୍ତରାଧିକାରୀ ଯୋଜନା ଓ କାର୍ଯ୍ୟକାଳ ମଧ୍ୟରେ ଯେକୌଣସି ଜରୁରୀ ଆବଶ୍ୟକତା ସହ ଏକାଧିକ ଗ୍ରାହକଙ୍କ ଆବଶ୍ୟକତା ପୂରଣ ଲାଗି ପ୍ରଭାବଶାଳୀ ଉପାୟ ସହିତ ନମନୀୟତା ଓ ତରଳତା ପ୍ରଦାନ ସୁବିଧା ମଧ୍ୟ ରହିଛି।

ଏ ସମ୍ପର୍କରେ ଇଟିଏଲ୍‌ଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶୁଭ୍ରଜିତ ମୁଖୋପାଧ୍ୟାୟ କହିଛନ୍ତି, ସାଧାରଣ ବ୍ୟକ୍ତିଙ୍କ ୩-୪ଟି ମୌଳିକ ଚିନ୍ତାଧାରା ଥାଏ। ବିଶେଷକରି ଶିଶୁର ବିକାଶ, ଅବସର ଓ ଉତ୍ତରାଧିକାରୀ ଯେକୌଣସି ସମ୍ଭାବ୍ୟ ପରିସ୍ଥିତିରେ ଆବଶ୍ୟକତା ପୂରଣ ଲାଗି ଏହା ବେଶ୍ ସାହାଯ୍ୟ କରିଥାଏ।


# Classified Everyday
0674-2580101, 2549949


REAL ESTATE

## SALE

Plot sale Bhubaneswar, Sundarpada Roadରେ ଦଧିବାମନପୁର ମୌଜା yellowzone ଘରବାରି 30' road, pole ଥାଇ sqft.-1200/- ମିଳୁଛି। Biswajit-7008184348. D-71069

House for sale at Bhubaneswar Jayadeb Bihar Behind HDFC Bank, near Petrol Pump Bishnupriya Apartment, 2 Bed Rooms, Dining & Drawing Room, Kitchen, 2 Bath Rooms, 1 Balcony. SBA 910sqft. Carpet Area 750sqft. on top Floor, Parking out side Apartment Wall. Contact: 9937094663. D-2591

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପିଚୁ ରାସ୍ତାକୁ ଲାଗି ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରି ହେବ। 9827119799. D-2605

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75919

Gated community residential gharabari boundarywall plot sale at Rangabazar & Balianta, 30ft. road, electricity, plantetion. 8763887357, 8144730854. D-75916

Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129. D-75914

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ରେ ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921


CONSTRUCTION

Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195. D-75913

Construct your dream home @899/-, 1399/- includes Architecture structure with 3 years FMC. We provide plan approval, boring & interior work- SNV Engineering - 9439295469. D-75917

Your classified advertisement published in Dharitri will be listed free in Dharitri online edition: dharitriepaper.in




Kerala body massage best therapist @ 699/- Bhubaneswar. 9337672475. Ganeshspa.in. D-2612

Ashirvaad Salon and SPA get good massage for your health tha best therapy. 7077181074. D-75711

Relax, Refresh your body, Mind at Saikrupa Spa with best therapies. 8984068077. D-2600

Refreshments body massage therapy with experience therapists, Ashirvad Panchakarma SPA, Keshari Mall, Bhubaneswar- 8926173473. D-67129

Newly open health benefits spa special offer@999 Bapujinagar, 8018429809. D-76105

Relax, refresh your body, mind by expert therapist. Contact: 9938843929. D-76104

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## AFFIDAVIT

By virtue of an affidavit dated 05.10.2023 sworn before the Executive Magistrate, Balasore, myself Rudra Prasad Tarei, S/o Jayanta Kumar Tarei & Pabitra Tarei, At- Narendrapur, P.O.- Baincha, Via-Karanjamala, Dist.-Bhadrak, PIN- 756164 declare that my Aadhaar Number xxxx xxxx 8443 & my birth cert. number 238/21 on dtd 22.09.2021 my actual surname is Tarai, F-Jayanta Kumar Tarai, M- Pabitra Tarai, which is wrongly mentioned as my HSC Certificate is 'Tarei' instead of 'Tarai' & my father's middle name 'Kumar' not adding my HSC certificate & all of my name, surname, title, Rudra Prasad Tarai and my parents name is all are same person & all my name used to be future purpose. D-2648

I, Sarata Kumar Sahu, S/o Narasinha Sahu, resident of Sarbodaya Nagar, Puri-2, Odisha declare by this affidavit No. 98/dtd 19.02.2024 that the correct spelling of my father's name is Narasinha Sahu. In some of my documents it has been spelled as Narasingh Sahu. Both Narasingh Sahu and Narasinha Sahu are one and same person. So I declare that my father's name will be treated as Narasinha Sahu for all purposes. D-2649

## LEGAL NOTICE

I.R. No.-204
Date: 23.02.2024

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ (ଶ୍ରୀ ଶିବନାରାୟଣ ନନ୍ଦ), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର - ୫୦୮/୨୦୧୯

ନୋଟିସ

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ସୁବାସ ଚନ୍ଦ୍ର ଦାଶ, ପି- ସ୍ୱ.ବାଞ୍ଛାନିଧି ଦାଶ, ଗ୍ରାମ- ସାନଡିହି, ପୋ- ଶିଶୋ, ଥା- ଗୋପ, ଜିଲ୍ଲା- ପୁରୀ, ଓଡ଼ିଶା ... ... ବାଦୀ

ବନାମ

ଓଡ଼ିଶା ସରକାରଙ୍କ ତରଫେ ଆୟୁକ୍ତ-ତଥା-ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଓଗେର ... ... ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

(୧) ନବୀନ ଦାସ, ପି- ଆନନ୍ଦ ଦାସ, ସା/ପୋ- ଯାଆଁଳା, ଥା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା- ୭୫୨୦୫୪ ... ... ପ୍ରତିବାଦୀ ନଂ.-୪

(୨) ବାସନ୍ତୀ ପ୍ରିୟା ଦାସ, ସ୍ୱା- କାଳୀଚରଣ ଦାସ, ସା/ପୋ- ଯାଆଁଳା, ଥା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା- ୭୫୨୦୫୪ ... ... ପ୍ରତିବାଦୀ ନଂ.-୫

(୩) ପ୍ରଭାତୀ ନାୟକ, ପି- ସ୍ୱ.ଆଦିକନ୍ଦ ବାରିକ, ସ୍ୱା- ଦିଲ୍ଲୀପ କୁମାର ନାୟକ, ପ୍ଲଟ୍ ନଂ.-୭୫, ବରମୁଣ୍ଡା କଲୋନୀ, ପୋ- ବରମୁଣ୍ଡା, ଥା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା- ୭୫୧୦୦୩ ... ... ପ୍ରତିବାଦୀ ନଂ.୧୦

(୪) ମିନତି ବାରି ଓରଫ ବାରିକ, ପି- ସ୍ୱ.ଆଦିକନ୍ଦ ବାରିକ, ସ୍ୱା- ପ୍ରଦୀପ୍ତ କୁମାର ଜେନା, ଘର ନଂ.-ଏଲ୍-୨୨୫, ବ୍ରିଟ୍ କଲୋନୀ, ପୋ/ଥା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା- ୭୫୧୦୧୨ ... ... ପ୍ରତିବାଦୀ ନଂ.୧୧

(୫) ଭାରତୀ ରାଉତ, ପି- ସ୍ୱ.ଆଦିକନ୍ଦ ବାରିକ, ସ୍ୱା- ପ୍ରଦୀପ ରାଉତ, ପ୍ଲଟ୍ ନଂ.- ଏନ୍-୫/୧୩୨, ପୋ- ଆଇଆର୍‌ସି ଭିଲେଜ, ଥା- ନୟାପଲ୍ଲୀ, ଭୁବନେଶ୍ୱର, ଜି- ଖୋର୍ଦ୍ଧା- ୭୫୧୦୧୫ ... ... ପ୍ରତିବାଦୀ ନଂ.୧୨

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ହାଲ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜଲାସରେ ଆସନ୍ତା ତା୦୮।୦୫।୨୦୨୪ରିଖ ଅପରାହ୍ନ ୦୨.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ମୌଜା- ଓଗାଳପଡ଼ା

ସାବକ

| ଖାତା ନଂ. | ପ୍ଲଟ୍ ନଂ | କିସମ | ରକବା | ସ୍ୱତ୍ୱ |
|---|---|---|---|---|
| ୨୮୨ / ୩୮୮ | ୫୯୩ / ୮୯୨ / ୧୫୮୮ | ବାଜେ ଫସଲ-୩ | ଏ୦.୨୫୦ଡି. ସ୍ଥଳରୁ ଏ୦.୨୦୧ଡି. | ସ୍ଥିତିବାନ |

ହାଲ

| ଖାତା ନଂ. | ପ୍ଲଟ୍ ନଂ | କିସମ | ରକବା |
|---|---|---|---|
| ୫୯୨ | ୧୭୩୪ | ତଇଳା | ଏ୦.୧୬୫ଡି. |
| ୫୯୨ | ୧୭୩୩/୩୦୨୩ | ତଇଳା | ଏ୦.୦୭୫ଡି. ସ୍ଥଳରୁ ଏ୦.୦୩୬ଡି. |

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା ୨୩।୦୨।୨୦୨୪
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
କୋର୍ଟ ଅଫିସର

ଧ-୨୬୪୫

# ବାଦ୍ ପଡ଼ିଲେ ଆୟର, କିଶନ

**ବିସିସିଆଇ ସେଣ୍ଟ୍ରାଲ କଣ୍ଟ୍ରାକ୍ଟ**

**ଏ ପ୍ଲସ୍‌ରେ ରୋହିତ, କୋହଲି, ବୁମ୍‌ରା, ଜାଡେଜା**


ଶ୍ରେୟସ ଆୟର


ଇଶନ କିଶନ

ନୂଆଦିଲ୍ଲୀ,୨୮।୨(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ବୁଧବାର ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ତାଲିକା ପ୍ରକାଶ ପାଇଛି। ଆଦେଶ ଅବମାନନା କରି ଘରୋଇ କ୍ରିକେଟ ଖେଳି ନ ଥିବା ଶ୍ରେୟସ ଆୟର ଓ ଇଶାନ କିଶନ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ବାଦ୍ ପଡିଥିବା ବେଳେ ରିଙ୍କୁ ସିଂ ଓ ତିଲକ ବର୍ମା ପ୍ରଥମ ଥର ସାମିଲ ହୋଇଛନ୍ତି। ସିଧାସଳଖ ଆଦେଶ ଅବମାନନା କରି ରଣଜୀ ଟ୍ରଫି ଖେଳି ନ ଥିବାରୁ ଆୟର ଓ କିଶନଙ୍କ ନାମ ବିଚାରକୁ ନିଆ ଯାଇ ନ ଥିବା ବିସିସିଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସମୁଦାୟ ୪ଟି ବର୍ଗରେ ୩୦ ଜଣ ଖେଳାଳିଙ୍କୁ ରଖାଯାଇଛି। ଏ ପ୍ଲସ୍ ବର୍ଗରେ ବିରାଟ କୋହଲି, ରୋହିତ ଶର୍ମା, ଯଶପ୍ରୀତ୍ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜା ସ୍ଥାନ ପାଇଛନ୍ତି। ଏ' ବର୍ଗରେ ୬ ଜଣ କ୍ରିକେଟର ରବିଚନ୍ଦ୍ରନ ଅଶ୍ୱିନ, ମହମ୍ମଦ ଶାମି, ମହମ୍ମଦ ସିରାଜ, ଲୋକେଶ ରାହୁଲ, ଶୁବମନ ଗିଲ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ରଖାଯାଇଛି। ସେହିଭଳି ବି' ବର୍ଗରେ ୫ ଜଣ ଖେଳାଳି ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ, କୁଲଦୀପ ଯାଦବ, ଅକ୍ଷର ପଟେଲ ଓ ଯଶସ୍ୱୀ ଜୟସ୍ୱାଲ ସ୍ଥାନ ପାଇଛନ୍ତି। ସେହିପରି ୧୫ ଜଣ ଖେଳାଳିଙ୍କୁ ଗ୍ରୁପ୍ ସି'ରେ ସାମିଲ କରାଯାଇଛି। ରିଙ୍କୁ ସିଂ, ତିଲକ ବର୍ମା, ଋତୁରାଜ ଗାଏକ୍ୱାଡ, ଶାର୍ଦ୍ଦୁଳ ଠାକୁର, ଶିବମ ଦୁବେ, ରବି ବିଷ୍ଣୋଇ, ଜିତେଶ ଶର୍ମା, ୱାଶିଂଟନ୍ ସୁନ୍ଦର, ମୁକେଶ କୁମାର, ସଞ୍ଜୁ ସାମସନ, ଅର୍ଶଦୀପ ସିଂ, କେ. ଏସ୍. ଭରତ, ପ୍ରସିଦ୍ଧ କ୍ରିଷ୍ଣା, ଆଭେଶ ଖାନ୍ ଓ ରଜତ ପଟିଦାର ଏହି ଗ୍ରୁପ୍‌ରେ ସାମିଲ ଅଛନ୍ତି। ଏହା ସହ ଫାଷ୍ଟ ବୋଲିଂ କଣ୍ଟ୍ରାକ୍ଟ ପାଇଁ ଆକାଶ ଦୀପ୍, ବିଜୟ କୁମାର ବ୍ୟଶକ, ଉମ୍ରାନ ମଲିକ, ଯଶ ଦୟାଲ ଓ ବିଦ୍ୱଥ କାଭେରପ୍ପାଙ୍କ ନାମ ପ୍ରସ୍ତାବ ଦିଆଯାଇଛି। ପୂର୍ବରୁ ଏ' ପ୍ଲସ୍ ବର୍ଗ ପାଇଁ ବାର୍ଷିକ ୭ କୋଟିର ବେତନ ମିଳୁଥିବା ବେଳେ ଏ, ବି ଓ ସି କ୍ୟାଟେଗୋରି ପାଇଁ ଯଥାକ୍ରମେ ୫, ୩ ଓ ୧ କୋଟି ଟଙ୍କା ପ୍ରଦାନ କରାଯାଇଥାଏ। ତେବେ ଚଳିତ ବର୍ଷ କେଉଁ ବର୍ଗ ପାଇଁ କେତେ କୋଟି ଟଙ୍କା ମିଳୁଛି ତାହା ସ୍ପଷ୍ଟ ହୋଇନାହିଁ। ଏହା ସହ ସିନିୟର ଖେଳାଳି ଚେତେଶ୍ୱର ପୂଜାରା, ଶିଖର ଧାୱନ ଓ ୟୁଜବେନ୍ଦ୍ର ଚହଲଙ୍କୁ ଚଳିତ ବର୍ଷର କଣ୍ଟ୍ରାକ୍ଟରେ ସ୍ଥାନ ମିଳିନାହିଁ।

## ଟାର୍ଗେଟରେ ଆୟର, କିଶନ

ଆଇପିଏଲ୍‌କୁ ପ୍ରାଧାନ୍ୟ ଦେଇ ଘରୋଇ କ୍ରିକେଟକୁ ଅବମାନନା କରିଥିବା ଇଶାନ କିଶନ ଓ ଶ୍ରେୟସ ଆୟରଙ୍କୁ ଟାର୍ଗେଟ କରିଛି ବିସିସିଆଇ। ଉଭୟ ଖେଳାଳିଙ୍କୁ ବାର୍ଷିକ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦେବା ସହ ଏକ ଦୃଢ ମେସେଜ ମଧ୍ୟ ଦେଇଛି ବିସିସିଆଇ। ଯୁବ ଖେଳାଳିମାନେ ଯେଭଳି ଆଇପିଏଲ୍ ପରିବର୍ତ୍ତେ ଟେଷ୍ଟ ଖେଳକୁ ଅଗ୍ରାଧିକାର ଦେବେ ଏହା ନିଶ୍ଚିତ କରିବା ନିମନ୍ତେ ଉଭୟ ଖେଳାଳିଙ୍କୁ ବାଦ୍ ଦିଆଯାଇଛି। ଇଶାନ ଦିନିକିଆ ବିଶ୍ୱକପ ପରେ ଦକ୍ଷିଣ ଆଫ୍ରିକା ସିରିଜ୍‌ରୁ ଓହରି ଯାଇଥିଲେ। ପରେ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜ ପାଇଁ ତାଙ୍କୁ ଦଳରେ ସାମିଲ କରାଯାଇଥିବା ବେଳେ ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଓହରି ଯାଇଥିଲେ। ଅନ୍ୟପକ୍ଷରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଅଧାରୁ ଆୟରଙ୍କୁ ଟିମ୍‌ରୁ କଢା ଯାଇଥିଲା। ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ଉଭୟଙ୍କୁ ରଣଜୀ ଟ୍ରଫି ଖେଳିବାକୁ ପରାମର୍ଶ ଦେଇଥିଲେ ମଧ୍ୟ ଉଭୟ ଖେଳାଳି ଏହି ପରାମର୍ଶକୁ ଅଣଦେଖା କରିଥିଲେ।

**ଏ ପ୍ଲସ:** ବିରାଟ କୋହଲି, ରୋହିତ ଶର୍ମା, ଯଶପ୍ରୀତ୍ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜା।

**ଏ:** ରବିଚନ୍ଦ୍ରନ ଅଶ୍ୱିନ, ମହମ୍ମଦ ଶାମି, ମହମ୍ମଦ ସିରାଜ, ଲୋକେଶ ରାହୁଲ, ଶୁବମନ ଗିଲ ଓ ହାର୍ଦ୍ଦିକ ପାଣ୍ଡ୍ୟା।

**ବି:** ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ, କୁଲଦୀପ ଯାଦବ, ଅକ୍ଷର ପଟେଲ ଓ ଯଶସ୍ୱୀ ଜୟସ୍ୱାଲ।

**ସି:** ରିଙ୍କୁ ସିଂ, ତିଲକ ବର୍ମା, ଋତୁରାଜ ଗାଏକ୍ୱାଡ, ଶାର୍ଦ୍ଦୁଳ ଠାକୁର, ଶିବମ ଦୁବେ, ରବି ବିଷ୍ଣୋଇ, ଜିତେଶ ଶର୍ମା, ୱାଶିଂଟନ୍ ସୁନ୍ଦର, ମୁକେଶ କୁମାର, ସଞ୍ଜୁ ସାମସନ, ଅର୍ଶଦୀପ ସିଂ, କେ. ଏସ୍. ଭରତ, ପ୍ରସିଦ୍ଧ କ୍ରିଷ୍ଣା, ଆଭେଶ ଖାନ୍ ଓ ରଜତ ପଟିଦାର।


ଦୁବାଇରେ ଚାଲିଥିବା ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍‌ରେ ଭାରତର ସୁମିତ ନାଗାଲ ଇଟାଲୀର ଲୋରେଞ୍ଜୋ ସୋନେଗୋଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି।

# ଜାତୀୟ ମିନିଗଲ୍ଫ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ


ଜାତୀୟ ମିନି ଗଲ୍ଫ ପାଇଁ ମନୋନୀତ ଓଡ଼ିଶା ମହିଳା ଓ ପୁରୁଷ ଦଳ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୨୮।୨

(ତପନ ସ୍ୱାଇଁ)

ମାର୍ଚ୍ଚ ୩ରୁ ୬ ପର୍ଯ୍ୟନ୍ତ ନାଗପୁରଠାରେ ହେବାକୁ ଥିବା ୯ମ ଜାତୀୟ ମିନିଗଲ୍ଫ ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ଦଳ ଅଂଶଗ୍ରହଣ କରିବ। ନିକଟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉଭୟ ଦଳ ପାଇଁ ୧୨ଜଣ ଲେଖାଏ ଖେଳାଳିଙ୍କୁ ମନୋନୀତ କରାଯାଇଛି। ପୁରୁଷ ଦଳର ନେତୃତ୍ୱ ବିକାଶ ଚନ୍ଦ୍ର ପଟ୍ଟନାୟକ ନେଉଥିବା ବେଳେ ଦଳରେ ହିମାଂଶୁ ପଟ୍ଟନାୟକ, ଶିବରାମ ସ୍ୱାଇଁ, ରୋମିତ ରୋଶନ ପ୍ରଧାନ, ଅଭିନବ ମହାନ୍ତି, ରିଦ୍ଧିକ ଆନନ୍ଦ ମିଶ୍ର, ସୌଭାଗ୍ୟ ଶରଣ, ଅର୍ଚ୍ଚିତ ପଣ୍ଡା, ବିନିତ ଦାସ, ୟାଶରାୟ ପଟ୍ଟନାୟକ, ଆଦିତ୍ୟରାଜ ଦୋରା ଓ ବାଦଲ ସାମଲ ସ୍ଥାନ ପାଇଛନ୍ତି। ସେହିପରି ସୌମ୍ୟାଶ୍ରୀ ରଥଙ୍କ ନେତୃତ୍ୱରେ ମହିଳା ଦଳରେ ସ୍ମୃତିରେଖା ପଟ୍ଟନାୟକ, ଅଭିପ୍ସା ପଣ୍ଡା, ଆଦ୍ୟାଶା ମିଶ୍ର, ଅମ୍ରିତା ଦାସ, ନୁପୂର ପଟ୍ଟନାୟକ, ପାୟଲ ପଟ୍ଟନାୟକ, ପ୍ରିୟଦର୍ଶିନୀ ପ୍ରଧାନ, ଆସ୍ଥା ପଟ୍ଟନାୟକ, ସୌନ୍ଦର୍ଯ୍ୟା ସ୍ୱାଇଁ, ଅଙ୍କିତା ପଟ୍ଟନାୟକ ଓ ଲିପ୍ସା ମହାନ୍ତି ସାମିଲ ଅଛନ୍ତି। ପ୍ରତିଯୋଗିତାର ୮ଟି ଶ୍ରେଷ୍ଠ ଦଳ ଉତ୍ତରାଖଣ୍ଡରେ ହେବାକୁ ଥିବା ୩୮ତମ ଜାତୀୟ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ୧୨ ନମ୍ବରକୁ ଉଠିଲେ ଜୟସ୍ୱାଲ

**ଦୁବାଇ,୨୮।୨(ପି.ଟି.):** ଆଇସିସି ପକ୍ଷରୁ ବୁଧବାର ପ୍ରକାଶିତ ଟେଷ୍ଟ ର୍ୟାଙ୍କିଂରେ ବ୍ୟାଟରଙ୍କ ମଧ୍ୟରେ ୧୨ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି ଯଶସ୍ୱୀ ଜୟସ୍ୱାଲ। ଗତ ସପ୍ତାହରେ ଜୟସ୍ୱାଲ ଟପ୍ ୨୦ରେ ପ୍ରବେଶ କରିଥିଲେ। ଚତୁର୍ଥ ଟେଷ୍ଟରେ ଜୟସ୍ୱାଲ ଯଥାକ୍ରମେ ୭୩ ଓ ୩୭ ରନ୍ ସ୍କୋର କରିଥିଲେ। ଅନ୍ୟପକ୍ଷରେ ରାଞ୍ଚିରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିବା ଧ୍ରୁବ୍ ଜୁରେଲ ୩୧ ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୬୯ ତମ ସ୍ଥାନରେ ପହଞ୍ଚିଛନ୍ତି। ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିବା ଜୁରେଲ ପ୍ରଥମ ଇନିଂସରେ ୯୦ ଓ ଦ୍ୱିତୀୟ ଇନିଂସରେ ୩୯ ରନ୍‌ର ଇନିଂସ ଖେଳିଥିଲେ। ସେହିପରି ପୂର୍ବତନ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଅପରାଜିତ ଶତକ ସହ ଟପ୍-୩କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅପରାଜିତ ୧୨୨ ରନ୍ ସ୍କୋର କରିଥିବା ରୁଟ୍ ଦୁଇଟି ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ବରିଷ୍ଠ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୫ ଉଇକେଟ ସଫଳତା ସହ ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ଏହା ସହ ଯଶପ୍ରୀତ୍ ବୁମ୍‌ରାଙ୍କ ରେଟିଂ ପଏଣ୍ଟରୁ ମାତ୍ର ୨୧ ପଏଣ୍ଟ ପଛରେ ରହିଛନ୍ତି ଅଶ୍ୱିନ। କୁଲଦୀପ ଯାଦବ ୧୦ ସ୍ଥାନ ଉପରକୁ ଉଠି ୩୨ ତମ ସ୍ଥାନରେ ପହଞ୍ଚିଥିବା ବେଳେ ଇଂଲଣ୍ଡର ଶୋଏବ ବଶିର ୩୮ ତମ ସ୍ଥାନ ଉପରକୁ ଉଠି ୮୦ ତମ ସ୍ଥାନରେ ପହଞ୍ଚିଛନ୍ତି।

# ସୌମ୍ୟଙ୍କୁ ରୌପ୍ୟ, ଉତ୍କଳ ବ୍ରୋଞ୍ଜ

**ସର୍ବଭାରତୀୟ ସିଭିଲ ସର୍ଭିସ୍ ଚେସ୍**


ପଦକ ସହ ଉତ୍କଳ ରଞ୍ଜନ ସାହୁ ଓ ସୌମ୍ୟ ରଞ୍ଜନ ମିଶ୍ର।

ଭୁବନେଶ୍ୱର, ୨୮।୨

(ତପନ ସ୍ୱାଇଁ)

ଗୋଆ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ସେଣ୍ଟ୍ରାଲ ସିଭିଲ ସର୍ଭିସେସ୍ କଲ୍‌ଚରାଲ ଆଣ୍ଡ ସ୍ପୋର୍ଟ୍ସ ବୋର୍ଡ, ନୂଆଦିଲ୍ଲୀର ମିଳିତ ଆନୁକୂଲ୍ୟରେ ମାର୍ଗାଓ-ଗୋଆର ମନୋହର ପାରିକର ଇନ୍‌ଡୋର ଷ୍ଟାଡିୟମ ନଭେଲିମ୍‌ଠାରେ ସର୍ବଭାରତୀୟ ସିଭିଲ ସର୍ଭିସ୍ ଚେସ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଏହାର ବ୍ୟକ୍ତିଗତ ଇଭେଣ୍ଟରେ ରିଜିଓନାଲ ସ୍ପୋର୍ଟ୍ସ ବୋର୍ଡ (ଆରଏସ୍‌ବି) ଭୁବନେଶ୍ୱର ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ରୌପ୍ୟ ଓ ଉତ୍କଳ ରଞ୍ଜନ ସାହୁ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଉଭୟ ସୌମ୍ୟ ଓ ଉତ୍କଳ ୭.୫ ପଏଣ୍ଟ ଲେଖାଏ ପାଇଥିଲେ। ସେହିପରି ଆରଏସ୍‌ବି ମୁମ୍ବାଇ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ସଞ୍ଜୀବ କୁମାର ମଧ୍ୟ ୭.୫ ପଏଣ୍ଟ ପାଇଥିଲେ। ମାତ୍ର ବୁକୋଲଜରେ ସଞ୍ଜୀବ ଚାମ୍ପିୟନ ହୋଇଥିବାବେଳେ ସୌମ୍ୟ ଦ୍ୱିତୀୟ ଓ ଉତ୍କଳ ତୃତୀୟ ସ୍ଥାନ ପାଇଥିଲେ। ଟୁର୍ନାମେଣ୍ଟରେ ଅପରାଜିତ ରହିଥିବା ସୌମ୍ୟ କ୍ରମାଗତ ୬ ମ୍ୟାଚ୍‌ରେ ବିଜୟ ହାସଲ କରିବାପରେ ପରବର୍ତ୍ତୀ ୩ ଗେମ୍‌କୁ ଡ୍ର ରଖିଥିଲେ। ସର୍ବଭାରତୀୟ ସିଭିଲ ସର୍ଭିସ୍ ଚେସ୍‌ରେ ସୌମ୍ୟଙ୍କର ଏହା ୪ର୍ଥ ପଦକ। ୨୦୧୫ରେ ଭୋପାଳରେ ଅନୁଷ୍ଠିତ ପ୍ରତିଯୋଗିତାରେ ସୌମ୍ୟ ସ୍ୱର୍ଣ୍ଣ, ୨୦୧୬ରେ ମୁମ୍ବାଇର ସିଲ୍‌ଭାସାରେ ବ୍ରୋଞ୍ଜ ଓ ୨୦୨୩ରେ ଭୁବନେଶ୍ୱରର କିଟ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିବା ସୌମ୍ୟ ଏବେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସୌମ୍ୟଙ୍କ ପରି ଉତ୍କଳ ମଧ୍ୟ ଏଥର ପ୍ରତିଯୋଗିତାରେ ଅପରାଜେୟ ରହିଥିଲେ। ସେ କ୍ରମାଗତ ୪ ବିଜୟ ପରେ ୨ ମ୍ୟାଚ୍ ଡ୍ର ରଖିଥିଲେ। ଏହାପରେ ଗୋଟିଏ ବିଜୟ, ଡ୍ର ଓ ବିଜୟ ସହ ଅଭିଯାନ ଶେଷ କରିଥିଲେ। ଆରଏସ୍‌ବି ଭୁବନେଶ୍ୱର ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ ମନୋଜ କୁମାର ପାଣିଗ୍ରାହୀ ୫ ଓ ରଞ୍ଜନ ମହାନ୍ତି ୪.୫ ପଏଣ୍ଟ ପାଇଥିଲେ। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ସୁଧୀର କୁମାର ବେହେରା ୬.୫, ବିରଞ୍ଚି କୁମାର ସାହୁ ୪.୫, ସର୍ବେଶ୍ୱର ସାହୁ ୪.୫ ଓ ରବୀନ୍ଦ୍ର କୁମାର ପଡ଼ିହାରୀ ୪ ପଏଣ୍ଟ ପାଇଥିଲେ।


ଜାପାନର ନ୍ୟାଶନାଲ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ମହିଳା ଫୁଟବଲ ମ୍ୟାଚରେ ଜାପାନର କିକୋ ସେଇକେ (ବାମ) କିକ୍ ମାରି ଗୋଲ କରିବାକୁ ଉଦ୍ୟମରେ ଥିବାବେଳେ ଉତ୍ତର କୋରିଆ ଗୋଲକିପର ପାକ୍ ଜୁ ମି ଡାଇଭ୍ ମାରି ଏହାକୁ ସେଭ୍ କରୁଛନ୍ତି। ଏହି ମ୍ୟାଚରେ ଜାପାନ ୨-୧ରେ ବିଜୟୀ ହୋଇଛି।

## ଅନ୍ତିମ ଟେଷ୍ଟ ପାଇଁ ରାହୁଲଙ୍କୁ ନେଇ ଆଶଙ୍କା

ନୂଆଦିଲ୍ଲୀ,୨୮।୨(ପି.ଟି.)



ଧର୍ମଶାଳାରେ ଇଂଲଣ୍ଡ ବିପକ୍ଷ ଅନ୍ତିମ ଟେଷ୍ଟକୁ ନେଇ ଆଶଙ୍କାରେ ରହିଛି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ। ଯଶପ୍ରୀତ୍ ବୁମ୍‌ରା ବିଶ୍ରାମ ପରେ ଏହି ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଲୋକେଶ ରାହୁଲଙ୍କ ଆଘାତ ସମସ୍ୟା ଚିନ୍ତା ବଢାଇଛି। ହାଇଦ୍ରାବାଦ ଟେଷ୍ଟରେ ଜଙ୍ଘରେ ଆଘାତ କାରଣରୁ ରାହୁଲ ବାଦ ପଡିଥିଲେ। ତେବେ ସେ ୯୦ ପ୍ରତିଶତ ଫିଟ୍ ଅଛନ୍ତି ଓ ରାଜକୋଟ ଟେଷ୍ଟ ପାଇଁ ଫିଟ ଥିବେ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଥିଲା। ତେବେ ନେଟ୍ସରେ ଅଭ୍ୟାସ କରିବା ସମୟରେ ରାହୁଲ ଜଙ୍ଘରେ ଦରଜ ଅନୁଭବ କରିଥିଲେ। ଫଳରେ ଅଧିକ ଚିକିତ୍ସା ପାଇଁ ସେ ବର୍ତ୍ତମାନ ଲଣ୍ଡନ ଗସ୍ତ କରିଛନ୍ତି। ଟି୨୦ ବିଶ୍ୱକପକୁ ଦୃଷ୍ଟିରେ ରଖିଥିବାରୁ ୭ ତାରିଖରେ ହେବାକୁ ଥିବା ଅନ୍ତିମ ଟେଷ୍ଟରେ ରାହୁଲଙ୍କ ଖେଳିବା ସମ୍ଭାବନା କ୍ଷୀଣ ବୋଲି କୁହାଯାଉଛି। ରାହୁଲଙ୍କ ଅନୁପସ୍ଥିତିରେ ରଜତ ପଟିଦାରଙ୍କୁ ଆଉ ଏକ ସୁଯୋଗ ମିଳିବାର ସମ୍ଭାବନା ରହିଛି। ୬ ଇନିଂସରୁ ମାତ୍ର ୬୩ ରନ୍ କରିଥିବା କାରଣରୁ ତାଙ୍କ ସ୍ଥାନରେ ଦେବଦତ୍ତ ପଡିକଲଙ୍କୁ ଖେଳାଇପାରେ ବିସିସିଆଇ।

**ଘୋଷଣା**

୧୯୫୬ ମସିହା ରେଜିଷ୍ଟ୍ରେଶନ ଅଫ ନ୍ୟୁଜ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ଦୈନିକ ଧରିତ୍ରୀର ବିବରଣୀ

(ଚତୁର୍ଥ ଫର୍ମ ଅଷ୍ଟମ ଧାରା)

| | | |
|---|---|---|
| ୧. | ପ୍ରକାଶ ସ୍ଥାନ | - ରାୟଗଡ଼ା |
| ୨. | ପ୍ରକାଶ ସମୟ | - ପ୍ରତ୍ୟହ ପ୍ରଭାତ |
| ୩. | ମୁଦ୍ରାକରଙ୍କ ନାମ | - ତଥାଗତ ସତପଥୀ |
| | ଜାତୀୟତା | - ଭାରତୀୟ |
| | ଠିକଣା | - ବି-୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୪. | ପ୍ରକାଶକଙ୍କ ନାମ | - ତଥାଗତ ସତପଥୀ |
| | ଜାତୀୟତା | - ଭାରତୀୟ |
| | ଠିକଣା | - ବି-୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୫. | ସମ୍ପାଦକଙ୍କ ନାମ | - ତଥାଗତ ସତପଥୀ |
| | ଜାତୀୟତା | - ଭାରତୀୟ |
| | ଠିକଣା | - ବି-୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୬. | ସ୍ୱତ୍ୱାଧିକାରୀଙ୍କ ନାମ | - ନବଜାତ ପ୍ରିଣ୍ଟର୍ସ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ |
| | ଠିକଣା | - ୧୦୭, ସୂର୍ଯ୍ୟ ନଗର ଭୁବନେଶ୍ୱର-୭୫୧୦୦୩ |

ଆମ୍ଭେ ତଥାଗତ ସତପଥୀ ଏତଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି।

ତଥାଗତ ସତପଥୀ
ପ୍ରକାଶକ, ଧରିତ୍ରୀ
୨୯।୨।୨୦୨୪

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ହିମାଚଳରେ ହାଇଡ୍ରାମା**

# କଂଗ୍ରେସ ସରକାର ବିପଦମୁକ୍ତ

ଶିମଳା/ନୂଆଦିଲ୍ଲୀ,୨୮।୨

ହିମାଚଳ ପ୍ରଦେଶରେ କଂଗ୍ରେସ ସରକାର ବିପଦମୁକ୍ତ ବୋଲି ନିଜ ଇସ୍ତଫା ଫେରାଇନେବା ପରେ ପ୍ରକାଶ କରିଛନ୍ତି କ୍ୟାବିନେଟ୍ ମନ୍ତ୍ରୀ ବିକ୍ରମାଦିତ୍ୟ ସିଂ। କଂଗ୍ରେସର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନଙ୍କ ସହ ଆଲୋଚନା ପରେ ବୁଧବାର ରାତିରେ ବିକ୍ରମାଦିତ୍ୟ କହିଛନ୍ତି, ସଙ୍ଗଠନକୁ ସୁଦୃଢ଼ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଦାୟିତ୍ୱ। ସେ ସକାଳେ ଦେଇଥିବା ଇସ୍ତଫାକୁ ଦଳର ବୃହତ୍ ସ୍ୱାର୍ଥ ଓ ଏକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଗ୍ରହଣ କରିନାହାନ୍ତି। ତେଣୁ ସେ ଇସ୍ତଫାପତ୍ର ପ୍ରତ୍ୟାହାର କରିନେଇଥିବା କହିଛନ୍ତି।

ସରକାର ଗଠନର ୧୪ ମାସ ପରେ କଂଗ୍ରେସକୁ ଶକ୍ତ ଧକ୍କା ଲାଗିଥିଲା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୀରଭଦ୍ର ସିଂଙ୍କ ପରିବାର। ଏହାର ପରିଣାମ ସ୍ୱରୂପ ରାଜ୍ୟ ସଭାର ଏକମାତ୍ର ଆସନ ପାଇଁ ମଙ୍ଗଳବାର ଅନୁଷ୍ଠିତ ନିର୍ବାଚନରେ ଶାସକ କଂଗ୍ରେସକୁ ପରାଜୟର ମୁହଁ ଦେଖିବାକୁ ମିଳିଛି। ଏତିକି ନୁହେଁ, ୬ କଂଗ୍ରେସ ବିଧାୟକଙ୍କ କ୍ରସ୍ ଭୋଟିଂ ଯୋଗୁ ସୁଖୁ ସରକାର ଉପରେ ସଙ୍କଟର ବାଦଲ ଛାଇଯାଇଥିଲା। ସୁଖୁ ସରକାରଙ୍କୁ ସଂଖ୍ୟାଲଘୁ ଦର୍ଶାଇ ଉଭୟ ଶାସକ ଓ ବିରୋଧୀ ଦଳରୁ କ୍ଷମତା ପରିବର୍ତ୍ତନର ସ୍ୱର


ବିକ୍ରମାଦିତ୍ୟ ସିଂ

ଉଠାଇଥିଲେ। ଏହି କ୍ରମରେ କଂଗ୍ରେସ ଷ୍ଟଲୱାର୍ଟ ବୀରଭଦ୍ର ସିଂଙ୍କ ପୁଅ ବିକ୍ରମାଦିତ୍ୟ ସିଂ (ଶିମଳା ରୁରାଲ) ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଇତିମଧ୍ୟରେ ବିଧାନସଭା ବାଚସ୍ପତି ବିଶୃଙ୍ଖଳିତ ଆଚରଣ ପାଇଁ ୧୫ ଭାଜପା ବିଧାୟକଙ୍କୁ ଗୃହରୁ ବହିଷ୍କାର କରିଛନ୍ତି। ୬୮ ଆସନ ବିଶିଷ୍ଟ ହିମାଚଳ ପ୍ରଦେଶ ବିଧାନସଭାରେ କଂଗ୍ରେସର ୪୦ ବିଧାୟକ ଥିବାବେଳେ ଭାଜପାର ୨୫ ସଦସ୍ୟ ରହିଛନ୍ତି। ଅବଶିଷ୍ଟ ୩ ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ପ୍ରତିନିଧିତ୍ୱ କରୁଛନ୍ତି। ସଂଖ୍ୟା ଦୃଷ୍ଟିରୁ କଂଗ୍ରେସ ପ୍ରାର୍ଥୀ ଦଳୀୟ ପ୍ରାର୍ଥୀ ଅଭିଷେକ ମନୁ ସିଂଘଭି ରାଜ୍ୟ ସଭା ନିର୍ବାଚନରେ ଜିତିବା କଥା। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଶୈଳୀକୁ


ସୁଖବିନ୍ଦର ସିଂ ସୁଖୁ

- ସୁଖୁ କ୍ୟାବିନେଟରୁ ଇସ୍ତଫା ଦେଇ ଫେରାଇନେଲେ ବିକ୍ରମାଦିତ୍ୟ
- ୧୫ ଭାଜପା ବିଧାୟକ ବିଧାନସଭାରୁ ବହିଷ୍କୃତ
- ଅସନ୍ତୁଷ୍ଟ ବିଧାୟକଙ୍କୁ ଭେଟିଲେ କଂଗ୍ରେସ ପର୍ଯ୍ୟବେକ୍ଷକ

ନେଇ ଅସନ୍ତୁଷ୍ଟ ଥିବା ୬ କଂଗ୍ରେସ ବିଧାୟକ ସୁଧୀର ଶର୍ମା(ଧର୍ମଶାଳା), ରାଜେନ୍ଦ୍ର ରାଣା(ସୁଜାନପୁର), ଇନ୍ଦ୍ରଦତ୍ତ ଖନପାଲ(ବଡ଼ସର), ରବି ଠାକୁର(ଲାହୁଲ ସ୍ପିତି), ଚୈତନ୍ୟ ଶର୍ମା(ଗଗରେଟ୍), ଦେବେନ୍ଦ୍ର ଭୁଟୋ(କୁଟଲେହଡ଼) କ୍ରସ୍ ଭୋଟିଂ କରି ଭାଜପା ପ୍ରାର୍ଥୀ ହର୍ଷ ମହାଜନଙ୍କ ସପକ୍ଷରେ ମତଦାନ କରିଥିଲେ। ଫଳରେ ସିଂଘଭି ହାରିଯାଇଛନ୍ତି। ଏହି ବିଧାୟକମାନଙ୍କୁ ଭାଜପା ପକ୍ଷରୁ ଅପହରଣ କରାଯାଇଥିବା ନେଇ କଂଗ୍ରେସ ଅଭିଯୋଗ ଆଣିଥିଲା। କିନ୍ତୁ ଭାଜପା ଏହାକୁ ଖଣ୍ଡନ କରିବା ସହ ଶାସକ ଦଳର ୬ ବିଧାୟକ ନିଜ ଇଚ୍ଛାନୁସାରେ ଭୋଟ ଦେଇଥିବା କହିଥିଲା। ଭାଜପା ରାଜ୍ୟପାଳ ପ୍ରତାପ ଶୁକ୍ଳାଙ୍କ ହସ୍ତକ୍ଷେପ ଲୋଡ଼ିଥିବାବେଳେ ବିରୋଧୀ ଦଳ ନେତା ଜୟରାମ ଠାକୁର

କଂଗ୍ରେସ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସୁଖୁଙ୍କ ଇସ୍ତଫା ଦାବି କରିଥିଲା। ଇତିମଧ୍ୟରେ ସୁଖୁ କହିଛନ୍ତି, ସେ ଇସ୍ତଫା ଦେଇନାହାନ୍ତି। ସେ ଜଣେ ଯୋଦ୍ଧା। ବିଧାନସଭାରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ବିଜୟ ଲାଭ କରିବେ। ହିମାଚଳରେ ତାଙ୍କ ସରକାର ୫ ବର୍ଷ ପୂରା କରିବ। ଅନ୍ୟପକ୍ଷେ ବୁଧବାର ବିଧାନସଭାରେ ରାଜ୍ୟ ସରକାରଙ୍କ ବଜେଟ ଉପସ୍ଥାପନ ଆରମ୍ଭ ହେବା ପୂର୍ବରୁ ଭାଜପା ବିଧାୟକମାନେ ବାଚସ୍ପତି କୁଳଦୀପ ସିଂ ପଠାନିଆଙ୍କ ଚାମ୍ବରରେ ସ୍ଲୋଗାନ ଦେଇଥିଲେ। ଏହାକୁ ନେଇ ବାଚସ୍ପତି ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କ ସମେତ ୧୫ ଭାଜପା ବିଧାୟକଙ୍କୁ ବହିଷ୍କାର କରିଛନ୍ତି। ବହିଷ୍କୃତ ଅନ୍ୟ ଭାଜପା ବିଧାୟକମାନେ ହେଲେ ବିପିନ ସିଂ ପରମାର, ରଣଧୀର ଶର୍ମା, ଲୋକେନ୍ଦ୍ର କୁମାର, ବିନୋଦ କୁମାର, ହଂସ ରାଜ, ଜନକ ରାଜ, ବଲବୀର ବର୍ମା, ତ୍ରିଲୋକ ଜମୱାଲ, ସୁରେନ୍ଦ୍ର ଶୋରି, ଇନ୍ଦର ସିଂ ଗାନ୍ଧୀ, ଦୀପ ରାଜ, ପୁରନ ଠାକୁର, ଇନ୍ଦର ସିଂ ଗାନ୍ଧୀ, ଦିଲୀପ ଠାକୁର। ରାଜନୈତିକ ହଟଚମଟ ଭିତରେ କଂଗ୍ରେସ ୩ଜଣ ଦଳୀୟ ପର୍ଯ୍ୟବେକ୍ଷକଙ୍କୁ ଶିମଲା ପଠାଇଛି। ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ଼ା, ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଏବଂ କର୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଶିମଲାରେ ଅସନ୍ତୁଷ୍ଟ ବିଧାୟକମାନଙ୍କୁ ବୁଝାଇଛନ୍ତି। ଏଆଇସିସି ସାଧାରଣ ସମ୍ପାଦକ ତଥା ହିମାଚଳ ପ୍ରଦେଶ ପ୍ରଭାରୀ ରାଜୀବ ଶୁକ୍ଳା ମଧ୍ୟ ଶିମଲାରେ ପହଞ୍ଚିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଏନେଇ ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ ଓ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ଆଲୋଚନା କରିଛନ୍ତି। ହିମାଚଳର ସ୍ଥିତି ଉପରେ କଂଗ୍ରେସ ଟିମ୍ ଗୁରୁବାର ସନ୍ଧ୍ୟା ସୁଦ୍ଧା ଖାର୍ଗେଙ୍କୁ ରିପୋର୍ଟ ଦେବେ। ଏଆଇସିସି ମୁଖ୍ୟାଳୟରେ ଅନ୍ୟତମ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ୨୦୨୨ ଡିସେମ୍ବରରେ ରାଜ୍ୟବାସୀ କଂଗ୍ରେସକୁ ଦେଇଥିବା ଜନାଦେଶକୁ ସମ୍ମାନ ଜଣାଇବା ଆମର ସର୍ବୋଚ୍ଚ ପ୍ରାଥମିକତା। ତେଣୁ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଉପଯୁକ୍ତ ନିଷ୍ପତ୍ତି ନିଆଯିବ।

> “ଭାଜପା ଅର୍ଥବଳ ଓ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରି ଜନାଦେଶକୁ ହତ୍ୟା କରିବାକୁ ଚାହୁଁଛି। ହିମାଚଳ ପ୍ରଦେଶକୁ ଏହି ଦଳ ରାଜନୈତିକ ବିପର୍ଯ୍ୟୟ ଭିତରକୁ ଠେଲିଦେବାକୁ ଉଦ୍ୟମ ଚଳାଇଛି।
> **–ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦିକା**

> “ହିମାଚଳ ପ୍ରଦେଶରେ କଂଗ୍ରେସ ଏବଂ ଏହାର ସରକାର ଏକ ଇତିହାସର ବିଷୟବସ୍ତୁ ପାଲଟିଯାଇଛି। କଂଗ୍ରେସର ୬ ବିଧାୟକ କ୍ରସ୍ ଭୋଟିଂ କରିଥିବାବେଳେ ଆଉ ୧୦ ବିଧାୟକ ଖୁବ୍‌ଶୀଘ୍ର ଭାଜପାରେ ମିଶିବାକୁ ଯାଉଛନ୍ତି।
> **–ହର୍ଷ ମହାଜନ, ଭାଜପାର ନବ ନିର୍ବାଚିତ ରାଜ୍ୟ ସଭା ସଦସ୍ୟ**

## ରାୟ ସଂରକ୍ଷିତ ରଖିଲେ ବାଚସ୍ପତି

**ପଞ୍ଚକୁଲାକୁ ଫେରିଗଲେ ୬ ବିଧାୟକ**

ରାଜ୍ୟ ସଭା ନିର୍ବାଚନରେ କସ୍ ଭୋଟିଂ କରିଥିବା ହିମାଚଳ ପ୍ରଦେଶର ୬ କଂଗ୍ରେସ ବିଧାୟକ ହରିୟାଣାର ପଞ୍ଚକୁଲା ସ୍ଥିତ ଏକ ହୋଟେଲରେ ଅବସ୍ଥାନ କରୁଛନ୍ତି। ଦଳବଦଳ ନିରୋଧୀ ଆଇନ ବଳରେ କଂଗ୍ରେସ ପକ୍ଷରୁ ଆଗତ ସଦସ୍ୟତା ରଦ୍ଦ ପିଟିଶନ୍‌ର ଶୁଣାଣି ପାଇଁ ସେମାନେ ହିମାଚଳ ପ୍ରଦେଶ ବାସ୍ପତି କୁଳଦୀପ ସିଂ ପଠାନିଆଙ୍କ ସମ୍ମୁଖରେ ବୁଧବାର ହାଜର ହୋଇଥିଲେ। ଶୁଣାଣି ପରେ ସେମାନେ ପଞ୍ଚକୁଲାକୁ ଫେରିଯାଇଛନ୍ତି। ବାଚସ୍ପତି ନିଜ ରାୟ ସଂରକ୍ଷିତ ରଖିଛନ୍ତି। କଂଗ୍ରେସ ପକ୍ଷରୁ ହ୍ୱିପ୍ ଜାରି ସତ୍ତ୍ୱେ ବୁଧବାର ବଜେଟ ଅଧିବେଶନରେ ୯ ବିଧାୟକ ଅନୁପସ୍ଥିତ ଥିଲେ।

# ଅଖିଳେଶଙ୍କୁ ସିବିଆଇ ସମନ

**ବେଆଇନ ଖଣି ଖନନ ମାମଲା**

ନୂଆଦିଲ୍ଲୀ, ୨୮।୨

କେନ୍ଦ୍ରୀୟ ଅନୁସନ୍ଧାନକାରୀ ସଂସ୍ଥା (ସିବିଆଇ) ବେଆଇନ ଖଣି ଖନନ ମାମଲାରେ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବଙ୍କୁ ବୁଧବାର ସମନ ଜାରି କରିଛି। ଗୁରୁବାର ଏହି ମାମଲାରେ ଜଣେ ସାକ୍ଷୀ ଭାବେ ଦିଲ୍ଲୀ ସ୍ଥିତ ସିବିଆଇ କାର୍ଯ୍ୟାଳୟରେ ହାଜର ହେବାକୁ ଅଖିଳେଶଙ୍କୁ ସମନ ହୋଇଛି। ସିଆରପିସିର ଧାରା ୧୬୦ ଅନୁଯାୟୀ ଅଖିଳେଶଙ୍କୁ ଏନେଇ ନୋଟିସ ଜାରି କରାଯାଇଛି। ୨୦୧୨-୧୩ରେ ଉତ୍ତରପ୍ରଦେଶର ଖଣି ଖନନ ବିଭାଗରେ ହୋଇଥିବା ଅନିୟମିତତା ନେଇ ଅଖିଳେଶଙ୍କୁ ପଚରାଉଚରା କରିବ ସିବିଆଇ। ଏହି ମାମଲାକୁ କେନ୍ଦ୍ର କରି ଜାନୁଆରୀ ୨୦୧୯ରେ ବେଆଇନ ଭାବେ ଖଣି ଖନନ ହୋଇଥିବା ଅଭିଯୋଗରେ ୟୁପିର ୭ଟି ଜିଲାରେ ମାମଲା ରୁଜୁ



ହୋଇଥିଲା। ତେବେ ସିବିଆଇ ସମନକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଅଖିଳେଶ। ନିର୍ବାଚନ ପାଖକୁ ଆସୁଥିବାରୁ କେନ୍ଦ୍ରୀୟ ଏଜେନ୍ସୀ ଠାରୁ ନୋଟିସ ମିଳିଥିବା କହି ସେ କଟାକ୍ଷ କରିଛନ୍ତି।

# ଅସ୍ତ୍ର ଛାଡ଼ିଲେ ମଣିପୁର ପୋଲିସ କମାଣ୍ଡୋ

**ବରିଷ୍ଠ ପୋଲିସ ଅଧିକାରୀଙ୍କ ଅପହରଣ ବିରୋଧରେ ପ୍ରତୀକାତ୍ମକ ପ୍ରତିବାଦ**

ଇମ୍ଫାଲ, ୨୮।୨

ମଣିପୁରରେ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଅପହରଣ ସହ ତାଙ୍କ ବାସଭବନକୁ ଆକ୍ରମଣ ବିରୋଧରେ ରାଜ୍ୟର ପୋଲିସ କମାଣ୍ଡୋମାନେ ପ୍ରତୀକାତ୍ମକ ବିରୋଧ କରି ଅସ୍ତ୍ରଶସ୍ତ୍ର ତ୍ୟାଗ କରିଛନ୍ତି। ଇମ୍ଫାଲ ଘାଟି ଅନ୍ତର୍ଗତ ୪ଟି ଜିଲାର ୧୦୦ରୁ ଅଧିକ କମାଣ୍ଡୋ ଏହି ପ୍ରତୀକାତ୍ମକ ବିରୋଧରେ ସାମିଲ ହୋଇଛନ୍ତି। କିଛି ଆତତାୟୀଙ୍କ ଦ୍ୱାରା ମଙ୍ଗଳବାର ରାତିରେ ପଶ୍ଚିମ ଇମ୍ଫାଲର ସହକାରୀ ପୋଲିସ ଅଧୀକ୍ଷକ ଅମିତ ସିଂହଙ୍କ ବାସଭବନରେ ଗୁଳିଚାଳନା କରାଯାଇ ତାଙ୍କୁ ଅପହରଣ କରାଯାଇଥିଲା। ସମ୍ପୃକ୍ତ ଆତତାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ସହ ଉପରିସ୍ଥ ଅଧିକାରୀଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ଏହି ବିରୋଧ କରାଯାଇଛି।


ଏକ ଭୟଙ୍କର ଟ୍ରେନ୍ ଦୁର୍ଘଟଣାର ବର୍ଷ ପୂର୍ତ୍ତି ଅବସରରେ ଗ୍ରୀକ୍ ସଂସଦ ସମ୍ମୁଖରେ ୨୪ ଘଣ୍ଟିଆ ଆନ୍ଦୋଳନରେ ବସିଥିବା ବିକ୍ଷୋଭକାରୀଙ୍କ ସହ ପୋଲିସର ଧସ୍ତାଧସ୍ତି।

# କ୍ୟାନ୍‌ସରରୁ ବଞ୍ଚାଇବ ୧୦୦ ଟଙ୍କାର ସ୍ୱଦେଶୀ ଟାବଲେଟ୍

ନୂଆଦିଲ୍ଲୀ, ୨୮।୨

ଆମେରିକା ଓ ଚାଇନା ପରେ ବିଶ୍ୱର ତୃତୀୟ ସର୍ବାଧିକ କ୍ୟାନ୍‌ସର ରୋଗୀ ଭାରତରେ ଥିବାବେଳେ ଅଧିକାଂଶ ସ୍ଥାନରେ ଚିକିତ୍ସା ପରେ ମଧ୍ୟ ରୋଗୀଙ୍କ ଶରୀରରେ ପୁନର୍ବାର କ୍ୟାନ୍‌ସରର ଲକ୍ଷଣ ଦେଖାଦେଇଥାଏ। କର୍କଟ ରୋଗର ସର୍ବବୃହତ୍ ମେଡିକାଲ ଟାଟା ମେମୋରିଆଲ୍ ହସ୍ପିଟାଲର ଡାକ୍ତରମାନେ ଏହାର ସମାଧାନ ବାହାର କରିଛନ୍ତି। ହସ୍ପିଟାଲ ପକ୍ଷରୁ ଟାବ୍‌ଲେଟ ନିର୍ମାଣ ହୋଇଛି। ଯାହାଦ୍ୱାରା କ୍ୟାନ୍‌ସରରୁ



ସୁସ୍ଥ ଲାଭ କରିଥିବା ବ୍ୟକ୍ତିଙ୍କୁ ପୁଣି ଥରେ ଏହି ରୋଗ ହେବ ନାହିଁ। ଏହି ଟାବଲେଟ୍ ଦ୍ୱାରା କେମୋରେଡିଏସନ୍‌ର ପ୍ରଭାବ ମଧ୍ୟ କମ ହେବ। ଭାରତରେ ବଢୁଥିବା କର୍କଟ ରୋଗୀଙ୍କ ସଂଖ୍ୟା ଦେଖି ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ୍ ରିସର୍ଚ୍ଚର ବୈଜ୍ଞାନିକମାନେ ଏହିପରି ଏକ ଟାବଲେଟକୁ ବିକଶିତ କରିଛନ୍ତି, ଯାହା ଦ୍ୱାରା କ୍ୟାନ୍‌ସର ରୋଗର ଉନ୍ନତ ଧରଣର ଚିକିତ୍ସା ହେବା ସହ ମଣିଷ ଶରୀରରେ ଏହାର ପୁନରାବୃତ୍ତିକୁ ରୋକାଯାଇପାରିବ। ପ୍ରାୟ ଗୋଟିଏ ଦଶନ୍ଧି ଧରି ଟାଟା ମେମୋରିଆଲ ହସ୍ପିଟାଲର ଡାକ୍ତରମାନେ ଏହି ଟାବଲେଟକୁ ବିକଶିତ କରିବାରେ କାର୍ଯ୍ୟ କରିଥିବା ବେଳେ ଶେଷରେ ସେମାନଙ୍କୁ ସଫଳତା ମିଳିଛି। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ସଂସ୍ଥା (ଏଫ୍‌ଏସ୍‌ଏସ୍‌ଏଆଇ)ର ମଞ୍ଜୁରୀ ଅପେକ୍ଷାରେ ଏହି ଟାବଲେଟ୍ ରହିଛି। ମାତ୍ର ୧୦୦ ଟଙ୍କାରେ ଏହି ଟାବଲେଟ୍ ଉପଲବ୍ଧ ହେବ ବୋଲି ଟାଟା ମେମୋରିଆଲ ହସ୍ପିଟାଲର ବରିଷ୍ଠ କ୍ୟାନ୍‌ସର ସର୍ଜନ ଡାକ୍ତର ରାଜେନ୍ଦ୍ର ବଡୱେ ସୂଚନା ଦେଇଛନ୍ତି। ଏହା ବର୍ତ୍ତମାନ ପର୍ଯ୍ୟନ୍ତ ସବୁଠାରୁ ଶସ୍ତା ଚିକିତ୍ସା ହୋଇଥିବା ସହ ଏହାଦ୍ୱାରା କର୍କଟ ରୋଗ ପୁନର୍ବାର ଶରୀରରେ ବ୍ୟାପିବାର ସମ୍ଭାବନା କମ୍ ହେବ ବୋଲି ସେ କହିଛନ୍ତି।

**ଫୁର୍‌ସତ୍**

# ‘ପରିବର୍ତ୍ତନ ପାଇଁ ଏକତ୍ରିତ ହେବା

**ଆଜି ବିରଳ ପରିଦୃଷ୍ଟ ରୋଗ ଦିବସ**

ପ୍ରତିବର୍ଷ ଫେବୃଆରୀ ଶେଷ ଦିନ (ଚଳିତ ବର୍ଷ ଫେବୃଆରୀ ୨୯ ତାରିଖ)କୁ ‘ବିରଳ ପରିଦୃଷ୍ଟ ରୋଗ ଦିବସ’ ଭାବରେ ପାଳନ କରାଯାଇଥାଏ। ଅନେକ ରୋଗ ଅଛି, ଯାହା ଖୁବ୍ କମ୍ ସଂଖ୍ୟାରେ ପରିଲକ୍ଷିତ ହୋଇଥାଏ। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ‘ପରିବର୍ତ୍ତନ ପାଇଁ ଏକତ୍ର ହେବା: ସମାନତା ପାଇଁ ଏକତ୍ର ହେବା’। ଏ ବିଷୟରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ରାମଚନ୍ଦ୍ର ରାଉତ କହନ୍ତି, ‘ପ୍ରତି ୧୦୦୦/୨୦୦୦ ଲୋକଙ୍କ ମଧ୍ୟରୁ କମ୍ ଲୋକଙ୍କଠାରେ ଦେଖାଯାଉଥିବା ରୋଗକୁ ‘ବିରଳ ରୋଗ’ କୁହାଯାଏ। ଏହା ଶତକଡା ୦.୦୦୦୫ କ୍ଷେତ୍ରରେ ହୋଇଥାଏ। ନ୍ୟାଶନାଲ ଅର୍ଗାନାଇଜେଶନ ଫର୍ ରେୟାର ଡିଜିଜ (ଏନଓଆର୍‌ଡି) ଏବଂ ଇଣ୍ଡିଆନ ଅର୍ଗାନାଇଜେଶନ ଫର୍ ରେୟାର



ଡିଜିଜ୍ (ଆଇଓଆର୍‌ଡି) ତରଫରୁ ଏ ନେଇ ସଚେତନତା ଏବଂ ଦାୟିତ୍ୱବୋଧ ଉପରେ ଗୁରୁତ୍ୱ ଦିଆଯାଇଥାଏ। ଏହି ସବୁ ରୋଗର ୭୨ ଭାଗ ରୋଗ ଜେନେଟିକ୍ ଦୋଷରୁ ହୋଇଥାଏ। କେବଳ ସେତିକି ନୁହେଁ, ଏଭଳି ରୋଗର ଚିକିତ୍ସା କରାଇବା ମଧ୍ୟ କଷ୍ଟକର ହୋଇଥାଏ। ପୁନଶ୍ଚ ଏହି ରୋଗ ସହଜରେ ନିର୍ଣ୍ଣୟ କରିହୋଇ ନ ଥାଏ। ତେଣୁ ଏଭଳି ରୋଗ ନିର୍ଣ୍ଣୟ କ୍ଷେତ୍ରରେ ଡାକ୍ତର ଏବଂ ବିଶେଷଜ୍ଞମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। କେବଳ ଆମ ଦେଶରେ ପାଖାପାଖି ୪୫୦ରୁ ଅଧିକ ସଂଖ୍ୟାର ବିରଳ ରୋଗ ଥିବାର ଜଣାପଡ଼ିଛି। ଆମ ଦେଶରେ ୨୦୨୧ ମସିହାରେ ଏହି ବିରଳ ରୋଗୀଙ୍କ ପାଇଁ ସରକାର ଜାତୀୟ ବିରଳ ରୋଗ ପଲିସି-୨୦୨୧ (ନ୍ୟାଶନାଲ ପଲିସି ଫର୍ ରେୟାର ଡିଜିଜ-୨୦୨୧) ନାମକ ଏକ ସ୍ୱାସ୍ଥ୍ୟ ପଲିସି ପ୍ରଣୟନ କରିଛନ୍ତି। ଏଥିରେ ବିରଳ ରୋଗ ପୀଡିତ ବ୍ୟକ୍ତିଙ୍କ ନିମନ୍ତେ ୧୦ ଲକ୍ଷ ପର୍ଯ୍ୟନ୍ତ ଆର୍ଥିକ ସାହାଯ୍ୟ ରହିଛି। ଏହାବ୍ୟତୀତ ୧୦ଟି ବିରଳ ରୋଗ ଉତ୍କର୍ଷ କେନ୍ଦ୍ର ଦ୍ୱାରା ଏହିସବୁ ରୋଗର ନିର୍ଣ୍ଣୟ, କେତେକ କ୍ଷେତ୍ରରେ ଚିକିତ୍ସା ହୋଇପାରୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଗର୍ଭଧାରଣ ସମୟରେ ଏହା ସନ୍ଦେହ ହେଲେ ପିତା, ମାତା ଏବଂ ରକ୍ତ ସମ୍ପର୍କୀୟଙ୍କ ଯାଞ୍ଚ କରାଯିବା ଆବଶ୍ୟକ।

ପାଖାପାଖି ତିନିକୋଟି ଲୋକ ଏହି ବିରଳ ରୋଗରେ ପୀଡିତ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। କେତେକ ବିରଳ ରୋଗର ଦୃଷ୍ଟାନ୍ତ ହେଉଛି-ଆକାଲାସିଆ କାର୍ଡିଆ (ପାକସ୍ଥଳୀୟ ରୋଗ), ଟର୍ନର ସିଣ୍ଡ୍ରୋମ, ଷ୍ଟୋନମ୍ୟାନ୍ ସିଣ୍ଡ୍ରୋମ, ଆଲାଇଡ୍ ଇନ୍ ୱାଣ୍ଡରଲ୍ୟାଣ୍ଡ ସିଣ୍ଡ୍ରୋମ, ଆଲ୍‌କାଷ୍ଟୋନ୍ୟୁରିଆ, ଡଚେଲ ମସ୍କୁରାଲ ଡିସ୍‌ଟ୍ରୋଫିଂ, ଭନ୍ ୱିଲବ୍ରାଣ୍ଡ ଡିଜିଜ, ସ୍ପିନାଲ ମସ୍କ୍ୟୁଲାର ଆଟ୍ରୋଫିଂ, ଅଷ୍ଟିଂ ଜେନେସିସ୍ ଏବଂ ଇମ୍ପରଫେକ୍ଟ ଇତ୍ୟାଦି।

## ବିଦେଶରେ ସଫଳତା ପାଇଲେ ସିକ୍ୟୁରିଟି ଗାର୍ଡଙ୍କ ଝିଅ

ନୂଆଦିଲ୍ଲୀ

ସ୍ନାତକ ଡିଗ୍ରୀ ହାସଲ କରିବା ସମସ୍ତଙ୍କ ଜୀବନରେ ଏକ ବିଶେଷ ମୁହୂର୍ତ୍ତ ହୋଇଥାଏ। ନିକଟରେ ଜଣେ ସିକ୍ୟୁରିଟି ଗାର୍ଡଙ୍କ ଝିଅ ବିଦେଶରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ନିଜ ପିତାଙ୍କୁ ଧନ୍ୟବାଦ ଦେଇଛନ୍ତି।

ଧନଶ୍ରୀ ଗାଇକ୍ୱାର୍ଡ ନାମ୍ନୀ ଜଣେ ଯୁବତୀ ନିଜ ସ୍ନାତକ ଶିକ୍ଷା ପାଇଁ ବ୍ରିଟେନର ଏକ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିବା ବେଳେ ବିଦେଶ ଗସ୍ତ କରିଥିଲେ। ତେବେ ତାଙ୍କ ପିତା ଜଣେ ସାଧାରଣ ସିକ୍ୟୁରିଟି ଗାର୍ଡ ହୋଇଥବାରୁ ଉଚ୍ଚଶିକ୍ଷା ପାଇଁ ଝିଅକୁ ବିଦେଶ ନ ପଠାଇବାକୁ ତାଙ୍କୁ ଅନେକ ଜଣ ପରାମର୍ଶ ଦେଇଥିଲେ। ତେବେ ନିକଟରେ ଧନଶ୍ରୀ ସ୍ନାତକ ଡିଗ୍ରୀ ହାସଲ କରିବା ସହ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭାବବିହ୍ୱଳ ପୋଷ୍ଟ କରିଛନ୍ତି। ତାଙ୍କ ଉପରେ ବିଶ୍ୱାସ କରିଥିବାରୁ ସେ ନିଜ ପିତାଙ୍କୁ ଏହି ପୋଷ୍ଟରେ ଧନ୍ୟବାଦ ଦେଇଛନ୍ତି। ଏକ ସମାରୋହରେ ସ୍ନାତକ ଡିଗ୍ରୀ ହାସଲ କରିବା ସମୟର ଗୋଟିଏ କ୍ଲିପ୍ ସେ ଏହି ପୋଷ୍ଟରେ ଶେୟାର କରିଛନ୍ତି। ତାଙ୍କୁ ବିଦେଶ ପଠାଇବା ନେଇ ପିତାଙ୍କ ନିଷ୍ପତ୍ତି ଠିକ୍ ଥିଲା ବୋଲି ଏହି ଭିଡିଓରେ ଧନଶ୍ରୀ ଦର୍ଶାଇଛନ୍ତି। ପିତା ତାଙ୍କ ପାଇଁ ଲାଇଫ ଗାର୍ଡ ସାଜିଥିବାରୁ ଆଜି ସେ ଏହି ସଫଳତା ହାସଲ କରିପାରିଥିବା ଧନଶ୍ରୀ କହିଛନ୍ତି। ଧନଶ୍ରୀଙ୍କ ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଅନେକ ୟୁଜର୍ସ ଧନଶ୍ରୀଙ୍କ କାହାଣୀକୁ ପସନ୍ଦ କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିରେ ସାମିଲ


ଧନଶ୍ରୀ ଗାଏକ୍‌ୱାର୍ଡ

ହୋଇଛନ୍ତି ବହୁ ସେଲିବ୍ରିଟି। ଆୟୁଷ୍ମାନ୍ ଖୁରାନା, ଗୁରୁ ରନ୍ଧାୱା, ଇଶା ଗୁପ୍ତାଙ୍କ ପରି ବହୁ ସେଲିବ୍ରିଟି ଏହି ପୋଷ୍ଟରେ କମେଣ୍ଟ ମାଧ୍ୟମରେ ଧନଶ୍ରୀଙ୍କ ସଫଳତା ପାଇଁ ତାଙ୍କୁ ଅଭିବାଦନ ଜଣାଇଛନ୍ତି।

# ଫେରୁଛନ୍ତି ଆମିର

ମୁମ୍ବାଇ

ବଲିଉଡ୍ ସୁପରଷ୍ଟାର ଆମିର ଖାନ୍ ଦୀର୍ଘଦିନ ଧରି ଫିଲ୍ମ ସ୍କ୍ରିନରୁ ଦୂରେଇ ରହିଛନ୍ତି।୨୦୨୨ରେ ରିଲିଜ୍ ହୋଇଥିବା ‘ଲାଲ ସିଂ ଚଡ୍ଢା’ ଫିଲ୍ମ ପରଠାରୁ ବଡ଼ ପରଦାରେ ଆମିରଙ୍କୁ ଦେଖିବାକୁ ମିଳି ନ ଥିଲା। ଏହି ଚଳଚ୍ଚିତ୍ରଟି ଫ୍ଲପ୍ ହୋଇଥିବାରୁ ଅଭିନୟରୁ କିଛିଦିନ ପାଇଁ ବିରତି ନେବାକୁ ଆମିର ଘୋଷଣା କରିଥିଲେ। କିଛି ସମୟ ପାଇଁ ସେ ଜଣେ ପ୍ରଡ୍ୟୁସର ଭାବେ ଅଧିକ ସକ୍ରିୟ ରହିବା ସହ ଅଭିନୟରେ କମ୍ ନଜର ଆସିବେ ବୋଲି ଆମିର କହିଥିଲେ। ଏଭଳି ପରିସ୍ଥିତିରେ ପ୍ରଶଂସକମାନେ ତାଙ୍କ ପ୍ରତ୍ୟାବର୍ତ୍ତନକୁ ଉତ୍ସାହର ସହିତ ଅପେକ୍ଷା କରି ରହିଛନ୍ତି। ଏଥିମଧ୍ୟରେ ଆମିରଙ୍କ ପ୍ରଶଂସକମାନଙ୍କ ପାଇଁ ଏକ ଖୁସି ଖବର ସାମ୍ନାକୁ ଆସିଛି। ଖୁବ୍‌ଶୀଘ୍ର ଅଭିନୟକୁ ଫେରୁଥିବା ନେଇ ଆମିର ଏକ ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି। ନିକଟରେ ଆମିର ତାଙ୍କ ଫିଲ୍ମ ‘ଲାପତା ଲେଡିଜ୍’କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଆମିରଙ୍କ ପୂର୍ବତନ ପତ୍ନୀ କିରଣ ରାଓ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବାବେଳେ ସେ ଖୋଦ୍ ଏହି ଫିଲ୍ମର ନିର୍ମାତା ରହିଛନ୍ତି। ଏହି ଫିଲ୍ମ ଆସନ୍ତା ମାର୍ଚ୍ଚ ୨ରେ ରିଲିଜ୍ ହେବାକୁ ଯାଉଛି। ତେଣୁ ଉଭୟ ଆମିର ଏବଂ କିରଣ ଏହି ଚଳଚ୍ଚିତ୍ରର ପ୍ରମୋଶନ୍ ଏବେ ଜୋର୍‌ସୋର୍‌ରେ କରୁଛନ୍ତି। ଏହି ଅବସରରେ ଏକ ବାର୍ତ୍ତାଳାପରେ ପୁଣି ବଡ଼ ପରଦାକୁ ଫେରୁଥିବା ନେଇ ଆମିର ଖୁଲାସା କରିଛନ୍ତି। ଚଳିତ ବର୍ଷ ଶେଷଆଡ଼କୁ ‘ସିତାରେ ଜମିନ୍ ପର’ ନାମକ ଏକ ଚଳଚ୍ଚିତ୍ରରେ ସେ ନଜର ଆସିବେ ବୋଲି ଆମିର ସୂଚନା ଦେଇଛନ୍ତି। ଏହି ଫିଲ୍ମର ଶୁଟିଂ ଆରମ୍ଭ ହୋଇଯାଇଥିବା ବେଳେ ଚଳିତ ବର୍ଷ ଖ୍ରୀଷ୍ଟମାସ ଉପଲକ୍ଷେ ଏହାର ରିଲିଜ୍ ନେଇ ସମ୍ଭାବନା ଥିବା ଆମିର କହିଛନ୍ତି। ଏହି ଚଳଚ୍ଚିତ୍ରରେ ଆମିର ମୁଖ୍ୟ ଭୂମିକାରେ ନଜର ଆସିଥିବାରୁ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି।



## ଛୋଟ ପରଦା


ଧାରାବାହିକ 'ସୁନା ଝିଅ'ରେ ମାନସ-ଅଙ୍କିତା

# ସୁନା ଝିଅ

ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ ଜୀ-ସାର୍ଥକରେ ପ୍ରସାରିତ ମେଗା ଧାରାବାହିକ 'ସୁନା ଝିଅ' ଓଡ଼ିଆ ଦର୍ଶକଙ୍କ ସୁନା ଝିଅ ହେବାରେ ସଫଳ ହୋଇଛି। ଗୀତାଞ୍ଜଳି ମାନସିଂହ ଏବଂ ତାଙ୍କର ତିନି ଝିଅ ପ୍ରିୟା, ପଲ୍ଲଭି ଏବଂ ପୁରଭିଙ୍କୁ ନେଇ ଏହି କାହାଣୀ ଓଡ଼ିଆ ଦର୍ଶକଙ୍କ ମନ ଜିତିବାରେ ସକ୍ଷମ ହୋଇଛି। ତେବେ ଝିଅ ପ୍ରିୟାର ଓ ବିଷ୍ଣୁଙ୍କ ବିବାହ ପରବର୍ତ୍ତୀ ଯାତ୍ରାକୁ ନେଇ କାହାଣୀଟି ସଫଳତାର ସହ ଆଗେଇ ଚାଲିଛି। ଦୀର୍ଘ ୨୫ ବର୍ଷର ସଂଘର୍ଷ ପରେ ପ୍ରିୟା ବର୍ତ୍ତମାନ ଜଣେ ବ୍ଲକ ଉନ୍ନୟନ ଅଧିକାରୀ(ବିଡିଓ) ହୋଇପାରିଛନ୍ତି କିନ୍ତୁ ଏହି ଜୀବନ ଯାତ୍ରାରେ ସେ ହରାଇଛନ୍ତି ନିଜ ପିଲାକୁ। ସେପଟେ ଅନେକ ବାଦ ବିବାଦ ଓ ଅନେକ ବିଶୃଙ୍ଖଳା ପରେ ଶେଷରେ ବିଷ୍ଣୁ ଏବଂ ପ୍ରିୟା ଏକାଠି ହୋଇଛନ୍ତି ଓ ପ୍ରିୟା ନିଜ କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି। ଦେବରାଜ ପ୍ରିୟା ନାମରେ କିଛି ଟଙ୍କା ରୋଜଗାର କରିବାକୁ ଯୋଜନା କରିଛନ୍ତି କିନ୍ତୁ ବିଫଳ ହୋଇଛନ୍ତି ଓ ଅଜାଣତରେ ଆହତ ହୋଇଛନ୍ତି ଏବଂ ଏଥିପାଇଁ ବିଷ୍ଣୁଙ୍କ ସହ ପ୍ରିୟାକୁ ପରିବାରର ସମସ୍ତ ସଦସ୍ୟ ଦାୟୀ କରିଛନ୍ତି । ତେବେ ଦେବରାଜ ଓ ନେତ୍ରା ଦ୍ୱାରା ସୃଷ୍ଟି ହେଉଥିବା ଏହିପରି ସମସ୍ୟାର ସମାଧାନ ପ୍ରିୟା କିପରି କରିବ ତାକୁ ନେଇ କାହାଣୀର ଅଗ୍ରଗତି ହେଉଛି। ତେବେ ଏହା ଆଗକୁ କି ମୋଡ ନେଉଛି ତାହା ଜାଣିବାକୁ ଅପେକ୍ଷା କରିବାକୁ ପଡ଼ିବ। ଜୀ-ସାର୍ଥକ ସଦାସର୍ବଦା ତା'ର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଦର୍ଶକଙ୍କୁ ଦେଖାଇ ଆସିଛି । ସେହିପରି 'ସୁନା ଝିଅ' ଆମ ଦର୍ଶକଙ୍କୁ ଏକ ନୂତନ ଅନୁଭବ ଦେଇଛି ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ। ଏହି ଧାରାବାହିକର ପ୍ରସାରଣ ସମୟ ରହିଛି ରବିବାରରୁ ସୋମବାର ସନ୍ଧ୍ୟା ୭.୩୦।

# ଚାଲିଛି ଗୁରୁଙ୍କୁ ଖୋଜା

ବୋନି ତନୟା ଜାହ୍ନବୀ କପୁର ଏବେ ଗୋଟିଏ ଜିନିଷ ଖୋଜିବାରେ ବ୍ୟସ୍ତ ଅଛନ୍ତି। ତାହା କ'ଣ ଜାଣନ୍ତି ? ଆକ୍ସନ ଶିଖିବାକୁ ସେ ଗୁରୁ ଖୋଜୁଛନ୍ତି। ନିକଟରେ ତାଙ୍କୁ ଏକ ନୂଆ ସିନେମାର ଅଫର ମିଳିଛି। ଆଉ ସେଥିରେ ଜାହ୍ନବୀଙ୍କୁ ଆକ୍ସନ ଅବତାରରେ ଦେଖିବାକୁ ମିଳିବ। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ସେ କେତୋଟି ଷ୍ଟଣ୍ଟ ଶଟ୍ ମଧ୍ୟ ଦେବେ। ତେଣୁ ଏବେଠାରୁ ସେ ନେଇ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏ ବିଷୟରେ ଜାହ୍ନବୀ କହନ୍ତି, 'ଏକ ଆକ୍ସନଭିତ୍ତିକ ସିନେମାରେ ଅଭିନୟ କରିବାକୁ ଯାଉଛି। ଯେହେତୁ ମୋତେ କେତୋଟି ଆକ୍ସନ ଶଟ୍ ଦେବାକୁ ପଡିବ ତେଣୁ ସେ ବିଷୟରେ ପୂର୍ବରୁ ପ୍ରସ୍ତୁତ ହେବାକୁ ଯାଉଛି। ଜଣେ ଭଲ ଆକ୍ସନ ଟ୍ରେନରଙ୍କ ସନ୍ଧାନରେ ରହିଛି, ଯିଏ କି ମୋତେ ସୀମିତ ସମୟ ଭିତରେ ଏ ବିଷୟରେ ଭଲ ଭାବରେ ଟ୍ରେନିଂ ଦେଇପାରିବେ। ତେଣୁ ଯେତେଶୀଘ୍ର ମୋତେ ଆକ୍ସନ ଗୁରୁ ମିଳିଯିବେ ମୁଁ ସେତେଶୀଘ୍ର ପ୍ରଶିକ୍ଷଣ ଆରମ୍ଭ କରିବି। ତା'ସହ ମୋତେ କେତୋଟି ଷ୍ଟଣ୍ଟ ଶଟ୍ ଦେବାକୁ ପଡିବ।' ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ ଏବଂ ଅବଶିଷ୍ଟ କାଷ୍ଟିଂ ଖୋଜା ଚାଲୁ ରହିଛି। ଜାହ୍ନବୀ ଅଭିନୟ କରୁଥିବା ଆଗାମୀ ସିନେମାଗୁଡିକ ମଧ୍ୟରେ ରହିଛି 'ମିଷ୍ଟର ଆଣ୍ଡ ମିସେସ ମାହି', 'ଦେଭରା-ପାର୍ଟ-୧' ଏବଂ 'ଉଲ୍‌ଝା'।


ଜାହ୍ନବୀ

# ୱାଇଫ


ବର୍ଷା

ଏକ ନାରୀକୈନ୍ଦ୍ରିକ କାହାଣୀକୁ ଆଧାର କରି ପ୍ରସ୍ତୁତ ହେଉଛି ଓଡ଼ିଆ ସିନେମା 'ୱାଇଫ'। ଏହାର ପ୍ରଯୋଜନା କରିଛନ୍ତି ନାମୀ ପ୍ରଯୋଜକ ବିଜୟ କାନ୍ଦୋଇ । ଖାସ୍ କଥା ହେଲା, ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ବର୍ଷା ପ୍ରିୟଦର୍ଶିନୀ। କେବଳ ସେତିକି ନୁହେଁ, ଉକ୍ତ ଚିତ୍ରର କ୍ରିଏଟିଭ ହେଡ୍ ରହିବା ସହ ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ମଧ୍ୟ ସେ ରଚନା କରିଛନ୍ତି । ଆଉ ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ସଂଳାପ ଲେଖିଛନ୍ତି ବିଶିଷ୍ଟ ସଂଳାପକାର ବିଜୟ ମଲ୍ଲ। ବିବାହ ହେଉଛି ଏକ ପବିତ୍ର ବନ୍ଧନ। ବାହାଘର ପରେ ଜଣେ ସ୍ତ୍ରୀର ବୈବାହିକ ଜୀବନର ମହତ୍ତ୍ୱ ରହିଛି। ଏହା ଉପରେ ପର୍ଯ୍ୟବସିତ କାହାଣୀକୁ ଆଧାର କରି ଫିଲ୍ମଟି ପ୍ରସ୍ତୁତ ହେବାକୁ ଯାଉଛି। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ମଳୟ ମିଶ୍ର। ଏଥିରେ ବର୍ଷାଙ୍କ ନାୟକ ସାଜିଛନ୍ତି ଜୟଜିତ ଦାସ। ଏମାନଙ୍କ ବ୍ୟତୀତ ଶଙ୍କର, ବିଜୟିନୀ ମିଶ୍ର, ରବି ମିଶ୍ର, ହୃଷି, ସ୍ମିତା ତ୍ରିପାଠୀ, କୁନୁରି, ଶୋଭା ରାଉତ, ପିହୁ ଏବଂ ପାୟଲ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ।


ପରିଣିତୀ

# ମନ ବଳାଇଛନ୍ତି ପରିଣିତୀ

ବଲିଉଡ୍‌ରେ ବେଶ୍ କେତୋଟି ସିନେମାରେ ଅଭିନୟ କରିସାରିଛନ୍ତି ପରିଣିତୀ ଚୋପ୍ରା। ତା' ସହ ନିକଟରେ ସେ ଘରସଂସାର ମଧ୍ୟ କରିସାରିଲେଣି। ତେବେ ବର୍ତ୍ତମାନ ଆଉ ଏକ କ୍ଷେତ୍ରରେ ସେ ପାଦ ଥାପିବାକୁ ଯାଉଛନ୍ତି। କଥା କ'ଣ କି ଖୁବ୍ ଶୀଘ୍ର ସେ ସମାଜସେବା କରିବାକୁ ଅଣ୍ଟା ଭିଡିଛନ୍ତି। ଏ ନେଇ ସେ କହନ୍ତି, 'ଅନେକ ସ୍ଥାନ ବୁଲିବା ପରେ ଥରେ ମୋ ମନରେ ସମାଜ ସେବା କଥା ଉଠିଥିଲା। ତା'ପରେ ଏ ନେଇ ଗମ୍ଭୀର ଭାବରେ ଚିନ୍ତା କରିଥିଲି। କେବଳ ସେତିକି ନୁହେଁ, ଏ ନେଇ କେତେ ଜଣ ନାମୀ ସମାଜସେବୀଙ୍କ ସହ ଆଲୋଚନା ମଧ୍ୟ କରିଥିଲି। ଏବେ ନିଜକୁ ମୁଁ ଏ କାମରେ ସାମିଲ କରିବି ବୋଲି ମାଇଣ୍ଡ ମେକ୍‌ଅପ୍ କରିସାରିଛି। ମୋର କେତେଜଣ ସାଙ୍ଗ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ଆମେ ଏକାଠି ହୋଇ ସମାଜ ସେବା କରିବା ସହ ଏ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବୁ। ତେବେ ଏ କ୍ଷେତ୍ରରେ ପରିଣିତୀ କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା। ସୂଚନାଯୋଗ୍ୟ ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ ଯଶରାଜ ଫିଲ୍ମସ ବ୍ୟାନରରେ ପବ୍ଲିକ ରିଲେଶନ କନ୍‌ସଲଣ୍ଟାଣ୍ଟ ଭାବରେ କାମ କରିଥିଲେ। ୨୦୧୧ରେ 'ଲେଡିଜ ଭର୍ସେସ ରିକି ବହଲ' ଫିଲ୍ମରୁ ତାଙ୍କର ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା।

# ତ୍ରିକନ୍ୟା

ନିକଟରେ 'ପ୍ରତୀକ୍ଷା' ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନୂଆ ଚଳଚ୍ଚିତ୍ର 'ତ୍ରିକନ୍ୟା'କୁ ନେଇ ଚର୍ଚ୍ଚା। 'ଗ୍ୟାଙ୍ଗସ ଅଫ ପୁରୀ' ଏବଂ 'ପ୍ରତୀକ୍ଷା' ବେଶ୍ ଦର୍ଶକୀୟ ଆଦୃତି ସାଉଣ୍ଟିବା ପରେ ଅମିୟ ପଟ୍ଟନାୟକ ପ୍ରଡକସନ୍ସ ଓ ଟେକ୍ନୋ ଆର୍ଟ୍ସ ବ୍ୟାନରରେ ତଥା ତାଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମଟି ପ୍ରସ୍ତୁତ ହୋଇଛି। ତିନିଜଣ ମହିଳାଙ୍କ ଜୀବନୀକୁ ନେଇ ଏହାକୁ ନିର୍ମାଣ କରାଯାଇଛି ଏବଂ ଆସନ୍ତା ମାସ ୮ ତାରିଖ ତଥା ବିଶ୍ୱ ମହିଳା ଦିବସ ଦିନ ଏହା ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। କେବଳ ସେତିକି ନୁହେଁ, ଉକ୍ତ ଫିଲ୍ମର ଟ୍ରେଲର ରିଲିଜ ହୋଇ ବେଶ୍ ଲୋକାଦୃତ ହୋଇସାରିଛି। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ବର୍ଷା ପଟ୍ଟନାୟକ, ମନୋଜ ମିଶ୍ର, ସୁକାନ୍ତ ରଥ, ପାର୍ଥ ସାରଥି, ଅମନ, ଶ୍ରଦ୍ଧା ପାଣିଗ୍ରାହୀ, ନିଶାନ୍ତ ମାଜିଥିଆ, ନିଭି ସିଜନ ମହାପାତ୍ର, ଶକ୍ତି ବରାଳ ଓ ତୃପ୍ତି ସିହ୍ନା ପ୍ରମୁଖ କଳାକାର। କାହାଣୀ ଓ ଲେଖକ ମାନସ ପଢ଼ିଆରୀ, ଗୀତ ରଚନା କରିଛନ୍ତି କପିଳେଶ୍ୱର ରାଉତ, ସ୍ମିତ ପଟ୍ଟନାୟକ ଓ ସୁମିତ ପଣ୍ଡା। ଶ୍ରୀକାନ୍ତ ପଣ୍ଡା ଏବଂ ଅନୁରାଗ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଚିତ୍ରଟିର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ।


'ତ୍ରିକନ୍ୟା' ଫିଲ୍ମରେ (ବାମରୁ) ନିଭି, ବର୍ଷା, ଶ୍ରଦ୍ଧା

## ନୂଆ ସିନେମା

# ଦର୍ପଣ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଦର୍ପଣ'। ଦର୍ପଣସାୟନ ପ୍ରଡକ୍ସନ ହାଉସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର କାହାଣୀରେ ସସ୍‌ପେନ୍ସ ଥ୍ରୀଲର ଭରି ରହିଛି। ଫିଲ୍ମଟିର କାହାଣୀ ରଚନା କରିବା ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଦିଲ୍ଲୀପ କୁମାର ସାହୁ । କେବଳ ସେତିକି ନୁହେଁ, ନିର୍ଦ୍ଦେଶନା ଦେବା ସହ ଏହି ସିନେମାରୁ ନାୟକ ଭାବରେ ନିଜର କ୍ୟାରିୟର ଆରମ୍ଭ କରୁଛନ୍ତି ଭାରତ ପୁଷ୍ପରାଗ। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ହିରନମୟୀ ଦାସ। ଅନ୍ୟପକ୍ଷରେ ଅଙ୍କିତ କୁମାର ଏବଂ ତୃପ୍ତି ମିରାମ୍ବିକ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ। ଏହାର କାଷ୍ଟିଂରେ ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା ମଧ୍ୟ ଅଛନ୍ତି। ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଟୁନୁ ପଟ୍ଟନାୟକ। କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା, ହ୍ୟୁମାନ ସାଗର , ଅନ୍ତରା ଚକ୍ରବର୍ତ୍ତୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ନାଭ୍ୟା । ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ-କମ୍-ନାୟକ ବିରାଟ। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।


'ଦର୍ପଣ' ଫିଲ୍ମରେ ବିରାଟ-ହିରନମୟୀ

# ପୂଜା ଯାହା ଖୋଜୁଥିଲେ...

କଥାରେ ଅଛି-ଏମନ ଖୋଜୁଥାଏ ଯାହା କାଳେପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ପୂଜା ହେଗଡେ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। ଆଉ ଏହି ଖୁସିର କାରଣ ହେଉଛି ସେ ଏକ ନାରୀ କୈନ୍ଦ୍ରିକ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଏହାର କାହାଣୀରେ ସମାଜ ସେବା ଝଲକ ମଧ୍ୟ ରହିଛି। ଏ ନେଇ ପୂଜା କହନ୍ତି, ''ଯେତେବେଳେ ପ୍ରଯୋଜକ ଏହାର କାହାଣୀ ମୋତେ ଶୁଣାଇଲେ ସେତେବେଳେ ମୁଁ ଇମୋଶନାଲ ହୋଇପଡିଥିଲି। ନିଜର ଲକ୍ଷ୍ୟ ପୂରଣ କରିବାକୁ ଜଣେ ନାରୀ କେତେ ଦୃଢ଼ମନା ହୋଇପାରେ ଆଉ ବାଧାବିଘ୍ନ ସତ୍ତ୍ୱେ ସେ ତାହାକୁ ହାସଲ କରେ ସେକଥା ଏଥିରେ ଦେଖିବାକୁ ମିଳିବ। ଏହାର ଟାଇଟଲ ଫାଇନାଲ ହୋଇନାହିଁ, ଆଉ ପ୍ରାରମ୍ଭିକ କାମ ଚାଲୁ ରହିଛି।'' ଫିଲ୍ମଟିର କାହାଣୀ ଅନୁସାରେ ଜଣେ ଗାଁଉଲି ନାରୀ ସମାଜସେବା କରିବାକୁ ଆଗଭର ହୋଇଛି। ହେଲେ ଏକ ନିପଟ ମଫସଲରେ ତାହାର ପ୍ରକୃତ ଅର୍ଥକୁ ଅନେକ ବୁଝିବାକୁ ନାରାଜ। ଏପରି କି ନିଜ ପରିବାରର କିଛି ସଦସ୍ୟ ମଧ୍ୟ ତାକୁ ବିରୋଧ କରିଛନ୍ତି। ହେଲେ ନିଜ ମନୋବଳକୁ ଦୃଢ଼ କରି ସେହି ନାରୀ ନିଜ ଲକ୍ଷ୍ୟ ସାଧନ କରିବାକୁ ଆଗେଇଛି। ତେବେ ଏଭଳି ଏକ ଭୂମିକା ପୂଜାଙ୍କ ଆକ୍ଟିଂ କ୍ୟାରିୟରକୁ କି ମୋଡ ଦେଉଛି ତାହା ଦେଖିବାକୁ ବାକି ରହିଲା।


ପୂଜା



# ଭୁଲି ପାରୁନାହାନ୍ତି ସାରା

ସୈଫ ତନୟା ସାରା ଅଲ୍ଲୀ ଖାଁ ନିଜର ପିଲାଦିନକୁ ଏବେ ବି ମନେ ପକାଉଛନ୍ତି। କାରଣ ସେହି ସମୟରେ ସେ ଏକ ସ୍ୱପ୍ନ ଦେଖିଥିଲେ। ଯେହେତୁ ଏକ କଳାକାର ପରିବାରରେ ସେ ଜନ୍ମଗ୍ରହଣ କରିଛନ୍ତି ତେଣୁ ପାଠ ପଢ଼ିବା ବେଳେ ଭବିଷ୍ୟତରେ ଜଣେ ଅଭିନେତ୍ରୀ ହେବାକୁ ଲକ୍ଷ୍ୟ ରଖିଥିଲେ। ମୁମ୍ବାଇସ୍ଥିତ ଧୀରୁଭାଇ ଅମ୍ବାନୀ ଇଣ୍ଟରନ୍ୟାଶନାଲ ସ୍କୁଲରେ ସେ ପ୍ରଥମ ପାଠ ପଢ଼ା ଆରମ୍ଭ କରିଥିଲେ। ତା'ପରେ କଲମ୍ବିଆ ୟୁନିଭର୍ସିଟିରୁ ସେ ଆଇନ, ଇତିହାସ ଏବଂ ରାଜନୀତି ବିଜ୍ଞାନରେ ଡିଗ୍ରୀ ହାସଲ କରିଛନ୍ତି। ବିଦେଶରୁ ପାଠ ପଢ଼ା ଶେଷ କରି ଫେରିବା ପରେ ସେ ୨୦୧୮ରେ ତାଙ୍କର ଅଭିନୟ ଜୀବନ ଆରମ୍ଭ କରିଥିଲେ। ଆଉ ସିନେମାଟି ଥିଲା 'କେଦାରନାଥ'। ସ୍କୁଲରେ ପଢ଼ିବା ବେଳେ ସେ କେତୋଟି କ୍ଷୁଦ୍ର ନାଟକରେ ଅଭିନୟ କରିଥିଲେ। କେବଳ ସେତିକି ନୁହେଁ, ସେତେବେଳେ ସେ ଭାରି ଦୁଷ୍ଟ ଥିଲେ। ଥରେ କ୍ଲାସରେ କେହି ନ ଥିବା ସମୟରେ ସେ ଏକ ଫେବିକଲ୍ ବୋତଲ ଚଳନ୍ତା ଫ୍ୟାନ୍ ଉପରକୁ ଫିଙ୍ଗି ଦେଇଥିଲେ। ଫଳରେ ବୋତଲଟି ଭାଙ୍ଗି ଅଠାଗୁଡିକ ଚାରିଆଡେ ଛିଞ୍ଚାଡି ହୋଇ ପଡିଥିଲା। ଏଭଳି କାମ ପାଇଁ ତାଙ୍କୁ ସ୍କୁଲ ପକ୍ଷରୁ ତାଗିଦ କରାଯିବା ସହ କିଛି ଦିନ କ୍ଲାସ୍‌ରୁ ସସ୍‌ପେଣ୍ଡ କରାଯାଇଥିଲା।



ପ୍ରୋ କବାଡ଼ି ଲିଗ୍‌ରେ ବୁଧବାର ପୁନେରି ପଲଟନ ଓ ପାଟନା ପାଇରେଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ପୁନେରି ପଲଟନ୍-ହରିୟାଣା ଷ୍ଟିଲର୍ସ ଫାଇନାଲରେ

**ହାଇଦ୍ରାବାଦ,୨୮।୨(ପି.ଟି.)**

ପ୍ରୋ କବାଡି ଲିଗ୍‌ର ୧୦ମ ସଂସ୍କରଣର ଫାଇନାଲରେ ପ୍ରବେଶ କରିଛନ୍ତି ପୁନେରି ପଲଟନ୍ ଓ ହରିୟାଣା ଷ୍ଟିଲର୍ସ। ଗଚିବାଓଲି ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ପୁନେରି ପଲଟନ ୩୭-୨୧ରେ ପାଟନା ପାଇରେଟ୍ସକୁ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ସେମିରେ ଡିଫେଣ୍ଡିଂ ଚାମ୍ପିୟନ ଜୟପୁର ପିଙ୍କ ପାନ୍ଥର୍ସଙ୍କୁ ୩୧-୨୭ ପଏଣ୍ଟରେ ହରାଇଥିଲା ହରିୟାଣା ଷ୍ଟିଲର୍ସ।


ଜୟପୁର ପିଙ୍କ ପାନ୍ଥର୍ସ ଓ ହରିୟାଣା ଷ୍ଟିଲର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ପ୍ରଥମ ସେମିକୁ ଅନାୟାସରେ ଜିତି ନେବା ସହ କ୍ରମାଗତ ଦ୍ୱିତୀୟ ଥର ଫାଇନାଲରେ ପ୍ରବେଶ କରିଥିଲା ପୁଣେ। ଉଭୟ ଦଳ ରେଡ୍ ପଏଣ୍ଟରେ ବରାବର ପ୍ରଦର୍ଶନ କରିଥିଲେ ମଧ୍ୟ ଟ୍ୟାକେଲ ପଏଣ୍ଟରେ ପାଟନାକୁ ମାତ ଦେଇଥିଲା ପୁଣେ। ରେଡରେ ପାଟନା ୧୬ ଓ ପୁଣେ ୧୯ ପଏଣ୍ଟ ଅର୍ଜନ କରିଥିଲା। ତେବେ ଟ୍ୟାକେଲରେ ପୁଣେ ୧୩ ପଏଣ୍ଟ ହାସଲ କରିଥିବା ବେଳେ ପାଟନା ମାତ୍ର ୪ ପଏଣ୍ଟ ହାସଲରେ ସମର୍ଥ ହୋଇଥିଲା। ସେହିପରି ଉଭୟ ଦଳକୁ ୧ ଅତିରିକ୍ତ ପଏଣ୍ଟ ମିଳିଥିଲା। ପୁଣେ ପକ୍ଷରୁ ଅସଲମ ଇମାନଦାର ଓ ପଙ୍କଜ ମୋହିତେ ୭ ପଏଣ୍ଟ ଲେଖାଏ ସ୍କୋର କରିଥିଲେ।

ଦ୍ୱିତୀୟ ସେମିରେ ହରିୟାଣା ଷ୍ଟିଲର୍ସ ଚମତ୍କାର ପ୍ରଦର୍ଶନ କରିବା ସହ ଡିଫେଣ୍ଡିଂ ଚାମ୍ପିୟନ ଜୟପୁର ପିଙ୍କ ପାନ୍ଥର୍ସଙ୍କୁ ୩୧-୨୭ ପଏଣ୍ଟରେ ପରାସ୍ତ କରିଥିଲା। ପ୍ରଥମରୁ ଜୟପୁର ଭଲ ଆରମ୍ଭ କରି ୭-୪ରେ ଆଗୁଆ ରହିଥିଲା। ତେବେ ଷ୍ଟିଲର୍ସ ଚମତ୍କାର ପ୍ରତ୍ୟାବର୍ତ୍ତନ କରିବା ସହ ପିଙ୍କ ପାନ୍ଥର୍ସଙ୍କୁ ଅଲଆଉଟ କରିଥିଲା। ପ୍ରଥମାର୍ଦ୍ଧରେ ଷ୍ଟିଲର୍ସ ୧୯-୧୩ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଜୟପୁର ପିଙ୍କ ପାନ୍ଥର୍ସ ପ୍ରତ୍ୟାବର୍ତ୍ତନର ପ୍ରୟାସ କରିଥିଲା। ହରିୟାଣା ପକ୍ଷରୁ ବିନୟ ସର୍ବାଧିକ ୧୧ ପଏଣ୍ଟ ଅର୍ଜନ କରିଥିଲେ। ଅନ୍ୟ ପକ୍ଷରେ ଜୟପୁର ପିଙ୍କ ପାନ୍ଥର୍ସର ଅର୍ଜୁନ ଦେଶଓ୍ୱାଲ ୧୪ ପଏଣ୍ଟ ଅର୍ଜନ କରିଥିଲେ।

## ଜମ୍ମୁ କଶ୍ମୀର କ୍ରୀଡ଼ା ଭିତ୍ତିଭୂମିକୁ ତେନ୍ଦୁଲକରଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୨୮।୨(ପି.ଟି.):** ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର ଜମ୍ମୁ କଶ୍ମୀରର କ୍ରୀଡା ଭିତ୍ତିଭୂମିକୁ ପ୍ରଶଂସା କରିଥିଲେ। ନିକଟରେ ସଚିନ୍ ଏହି କେନ୍ଦ୍ର ଶାସିତ ଅଞ୍ଚଳ ଗସ୍ତ କରିବା ସହ ସ୍ଥାନୀୟ ଯୁବକ ମାନଙ୍କ ସହ କ୍ରିକେଟ ଖେଳିଥିଲେ। ଏହାର ଭିଡିଓ ସେ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ପ୍ରଶଂସା କରିଛନ୍ତି। ମୋଦୀ ତେନ୍ଦୁଲକରଙ୍କୁ ପ୍ରଶଂସା କରିବା ସହ ଦେଶର ପର୍ଯ୍ୟଟନକୁ ପ୍ରମୋଟ କରିଥିବାରୁ ଧନ୍ୟବାଦ ଦେଇଛନ୍ତି। ଏଭଳି ପୋଷ୍ଟ ଦେଶର ଯୁବକ ଯୁବତୀଙ୍କୁ ବିକଶିତ ଓ ଆତ୍ମନିର୍ଭର ଭାରତ ଦିଗରେ ଆଗେଇବା ପାଇଁ ପ୍ରେରଣା ଯୋଗାଇବ ବୋଲି ମୋଦୀ ଲେଖିଛନ୍ତି। ତେନ୍ଦୁଲକର ନିଜ ପୋଷ୍ଟରେ କାଶ୍ମିରୀ ଓ୍ୱିଲୋ ବ୍ୟାଟକୁ ମଧ୍ୟ ପ୍ରମୋଟ କରିଥିଲେ।

# ମୁମ୍ବାଇ ବିଜୟରେ ବ୍ରେକ୍ ଲଗାଇଲା ୟୁପି

**ବେଙ୍ଗାଲୁରୁ, ୨୮।୨**

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ୟୁପି ଓ୍ୱାରିଅର୍ଜ ୭ ଉଇକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ହିଲି ମାଥ୍ୟୁସଙ୍କ ଅର୍ଦ୍ଧଶତକ ସହାୟତାରେ ମୁମ୍ବାଇ ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୬୧ ରନ କରିଥିଲା। ଜବାବରେ କିରନ ନଭଗିରେଙ୍କ

**ଓମେନ୍ସ ପ୍ରିମିୟର ଲିଗ୍**

ଅର୍ଦ୍ଧଶତକ ସହାୟତାରେ ୟୁପି ୧୬.୩ ଓଭରରେ ୩ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରି ନେଇଥିଲା। ବିଜୟ ସହ ୟୁପି ଦଳ ମୁମ୍ବାଇର କ୍ରମାଗତ ୩ ବିଜୟରେ ବ୍ରେକ୍ ଲଗାଇଛି। ଏହା ପୂର୍ବରୁ ୨ଟି ମ୍ୟାଚରେ ମୁମ୍ବାଇ ବିଜୟୀ ହୋଇଥିଲା। ହରମନପ୍ରୀତ କୌର ଆହତ ଥିବାରୁ ତାଙ୍କ ସ୍ଥାନରେ ନାଟ୍ ସ୍କିଭର ବ୍ରଣ୍ଟ ୟୁପି ବିପକ୍ଷ ମ୍ୟାଚରେ ମୁମ୍ବାଇ ପକ୍ଷରୁ ଅଧିନାୟିକା ଦାୟିତ୍ୱ ତୁଲାଇଥିଲେ। ୟୁପି ପକ୍ଷରୁ


ଏକ ଶଟ୍ ଖେଳୁଛନ୍ତି କିରନ ନଭଗିରେ।

ନଭଗିରେ ୩୧ ବଲ୍‌ରୁ ସର୍ବାଧିକ ୫୭ ରନ କରିଥିବାବେଳେ ଗ୍ରେସ ହାରିସ ୧୭ ବଲ୍‌ରୁ ୩୮ ରନରେ ଅପରାଜିତ ରହିଥିଲେ। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଓପନିଂ ଯୋଡ଼ିରେ ୫୦ ରନ ଯୋଗକରି ଭଲ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲା। ୟାସ୍ତିକା ଭାଟିଆ ୨୬ ରନ କରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। କାମଚଳା ଅଧିନାୟିକା ବ୍ରଣ୍ଟ ୧୪ ବଲ୍‌ରୁ ୧୯ ରନକରି ରନ୍‌ଆଉଟ ହେବା ଦଳକୁ ଶକ୍ତ ଧକ୍କା ପହଞ୍ଚାଇଥିଲା। ଓପନର ହିଲି ମାଥ୍ୟୁସ ଅର୍ଦ୍ଧଶତକ ହାସଲ କରିଥିଲେ ଏବଂ ଦଳ ପକ୍ଷରୁ ସର୍ବାଧିକ ୫୫ ରନ ସ୍କୋର କରିଥିଲେ। ୟୁପିର ୩ ମ୍ୟାଚରୁ ଏହାଥିଲା ପ୍ରଥମ ବିଜୟ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୬୧/୬ (ହିଲି ମାଥ୍ୟୁସ-୫୫, ୟାସ୍ତିକା ଭାଟିଆ-୨୬, ଅଞ୍ଜଳି ସର୍ଭାନି-୧/୩୮, ଗ୍ରେସ ହାରିସ-୧/୨୦, ସୋଫି ଏକଲେଷ୍ଟୋନ-୧/୨୫, ଦୀପ୍ତି ଶର୍ମା-୧/୪୦, ରାଜେଶ୍ୱରୀ ଗାଏକ୍ୱାଡ୍-୧/୩୮)। ୟୁପି ଓ୍ୱାରିଅର୍ଜ ୧୬.୩ ଓଭରରେ ୧୬୩/୩ (କିରନ ନଭଗିରେ-୫୭, ଗ୍ରେସ ହାରିସ-୩୮*, ଆଲିସା ହିଲି-୩୩, ଇସି ଓ୍ୱଙ୍ଗ-୨/୩୦, ଆମେଲିଆ କେର-୧/୩୪)।

# ସୁପର କପ୍ ପ୍ରତିଶୋଧ ଲକ୍ଷ୍ୟରେ ଓଏଫ୍‌ସି

**ଭୁବନେଶ୍ୱର,୨୮।୨**
**(ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ସୁପର୍ କପ୍ ଚାମ୍ପିୟନ ଇଷ୍ଟବେଙ୍ଗଲ ଏଫ୍‌ସି ଓ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ମଧ୍ୟରେ ଇଣ୍ଡିଆନ ସୁପର ଲିଗ୍‌ର ଏକ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌କୁ ଜିତିବା ସହ ସୁପର କପ୍ ଫାଇନାଲ ମ୍ୟାଚ୍‌ର ପ୍ରତିଶୋଧ ନେବାକୁ ପ୍ରୟାସ କରିବ ଓଏଫ୍‌ସି। ସୁପର୍ କପ୍ ଫାଇନାଲରେ ଓଏଫ୍‌ସି ୩-୨ରେ ପରାଜିତ ହୋଇଥିବା ବେଳେ ବୁଧବାର ଏହି ପରାଜୟର ପ୍ରତିଶୋଧ ନେବାକୁ ଉଦ୍ୟମ କରିବ। ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ଡିଫେଣ୍ଡର କାର୍ଲୋସ୍ ଡେଲଗାଡୋ ଯୋଗ ଦେଇଥିଲେ। ବର୍ତ୍ତମାନ ଓଏଫ୍‌ସି ୧୬ ମ୍ୟାଚ୍‌ରୁ ୯ ବିଜୟ ସହ ୩୨ ପଏଣ୍ଟ ସହ ଟେବୁଲର ପ୍ରଥମ ସ୍ଥାନରେ ରହିଥିବା ବେଳେ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୧୮ ପଏଣ୍ଟ ସହ ଅଷ୍ଟମ ସ୍ଥାନରେ ରହିଛି ଇଷ୍ଟବେଙ୍ଗଲ। ଏହି ମ୍ୟାଚକୁ ଜିତିବା ସହ ପ୍ରଥମ ସ୍ଥାନ ଦାବିଦାରକୁ ଆହୁରି ଦୃଢ଼ କରିବ ଓଏଫ୍‌ସି।

ଏହି ମ୍ୟାଚ୍ ପାଇଁ ମିଡଫିଲ୍ଡର ଅହମଦ ଜାହୋହ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଏହା ଓଏଫ୍‌ସିକୁ ଆହୁରି ଶକ୍ତିଶାଳୀ କରିବ ବୋଲି କହିଛନ୍ତି ଲୋବେରା। ଆମ ଖେଳରେ ଉନ୍ନତି ଆଣିବାକୁ ପ୍ରୟାସ କରିବୁ ବୋଲି କହିଛନ୍ତି ଲୋବେରା। ସେହିପରି ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହୋଇଥିବା ଅହମ୍ମଦ ହେଜାଜିଙ୍କ ଅଭାବ ଇଷ୍ଟବେଙ୍ଗଲ ଅନୁଭବ କରିବ। ଓଏଫ୍‌ସି ନିଜର ଚିରାଚରିତ ଆକ୍ରମଣାତ୍ମକ ଫୁଟବଲ ଖେଳ ଜାରି ରଖିବ ବୋଲି କହିଛନ୍ତି ଲୋବେରା। ସେହିପରି କାର୍ଲୋସ ଡେଲଗାଡୋ କହିଥିଲେ, ଗତବର୍ଷ ଆମେ ପ୍ରଥମ ଥର ପ୍ଲେ ଅଫ୍‌କୁ ଯୋଗ୍ୟତା ଅର୍ଜନ କରିଥିଲୁ। ଚଳିତ ବର୍ଷ ଆମେ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ପାଇଁ ଲଢେଇ କରୁଛୁ।


ଖବରଦାତା ସମ୍ମିଳନୀ ଅବସରରେ ସର୍ଗିଓ ଲୋବେରା ଓ କାର୍ଲୋସ ଡେଲଗାଡୋ।

## ଅରୁଣାଚଳର କ୍ୱାର୍ଟର ଫାଇନାଲ ଆଶା ଶେଷ

**ୟୁପିଆ (ଅରୁଣାଚଳ ପ୍ରଦେଶ), ୨୮।୨ (ପି.ଟି.):** ଚଳିତ ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅରୁଣାଚଳ ପ୍ରଦେଶର ନକ୍‌ଆଉଟ ପ୍ରବେଶ ଆଶା ଶେଷ ହୋଇଛି। କେରଳଠାରୁ ୦-୨ ଗୋଲରେ ହାରିବାଦ୍ୱାରା ଅରୁଣାଚଳର ଆଶା ଧୂଳିସାତ ହୋଇଛି। ଫରୱାର୍ଡ ମହମ୍ମଦ ଆଶିକ୍ ଏସ୍. ୩୫ ଓ ବଦଳ ଖେଳାଳି ଅର୍ଜୁନ ଭି. ୫୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ କେରଳକୁ ବିଜୟୀ କରିଛନ୍ତି। ଏହି ବିଜୟ ଦ୍ୱାରା ୨୦୨୧-୨୨ ସନ୍ତୋଷ ଟ୍ରଫି ଚାମ୍ପିୟନ କେରଳର ନକ୍‌ଆଉଟ ପ୍ରବେଶ ଆଶା ଉଜ୍ଜୀବିତ ହୋଇଛି। ଏହି ଦଳ ୪ ମ୍ୟାଚରୁ ୭ ପଏଣ୍ଟରେ ପହଞ୍ଚିଛି। ଅନ୍ୟପକ୍ଷରେ ଅରୁଣାଚଳ ୪ ମ୍ୟାଚରୁ ମାତ୍ର ୧ ପଏଣ୍ଟ ପାଇଛି। ଅନ୍ୟ ଏକ ଗ୍ରୁପ୍ 'ଏ' ମ୍ୟାଚରେ ଆସାମକୁ ୨-୦ରେ ହରାଇ ସର୍ଭିସେସ କ୍ୱାର୍ଟର ଫାଇନାଲର ନିକଟତର ହୋଇଛି। ଥଙ୍ଗନାମ ବିଦ୍ୟାସାଗର ସିଂ ୪୪ ଓ ପି. କ୍ରିଷ୍ଟୋଫର କାମେଇ ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ସର୍ଭିସେସକୁ ବିଜୟୀ କରିଥିଲେ। ଆସାମ ବିପକ୍ଷରେ ବିଜୟ ଫଳରେ ସର୍ଭିସେସ ୪ ମ୍ୟାଚରୁ ୯ ପଏଣ୍ଟରେ ପହଞ୍ଚି ଯାଇଛି।

# ପ୍ରଜ୍ଞାନନ୍ଦ ପୁଣି ଦେଶର ନମ୍ବର ୱାନ୍


ଆର. ପ୍ରଜ୍ଞାନନ୍ଦ

**ପ୍ରାଗ୍, ୨୮।୨ )ପି.ଟି.)**

ପ୍ରାଗ୍ ମାଷ୍ଟର୍ସ ଚେସ୍ ଟୁର୍ଣ୍ଣାମେଣ୍ଟ ବୁଧବାର ଏଠାରେ ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ଚମତ୍କାର ପ୍ରଦର୍ଶନ କରି ଭାରତର ଆର. ପ୍ରଜ୍ଞାନନ୍ଦ ଜର୍ମାନୀର ଭିନସେଣ୍ଟ କେମେରଙ୍କୁ ହରାଇ ଦେଇଛନ୍ତି। ଏଥିସହ ସେ ଲାଇଭ୍ ରେଟିଂରେ ପୁଣି ଦେଶର ନମ୍ବର ୱାନ ଖେଳାଳି ହୋଇ ଯାଇଛନ୍ତି। ଏ କ୍ଷେତ୍ରରେ ସେ ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦଙ୍କୁ ପଛରେ ପକାଇଛନ୍ତି। ପ୍ରଥମ ରାଉଣ୍ଡରେ ଅନ୍ୟ ଖେଳାଳିଙ୍କ ମଧ୍ୟରେ ଉଜ୍‌ବେକିସ୍ତାନର ନୋଦିରବେକ୍ ଅବଦୁସାତ୍ତର ଚେକ୍ ରିପବ୍ଲିକର ଏନ୍‌ଗୁଏନ ଥାଇ ଡାଇ ଭାନ୍ଙ୍କୁ ଏବଂ ଇରାନର ପରହାମ ମଘସୁଦଲୋ ପୋଲାଣ୍ଡର ବାର୍ଟେଲ ମାଟେଉଜ୍‌ଙ୍କୁ ପରାସ୍ତ କରିଛନ୍ତି। ଭାରତର ଡି. ଗୁକେଶ ଏକଦା ଭଲ ସ୍ଥିତିରେ ଥିଲେ ମଧ୍ୟ

**ପ୍ରାଗ୍ ମାଷ୍ଟର୍ସ ଚେସ୍**

ଶେଷରେ ରୋମାନିଆର ରିଚାର୍ଡ ରାପୋର୍ଟଙ୍କ ସହ ପଏଣ୍ଟ ଭାଗ କରିଥିଲେ। ସେହିପରି ଭିଦିତ ଗୁଜରାଠି ଚେକ୍ ରିପବ୍ଲିକର ଡାଭିଡ ନଭାରାଙ୍କ ବିପକ୍ଷ ମ୍ୟାଚକୁ ଡ୍ର ରଖିଛନ୍ତି। ପ୍ରଜ୍ଞାନନ୍ଦ ଯେତେବେଳେ ଆକ୍ରମଣାତ୍ମକ ଆଭିମୁଖ୍ୟରେ ଥାଆନ୍ତି ସେତେବେଳେ ବିପଜ୍ଜନକ ସାବ୍ୟସ୍ତ ହୋଇଥାନ୍ତି। ଏଠାରେ ପ୍ରଥମ ରାଉଣ୍ଡରେ ମଧ୍ୟ ତା'ର ପୁନରାବୃତ୍ତି ଘଟିଥିଲା। ଚ୍ୟାଲେଞ୍ଜର୍ସ ସେକ୍ସନରେ ଆର. ବୈଶାଳୀ ୟୁକ୍ରେନର ଆଣ୍ଟୋନ କୋରୋବୋଭଙ୍କ ଠାରୁ ହାରିଯାଇଛନ୍ତି।

# ଅଭିଯୋଗକୁ ଖଣ୍ଡନ କଲା ହକି ଇଣ୍ଡିଆ

**ନୂଆଦିଲ୍ଲୀ,୨୮।୨(ପି.ଟି.)**

ହକି ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଏଲେନା ନର୍ମାନ ମଙ୍ଗଳବାର ଇସ୍ତଫା ପ୍ରଦାନ କରିବା ସହ ଗୋଷ୍ଠୀ ବିବାଦର ଅଭିଯୋଗ ଆଣିଥିଲେ। ଇସ୍ତଫା ସହ ହକି ଇଣ୍ଡିଆରେ ଗୋଷ୍ଠୀ ବିବାଦ ଚାଲିଥିବା ନେଇ ଅଭିଯୋଗ କରିଥିଲେ ଏଲେନା। ସେ କହିଥିଲେ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ମୁଁ ଗୋଟିଏ ଗୋଷ୍ଠୀରେ ଥିବା ବେଳେ ମହାସଚିବ ଭୋଳାନାଥ ସିଂ, କାର୍ଯ୍ୟକାରୀ ନିର୍ଦ୍ଦେଶକ କମୋଡର ଆର. କେ. ଶ୍ରୀବାସ୍ତବ ଓ କୋଷାଧ୍ୟକ୍ଷ ଜେ. ମନୋହରନ ଅନ୍ୟ ଏକ ଗୋଷ୍ଠୀରେ ରହିଥିଲେ। ଦୁଇଟି ଗୋଷ୍ଠୀ ମଧ୍ୟରେ ଦ୍ୱନ୍ଦ୍ୱ ରହିଥିବା ବେଳେ ଆବଶ୍ୟକ ଫଳାଫଳ ମିଳିବା କଷ୍ଟକର ବୋଲି ସେ କହିଥିଲେ। ତେବେ ବୁଧବାର ହକି ଇଣ୍ଡିଆ ପକ୍ଷରୁ ଦିଆଯାଇଥିବା ଏକ ବିବୃତିରେ ଉଭୟ ଦିଲୀପ ତିର୍କୀ ଓ ଭୋଳାନାଥ ସିଂ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଉଭୟଙ୍କ ମଧ୍ୟରେ ବିବାଦ କାରଣରୁ ହକିର ଉନ୍ନତି ବାଧାପ୍ରାପ୍ତ ହେଉଥିବା ନେଇ ନର୍ମାନ ଅଭିଯୋଗ କରିଥିଲେ।

ବୁଧବାର ଉଭୟ ତିର୍କୀ ଓ ସିଂ ଏକ ମିଳିତ ବିବୃତିରେ କହିଛନ୍ତି, ନିକଟରେ ପ୍ରକାଶ ପାଇଥିବା ଗୋଷ୍ଠୀ ବିବାଦ ବିବୃତି ସମ୍ପୂର୍ଣ୍ଣ ଅମୂଳକ। ଏହାର କୌଣସି ସତ୍ୟାସତ୍ୟ


ଭୋଳାନାଥ ସିଂ ଓ ଦିଲୀପ ତିର୍କୀ

ନାହିଁ। କ୍ରୀଡ଼ାର ଉନ୍ନତି ପାଇଁ ଆମେ ସର୍ବଦା ଏକ ହୋଇ କାର୍ଯ୍ୟ କରିବୁ ବୋଲି ଉଭୟ କହିଛନ୍ତି। ଭାରତୀୟ ହକିର ଉନ୍ନତି ପାଇଁ ହକି ଇଣ୍ଡିଆ ଏକ ସ୍ୱାୟତ୍ତ ସଙ୍ଗଠନ ହୋଇଥିବା ବେଳେ ହକିର ବିକାଶ ପାଇଁ ଆମେ ବଦ୍ଧପରିକର। ହକି ଇଣ୍ଡିଆ କିଭଳି ଏହାର ଶୀର୍ଷତର ସୋପାନ ଛୁଇଁବ ତାହା ଆମର ଏକମାତ୍ର ଲକ୍ଷ୍ୟ ବୋଲି ଉଭୟ କହିଛନ୍ତି। ପୂର୍ବରୁ ମହିଳା ଦଳର ମୁଖ୍ୟ କୋଚ୍ ଜାନେକ ସ୍କୁପମାନ୍ ମଧ୍ୟ ସମାନ ଅଭିଯୋଗ କରି ଇସ୍ତଫା ଦେଇଥିଲେ। ହକି ଇଣ୍ଡିଆ ମହିଳା ହକି ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ନେଇ ସେ ଅଭିଯୋଗ କରିଥିଲେ। ଜାନେକ ସ୍କୁପମାନ୍‌ଙ୍କ ଅଭିଯୋଗକୁ ମଧ୍ୟ ଉଭୟ ଖଣ୍ଡନ କରିଛନ୍ତି। ସମସ୍ତ ଦଳ ଓ ଖେଳାଳିଙ୍କୁ ଆମେ ସମାନ ଭାବରେ ଦେଖିଥାଉ ବୋଲି ଉଭୟ କହିଛନ୍ତି। ତୃଣମୂଳ ସ୍ତରରୁ ହିଁ ସମସ୍ତଙ୍କୁ ଉପଯୁକ୍ତ ସୁଯୋଗ ଦେଇ ଆମେ ହକି ଆରମ୍ଭ କରିଛୁ ତେଣୁ ପାତର ଅନ୍ତରର ପ୍ରଶ୍ନ ଉଠୁନାହିଁ। ଦେଶରେ ହକି ପ୍ରତିଭାର ବିକାଶ ଆମର ଏକମାତ୍ର ଲକ୍ଷ୍ୟ ବୋଲି ଉଭୟ କହିଛନ୍ତି। ବିଶ୍ୱ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଉଭୟ ପୁରୁଷ ଓ ମହିଳା ଖେଳାଳିମାନେ ଯେଭଳି ସର୍ବୋତ୍କୃଷ୍ଟ ସୁବିଧା ପାଇପାରିବେ ତାହା ନିଶ୍ଚିତ କରିବା ଆମର ଦାୟିତ୍ୱ ବୋଲି କହିଛନ୍ତି ଦିଲୀପ ତିର୍କୀ ଓ ଭୋଳାନାଥ ସିଂ। ନର୍ମାନ ନିଜ ବୟାନରେ ଦିଲୀପ ତିର୍କୀ ଭାରତୀୟ ହକିର ବିକାଶ ପାଇଁ କାର୍ଯ୍ୟ କରୁଥିବା ନେଇ କହିଥିବା ବେଳେ ଭୋଳାନାଥ ସିଂ କେବଳ କ୍ଷମତା ହାସଲ ପାଇଁ ଚାହାନ୍ତି। ବର୍ତ୍ତମାନ ଏଭଳି ସ୍ଥିତିରେ ମହିଳା ଦଳର ବିକାଶ ପାଇଁ କାର୍ଯ୍ୟ କରିବା ଆମର ଏକମାତ୍ର ଲକ୍ଷ୍ୟ ବୋଲି ଉଭୟ କହିଛନ୍ତି। ମହିଳା ହକି ଦଳ ଅଲିମ୍ପିକ୍ସ ଯୋଗ୍ୟତା ହାସଲରେ ବିଫଳ ହୋଇଥିବା ବେଳେ ପୁନର୍ବାର ସବୁକିଛି ଶୂନରୁ ଆରମ୍ଭ କରିବା ପାଇଁ ଆମେ ବଦ୍ଧପରିକର ବୋଲି କହିଛନ୍ତି ଦିଲୀପ ତିର୍କୀ ଓ ଭୋଳାନାଥ ସିଂ।



ଖେଲୋ ଇଣ୍ଡିଆ ସିନିୟର ମହିଳା ଉଷୁ ଲିଗ୍‌ରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ଖେଲୋ ଇଣ୍ଡିଆ ମହିଳା ଉଷୁ ଲିଗ୍: ଓଡ଼ିଶାକୁ ୩ ପଦକ

**ଭୁବନେଶ୍ୱର, ୨୮।୨ (ତପନ ସ୍ୱାଇଁ)**

ରାଞ୍ଚିରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ସିନିୟର ମହିଳା ଉଷୁ ଲିଗ୍‌ରେ ଓଡ଼ିଶା ଦଳ ୩ଟି ପଦକ ହାସଲ କରିଛି। ଚଳିତ ମାସ ୨୫ରୁ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କୋଚ ପଙ୍କଜ ମହନ୍ତଙ୍କ ସମେତ ଓଡ଼ିଶାରୁ ୧୬ଜଣିଆ ଦଳ ଅଂଶଗ୍ରହଣ କରିଥିଲା। ଜୁରି ଭାବେ ସୁଧାଂଶୁ ଶେଖର ହରିଚନ୍ଦନ, ମୁଖ୍ୟ ଜଜ୍ ଭାବେ ପ୍ରଦ୍ୟୁମ୍ନ ବେହେରା ଓ ଅନୁରାଧା ଦୋରା, ସୁଜନ ରଥ, ସୁଶାନ୍ତ ନାଏକ ପ୍ରମୁଖ ଜଜ୍ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ମଞ୍ଜୁ ମୁଣ୍ଡା ୪୫ କିଲୋ ବର୍ଗରେ ସ୍ୱର୍ଣ୍ଣ ଓ ଅନସୂୟା ବାରିକ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ୫୨ କିଲୋ ବର୍ଗରେ ସୋପନ ବିଶ୍ୱାଳ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ଅଧ୍ୟକ୍ଷ ଇଂ. ସୁଧାଂଶୁ ଶେଖର ହରିଚନ୍ଦନ, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ଓ ସଭାପତି ବିଷ୍ଣୁମୋହନ ମହାନ୍ତି ଶୁଭେଚ୍ଛା ଜଣାଇଛନ୍ତି।